# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୨୧/୨୦୧୯ (୧୬ ପୃଷ୍ଠା) Sambalpur, Monday, January 21/ 2019 ★★

୧୫ଶ ଭାଗ ୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଫେଡରରଙ୍କୁ ହରାଇଲେ ସିତ୍‌ସିପାସ

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ରୋଜର ଫେଡରରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି ଷ୍ଟିଫାନୋସ ସିତ୍‌ସିପାସ। ୧୪

୧୪ ୦୨

## 'ଦବଙ୍ଗ ୩' ସୋନାକ୍ଷୀଙ୍କ ପାଇଁ ଘରବାହୁଡ଼ା

ଖୁବ୍‌ଶୀଘ୍ର 'ଦବଙ୍ଗ ୩'ର ଶୁଟିଂ ହେବାକୁ ଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ପାଇଁ ଏହା ଘରବାହୁଡ଼ା ସାବ୍ୟସ୍ତ ହୋଇଛି। ୦୨



# ଠିକାରେ ଚାଲିଛି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

- ପ୍ରତିଷ୍ଠାକୁ ବିତିବ ୪ ବର୍ଷ, ନାହିଁ ସ୍ଥାୟୀ କ୍ୟାମ୍ପସ
- ଜି.ଏମ୍. କ୍ୟାମ୍ପସ ଖାଲି କରିବାକୁ କର୍ତ୍ତୃପକ୍ଷଙ୍କ ଚିଠି
- କୁଳପତି, କୁଳ ସଚିବଙ୍କ ସ୍ଥାୟୀ ଅଫିସ୍ ନାହିଁ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ସମ୍ପର୍କିତ ବିଲ୍ ବିଧାନସଭାରେ ଗୃହୀତ ହେଲା। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ହେଲେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ସାଢେ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନିଜସ୍ୱ ଗୃହ, ଲାବୋରେଟୋରି ଏବଂ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଠିକାରେ କେତେଜଣ କର୍ମଚାରୀଙ୍କୁ ନେଇ ଯେନତେନ ପ୍ରକାରେଣ କାମଚଳା ନୀତିରେ ମୁକ୍ତ ବିଶ୍ୱବିଦ୍ୟାଳୟ ଚାଲିଛି।

ବର୍ତ୍ତମାନ ଏହି ମୁକ୍ତ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୦,୦୦୦ରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ୧୨ଟି ବିଭାଗରେ ଏହା ସ୍ନାତକୋତ୍ତର ଶିକ୍ଷା ସହିତ ଅନ୍ୟ ୪୨ଟି କାର୍ଯ୍ୟକ୍ରମରେ ପିଜି ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ସାରା ରାଜ୍ୟର ୩୦ଟି ଜିଲାରେ ଏହାର ୫୦ଟି ଶିକ୍ଷା କେନ୍ଦ୍ର ରହିଛି। ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଏହି ପାଠ୍ୟକ୍ରମ ଗୁଡ଼ିକର ଶିକ୍ଷାଦାନ କରାଯାଉଛି। ହେଲେ ଏହି ଶୈକ୍ଷିକ ସଫଳତା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏହାକୁ ପ୍ରତିଷ୍ଠା କରି ବୈମାତୃକ ମନୋଭାବ ପୋଷଣ କରିଚାଲିଥିବା ଅଭିଯୋଗ ହେଉଛି। ମୁକ୍ତ ବିଶ୍ୱବିଦ୍ୟାଳୟ ୨୦୧୫ ମସିହା ଜୁନ୍‌ରେ ପ୍ରତିଷ୍ଠା ହୋଇଥିଲା। କିଛି ମାସ ପରେ ଏହି ପ୍ରତିଷ୍ଠାକୁ ୪ବର୍ଷ ବିତିବାକୁ ଯାଉଛି।

ଅପରପକ୍ଷରେ ଓଏସ୍‌ଓୟୁ ମୁଖ୍ୟାଳୟ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛୋଟିଆ କୋଠାରେ ଚାଲିଛି। ପ୍ରାୟ ୩ ବର୍ଷ ହେଲାଣି ଗୋଟାଏ ଲମ୍ବା ହଲରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଚାଲିଛି। ଆଶ୍ଚର୍ଯ୍ୟଜନକ ବିଷୟ ଏହି କି ଯେ, କୁଳପତି ଏବଂ କୁଳସଚିବଙ୍କ ପାଇଁ ସ୍ଥାୟୀ ଅଫିସ୍ ପ୍ରକୋଷ୍ଠଟିଏ ନାହିଁ। ଏହି କ୍ୟାମ୍ପସ ଅସ୍ଥାୟୀ ଭାବେ ଚାଲୁଥିବାରୁ ସେଠାରୁ ସ୍ଥାନାନ୍ତର କରିବାକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୫ ମାସ ପୂର୍ବେ ଓଏସ୍‌ଓୟୁକୁ ନୋଟିସ୍ ଦେଇସାରିଛନ୍ତି। ବିଶ୍ୱବିଦ୍ୟାଳୟକୁ ନିଜର କ୍ୟାମ୍ପସ ନିର୍ମାଣ ପାଇଁ ଜମି ଖଣ୍ଡେ ମିଳିପାରି ନାହିଁ। ଆଇଆଇଏମ୍ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ଅତିରିକ୍ତ ଜାଗା ସରକାର ଦେଇଥିବା ବେଳେ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଗୋଟେ ଗୁଣ୍ଠ ଜମି ବି ଦେଇନାହାନ୍ତି। ଜମି କେବେ ମିଳିବ ଓ କେବେ ବିଶ୍ୱବିଦ୍ୟାଳୟ ଘର ପ୍ରତିଷ୍ଠା ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁକ୍ତ ବିଶ୍ୱବିଦ୍ୟାଳୟ ସଙ୍ଗରେ ଏକାଥରେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ପଦବୀ ମଞ୍ଜୁର ଦେବା ବିଭିନ୍ନ କ୍ଷେତ୍ର ପାଇଁ ଅନୁଦାନ ମିଳିଛି। ଏପରିକି ଏହି ତିନୋଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିଛି। ହେଲେ ମୁକ୍ତ ବିଶ୍ୱବିଦ୍ୟାଳୟ ବେଳକୁ ସେହି ତତ୍ପରତା ଦେଖିବାକୁ ମିଳିନାହିଁ।

ଓଏସ୍‌ଓୟୁରେ ନିଯୁକ୍ତି ନିମନ୍ତେ କୌଣସି ପଦବୀ ପାଇଁ ଉଚ୍ଚଶିକ୍ଷା ବିଭାଗ ମଞ୍ଜୁରୀ ଦେଇନାହିଁ। ବିଶ୍ୱବିଦ୍ୟାଳୟ ଏ ନେଇ ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଚିଠି ଲେଖିଥିବା ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି। ହେଲେ ପଦବୀ ମଞ୍ଜୁର ନ ହେବାର କାରଣ ଉଲ୍ଲେଖ କରିନାହାନ୍ତି। ବର୍ତ୍ତମାନର କୁଳପତି ଶ୍ରୀକାନ୍ତ ମହାପାତ୍ର ଇନ୍ଦିରା ଗାନ୍ଧୀ ଜାତୀୟ ବିଶ୍ୱବିଦ୍ୟାଳୟରୁ ଡେପୁଟେଶନରେ ଆସିଥିବା ବେଳେ କୁଳସଚିବ ଉଚ୍ଚଶିକ୍ଷା ବିଭାଗରୁ ଡେପୁଟେଶନରେ ଆସିଛନ୍ତି। ଜାତୀୟ ଅନୁଷ୍ଠାନ ଇଗ୍ନୋ ଭଳି ସଂସ୍ଥାରେ ଇଂଲିଶ ଏବଂ ହିନ୍ଦୀରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଥାଏ। ହେଲେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଶିକ୍ଷାଦାନ ସହ ପାଠ୍ୟକ୍ରମ ଯୋଗାଇ ଦିଆଯାଉଛି। ଆଉ ଏଥିପାଇଁ କାର୍ଯ୍ୟରେ ନିୟୋଜିତ ଥାଇ ମଧ୍ୟ ଅନେକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଥାନ୍ତି। ଏଠାରେ କମ୍ ଖର୍ଚ୍ଚରେ ପିଜି ଶିକ୍ଷା ପାଇଁ ଦୁଇ ବର୍ଷକୁ ବିଶ୍ୱବିଦ୍ୟାଳୟ ମାତ୍ର ୧୦,୦୦୦ ଟଙ୍କା ଫିସ୍ ନିଆଯାଉଛି। ଏଥିସହିତ ପାଠ୍ୟପୁସ୍ତକ, ପରୀକ୍ଷା, ଖାତା ଦେଖା, ଭିଡିଓ କ୍ଲାସ୍ ଏବଂ ଅଡ଼ିଓ କ୍ଲାସ୍ ପରି ବ୍ୟବସ୍ଥା ରହିଛି। ତେଣୁ ସରକାରଙ୍କ ଅନୁଦାନ ବିନା କେବଳ ଛାତ୍ରୀଛାତ୍ରଙ୍କ ନାମଲେଖା ଅର୍ଥରେ ବିଶ୍ୱବିଦ୍ୟାଳୟ ଚାଲିବା କଷ୍ଟକର ବୋଲି ପରୋକ୍ଷରେ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଦିଲୀପ ନାୟକ ସ୍ୱୀକାର କରିଛନ୍ତି। ହେଲେ ଏହିସବୁ ଅଭିଯୋଗ ଉପରେ କୌଣସି ନିର୍ଦ୍ଦିଷ୍ଟ ଟିପ୍ପଣୀ ଦେବାକୁ ସେ ଉତ୍ତରଦାୟୀ ନୁହନ୍ତି ବୋଲି କହି ଆସିଥିବା ଅଭିଯୋଗଗୁଡିକୁ ଏଡାଇ ଯାଇଛନ୍ତି। ଏସଂକ୍ରାନ୍ତରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ମତାମତ ଭାଇ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସମୁଦ୍ରରେ ବୁଡ଼ି ୩ ଇଞ୍ଜିନିୟରିଂ ଛାତ୍ର ମୃତ

କାକଟପୁର, ୨୦।୧(ଡି.ଏନ୍.ଏ.)

- ୩ ଗୁରୁତର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି
- ଲାଇଫ୍‌ଗାର୍ଡ଼ ନ ଥିବାରୁ ବାରମ୍ବାର ଘଟୁଛି ଦୁର୍ଘଟଣା

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ପର୍ଯ୍ୟଟନସ୍ଥଳୀ ପୀରଜାହାନିଆଠାରେ ରବିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଇବା ସମୟରେ ବୁଡ଼ିଯାଇ ୩ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ଅବସ୍ଥାରେ ଭୁବନେଶ୍ୱର ୬ ନମ୍ବର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ଅମିତ୍ ମହାନ୍ତି, ଅଭିନାଶ ପ୍ରଧାନ ଓ ଶୁଭସୌମ୍ୟ ସେନାପତି। ଗୁରୁତରମାନେ ହେଲେ ଅଙ୍କିତ୍ ସିଂ, ଶୁଭମ୍ କୁମାର ଓ ଯଶ୍ ଚକ୍ରିୟା ବୋଲି ଅସ୍ତରଙ୍ଗ ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜାହାନିଆ ପୀଠକୁ ବଣଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଛାତ୍ର ସମୁଦ୍ରରେ ଗାଧୋଉଥିବାବେଳେ ସ୍ରୋତ ଯୋଗୁ ୬ଜଣ ଛାତ୍ର ଗଭୀର ସମୁଦ୍ରକୁ ଭାସି ଯାଇଥିଲେ। ଏହା ଦେଖି ବେଳାଭୂମିରେ ଉପସ୍ଥିତ ଥିବା ପର୍ଯ୍ୟଟକ ଓ ସ୍ଥାନୀୟ ବ୍ୟବସାୟୀମାନେ ଜୀବନକୁ ବାଜି ଲଗାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଅସ୍ତରଙ୍ଗର ଜାହାନିଆ ପୀଠଟି ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ସେଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ବିଭାଗର ଖାମଖିଆଲ ମନୋବୃତ୍ତି ଯୋଗୁ ଏଭଳି ଘଟିଚାଲିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଆଇଆଇସି ମୁଣ୍ଡା କୁହନ୍ତି, ଘଟଣାର ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇପାରି ନାହିଁ। ମୃତକଙ୍କ ପରିବାର ଥାନାରେ ପହଞ୍ଚିଲେ ଅପମୃତ୍ୟୁ ମାମଲା ରୁଜୁ କରାଯିବ।

# ଏଏସ୍‌ଓ ପରୀକ୍ଷାରେ କପି କରି ଧରାପଡିଲେ ପରୀକ୍ଷାର୍ଥୀ

ବୌଦ୍ଧ,୨୦।୧(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ରବିବାର ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀ ପାଇଁ ପରୀକ୍ଷାରେ କପି କରି ଜଣେ ପରୀକ୍ଷାର୍ଥୀ ଧରାପଡିଛନ୍ତି। ଧରାପଡିଥିବା ପରୀକ୍ଷାର୍ଥୀ ହେଲେ ନୟାଗଡ ଜିଲା ନୂଆଗାଁର ମୂଳବାସିନ୍ଦା ଅଜୟ କୁମାର ସାହୁ । ଅଜୟ ହାତରେ ପିନ୍ଧିଥିବା ମୋବାଇଲ ୱାଚ୍ ସାହାଯ୍ୟରେ କପି କରୁଥିବା ବେଳେ ଧରାପଡିଥିଲେ । ପରୀକ୍ଷା ନିୟନ୍ତ୍ରକଙ୍କ ଅଭିଯୋଗ ପରେ ପରୀକ୍ଷାର୍ଥୀ ସାହୁଙ୍କୁ ବୌଦ୍ଧ ମଡେଲ ଥାନାରେ ଅଟକ ରଖାଯାଇଛି । ଏ ନେଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ତାଙ୍କର କାଗଜପତ୍ର ଯାଞ୍ଚ ଚାଲିଛି । ଯାଞ୍ଚ ସମ୍ପୂର୍ଣ୍ଣ ହେଲା ପରେ ଥାନାରେ ଏତଲା ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ପରୀକ୍ଷାର୍ଥୀଙ୍କୁ ଅଟକ ରଖାଯାଇଛି । ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ଆସିନାହିଁ ବୋଲି କହିଥିଲେ ।

ସୂଚନାଯୋଗ୍ୟ, ରବିବାର ସାରା ରାଜ୍ୟରେ ଏଏସ୍‌ଓ ପରୀକ୍ଷା ହେଉଥିବା ବେଳେ ବୌଦ୍ଧ ଜିଲାର ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି । ଜିଲାରେ ସମୁଦାୟ ୫୯୨ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି ।

# ଦିନରେ ମାଡ଼ିଆସିଲା ଘନ କୁହୁଡ଼ି



ରବିବାର ଅପରାହ୍ନ ୩ଟାବେଳେ ଘନ କୁହୁଡ଼ିରେ ଆଚ୍ଛାଦିତ କୋଣାର୍କ ସୂର୍ଯ୍ୟ ମନ୍ଦିର।

- ପୂର୍ବରୁ ଏଭଳି କେବେ ଦେଖାଯାଇ ନ ଥିଲା
- କୋଣାର୍କ, ରାମଚଣ୍ଡୀ ବୁଲି ପାରିଲେନି ପର୍ଯ୍ୟଟକ

କୋଣାର୍କ, ୨୦।୧(ଡି.ଏନ୍.ଏ.)

ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଓ ରାମଚଣ୍ଡୀରେ ରବିବାର ଅପରାହ୍ନ ୩ ଘଟିକା ସମୟରେ ହଠାତ୍ ଘନ କୁହୁଡ଼ି ମାଡ଼ିଆସିଥିଲା। ରାମଚଣ୍ଡୀ ସମୁଦ୍ର ପଟୁ କୁହୁଡ଼ି ଧୀରେ ଧୀରେ କୋଣାର୍କ ଆଡ଼କୁ ଯାଇଥିଲା। କୁହୁଡ଼ି ଯୋଗୁ ଏକପ୍ରକାର ଅନ୍ଧକାରମୟ ପରିବେଶ ସୃଷ୍ଟି ହୋଇଯାଇଥିଲା। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାଘାଟରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଅଚାନକ ଏଭଳି ଘନ କୁହୁଡ଼ି ଦେଖି ପର୍ଯ୍ୟଟକମାନେ ଭୟଭୀତ ହୋଇ ଉକ୍ତ ସ୍ଥାନ ଛାଡି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଘନ କୁହୁଡ଼ିରେ ସୂର୍ଯ୍ୟମନ୍ଦିର ସମ୍ପୂର୍ଣ୍ଣ ଭାବେ ଘୋଡ଼େଇ ହେବା ଯୋଗୁ ପର୍ଯ୍ୟଟକମାନେ ମନ୍ଦିରର କଳାକୃତି ଦେଖିପାରି ନ ଥିଲେ। କୁହୁଡ଼ି ଯୋଗୁ ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହେଉଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'କୁ ବନ୍ଦ କରିଦିଆଯାଇଥିଲା। ଶୋ ବନ୍ଦ ହେବାରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକ ନିରାଶ

☞ ପୃଷ୍ଠା-୪

## ଆଜିର ମନ୍ତବ୍ୟ

"ରାଜନୀତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁପସ୍ଥିତିରୁ ଅରାଜକତା ସୃଷ୍ଟି ହେବା

– ପ୍ରକାଶ ଜାଭଡ଼େକର, କେନ୍ଦ୍ରମନ୍ତ୍ରୀ

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ସମୟରେ ଦେଶର କୋଇଲା ଆମଦାନୀ ୬.୭% ବୃଦ୍ଧି ଘଟି ୧୭୧.୮୧ ନିୟୁତ ଟନ୍ ରହିଛି।

–କୋଲ ଇଣ୍ଡିଆ

## ଆଜିର ସମ୍ପାଦକୀୟ

### ମୋଦି: ସବୁଥିରେ ଆଙ୍ଗୁଠି


NECC NATIONAL EGG CO-ORDINATION COMMITTEE 20.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 80 | 132 | 142 |
| ANG | 77 | 128 | 138 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers







# ଗୁଳିକରି ୩ ଲକ୍ଷ ଟଙ୍କା ଲୁଟ୍

ବଲାଙ୍ଗୀର ଅଫିସ/ସଇଁତଲା, ୨୦।୧ (ଡି.ଏନ.ଏ.)

- ମଦଭାଟି ମ୍ୟାନେଜର ଆହତ
- ବାଇକ୍‌ରେ ଆସିଥିଲେ ୩ ଲୁଟେରା
- ୫ ମାସରେ ତୃତୀୟ ଗୁଳିକାଣ୍ଡ
- ଲୁଟିଲେଣି ୨୨ଲକ୍ଷ, ପୋଲିସ ହାତ ଖାଲି



ଗୁଳିମାଡରେ ଆହତ ମଦଭାଟି ମ୍ୟାନେଜର ନଗେନ୍ଦ୍ର ଗୁପ୍ତା।

ବଲାଙ୍ଗୀର ଜିଲାରେ ବନ୍ଧୁକ ଦେଖାଇ ଭୟଭୀତ କରିବା ଓ ଗୁଳିମାଡ କରି ଟଙ୍କା ଲୁଟ୍ ଘଟଣା ବଢ଼ିବାରେ ଲାଗିଛି । ରବିବାର ସ୍ପଷ୍ଟ ଦିବାଲୋକରେ ୩ ଯୁବକ ସଇଁତଲା ନିକଟସ୍ଥ ଜଣେ ମଦଭାଟି ମ୍ୟାନେଜରଙ୍କୁ ଗୁଳିମାଡ କରି ୩ ଲକ୍ଷ ୬ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ପୋଲିସ ତନାଘନା ଚଳାଇଛି । ଫେରାର ଲୁଟେରାଙ୍କ କୌଣସି ପତ୍ତା ମିଳିନାହିଁ। ଆହତ ମଦଭାଟି ମ୍ୟାନେଜର ନଗେନ୍ଦ୍ର କୁମାର ଗୁପ୍ତା (୪୪)ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବିବିନା ମଦଭାଟି ମ୍ୟାନେଜର ଗୌତମ ବର୍ମା ଓ ଆମ୍ବପାଲି ମଦଭାଟି ମ୍ୟାନେଜର ନଗେନ୍ଦ୍ର ପ୍ରସାଦ ଗୁପ୍ତା(୪୪) ଗତ ୪ଦିନର ବିକ୍ରି ଟଙ୍କାକୁ ବ୍ୟାଙ୍କରେ ଜମା କରିବା ପାଇଁ ଏକ ବାଇକରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଟିଟିଲାଗଡ଼ ଅଭିମୁଖେ ଯାଉଥିଲେ । ଭତାସର ଛକ ନିକଟ ବୁଲାଣିରେ ୩ ଯୁବକ କଳାରଙ୍ଗର ବାଇକ୍‌ରେ ସେଠି ଜଗି ରହିଥିଲେ । ଗୌତମ ଓ ନଗେନ୍ଦ୍ର ବାଇକ୍‌ରେ ସେହି ସ୍ଥାନରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ୩ ଯୁବକ ଅତର୍କିତ ଭାବେ ଉଭୟଙ୍କୁ ଲାଠିରେ ଆକ୍ରମଣ କରିଥିଲେ । ଫଳରେ ଦୁଇ ମ୍ୟାନେଜର ବାଇକ୍‌ରୁ ତଳେ ପଡିଯାଇଥିଲେ। ଏହାପରେ ବି ସେମାନେ ଉଭୟଙ୍କୁ ଲାଠିରେ ନିସ୍ଥୁକ ପିଟିଥିଲେ । ଏହି ସମୟରେ ନଗେନ୍ଦ୍ର ଜଣେ ଆକ୍ରମଣକାରୀଙ୍କ ଲାଠି ଛଡାଇ ନେବାରୁ ଜଣେ ଲୁଟେରା ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଗୁଳି ନଗେନ୍ଦ୍ରଙ୍କ ଗୋଡରେ ବାଜିଥିଲା । ଏହାପରେ ଭୟଭୀତ ମଦଭାଟି ମ୍ୟାନେଜର ସେଠାରୁ ପଳାଇ ଯାଇ ପାଖ ବୁଦା ଭିତରେ ଲୁଚି ରହିଥିଲେ। ପରେ ଲୁଟେରାମାନେ ବାଇକ୍ ଡିକି ଭାଙ୍ଗି ସେଥିରୁ ୩ ଲକ୍ଷ ୬ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଏହାପରେ ଆହତ ଗୌତମ ଓ ନଗେନ୍ଦ୍ର ଘଟଣା ସମ୍ପର୍କରେ ମଦଭାଟିକୁ ଫୋନକରି ଜଣାଇଥିଲେ। ସେଠାରୁ ଏକ ଜିପ୍‌ରେ କର୍ମଚାରୀମାନେ ଆସି ଆହତଦ୍ୱୟଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ନଗେନ୍ଦ୍ରଙ୍କ ଗୋଡ଼ରେ ଗୁଳି ବାଜି ବାହାରି ଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ପରେ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ସଇଁତଲା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏସପି କେ. ଶିବା ସୁବ୍ରମଣି, ଟିଟିଲାଗଡ ଏସଡିପିଓ ସରୋଜ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ସଇଁତଲା ଥାନାରେ ଏକ ମାମଲା (ନଂ.୭/୧୯) ରୁଜୁ ହୋଇଛି। ବଲାଙ୍ଗୀର ଜିଲାରେ ବନ୍ଧୁକ ଦେଖାଇ ଓ ଗୁଳିମାଡ଼ କରି ଲୁଟ୍ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଗତ ପ୍ରାୟ ୧ ମାସ ତଳେ ବିଜେପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଡକାୟତି ଉଦ୍ଦେଶ୍ୟରେ ୩ଜଣ ପଶି ବ୍ୟାଙ୍କ ମ୍ୟାନେଜରଙ୍କୁ ଗୁଳିମାଡ କରିଥିଲେ । ସେଠାରୁ ଲୁଟ୍ କରିବାରେ ସେମାନେ ସକ୍ଷମ ହୋଇ ନ ଥିଲେ । ଗତ ସେପ୍ଟେମ୍ବର ୧୧ତାରିଖରେ ତୁଷରା ଆନ୍ଧ୍ରବ୍ୟାଙ୍କରୁ ବନ୍ଧପଡା ଆନ୍ଧ୍ରବ୍ୟାଙ୍କକୁ ୧୯ଲକ୍ଷ ଟଙ୍କା ନେଇ ବ୍ୟାଙ୍କ କର୍ମଚାରୀମାନେ ଯାଉଥିବାବେଳେ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ୧୯ଲକ୍ଷ ଟଙ୍କା ଲୁଟିନେଇଥିଲେ । ଗତ ୫ ମାସ ମଧ୍ୟରେ ବନ୍ଧୁକ ଦେଖାଇ ଲୁଟ୍ ଓ ଗୁଳିମାଡ ଘଟଣା ଘଟିଥିଲେ ମଧ୍ୟ ପୋଲିସ କୌଣସି ଘଟଣାର ଟେର ପାଇନାହିଁ।

ଧରିତ୍ରୀ
DHARITRI
ସୋମବାର, ୨୧ ଜାନୁୟାରୀ, ୨୦୧୯



ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସ ହିଁ ନେତୃତ୍ୱ ନେଇପାରିବ। କିନ୍ତୁ ସହଯୋଗୀ ଦଳଗୁଡ଼ିକ ପାଇଁ କଂଗ୍ରେସ ହୃଦୟବାନ୍ ହେବା ଜରୁରୀ।

-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା



## ସଂକ୍ଷେପରେ

### ନେପାଳ, ଭୁଟାନ ଯିବା ଲାଗି ଆଧାର ଆବଶ୍ୟକ

**ନୂଆଦିଲ୍ଲୀ,୨୦।୧(ପି.ଟି.):** ନେପାଳ ଏବଂ ଭୁଟାନ ଯିବାକୁ ଚାହୁଁଥିବା ୧୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର ଭାରତୀୟଙ୍କ ପାଇଁ ଏଣିକି ଆଧାର କାର୍ଡକୁ ବୈଧ ଭ୍ରମଣ କାଗଜାତ ଭାବେ ବ୍ୟବହାର କରାଯାଇପାରିବ। ଅନ୍ୟମାନଙ୍କ ପାଇଁ ଆଧାର ଦରକାର ପଡ଼ିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ନେପାଳ ଏବଂ ଭୁଟାନ ଯିବାକୁ ହେଲେ ଭାରତୀୟଙ୍କ ପାଇଁ ଭିଜା ଆବଶ୍ୟକ ନାହିଁ। କେବଳ ବୈଧ ପାସ୍‌ପୋର୍ଟ, ଫଟୋ ପରିଚୟପତ୍ର କିମ୍ବା ଭୋଟର ପରିଚୟପତ୍ର ଥିଲେ ସେମାନେ ଉପରୋକ୍ତ ଦୁଇ ଦେଶକୁ ଯାଇପାରିବେ। ପୂର୍ବରୁ ୧୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପରିଚୟର ପ୍ରମାଣ ସ୍ୱରୂପ ପାଇଁ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା କାର୍ଡ କିମ୍ବା ରାଶନ କାର୍ଡ ଦରକାର ହେଉଥିଲା, ଆଧାର ଆବଶ୍ୟକ ପଡୁ ନ ଥିଲା। ଏବେ ଆଧାର କାର୍ଡ ଉକ୍ତ ତାଲିକାରେ ସାମିଲ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ବସ୍ ଦୁର୍ଘଟଣା : ୨୨ ମୃତ

**ଲା ପାଜ୍,୨୦।୧:** ବଲିଭିଆର ଲାପାଜ୍ ସହରରେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ୨ ବସ୍ ମଧ୍ୟରେ ଧକ୍କା ହୋଇ ୨୨ ଯାତ୍ରୀଙ୍କ ଜୀବନ ଯାଇଛି। ୩୭ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ଲାପାଜ୍ ସହରରୁ ୨୫୦ କି.ମି. ଦୂରରେ ଶନିବାର ଘଟିଥିବା ଏହି ମର୍ମନ୍ତୁଦ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜପଥରେ ଦ୍ରୁତଗତିରେ ଗାଡ଼ି ଚଳାଚଳ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ମେୟର ମାର୍ଟିନ୍ ଫେଲିସିଆନୋ କହିଛନ୍ତି।

### ଆଜି ଦ୍ୱିତୀୟ ଶାହିସ୍ନାନ

**ପ୍ରୟାଗରାଜ,୨୦।୧(ପି.ଟି.):** କୁମ୍ଭମେଳାରେ ସୋମବାର ପୌଷ ପୂର୍ଣ୍ଣିମା ଅବସରରେ ଦ୍ୱିତୀୟ ଶାହିସ୍ନାନ ଥିବାରୁ ତ୍ରିବେଣୀ ସଙ୍ଗମ ସ୍ଥଳକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ମେଳାସ୍ଥଳୀ ସମେତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ପ୍ରଥମ ଶାହି ସ୍ନାନ ମକର ସଂକ୍ରାନ୍ତିରେ ୧ କୋଟି ୪୦ ଲକ୍ଷ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ବୁଡ଼ ପକାଇଥିଲେ। ସୋମବାର ୨୦ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇବା ଆକଳନ କରାଯାଇଛି। ଏହା ପରେ ଫେବୃୟାରୀ ୪ ମୌନି ଅମାବାସ୍ୟା, ଫେବୃୟାରୀ ୧୦ ବସନ୍ତ ପଞ୍ଚମୀ, ୧୯ ତାରିଖ ମାଘ ପୂର୍ଣ୍ଣିମା ଏବଂ ମାର୍ଚ୍ଚ ୪ ମହାଶିବରାତ୍ରିରେ ଶାହିସ୍ନାନ ଅନୁଷ୍ଠିତ ହେବ।

# ତଳକୁ ଖସିଲେ ନେତା

*ତାରିଖ ଘୋଷଣା ହୋଇ ନ ଥିଲେ ହେଁ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୀତିରେ ସେତିକି ତିକ୍ତତା ବଢ଼ିବାରେ ଲାଗିଛି। ଦଳ ଓ ନେତାମାନେ ବିଚାରଧାରା ତଥା ମୂଲ୍ୟବୋଧ ଭିତ୍ତିକ ରାଜନୀତିରୁ ଦୂରେଇ ବ୍ୟକ୍ତିଗତ ସ୍ତରରେ ନିମ୍ନକୁ ଓହ୍ଲାଇଆସି ଆରୋପ ପ୍ରତ୍ୟାରୋପରେ ବ୍ୟସ୍ତ । ପରିଣାମସ୍ୱରୂପ କେଉଁଠି ହିଂସା ତ ପୁଣି କେଉଁଠି ବିଷୋଦ୍‌ଗାର ଦେଖିବାକୁ ମିଳୁଛି । ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ବିରୋଧରେ ଉତ୍ତରପ୍ରଦେଶର ଜଣେ ଭାଜପା ବିଧାୟିକା ଆପତ୍ତିଜନକ ଭାଷା ବ୍ୟବହାର କରିଥିବାବେଳେ ମଧ୍ୟପ୍ରଦେଶର ଜଣେ ଭାଜପା ନେତାଙ୍କୁ ହତ୍ୟା ଏହାର ପ୍ରମାଣ ଦିଏ। ସେପଟେ କର୍ଣ୍ଣାଟକରେ ଜେଡିଏସ୍ ସହ ମେଣ୍ଟକରି ସରକାରରେ ଥିବା କଂଗ୍ରେସର ବିଧାୟକମାନେ ଏକ ହୋଟେଲରେ ବାଡ଼ିଆପିଟା ହୋଇଛନ୍ତି । କୋଲକାତାରେ ବିରୋଧୀ ମେଳିକରି କେନ୍ଦ୍ରକୁ ଟାର୍ଗେଟ କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଏକତାକୁ ନକାରାତ୍ମକ ଓ ଅସ୍ଥିର ମେଣ୍ଟ ଭାବେ ଅଭିହିତ କରିଛନ୍ତି।*

## ‘ମାୟାବତୀ କିନ୍ନରଠାରୁ ବି ହୀନ’

**ଚନ୍ଦୌଲି,(ୟୁପି)୨୦।୧(ପି.ଟି.)**

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କ ପ୍ରତି ଉତ୍ତରପ୍ରଦେଶ(ୟୁପି)ର ଜଣେ ଭାଜପା ବିଧାୟିକାଙ୍କ ଆପତ୍ତିଜନକ ମନ୍ତବ୍ୟ କେବଳ ରାଜ୍ୟରେ ନୁହଁ, ବରଂ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ତାଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ୧୯୯୫ରେ ଲକ୍ଷ୍ନୌର ଏକ ଗେଷ୍ଟହାଉସ୍‌ରେ ମାୟାବତୀଙ୍କୁ ସମାଜବାଦୀ ପାର୍ଟି (ଏସ୍‌ପି) କର୍ମୀମାନେ ଆକ୍ରମଣ କରିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ସମ୍ପର୍କରେ ଶନିବାର ଏକ ସଭାରେ ଅବତାରଣା କରିବାକୁ ଯାଇ ମୋଗଲସରାଇ ବିଧାୟିକା ସାଧନା ସିଂ କହିଛନ୍ତି, ମାୟାବତୀ ମହିଳା ଜାତି ପାଇଁ ଏକ କଳଙ୍କ ଏବଂ କିନ୍ନରଠାରୁ ବି ହୀନ। ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ କ୍ଷମତା ପାଇଁ ନିଜ ମର୍ଯ୍ୟାଦାକୁ ସେହିମାନଙ୍କ ହାତରେ ବିକ୍ରି କରିଦେଇଛନ୍ତି, ଯେଉଁମାନେ ତାଙ୍କୁ ଅସମ୍ମାନ କରିଥିଲେ। ତାଙ୍କୁ ମହିଳା କିମ୍ବା ପୁରୁଷ ଭାବେ ଗଣନା କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ଅଧ୍ୟକ୍ଷ ରାମଦାସ ଅଠାୱଲେ ଏଭଳି ବ୍ୟକ୍ତିଗତ ମନ୍ତବ୍ୟ ଦିଆଯିବା ଅନୁଚିତ ବୋଲି ରବିବାର ଲକ୍ଷ୍ନୌରେ କହିଛନ୍ତି। ବିଏସ୍‌ପି ନେତା ସତୀଶଚନ୍ଦ୍ର ମିଶ୍ର କହିଛନ୍ତି, ସମାଜବାଦୀ ପାର୍ଟି (ଏସ୍‌ପି) ସହ ମାୟାବତୀଙ୍କ ଦଳ ମେଣ୍ଟ କରିବା



ସାଧନା ସିଂ

ପରେ ଭାଜପା ନେତାମାନେ ମାନସିକ ଭାରସାମ୍ୟ ହରାଇଦେଲେଣି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଏଭଳି ନକାରାତ୍ମକ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ସେପଟେ ଜାତୀୟ ମହିଳା କମିଶନ ଏନେଇ ସାଧନାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ି ତାଙ୍କୁ ନୋଟିସ ପଠାଇଛନ୍ତି। ବିଏସ୍‌ପି ନେତା ରାମଚନ୍ଦ୍ର ଗୌତମଙ୍କ ଅଭିଯୋଗ କ୍ରମେ ସାଧନାଙ୍କ ବିରୋଧରେ ବାବୁରି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଭାଜପା ନେତାଙ୍କୁ ହତ୍ୟା

**ବରୱାନି(ଏମ୍‌ପି),୨୦।୧(ପି.ଟି.)**

ମଧ୍ୟପ୍ରଦେଶ (ଏମ୍‌ପି)ର ବରୱାନି ଜିଲା ବଲୱାଡ଼ିସ୍ଥିତ ଏକ ପଡ଼ିଆରେ ରବିବାର ସକାଳେ ଜଣେ ଭାଜପା ନେତାଙ୍କ ମୃତଦେହ ମିଳିଛି। ତାଙ୍କ ମୁହଁ ଓ ଦେହରେ ଅନେକ କ୍ଷତଚିହ୍ନ ଥିବାରୁ ପୋଲିସ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି। ଗତ ୧୭ ତାରିଖରେ ମଣ୍ଡସୌରରେ ଭାଜପା ନେତା ପ୍ରହ୍ଲାଦ ବନ୍ଧୱରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାର ୩ ଦିନ ପରେ ଦଳର ଅନ୍ୟ ଜଣେ ନେତା ମନୋଜ ଠାକ୍‌ରେ(୪୮)ଙ୍କ ମୃତ୍ୟୁ ପରେ ବିବାଦ ସୃଷ୍ଟି ହୋଇଛି। ମନୋଜ ପ୍ରାତଃଭ୍ରମଣରେ ଯାଇଥିବାବେଳେ ରାଜନୈତିକ ଶତ୍ରୁତାରୁ ତାଙ୍କୁ ହତ୍ୟା



ମନୋଜ ଠାକ୍‌ରେ

କରାଯାଇଥିବା କୁହାଯାଉଛି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହାର ତଦନ୍ତ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦୁଇ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କରିଛନ୍ତି।

## ‘ବିରୋଧୀ ଗଢୁଛନ୍ତି ନକାରାତ୍ମକ ମେଣ୍ଟ’

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ବିରୋଧୀ ଦଳଗୁଡ଼ିକ ନକାରାତ୍ମକ, ଭ୍ରଷ୍ଟାଚାର ଓ ଅସ୍ଥିରତାକୁ ନେଇ ଏକ ମେଣ୍ଟ ଗଢୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟାର୍ଗେଟ କରିଛନ୍ତି। କଲିକତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ ଶନିବାର ଆୟୋଜିତ ମହାମେଳିକୁ ଇଙ୍ଗିତ କରି ମୋଦି ଏପରି ସମାଲୋଚନା କରିଛନ୍ତି।

## କଂଗ୍ରେସ ବିଧାୟକଙ୍କ ମଧ୍ୟରେ ବାଡ଼ିଆପିଟା

**ବେଙ୍ଗାଲୁରୁ,୨୦।୧(ଆଇଏଏନ୍‌ଏସ୍):** କର୍ଣ୍ଣାଟକ କଂଗ୍ରେସ ବିଧାୟକ ଆନନ୍ଦ ସିଂଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ହୋଟେଲରେ ଦଳର ଅନ୍ୟ ବିଧାୟକମାନେ ଆକ୍ରମଣ କରିଛନ୍ତି। ଆହତ ଆନନ୍ଦଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କର୍ଣ୍ଣାଟକରେ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ସରକାର ସଙ୍କଟରେ ଅଛି। ଘୋଡ଼ାବେପାରକୁ ଏଡ଼ାଇବା ପାଇଁ ଇଗଲ୍‌ଟନ୍ ହୋଟେଲରେ ଶୁକ୍ରବାର ରାତିରୁ ଅଧିକାଂଶ ବିଧାୟକଙ୍କୁ ରଖାଯାଇଛି। ସେଠାରେ ରବିବାର ଆନନ୍ଦ ଓ ଅନ୍ୟ ବିଧାୟକଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ବିଧାୟକ ଜେ.ଏନ୍ ଗଣେଷ ଓ ଅନ୍ୟମାନେ ଏଥିରେ ଉତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ବିଜୟନଗର ବିଧୟାକ ଆନନ୍ଦଙ୍କ ମୁଣ୍ଡରେ ଗଣେଷ



ଆନନ୍ଦ ସିଂ

ଏକ ବୋତଲ ବାଡ଼େଇଥିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଶୁକ୍ରବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ଥିବା ୪ ଏମ୍‌ଏଲ୍‌ଏଙ୍କୁ ରବିବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦଳବଦଳ ଆଇନ ବଳରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ସେପଟେ ଗୁରୁଗ୍ରାମରେ ଲୁଚାଇ ରଖାଯାଇଥିବା ଭାଜପା ବିଧାୟକମାନେ ରବିବାର ବେଙ୍ଗାଲୁରୁ ଫେରିଥିବା ଜଣାପଡ଼ିଛି।

■ ୧୦ମ ସପ୍ତାହରେ ୟେଲୋ ଭେଷ୍ଟ ଆନ୍ଦୋଳନ

## ଫ୍ରାନ୍ସରେ ସଂଘର୍ଷ




**ପ୍ୟାରିସ୍,୨୦।୧**

ବିକ୍ଷୋଭକାରୀଙ୍କ କ୍ରୋଧ ଶାନ୍ତ କରିବା ଲାଗି ରାଷ୍ଟ୍ରପତି ଏମାନ୍ୱେଲ ମାକରଁଙ୍କ ଉଦ୍ୟମ ସତ୍ତ୍ୱେ ଫ୍ରାନ୍ସରେ ‘ୟେଲୋ ଭେଷ୍ଟ’ ଆନ୍ଦୋଳନ ଜାରି ରହିଛି। ତେଲ ଦର ବୃଦ୍ଧି ଏବଂ ମାକରଁଙ୍କ ଆର୍ଥିକ ନୀତିକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ରବିବାର ୧୦ ସପ୍ତାହ ପୂରଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ସାନି ସଂଘର୍ଷ ଘଟିଛି। ରାଷ୍ଟ୍ରପତିଙ୍କ ଜାତୀୟ ବିତର୍କକୁ ୟେଲୋ ଭେଷ୍ଟ ପ୍ରତ୍ୟାଖ୍ୟାନ କରିଦେଇଛି। ମାକରଁଙ୍କ ଇସ୍ତଫା ଦାବିରେ ରବିବାର ହଜାର ହଜାର ଆନ୍ଦୋଳନକାରୀ ର୍‌ୟାଲିରେ ବାହାରିଥିଲେ। ପ୍ୟାରିସ ସମେତ ବିଭିନ୍ନ ସହରରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ସେମାନଙ୍କୁ ଘଉଡାଇବା ଲାଗି ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଅନ୍ୟପକ୍ଷରେ ବିକ୍ଷୋଭକାରୀ ମଧ୍ୟ ପୋଲିସ ଉପରକୁ ଢେ଼ଲା ଓ ପାଣି ବୋତଲ ମାଡ଼ କରିଥିଲେ। ପ୍ୟାରିସରେ ୩୦ ଜଣଙ୍କୁ ପୋଲିସ ଗିରଫ କରିଛି। ପ୍ୟାରିସ୍‌ରେ ୫୦୦୦ ସମେତ ସାରା ଦେଶରେ ୮୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି।

■ ସୋମାଲିଆରେ ରକେଟ ମାଡ଼

## ୫୨ ଆତଙ୍କବାଦୀ ନିହତ



**ଜୋହାନ୍ସବର୍ଗ,୨୦।୧**

ଅଲ୍-ସବାବ୍ ଆତଙ୍କବାଦୀ ଗ୍ରୁପ୍‌କୁ ଟାର୍ଗେଟ୍ କରି ଆମେରିକା ସେନା ପକ୍ଷରୁ ବିମାନରୁ ଗୁଳିବର୍ଷଣ ଓ ବୋମାମାଡ଼ କରାଯାଇଛି। ଶନିବାର ଜୁବା ଅଞ୍ଚଳର ଜିଲିବ୍‌ଠାରେ ଅଲ୍-ସବାବ୍ କ୍ୟାମ୍ପ ଉପରେ ହୋଇଥିବା ଏହି ଆକ୍ରମଣରେ ୫୨ ଆତଙ୍କବାଦୀ ନିହତ ହୋଇଥିବା ଅମେରିକା ଆଫ୍ରିକା କମାଣ୍ଡ ପକ୍ଷରୁ କୁହାଯାଇଛି। ନିକଟରେ ସୋମାଲି ସେନା ଉପରକୁ ହୋଇଥିବା ଆକ୍ରମଣର ଏହା ଦୃଢ଼ ଜବାବ୍ ବୋଲି ଆମେରିକା ସାମରିକ ୟୁନିଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋମାଲିଆର ଅଧିକାଂଶ ଅଞ୍ଚଳରେ ଇସ୍‌ଲାମିକ୍ ଆତଙ୍କବାଦୀ ଗ୍ରୁପ୍ ଅଲ୍-ସବାବ୍‌ର ପତିଆରା ରହିଛି। ମଙ୍ଗଳବାର ପଡ଼ୋଶୀ କେନିଆର ରାଜଧାନୀସ୍ଥିତ ଏକ ବିଳାସପୂର୍ଣ୍ଣ ହୋଟେଲରେ ଏହି ଗ୍ରୁପ୍‌ର ସଦସ୍ୟମାନେ ବୋମା ବିସ୍ଫୋରଣ କରିଥିଲେ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବାପରଠାରୁ ସୋମାଲିଆରେ ଏହାକୁ ମିଶାଇ ୪୭ ଥର ଆକାଶ ମାର୍ଗରୁ ବୋମାମାଡ଼ ହୋଇଛି।




## ‘ଦବଙ୍ଗ ୩’ରେ ଘରବାହୁଡ଼ା

**ମୁମ୍ବାଇ:** ଖୁବ୍‌ଶୀଘ୍ର ‘ଦବଙ୍ଗ ୩’ର ଶୁଟିଂ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ପାଇଁ ଏହା ଘରବାହୁଡ଼ା ସାବ୍ୟସ୍ତ ହୋଇଛି। ଶନିବାର କ୍ରୋମ୍ ପିକ୍ଚର୍ସର ୧୫ତମ ବାର୍ଷିକୀ ଏବଂ ‘ବଧାଇ ହୋ’ର ସଫଳତାର ଉତ୍ସବ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୋନାକ୍ଷୀ ଏହା ପ୍ରକାଶ କରିଛନ୍ତି। ୨୦୧୦ରେ ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ସହିତ ଦବଙ୍ଗରେ ପ୍ରଥମ କରି ସେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ତେବେ ଉକ୍ତ ଫିଲ୍ମର ପରବର୍ତ୍ତୀ ସଂସ୍କରଣର ଶୁଟିଂ ସମ୍ପର୍କରେ ସୋନାକ୍ଷୀ କହିଲେ, ଦବଙ୍ଗ ୩ର ଶୁଟିଂ ପାଇଁ ସେ ଖୁବ୍ ଉତ୍ସାହିତ। ଦବଙ୍ଗ ଏବଂ ଦବଙ୍ଗ ୨ର ରିଲିଜ୍ ପରେ ଏକ ଲମ୍ବା ଅବକାଶ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଦବଙ୍ଗ ୩ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ‘ବଧାଇ ହୋ’ର ନିର୍ଦ୍ଦେଶକ ଅମିତ ଶର୍ମାଙ୍କୁ ପ୍ରଶଂସା କରି ସୋନାକ୍ଷୀ କହିଲେ, ଅମିତ ଶର୍ମାଙ୍କ ପାଇଁ ମୁଁ ଖୁବ୍ ଗର୍ବିତ। କାରଣ ତାଙ୍କର ପ୍ରଥମ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମରେ ମୋତେ ହିରୋଇନ୍ ଭୂମିକା ମିଳିଥିଲା। ତାଙ୍କର ପ୍ରିୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ସେ ଅନ୍ୟତମ। ତେଣୁ ତାଙ୍କ ପାଇଁ ସେ ଖୁସି ଓ ଗୌରବାନ୍ୱିତ ବୋଲି ପ୍ରକାଶ କରିଥିଲେ।



ସୋନାକ୍ଷୀ ସିହ୍ନା

### ଇତିହାସର ଆଇନାରେ | ଜାନୁୟାରୀ ୨୧ର ପ୍ରମୁଖ ଘଟଣା

୧୯୬୦ ଜାନୁୟାରୀ ୨୧ରେ ଦକ୍ଷିଣ ଆଫ୍ରିକାର ହୋଲି କଣ୍ଟ୍ରିରେ ଏକ କୋଇଲା ଖଣି ଭୁଶୁଡ଼ି ପଡିବା ଯୋଗୁ ୪୩୫ ଶ୍ରମିକ ପ୍ରାଣ ହରାଇଥିଲେ। ସାସୋଲବର୍ଗଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଏହି କୋଇଲାଖଣିର ମୂଳ ନାମ କୋଲବ୍ରାକ୍।

୧୯୩୧ ଜାନୁୟାରୀ ୨୧ରେ ସାର୍ ଆଇଜାକ୍ ଆଇଜାକ୍ସ ଅଷ୍ଟ୍ରେଲିଆର ପ୍ରଥମ (ଅଷ୍ଟ୍ରେଲିଆ ଜନ୍ମିତ) ଗଭର୍ନର-ଜେନେରାଲ ଭାବେ ଶପଥ ନେଇଥିଲେ। ସେ ଏକାଧାରରେ ଜଣେ ଆଇନଜ୍ଞ, ରାଜନେତା ଏବଂ ବିଚାରପତି। ସେ ୧୮୫୫ ଅଗଷ୍ଟ ୬ରେ ଜନ୍ମଗ୍ରହଣ କରିଥିବା ବେଳେ ୧୯୪୮ ଫେବୃୟାରୀ ୧୧ରେ ତାଙ୍କର ବିୟୋଗ ଘଟିଥିଲା। ୧୯୩୧ରୁ ୧୯୩୬ ମଧ୍ୟରେ ସେ ଅଷ୍ଟ୍ରେଲିଆର ନବମ ଗଭର୍ନର-ଜେନେରାଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।





ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



# ଖଟିଲେ ଖାଇବା, କେହି ଭଲ ନୁହେଁ

## ଜନସାଧାରଣଙ୍କୁ ପଚରାଯାଇଥିବା ପ୍ରଶ୍ନ

- ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିଲେ । ତାଙ୍କ ଭାଷଣର କେଉଁ କଥାଟି ଆପଣଙ୍କ ମନେ ଅଛି ବା ମନକୁ ଛୁଇଁଛି ?
- ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ବଲାଙ୍ଗୀରରେ କେଉଁ ପ୍ରକାର ରାଜନୈତିକ, ସାମାଜିକ ବା ଅର୍ଥନୈତିକ ପ୍ରଭାବ ପଡିଛି ?
- ରାଜ୍ୟରେ ବିଜେଡି ସରକାର ଦୀର୍ଘକାଳ ଶାସନରେ ରହିଛି । କେନ୍ଦ୍ରରେ ମଧ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସରକାର ପ୍ରାୟ ୫ ବର୍ଷ ପୂରଣ କଲାଣି । ତୁଳନାତ୍ମକ ଭାବେ ଏହି ଦୁଇ ସରକାରଙ୍କ ମଧ୍ୟରୁ ରାଜ୍ୟର ଭବିଷ୍ୟତ ବିକାଶରେ କେଉଁ ଗୋଷ୍ଠୀ ଅଧିକ ବିଶ୍ୱସନୀୟ ବା ମଙ୍ଗଳମୟ ହେବେ ବୋଲି ଆପଣ ଭାବୁଛନ୍ତି ?

ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ଏକ ସରକାରୀ କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ଯୋଗଦେଇ ଫେରିଛନ୍ତି । ଏହି ଅବସରରେ ସେ ୧୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ । ସାଧାରଣ ସଭାରେ ଓଡିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା କଥା କହିଥିଲେ । ତେବେ ଏହି ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ପ୍ରତି ସେ ନରମ ଭାବ ପ୍ରଦର୍ଶନ କରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା । ମୋଦିଙ୍କ ବଲାଙ୍ଗୀର ଗସ୍ତ ପରେ ଏହି ଅଞ୍ଚଳରେ କ'ଣ ରହିଛି ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଭାବ ତାହା ଏବେ ବଡ଼ ପ୍ରଶ୍ନ । ଏ ସଂକ୍ରାନ୍ତରେ ଆମେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲୁ। ସେମାନଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...।

ରିପୋର୍ଟ–ବୀରେନ୍ଦ୍ର ଝାଙ୍କର



ଲିଙ୍କନ ମହାକୁର, ଯୁକ୍ତ ୩ ଶେଷବର୍ଷ ଛାତ୍ର, ରାଜେନ୍ଦ୍ର କଲେଜ, ବଲାଙ୍ଗୀର

- ବଲାଙ୍ଗୀର ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ମୁଁ ଟିଭିରେ ଶୁଣିଛି । ବେଶ୍ ଭଲ ଲାଗିଲା । ସେ ରେଳପ୍ରକଳ୍ପ ଶୁଭାରମ୍ଭ କଲେ । ଅନ୍ୟ ପ୍ରସଙ୍ଗରେ ବି ଆଲୋଚନା କଲେ ।
- ମୋଦିଙ୍କ ଗସ୍ତ ଆଗାମୀ ଦିନରେ ନିଶ୍ଚିତ ପ୍ରଭାବ ପକାଇବ।
- ଆଗକୁ ଭାଜପା ରାଜ୍ୟବାସୀଙ୍କ ପାଇଁ ଅଧିକ ବିକାଶ କରିପାରିବ ବୋଲି ମୁଁ ଭାବୁଛି ।



ଦୈତାରୀ ରୋହିଦାସ, ଚମଡା କାରିଗର, ସୁଦପଡ଼ା

- ମୁଁ ମୋଦିଙ୍କ ସମାବେଶକୁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ । ତେବେ ସେ ଭଲ କଥା କହୁଥିଲେ ବୋଲି ଲୋକଙ୍କଠାରୁ ଶୁଣିଛି ।
- ମୋଦିଙ୍କ ଗସ୍ତ ନିଶ୍ଚିତ ପ୍ରଭାବ ପକାଇବ । ଆମ ଅଞ୍ଚଳର ଉନ୍ନତି ହେବ ବୋଲି ମୁଁ ଭାବୁଛି ।
- ଆଗାମୀ ଦିନରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ଅଧିକ ଉନ୍ନତି ହେବ ବୋଲି ମୋର ବିଶ୍ୱାସ ରହିଛି ।



ସୁଦୀପ୍ତା ପଣ୍ଡା, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ, ମହିଳା କଲେଜ, ବଲାଙ୍ଗୀର

- ମୁଁ ମୋଦିଙ୍କ ସମାବେଶକୁ ଯାଇନାହିଁ । ଟିଭିରୁ ତାଙ୍କ ଭାଷଣ ଶୁଣିଛି । ରେଳପ୍ରକଳ୍ପର ଶୁଭାରମ୍ଭ କଲେ । ଦେଶ ଆଗକୁ ଯାଉଥିବା କହିଲେ, ଭଲ ଲାଗିଲା ।
- ମୋଦିଙ୍କ ଭଳି ଜଣେ ନେତା ଆସିଲେ ନିଶ୍ଚୟ କିଛି ପ୍ରଭାବ ତ ପଡିବ । ମାତ୍ର ସାମାଜିକ, ଅର୍ଥନୈତିକ ପ୍ରଭାବ କେତେ ପଡିବ ତାହା ସମୟ କହିବ ।
- ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ବିକାଶ କରି ଆସୁଛି । ଆଗକୁ ମଧ ବିଶ୍ୱସନୀୟ ହେବ ।



ନାଗ ମାଧବୀ, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ, ମହିଳା କଲେଜ, ବଲାଙ୍ଗୀର

- ମୁଁ ମୋଦିଙ୍କ ଭାଷଣ ଶୁଣିନାହିଁ କି ତାଙ୍କ ସମାବେଶକୁ ଯାଇନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତର ସାମାନ୍ୟ ପ୍ରଭାବ ପଡିବ ବୋଲି ମୁଁ ଭାବୁଛି ।
- ଆଗାମୀ ଦିନରେ ବିଜେଡି ସରକାର ଓଡିଶାର ଅଧିକ ବିକାଶ କରିବ ବୋଲି ମୁଁ ଆଶା ରଖିଛି ।



ହରି ମେହେର, ଚମଡା କାରିଗର, ସୁଦପଡ଼ା

- ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସିଥିବା ମୁଁ ଜାଣିଥିଲି । ତାଙ୍କ ସମାବେଶକୁ ମୁଁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ। ମୁଁ ଗୋଟିଏ ଦିନ କାମ ବନ୍ଦ କରି ଭାଷଣ ଶୁଣିଲେ ମୋତେ କିଏ ଖାଇବାକୁ ଦେବ ?
- ମୋଦିଙ୍କ ଗସ୍ତ ସେମିତି କିଛି ଅଧିକ ପ୍ରଭାବ ପକାଇବ ନାହିଁ । ଗତ ୫ ବର୍ଷରେ ସେ ଗରିବ ଲୋକଙ୍କ ପାଇଁ କ'ଣ କରିଛନ୍ତି? ଆମ ଅଞ୍ଚଳର ପିଲା ପାଠପଢ଼ି ବେକାର ବସିଛନ୍ତି । କାମ କରିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଛି। ଏଭଳି ବିକାଶରେ କୌଣସି ମା'ବାପା ଖୁସି ନାହାନ୍ତି ।
- ବିଜେଡି ଦୀର୍ଘବର୍ଷ ଶାସନରେ ରହିଲେ ବି ବାସ୍ତବରେ କ'ଣ ବିକାଶ ହୋଇଛି । ଟଙ୍କିକିଆ ଚାଉଳ ଦେଇଦେଲେ କ'ଣ ବିକାଶ ହୋଇଯାଏ? ଲୋକଙ୍କୁ ଅଳସୁଆ କରାଯାଇଛି । ଆମେ ପରିଶ୍ରମ କରି ଟଙ୍କା ରୋଜଗାର କରିବାକୁ ଚାହୁଁଛୁ । ମୁଁ ଜଣେ ଚମଡା କାରିଗର। ମୋ ଭଳି ରୋଜଗାରରେ ଥିବା ଲୋକଙ୍କ ପାଇଁ ବିଜେଡି, ଭାଜପା କ'ଣ କରିଛନ୍ତି । ସେମାନେ ଆଗକୁ କ'ଣ ଅଧିକ କରିବେ ବୋଲି ଆମେ ଆଶା କରିବୁ ?



ଅହଲ୍ୟା ମେହେର, ଗୃହିଣୀ, ତୁଳସୀନଗର

- ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ଟିଭିରେ ଶୁଣିଛି । ମାତ୍ର ସେ କ'ଣ କହିଲେ ତାହା ମନେନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ ନିଶ୍ଚିତ ରୂପେ ପ୍ରଭାବ ପକାଇବ ।
- ମୋଦିଙ୍କ ଭାଜପା ସରକାର ଓଡିଶାରେ ଶାସନ କ୍ଷମତାକୁ ଆସିଲେ ନିଶ୍ଚିତ ରୂପେ ରାଜ୍ୟବାସୀଙ୍କ ଅଧିକ ମଙ୍ଗଳ ହେବ ବୋଲି ମୁଁ ଭାବୁଛି ।



ସତ୍ୟ ବାଗ, ଚା' ଦୋକାନୀ, ଡିଆଇପିଆରଓ ଅଫିସ ପାଖ

- ମୋଦିଙ୍କ ବଲାଙ୍ଗୀର ଗସ୍ତ ସମାବେଶକୁ ମୁଁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ ।
- ମୋଦି ବଲାଙ୍ଗୀର ଆସି ଫେରିଯାଇଥିଲେ ବି କିଛି ବିଶେଷ ଫରକ ବା ପ୍ରଭାବ ପଡିଥିବା ମୁଁ ଲକ୍ଷ୍ୟ କରୁନାହିଁ ।
- ବିଜେଡି କି ଭାଜପା କେହି ବି ଆଗକୁ ରାଜ୍ୟବାସୀଙ୍କ ପାଇଁ ବିଶ୍ୱସନୀୟ ହେବେ ନାହିଁ । ଲୋକେ ପରିବର୍ତ୍ତନ ଚାହୁଁଛନ୍ତି । ଏଥର ପରିବର୍ତ୍ତନ ହେବ ।



ରଞ୍ଜନ ବାରିକ, ସେଲୁନ୍ ଦୋକାନୀ, ତୁଳସୀନଗର

- ମୋଦି ବଲାଙ୍ଗୀର ଆସିଥିଲେ । ମୁଁ ତାଙ୍କ ସମାବେଶକୁ ଯାଇଥିଲି । ତେବେ ସେ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିଲେ ନାହିଁ ।
- ମୋଦିଙ୍କ ଗସ୍ତ ବଲାଙ୍ଗୀର ଅଞ୍ଚଳରେ ବିଶେଷ ପ୍ରଭାବ ପକାଇବ ନାହିଁ । ଲୋକେ କେବଳ ତାଙ୍କୁ ଦେଖିବା ପାଇଁ ଯାଇଥିଲେ ।
- ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଆଗକୁ ମଧ ରାଜ୍ୟ ପାଇଁ ମଙ୍ଗଳକର ହେବ ।



ନିବାସ ସାହୁ, ପାନ ଦୋକାନୀ, ନରସିଂହ ମନ୍ଦିର ଛକ

- ମୁଁ ମୋଦିଙ୍କ ଭାଷଣ ଶୁଣିନାହିଁ । ସେ କ'ଣ କହିଲେ ବି ଜାଣିନାହିଁ ।
- ମୋଦିଙ୍କ ଗସ୍ତ ଏହି ଅଞ୍ଚଳରେ ବିଶେଷ କିଛି ପ୍ରଭାବ ପକାଇବ ନାହିଁ।
- ନବୀନ ସରକାର ଆସିଲେ ଆଗକୁ ମଧ ରାଜ୍ୟର ମଙ୍ଗଳ ହେବ ।



ପ୍ରହଲ୍ଲାଦ ବାରିକ, ସେଲୁନ ଦୋକାନୀ, ସରକାରୀ ବସଷ୍ଟାଣ୍ଡ

- ମୋଦିଙ୍କ ସମାବେଶକୁ ମୁଁ ଯାଇନାହିଁ । ଭାଷଣ ବି ଶୁଣିନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ କିଛି ବି ପ୍ରଭାବ ପକାଇବ ନାହିଁ । ରାଜନୈତିକ କ୍ଷେତ୍ରରେ ସାମାନ୍ୟ ପ୍ରଭାବ ପକାଇପାରେ ।
- ଓଡ଼ିଶାରେ ବିଜେଡି ସରକାର ହିଁ ଆଗକୁ ବିଶ୍ୱସନୀୟ ହେବେ ବୋଲି ମୋର ମତ ।



ନରେନ୍ଦ୍ର ବାରିକ, ରିକ୍ସା ଚାଳକ, ଫକିରିଆମୁଣ୍ଡା

- ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସିଥିଲେ କିନ୍ତୁ ମୁଁ ତାଙ୍କ ସମାବେଶକୁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ । ସେ କ'ଣ କହିଲେ ତାହା ମଧ ଜାଣିନାହିଁ। ଆମେ ଗରିବ ଲୋକ,ପ୍ରତିଦିନ ରୋଜଗାର କଲେ ଖାଇବୁ । କିଏ ଆସିଲା ନ ଆସିଲା ଆମର କିଛି ଯାଏ ଆସେ ନାହିଁ।
- ମୋଦି ଆସିଲେ ବି ଏଠାରେ କିଛି ପ୍ରଭାବ ପଡିନାହିଁ କି କିଛି ଉନ୍ନତି ହୋଇନାହିଁ । ଦୀର୍ଘବର୍ଷ ହେଲା ସେମାନେ ଆମ ପରି ଲୋକଙ୍କୁ ଠକି ଆସିଛନ୍ତି।
- ଆଗାମୀ ଦିନରେ ବିଜେଡି କି ଭାଜପା ଯେଉଁ ଦଳ ଶାସନକୁ ଆସିଲେ ମଧ ଓଡିଶାବାସୀଙ୍କ ମଙ୍ଗଳ ହେବନାହିଁ। ବିଜେଡି ଏତେବର୍ଷ ଶାସନରେ ରହିଲା କ'ଣ ବିକାଶ କଲା । ମୋଦି ବି ଶାସନକୁ ଆସି କ'ଣ ବିକାଶ କଲେ ଆମେ ଜାଣିନାହୁଁ। ଭୋଟ ବେଳେ କେବଳ ପ୍ରତିଶ୍ରୁତି ଦେଇ ଏମାନେ ଠକି ଚାଲିଛନ୍ତି। ଏଣୁ ଏଥର ପରିବର୍ତ୍ତନ ଲୋଡା ।



ନବୀନ ମହାନନ୍ଦ, ରିକ୍ସାଚାଳକ, ବଘିଆ

- ମୋଦି ବଲାଙ୍ଗୀର ଆସିଥିଲେ ଜାଣିଛି । ମାତ୍ର ମୁଁ ତାଙ୍କର ଭାଷଣ ଶୁଣିନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ କିଛି ବି ପ୍ରଭାବ ପକାଇବ ନାହିଁ ।
- ଆମେ ରିକ୍ସାବାଲା ପ୍ରତିଦିନ ଖଟିଲେ ମୁଠେ ଖାଇବାକୁ ପାଉଛୁ। ବିଜେଡି କି ଭାଜପା କେହି ଆମର ମଙ୍ଗଳ କରିନାହାନ୍ତି । ଆମେ ଆଜି ବି କଠିନ ପରିଶ୍ରମ କଲେ ପରିବାର ଚଳାଉଛୁ। ତେଣୁ ଆଗକୁ ବିଜେଡି କିମ୍ବା ଭାଜପା କେହି ରାଜ୍ୟର ଅଧିକ ମଙ୍ଗଳ କରିବେ ସେ ଆଶା ମୋର ନାହିଁ।



ଉର୍ମିଳା ବାଗ, ଗୃହିଣୀ, ଗୋଠପଡ଼ା

- ମୋଦିଙ୍କୁ ଦେଖିବା ପାଇଁ ଯାଇଥିଲି । ମାତ୍ର ତାଙ୍କୁ ଦେଖିପାରିଲି ନାହିଁ କି ଭାଷଣ ବି ଶୁଣି ପାରିଲି ନାହିଁ। ସେ କ'ଣ କହିଲେ, କ'ଣ ପ୍ରତିଶ୍ରୁତି ଦେଇ ଗଲେ ଜାଣିନାହିଁ।
- ମୋଦି ବଲାଙ୍ଗୀର ଆସିଲେ କିଛି ପ୍ରଭାବ ପଡିବ ନାହିଁ।
- ନବୀନ ସରକାର ଆଗାମୀ ଦିନରେ ମଧ ରାଜ୍ୟବାସୀଙ୍କ ମଙ୍ଗଳ କରିବେ । ମୁଁ ବିଜୁ ପକ୍କା ଘର ଗୋଟେ ପାଇବି ବୋଲି ଆଶା ରଖିଛି ।



ଅବକାଶ ପଟେଲ, ଯୁକ୍ତ ୩ ଶେଷବର୍ଷ ଛାତ୍ର, ରାଜେନ୍ଦ୍ର କଲେଜ, ବଲାଙ୍ଗୀର

- ମୋଦି ବଲାଙ୍ଗୀର ଆସିଥିଲେ ବି ତାଙ୍କ ଭାଷଣ ମୁଁ ଶୁଣିନାହିଁ କି ତାଙ୍କ ସମାବେଶକୁ ଯାଇନାହିଁ ।
- ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ଯୁବବର୍ଗ ଉପରେ ନିଶ୍ଚିତ ପ୍ରଭାବ ପକାଇବ। ସାମାଜିକ, ଅର୍ଥନୈତିକ ଉନ୍ନତି ହେବ ।
- ଆଗାମୀ ଦିନରେ ଓଡ଼ିଶାରେ ଭାଜପା ଅଧିକ ବିଶ୍ୱସନୀୟ ହୋଇପାରିବ।




■ସହାୟକଙ୍କୁ ସୁଯୋଗ ମିଳିଲାନାହିଁ

## ଏଏସ୍‌ଓ ପରୀକ୍ଷା ଦେଇ ପାରିଲେନି ଦୃଷ୍ଟିହୀନ

ମଥୁରାନଗରୀ,୨୦।୧

ଆଡ଼ମିଟ୍ କାର୍ଡ଼ ଥିବା ସତ୍ତ୍ୱେ ଜଣେ ଦିବ୍ୟାଙ୍ଗ (ଦୃଷ୍ଟିହୀନ)ଙ୍କୁ ରବିବାର ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାରୁ ବଞ୍ଚିତ ହେବାକୁ ପଡିଛି। ଏହି ଘଟଣା ବରଗଡ଼ ମହିଳା କଲେଜ ପରୀକ୍ଷା କେନ୍ଦ୍ରରେ ଘଟିଛି ।

ବରଗଡ଼ ସହର ଉପକଣ୍ଠ ଖଲିଆପାଲି ଗ୍ରାମର ବୀରବର କୁଶଳଙ୍କ ପୁଅ ଟେକଧର ଜଣେ ଦୃଷ୍ଟିହୀନ। ସେ ଗ୍ରାଜୁଏଶନ କରିଥିବାବେଳେ କମ୍ପ୍ୟୁଟର ଶିକ୍ଷା ମଧ୍ୟ ନେଇଛନ୍ତି। ରବିବାର ଚାଲିଥିବା ଏଏସ୍‌ଓ ପରୀକ୍ଷାରେ ଭାଗ ନେବା ପାଇଁ ସେ ଆବେଦନ କରିଥିଲେ ଏବଂ ତାଙ୍କୁ ଆଡ଼ମିଟ୍ କାର୍ଡ଼ ମଧ୍ୟ ମିଳିଥିଲା। ରବିବାର ପୂର୍ବାହ୍ନ ସାଢ଼େ ୯ଟାରେ ପ୍ରଥମ ସିଟିଂ ପରୀକ୍ଷା (ଜେନେରାଲ ଆୱାରନେସ) ରହିଥିଲା। ଫଳରେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଟେକଧର ତାଙ୍କ ବାପା ବୀରବର ଓ ଭାଇ ଚନ୍ଦ୍ରଭାନୁଙ୍କ ସହିତ ବରଗଡ଼ ମହିଳା କଲେଜ ପରୀକ୍ଷାକେନ୍ଦ୍ରକୁ ଆସିଥିଲେ । ହାତରେ ଆଡ଼ମିଟ୍ କାର୍ଡ଼ ଏବଂ ଅନ୍ୟ ଆବଶ୍ୟକ କାଗଜାତ୍ ମଧ୍ୟ ଆଣିଥିଲେ । ତେବେ ଦୃଷ୍ଟିହୀନମାନେ ପରୀକ୍ଷା ଦେବାବେଳେ ଲେଖିବା ପାଇଁ ତାଙ୍କ ସହିତ ଜଣେ ସହାୟକଙ୍କୁ ସୁଯୋଗ ଦେବାର ପ୍ରାବଧାନ ରହିଛି। ମାତ୍ର ସେଭଳି କିଛି ପ୍ରାବଧାନ ତାଙ୍କ ପାଖରେ ପହଞ୍ଚିନାହିଁ ଏବଂ ଲେଖିବା ପାଇଁ କୌଣସି ସହାୟକ ମଧ୍ୟ ତାଙ୍କ ସହିତ ଭାଗ ନେଇପାରିବେ ନାହିଁ ବୋଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିବା କର୍ମଚାରୀମାନେ କହିଥିଲେ। ଟେକଧର ଏବଂ ପରିବାର ଲୋକେ ଯେତେ ଗୁହାରୀ କରିଥିଲେ ମଧ୍ୟ ସେହି କର୍ମଚାରୀମାନେ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ସେମାନେ ନିରାଶ ହୋଇ ଘରକୁ ଚାଲିଯାଇଥିଲେ। ଅନ୍ୟପକ୍ଷେ ଭିନ୍ନକ୍ଷମ ଆସୋସିଏଶନର ସାର୍ତ୍ତିକ ସାହୁ କହିଛନ୍ତି, ସେହି ପଦବୀ ପାଇଁ ଉର୍ଦ୍ଦିଷ୍ଟ ବିଜ୍ଞାପନରେ ଓପିଏସ୍‌ସି ସେଭଳି ସହାୟକଙ୍କୁ ସୁଯୋଗ ଦିଆଯିବ ନାହିଁ ବୋଲି ପୂର୍ବରୁ ଦର୍ଶାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେଥିରେ ହସ୍ତକ୍ଷେପ କରାଯିବା ପରେ ଗତ ୧୧ତାରିଖରେ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍ପୋରମେଣ୍ଟ ଅଫ୍ ପର୍ସନ୍ସ ଉଇଥ ଡିସଆବିଲିଟିଜ୍‌ର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ତାଙ୍କ ପତ୍ରସଂଖ୍ୟା-୩୮ ତା-୧୧।୧।୨୦୧୯ କ୍ରମେ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ଭାରତ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସେଭଳି ଦୃଷ୍ଟିହୀନଙ୍କୁ ଲିଖିତ ପରୀକ୍ଷାରେ ସହାୟକ ସୁଯୋଗ ଦେବା ପାଇଁ ଓପିଏସ୍‌ସି ସେକ୍ରେଟେରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାସତ୍ତ୍ୱେ ଟେକଧରଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯିବା ନିନ୍ଦନୀୟ। ଏ ନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବେ ବୋଲି ସାହୁ କହିଛନ୍ତି।



ପରୀକ୍ଷା ଦେଇ ନ ପାରି ବାପାଙ୍କ ସହିତ ଘରକୁ ଫେରୁଛନ୍ତି ଟେକଧର ।

## ଜାରି ରହିବ ଘନ କୁହୁଡ଼ି

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

କିଛିଦିନ ହେବ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ଶନିବାର ଭଳି ରବିବାର ମଧ ପ୍ରବଳ କୁହୁଡ଼ି ପଡ଼ିଥିଲା। ୫୦ ମିଟରରୁ ଅଧିକ ଦୂର ପର୍ଯ୍ୟନ୍ତ ରାସ୍ତା ଦୃଶ୍ୟମାନ ହେବା ସମ୍ଭବ ହେଉନାହିଁ। ଏଥିଯୋଗୁ ଶନିବାର ଟ୍ରେନ ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରବିବାର ମଧ ପ୍ରବଳ କୁହୁଡ଼ି ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଶୀତର ଲହରି ସାଙ୍ଗକୁ କୁହୁଡ଼ି ଫଳରେ ଲୋକମାନେ ବାହାରକୁ ବାହାରି ପାରି ନ ଥିଲେ। ସୋମବାର ମଧ ଘନ କୁହୁଡ଼ି ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ୧୩ ସହରରେ ତାପମାତ୍ରା ୧୧ଡିଗ୍ରୀ ତଳେ ରହିଥିଲା।




## ଯୁବତୀଙ୍କ ତଣ୍ଟି କାଟି ହତ୍ୟାକଲେ ବାନ୍ଧବୀ

ଭୁବନେଶ୍ୱର, ୨୦।୧(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)

ପୁଅ ଦେଖା ସରିଥିଲା। ଦୁଇ ଦିନ ପରେ ନିର୍ବନ୍ଧ ହୋଇଥାନ୍ତା। କିନ୍ତୁ ତା' ପୂର୍ବରୁ ନିଜ ବାନ୍ଧବୀ ସାଜିଲେ ବଇରୀ। ନିର୍ବନ୍ଧ ପୂର୍ବରୁ ଯୁବତୀଙ୍କୁ ତଣ୍ଟିକାଟି ହତ୍ୟା କଲେ ବାନ୍ଧବୀ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀନଗରର ଲେନ୍-୫ରେ ଥିବା ଏକ ହଷ୍ଟେଲରେ। ହତ୍ୟାର ଶିକାର ହୋଇଛନ୍ତି ବାଲେଶ୍ୱର ଜିଲା ବସ୍ତା ଥାନା ବାଉଁଶ ମୁଖା ଗାଁର ଅଳକାନନ୍ଦା ଦାଶ। ପୋଲିସ ଅଭିଯୁକ୍ତ ତଥା ଅଳକାନନ୍ଦାଙ୍କ ବାନ୍ଧବୀ ଅନିଷା ମିତ୍ର(୩୨)ଙ୍କୁ ଗିରଫ କରିଛି।

ଅନିଷାଙ୍କ ଘର କୋଣାର୍କ ଅଞ୍ଚଳରେ। ୧୦ ବର୍ଷ ତଳେ କୋରାପୁଟରେ ଏକ ଏନ୍‌ଜିଓରେ କାମ କରିବା ସମୟରେ ଅଳକାନନ୍ଦାଙ୍କ ସହ ତାଙ୍କର ଭେଟ ହୋଇଥିଲା। ୪ବର୍ଷ ତଳେ ସେମାନେ ଭୁବନେଶ୍ୱର ଆସିବା ପରେ ଗୌରୀନଗରରେ ହଷ୍ଟେଲରେ ଘର ଭଡ଼ା ନେଇ ଏକାଠି ରହୁଥିଲେ। ପୋଲିସ ସୂଚନା ମୁତାବକ, ପ୍ରାୟ ମାସେ ହେବ ଅଳକାଙ୍କ ପରିବାର ଲୋକେ ତାଙ୍କ ପାଇଁ ବର ଖୋଜୁଥିଲେ। ଶେଷରେ ବିବାହ ପାଇଁ ପୁଅ ଠିକ୍ ହୋଇଥିଲା। କିନ୍ତୁ ଅଳକା ବିବାହ କରନ୍ତୁ ବୋଲି ଅନିଷା ଚାହୁଁ ନ ଥିଲେ। ଏହାକୁ ନେଇ ୨ଦିନ ତଳେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘର ମାଲିକ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ କରିଥିଲେ। ଅଳକା ଛାତ ଉପରକୁ ଯାଇ ଫୋନରେ କଥା ହେଲେ ଅନିଷା ତାଙ୍କୁ ରୁମ୍‌ରେ ରହି କଥା ହେବାକୁ ବାଧ କରୁଥିଲେ। ଏହାକୁ ଅଳକା ବିରୋଧ କରୁଥିଲେ। ଏହା ମଧ୍ୟରେ ନିର୍ବନ୍ଧ ପାଇଁ ପରିବାର ଲୋକେ ଅଳକାଙ୍କୁ ଘରକୁ ଡକାଇଥିଲେ। ସେ ସୋମବାର ଟ୍ରେନରେ ଘରକୁ ଯାଇଥାନ୍ତେ। ତେବେ ଶନିବାର ରାତି ପ୍ରାୟ ୨ଟା ୪୫ରେ ଅଳକା ଫୋନ୍‌ରେ କଥାହେବା ଲାଗି ଛାତ ଉପରକୁ ଯିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦୁହିଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇ ହାତହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଅନିଷା ଏଥିରେ ଉତ୍ତକ୍ଷିପ୍ତ ହୋଇ ଅଳକାଙ୍କୁ ତଳେ ପକାଇ ଦେଇଥିଲେ। ପରେ ତାଙ୍କ ଛାତି ଉପରେ ବସି ପରିବା କଟା ଛୁରିରେ ତାଙ୍କ ତଣ୍ଟି କାଟିଦେଇଥିଲେ ବୋଲି ଅନିଷା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଳକାଙ୍କ ମୃତଦେହ ଜବତ କରିବା ସହ ଅନିଷାଙ୍କୁ କାବୁ କରି ଘର ସିଲ୍ କରିଥିଲା। ସକାଳୁ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଥାନାରେ ଦଫା ୩୦୨ରେ ଏକ ମାମଲା(୧୪/୧୯) ରୁଜୁ ହୋଇଛି। ରବିବାର ଅନିଷାଙ୍କୁ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ନିବାସ ବେହେରା, ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରିସିଂହା, ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ନିବାସ ବେହେରା | ଶ୍ରୀ ନିବାସ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଙ୍ଗରିସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୫,୦୮,୨୭୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଋଣଗ୍ରହୀତା: ଶ୍ରୀ ବସନ୍ତ କୁମାର ମିଶ୍ର, ପିତା: କୁଳମଣି ମିଶ୍ର, ସା: କେନ୍ଦୁପଲି, ପୋ: ନୁଖାପଡ଼ା, ନରସିଂହପୁର, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ବସନ୍ତ କୁମାର ମିଶ୍ର | ଶ୍ରୀ ବସନ୍ତ କୁମାର ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଠେଙ୍ଗାପଲ୍ଲୀ, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୩,୫୮,୩୯୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଋଣଗ୍ରହୀତା: ଶ୍ରୀ ମଥୁରା ସାହୁ, ପିତା: କୃଷ୍ଣ ଚନ୍ଦ୍ର ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ମଥୁରା ସାହୁ | ଶ୍ରୀ ମଥୁରା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୧,୯୯,୧୨୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୧୯.୦୧.୨୦୧୯, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

> କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
> - ପ୍ରଜାପିତା ବ୍ରହ୍ମାକୁମାରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: .....................................
ବୟସ:.....................................
ଜନ୍ମ ତାରିଖ: ..............................


ଅନୁସ୍କା
ପରିବାରବର୍ଗ


ପୂଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

2500 km. run May, 2018 Alto 800 VXI silver colour. 9437284700. D-10660




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

2BHK flat with fully furnished at Sunderpada. 9439362175. D-35841

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65509

Sthtiban developed plot with Revenue Road and electricity near Patia Railway Station. 7978441564. D-10680

### LEASE

One running lodge near Puri Sea Beach for immediate long term lease. Contact: 9090714981, 7008456764. D-64037




1400 sqft. commercial space at BMC Bhabani mall sqft. 50/-. 9337119834. D-65331

1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411

ଭୁବନେଶ୍ୱରରେ ଆଜବେଷ୍ଟସ ଘର-3 phase line ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62917

### Birthday Wish



**Anuska**
BJB Nagar, BBSR
Wishing you a day filled with happiness and a year filled with joy. **Happy Birthday**. Best Wishes From: Friends, Family and Relatives. D-10678

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା କ୍ଷେତ୍ରମଣି ଦାସ**
ଯଶୋବନ୍ତପୁର, ଜଗତସିଂହପୁର
ତିରୋଧାନ: ତା. ୦୩।୦୬।୨୦୧୭
ବାହୁଡ଼ା ଦଶମୀ
ଅଖିଳବ୍ରହ୍ମାଣ୍ଡନାଥ ଅଶରଣ ଶରଣରକ୍ଷଣ ମହାବାହୁ, ବିଶ୍ୱନିୟନ୍ତା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଆପଣଙ୍କର ଅମରାତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ: ଆଶୁତୋଷ, ମନୋଜ, ଗୁଡ୍ଡୁ, ଅବିନାଶ, ବନ୍ଧୁ, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ। ଧ-୬୪୦୩୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପାସୁରୀ ନାୟକ**
ପାଇଲୋ, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୪।୧୦।୧୯୧୨
ତିରୋଧାନ: ୧୧।୦୧।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଶୀର୍ବାଦ ସବୁବେଳେ ଆମ୍ଭ ଉପରେ ଥାଉ ଏତିକି ଆମର ପ୍ରାର୍ଥନା। ଆପଣଙ୍କର ପୁତ୍ର- ଆକୁଳି, ନକୁଳି, ପୁତ୍ରବଧୂ- ସୌଦାମିନୀ, ନମିତା ଏବଂ ପୀତାମ୍ବର, ମହେଶ୍ୱର, ସୁନାକର, ବିଦ୍ଧୁ, ସୀତା, ଆଶା, ରେଣୁ, ମାଳ, ତିଳ, ଶିବ, ହରିଶ, ଅମିତ, ଅଜିତ, ଅନିଲ, ଟିଟୁ, ପିଣ୍ଟୁ, ବାବୁ, ବୁବୁ, ମଦନ, ଯୁଗଳ, ଡମ୍ବୁ, ବାନାମ୍ବର, ଗଗନ, ପବନ, ବୀର, ଅଭିନ, ଶ୍ରାବଣୀ, ମିଲୁ, ମିନିଆ, ଗନିଆ, କମଳା, ମଛନ, ସୁଶାନ୍ତ, ପ୍ରଶାନ୍ତ, ବାବାଜୀ, ମିତା, ମାମା, ଲୋରା, ଲିଲି, ସୁଧା, ମାନା, ଚୀନା, ଲକି, ଚିଲି, ମେନକା। ଧ-୧୦୬୮୩

### ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଅଲେଖ ବିହାରୀ ସାହୁ**
ବଡ଼ଗଡ଼, ଭୁବନେଶ୍ୱର
ଆବିର୍ଭାବ: ତା ୦୪।୦୮।୧୯୩୭ରିଖ
ତିରୋଧାନ: ତା ୧୧।୦୧।୨୦୧୯ ରିଖ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଉପଦେଶ ଏବଂ ଆଶୀର୍ବାଦ ସବୁଦିନ ପାଇଁ ଆମ ଜୀବନରେ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୬୬୬

### ସ୍ମୃତି ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଭିକାରୀଚରଣ ମହାନ୍ତି**
ଆଦର୍ଶ ଶିକ୍ଷକ
ସୁନ୍ଦରଗ୍ରାମ, କଟକ
ତିରୋଧାନ: ୨୧।୦୧।୨୦୦୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମଦୟାଳ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପୁତ୍ର- ଗନି, ଫନି, ଟନି, ପୁତ୍ରବଧୂ- ବୁନୁ, ରିନୁ, ତନୁ, ଝିଅଜ୍ୱାଇଁ: ମାମି-କାବୁଲି, ନାତୁଣୀ-ଜ୍ୱାଇଁ: ପ୍ରଜ୍ଞା-ପ୍ରକାଶ, ରୀତି-ଅସୀମ, ମିକି-ବିଟୁନ୍, ନାତି- ନିତ୍ୟ, ନୀତୀଶ, ହ୍ରିତି, ଅଣନାତିନାତୁଣୀ- କ୍ରିସ୍, ପିହୁ, ନାତୁଣୀବୋହୂ- ଅପର୍ଣ୍ଣା। ଧ-୬୪୬୯୬

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ତାରା ପ୍ରସାଦ ମହାନ୍ତି**
ଆବିର୍ଭାବ: ରାଖୀ ପୂର୍ଣ୍ଣିମା (୧୯୩୩)
ତିରୋଧାନ: ପୌଷ ପୂର୍ଣ୍ଣିମା (୨୦୦୭)
ପରିବାରବର୍ଗ
EB 361, ଲକ୍ଷ୍ମୀସାଗର, ଭୁବନେଶ୍ୱର। ଧ-୧୦୬୮୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଚରଣ ବାବା**
ଯଶୋବନ୍ତପୁର, ଜଗତସିଂହପୁର
ତିରୋଧାନ: ତା. ୦୨।୦୧।୨୦୧୮
ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ନୀଳାଚଳଧାମର ମଉଡମଣି ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଆପଣଙ୍କର ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ: ଆଶୁତୋଷ, ମନୋଜ, ଅବିନାଶ, ଗୁଡ୍ଡୁ, ବନ୍ଧୁ, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ। ଧ-୬୪୦୩୮


# ପଶ୍ଚିମ ଓଡ଼ିଶାରେ ଭାଜପା ୪୦ ଆସନ ଦଖଲ କରିବ:ସୁରେଶ

- ଭାଜପା ଦିବାସ୍ୱପ୍ନ ଦେଖୁଛି: କଂଗ୍ରେସ
- ବିଜେପୁର ଫଳାଫଳ ଭାଜପା ଭୁଲି ଯାଉଛି: ବିଜେଡି

**ସମ୍ବଲପୁର, ୨୦।୧ (ବ୍ୟୁରୋ)**

ଭାରତୀୟ ଜନତା ପାର୍ଟିର ମିଶନ-୧୨୦ ସଫଳ ହେବ । ଆସନ୍ତା ସାଧାରଣ ନିର୍ବାଚନରେ ଦଳ ପଶ୍ଚିମ ଓଡ଼ିଶାରେ ୪୦ ବିଧାନସଭା ଆସନ ଦଖଲ କରିବ । ଯାହାକି ମିଶନ-୧୨୦ରେ ସହାୟକ ହୋଇପାରିବ। ରବିବାର ସମ୍ବଲପୁରରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଖବରଦାତାଙ୍କୁ ଏହା କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ, ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପଶ୍ଚିମ ଓଡ଼ିଶାରେ ୫୦ ପ୍ରତିଶତ ଭୋଟ ପାଇଛି । ବାକି ୫୦ ପ୍ରତିଶତ ବିଜୁ ଜନତା ଦଳ ଓ କଂଗ୍ରେସ ସମେତ ଅନ୍ୟାନ୍ୟ ଛୋଟ ଦଳକୁ ଯାଇଛି । ଏହାକୁ ଆକଳନ କଲେ ଭାଜପା ନିଶ୍ଚିତ ଭାବେ ଏଥର ସାଧାରଣ ନିର୍ବାଚନରେ ୪୦ ସିଟ୍ ନେବ । ଏଥିପାଇଁ ଦଳୀୟ ନେତା ଓ କର୍ମୀମାନେ ସହର ଏବଂ ଗ୍ରାମାଞ୍ଚଳରେ କାର୍ଯ୍ୟାରମ୍ଭ କରିଛନ୍ତି। ଏ ନେଇ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ କହିଛନ୍ତି , ସମଗ୍ର ଦେଶରେ ମୋଦି ଓ ଭାଜପାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ବିଗତ ୩ ଟି ରାଜ୍ୟର ନିର୍ବାଚନ ଫଳାଫଳକୁ ଏହାର ଉଦାହରଣ ନିଆଯାଇ ପାରେ । ଭାଜପା ସଭାପତି ଅମିତ ଶାହ ମିଶନ- ୧୨୦ କଥା କହୁଛନ୍ତି। ସେହିପରି ରାଷ୍ଟ୍ରୀୟ ସମ୍ପାଦକ ପୂଜାରୀ ମଧ୍ୟ ପଶ୍ଚିମ ଓଡ଼ିଶାରେ ୪୦ ଆସନ ଆଶା ରଖିଛନ୍ତି । ଏହା ଭାଜପାର ଦିବା ସ୍ୱପ୍ନ ଭଳି ଲାଗୁଛି । ଅନ୍ୟପକ୍ଷେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେପୁର ଉପନିର୍ବାଚନ ଫଳାଫଳ କଥା ଭାଜପା ବୋଧେ ଭୁଲି ଯାଉଛି। ରାଷ୍ଟ୍ରୀୟ ସଭାପତି ଅମିତ ଶାହ କହିଥିଲେ , ବିଜେଡିକୁ ରାଜ୍ୟରୁ ଉଖାଡ୍ କେ ଫେକ୍ ଦୋ । ହେଲେ ବିଜେପୁରବାସୀ ନିର୍ବାଚନରେ ଭାଜପାକୁ ଉପାଡି ଫିଙ୍ଗି ଦେଇଥିଲେ। ପଶ୍ଚିମ ଓଡ଼ିଶାରେ ୪୦ ବିଧାନସଭା ମଣ୍ଡଳୀ ନାହିଁ । କେଉଁ ଆଧାରରେ ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଏଭଳି ମନ୍ତବ୍ୟ ଦେଉଛନ୍ତି ତାହା ହାସ୍ୟସ୍ପଦ। ଗତ ପଞ୍ଚାୟତ ନିର୍ବାଚନକୁ ନେଇ ଭାଜପା ଏହି ଆକଳନ କରୁଛି । ହେଲେ ତା'ପରେ ହୋଇଥିବା ବିଜେପୁର ଉପନିର୍ବାଚନ କଥା ଭୁଲି ଯାଉଛି। ଓଡ଼ିଶାରେ ବିଜେଡି ଶକ୍ତିଶାଳୀ। ଜନକଲ୍ୟାଣ ଯୋଜନା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନପ୍ରିୟତା ହାସଲ କରିଛନ୍ତି । ତେଣୁ ଗତ ନିର୍ବାଚନ ଭଳି ଆଗାମୀ ୨୦୧୯ ନିର୍ବାଚନରେ ବିଜେଡି ସରକାର ଗଠନ କରିବ।

# ଏସ୍‌ସିବିରେ ୨ ବଳାତ୍କାର ନାବାଳିକା ପୀଡ଼ିତା

## ଜଣେ ଚଟାଣରେ, ଜଣେ ଆଇସିୟୁରେ

**କଟକ ଅଫିସ, ୨୦।୧**

ଏସ୍‌ସିବି ମେଡିକାଲରେ ଏବେ ୨ ଜଣ ବଳାତ୍କାର ପୀଡ଼ିତା ଚିକିତ୍ସିତ ହେଉଛନ୍ତି। ଦୁଇ ଜଣ ଯାକ ଆଦିବାସୀ ନାବାଳିକା। ଜଣଙ୍କର ବୟସ ୧୫ ହୋଇଥିବା ବେଳେ ଅନ୍ୟ ଜଣଙ୍କର ବୟସ ୭। ୧୫ ବର୍ଷ ନାବାଳିକାଙ୍କ କୋଳରେ ୫ ଦିନର ଶିଶୁ କନ୍ୟା ଆଉ ୭ ବର୍ଷର ନାବାଳିକା ଆଇସିୟୁ ଭିତରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ପାଖକୁ ଦୈନିକ ଶିଶୁ ଅଧିକାର ସୁରକ୍ଷା ବିଭାଗର ଅଧିକାରୀ, ଆଇନ ସେବା ପ୍ରାଧିକରଣଙ୍କ କର୍ମୀ ଓ ସାମାଜିକ କର୍ମୀମାନଙ୍କ ସୁଅ ଛୁଟୁଛି। ୧୫ ବର୍ଷର ନାବାଳିକା ଜଣକ ଯାଜପୁରରୁ ଆସି ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଛନ୍ତି। ଚଟାଣ ଉପରେ ଏହି ନାବାଳିକା ଜଣକ ନିଜ ଶିଶୁକନ୍ୟାଙ୍କ ସହିତ ବସିଥିବାର ଦୃଶ୍ୟ ହୃଦୟବିଦାରକ। ସେହିପରି ସେଣ୍ଟ୍ରାଲ ଆଇସିୟୁ ଭିତରେ ଚିକିତ୍ସିତ ହେଉଥିବା ୭ ବର୍ଷର ଶିଶୁକନ୍ୟା ଜଣକ କେନ୍ଦୁଝର ଜିଲାରୁ ଆସିଛନ୍ତି। ଗତ ୯ ତାରିଖ ରାତିରେ ଏହି ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ମାମୁ ବଳାତ୍କାର କରିଥିଲେ। ବଳାତ୍କାର ପରେ ନାବାଳିକାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ୧୦ ତାରିଖରେ ତାଙ୍କୁ ଏସ୍‌ସିବି ଅଣାଯାଇଥିଲା। ଗତ ୧୫ ତାରିଖରେ ଅସ୍ତ୍ରୋପଚାର କରାଯାଇଛି। ଉଭୟ ନାବାଳିକାଙ୍କ ଦେଖାଶୁଣା ଚାଇଲ୍ଡ ଲାଇନ ପକ୍ଷରୁ କରାଯାଉଛି।

### ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ଜିଲା କ୍ରୀଡା ଅଧିକାରୀ ଗିରଫ

**ମାଲକାନଗିରି,୨୦।୧ (ଡି.ଏନ୍.ଏ.)**

ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ମାଲକାନଗିରି ଜିଲା କ୍ରୀଡା ଅଧିକାରୀ ଜ୍ଞାନେନ୍ଦ୍ର ବାଡୋଇ ରବିବାର ଗିରଫ ହୋଇଛନ୍ତି। ଗିରଫ ପରେ ତାଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି କ୍ରୀଡା ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କୁ କ୍ରୀଡା ଅଧିକାରୀ ବାଡୋଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଛାତ୍ରୀ ଜଣକ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଘଟଣାର ତଦନ୍ତ କରିବା ପରେ ବାଡୋଇଙ୍କୁ ଗିରଫ କରିଥିଲେ। ଏ ସମ୍ପର୍କରେ ଜିଲା କ୍ରୀଡା ଅଧିକାରୀ ବାଡୋଇଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୋତେ ବଦ୍‌ନାମ କରିବା ପାଇଁ ଏହା ମୋ ବିରୋଧରେ ଏକ ଚକ୍ରାନ୍ତ। ମାଲକାନଗିରି ଜିଲାରେ ମୋ ସମୟରେ କ୍ରୀଡାର ଉନ୍ନତି ହୋଇ ରାଜ୍ୟ ଏବଂ ଜାତୀୟ ସ୍ତରରେ ପରିଚିତ ହୋଇଥିବା ପ୍ରାୟ ସମସ୍ତେ ଜାଣନ୍ତି ବୋଲି କହିଥିଲେ।

# ଆରମ୍ଭ ହେଲା ଜୟପୁର-ମାଲକାନଗିରି ରେଳ ଲାଇନ ସର୍ଭେ

- ଜୟପୁର-ବୈପାରିଗୁଡା ସର୍ଭେ ଶେଷ ହୋଇଛି
- ୯୬୬ ହେକ୍ଟର ଜମି ଅଧିଗ୍ରହଣ ହେବ
- ୩ଟି କମ୍ପାନୀକୁ ମିଳିବ ଟେଣ୍ଡର

**ମାଲକାନଗିରି,୨୦।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାବାସୀ ଦୀର୍ଘ ବର୍ଷ ହେଲା ଜିଲାକୁ ରେଳ ଲାଇନ ପାଇଁ ଦାବି କରି ଆସୁଥିଲେ। ଏଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟକୁ ମାଲକାନଗିରି ଜିଲାରେ ରେଳ ଲାଇନ ଅତ୍ୟନ୍ତ ଜରୁରୀ ବୋଲି ଦର୍ଶାଇ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ୨୦୧୬ରେ ମାଲକାନଗିରି ରେଳଲାଇନ ପାଇଁ ପ୍ରସ୍ତାବ ମଞ୍ଜୁର ହୋଇଥିଲା। ୨୦୧୮ରେ ସରକାର ୨୬୭୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଜମି ଯୋଗାଇଦେବା ସହ ଏହି ରେଳ ଲାଇନ ପାଇଁ ୪୦ ପ୍ରତିଶତ ଅର୍ଥ ଯୋଗାଇ ଦେବେ ବୋଲି ପୂର୍ବରୁ କେନ୍ଦ୍ରକୁ ଜଣାଇଥିଲେ। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ସର୍ଭେ କାର୍ଯ୍ୟ ତରାନ୍ୱିତ କରିବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ଏହାର ଫଳ ସ୍ୱରୂପ ୧୨୮.୫ କିଲୋମିଟର ରେଳଲାଇନ ପାଇଁ ଜୟପୁରରୁ ବୈପାରିଗୁଡା ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ନିକଟରେ ଶେଷ ହୋଇଛି ବୋଲି ରେଳ ମନ୍ତ୍ରଣାଳୟର ଡେପୁଟି ଚିଫ୍ ଇଞ୍ଜିନିୟର ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଅବଶିଷ୍ଟ ଲାଇନ୍ ବୈପାରିଗୁଡାରୁ ମାଲକାନଗିରି ସର୍ଭେ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏମ୍.ଭି.-୪୨ ଗ୍ରାମ ନିକଟରେ ପ୍ରସ୍ତାବିତ ରେଳଷ୍ଟେସନଠାରୁ ସର୍ଭେ କାର୍ଯ୍ୟକୁ ଏମ୍‌ପି ମାଝୀ ଶୁଭାରମ୍ଭ କରିଛନ୍ତି। ତାଙ୍କ ସହ ମାଲକାନଗିରି ବିଧାୟକ ମାନସ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଜୱନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ବିଭାଗୀୟ ନିର୍ବାହୀଯନ୍ତ୍ରୀ ସି.ଏମ୍. ରାଓ କହିଛନ୍ତି ଯେ, ଏହି ୧୨୮.୫ କିଲୋମିଟର ରେଳ ଲାଇନରେ ଜୟପୁରରୁ ଫାମ୍ପୁଣି, ବୈପାରିଗୁଡା, ଟାଙ୍ଗିଣିଗୁଡା, ନୁନଖାରି, ସିନ୍ଧିଗୁଡା, ଗୋବିନ୍ଦପାଲି, ମାଥିଲି, ପାଙ୍ଗାମ, ପାଣ୍ଡ୍ରିପାଣି, ପଞ୍ଚବଟୀ ପରେ ମାଲକାନଗିରିଠାରେ ଷ୍ଟେସନ ପ୍ରତିଷ୍ଠା ହେବ । ପାଣ୍ଡ୍ରିପାଣିରୁ ମାଲକାନଗିରି ମଧ୍ୟରେ ସତୀଗୁଡା ଜଳଭଣ୍ଡାର ପଡୁଥିବାରୁ ଜଳଭଣ୍ଡାର ନିକଟରେ ଥିବା ମୁନୁସା, ଭିମାରାଙ୍ଗିଣି, ରିଜାରଗୁଡା ପଞ୍ଚବଟୀ ଷ୍ଟେସନ (ଡ୍ୟାମ୍ ସାଇଟ୍)କୁ ରାସ୍ତା ନିର୍ମାଣ କରାଯିବ । ଏହି ରେଳ ଲାଇନ ପାଇଁ ମୋଟ ୯୬୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ସେଥିରୁ ୬୯ ହେକ୍ଟର ଜଙ୍ଗଲ ଜମି ପଡୁଛି। ୫୦୦ ହେକ୍ଟର ଘରୋଇ ଜମି ପଡୁଥିବା ବେଳେ ଅବଶିଷ୍ଟ ରାଜସ୍ୱ ଜମି ପଡୁଛି। ସର୍ଭେ କାର୍ଯ୍ୟ ସରିଲା ପରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟା ହୋଇ ରେଳଲାଇନ କାମ ଆରମ୍ଭ ହେବ । ଏହି ଟେଣ୍ଡର ପ୍ରକ୍ରିୟା ୩ଟି କମ୍ପାନୀକୁ ଭାଗ ଭାଗ କରି ପ୍ରଦାନ କରାଯିବ। ଏହା ହେଲେ କାର୍ଯ୍ୟ ଶୀଘ୍ର ଶେଷ ହେବ ବୋଲି ରାଓ କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ଦିନରେ ମାଡ଼ିଆସିଲା...

ହୋଇ ଫେରିଥିଲେ। କର୍ତ୍ତୃପକ୍ଷଙ୍କ ତରଫରୁ ସମସ୍ତ ପର୍ଯ୍ୟଟକଙ୍କୁ ଟିକେଟ ମୂଲ୍ୟ ଫେରାଇ ଦିଆଯାଇଥିଲା। କୁହୁଡ଼ି ଏତେ ଘନ ଥିଲା ଯେ ଦିନ ଦ୍ୱିପ୍ରହର ରାତି ଭଳି ଲାଗିଥିଲା। ଏପରିକି ୧୦୦ମିଟର ଦୂରରୁ ମଧ୍ୟ ସୂର୍ଯ୍ୟମନ୍ଦିର ଦେଖାଯାଉ ନ ଥିଲା। ସ୍ଥାନୀୟ ବ୍ୟବସାୟୀମାନେ କୁହୁଡ଼ି ଦେଖି ଭୟରେ ଦୋକାନ ବଜାର ବନ୍ଦ କରିଦେଇଥିଲେ। କୁହୁଡ଼ି ଯୋଗୁ ରାସ୍ତା ଦେଖାଯାଉ ନ ଥିବାରୁ ବାହାରୁ ଆସିଥିବା ପର୍ଯ୍ୟଟକ ଗାଡ଼ିଗୁଡ଼ିକ ରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପୂର୍ବରୁ ଏଭଳି ଘଟଣା କେବେ ଦେଖାଯାଇ ନ ଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର କେନ୍ଦ୍ରସ୍ଥ କର୍ମସ୍ଥାନରେ ବୁଧ ଓ କେତୁଙ୍କ ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। କିନ୍ତୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସଂସ୍ପର୍ଶରେ ଆସିବେ ଓ ସମ୍ମାନ, ପ୍ରତିଷ୍ଠା ମଧ୍ୟ ଲାଭ କରିବାର ସୁଯୋଗ ମିଳିବ। ଶନି କ୍ଷେତ୍ରସ୍ଥ ରବି ହେତୁ ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ।

**ବୃଷ** ରାଶି ଓ ଚନ୍ଦ୍ରଙ୍କ ଠାରୁ ଶୁଭସ୍ଥାନସ୍ଥ ଗ୍ରହ ଆପଣଙ୍କୁ ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ ଓ ପ୍ରଶଂସା ପ୍ରଦାନ କରିବ। ବୃହସ୍ପତି ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ। ପାପଯୁକ୍ତ ଚତୁର୍ଥାଧିପତି ହେତୁ ପାରିବାରିକ ଅଶାନ୍ତି ଜନିତ ମାନସିକ ଉଦ୍‌ବେଗ ବଢିପାରେ। କଳା, ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** ଧନସ୍ଥାନସ୍ଥ ରାହୁ ଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ରାଶ୍ୟାଧିପତି ଦୁଃସ୍ଥାନରେ ରହିଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିବ ଏବଂ ଘରୋଇ କ୍ଷେତ୍ରରେ ମଧ୍ୟ ସନ୍ତୋଷଜନକ ସ୍ଥିତି ରହି ନ ପାରେ।

**କର୍କଟ** ମନ ବିଚଳିତ ରହିବା କାରଣରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ସ୍ୱରାଶିସ୍ଥ ଚନ୍ଦ୍ର ପ୍ରଭାବରେ ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେବେ, ଯାହାକି ପରକ୍ଷଣରେ ସମସ୍ୟା ସୃଷ୍ଟି କରିବ। ନିର୍ମାଣ, ସଭାସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଅଷ୍ଟମଭାବସ୍ଥ ମଙ୍ଗଳ ହେତୁ ପାରିବାରିକ ଅଶାନ୍ତି ମନ ଭିତରେ ଭରି ରହିଥିଲେ ମଧ୍ୟ ଶୁକ୍ର ପ୍ରଭାବରେ କୌଣସି କାର୍ଯ୍ୟ ଅଟକି ରହିବ ନାହିଁ। ବୃହସ୍ପତିଙ୍କ ଦ୍ୱାରା କୌଣସି ନୂତନ ଯୋଜନାରମ୍ଭରେ ପ୍ରଥମେ ମୌଖିକ ଆଲୋଚନା କରିବା ଭଲ ହେବ। ତଥାପି ଅବହେଳା କାରଣରୁ ମଘା ନକ୍ଷତ୍ରର କେତେକ ସୁଯୋଗ ହାତଛଡା ହୋଇପାରେ।

**କନ୍ୟା** ଶନିଙ୍କ କୁପ୍ରଭାବରୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିପାରେ। ଏହା ସାଙ୍ଗକୁ ପାପଯୁକ୍ତ ଚନ୍ଦ୍ର ମଧ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଶୁକ୍ର ତୃତୀୟସ୍ଥ ହେତୁ କୌଣସି ଭଦ୍ର ମହିଳାଙ୍କ ସହଯୋଗରେ ଅବଶ୍ୟ ବକେୟା ଅର୍ଥ ପାଇପାରନ୍ତି।

**ତୁଳା** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ଲାଭ କରିବାର ସୁଯୋଗ ପ୍ରାପ୍ତ ହେବାର ଆଶା ରହିଛି। ବନ୍ଧୁମାନଙ୍କ ସାହାଯ୍ୟରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭ କରିବାର ଯୋଜନା କରିପାରନ୍ତି। ଚିତ୍ରା ନକ୍ଷତ୍ରର କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଆଜି ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ବିଚାର ଓ ଚିନ୍ତାଧାରା ଅନୁଯାୟୀ କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ଯାହାକୁ ନିଜର ମନେ କରୁଛନ୍ତି ସେହିମାନଙ୍କର କାର୍ଯ୍ୟକଳାପ ହିଁ ଆପଣଙ୍କ ଅଶାନ୍ତିର ପୃଷ୍ଠଭୂମି ସାଜିବ। କଳା ସାହିତ୍ୟ,ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ବ୍ୟବସାୟ ଓ ଯାତ୍ରା ପାଇଁ ପ୍ରସ୍ତୁତିପର୍ବ ଶେଷ କରିପାରନ୍ତି।

**ଧନୁ** ଶନି ରାଶିରେ ରହି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ କରି ରଖିପାରନ୍ତି। ଏଣେ ଅଷ୍ଟମ ଚନ୍ଦ୍ର ହେତୁ ଧନହାନି ସହ ମନର ଅସ୍ଥିରତା ବିଷାଦିତ କରି ରଖିପାରେ। ତଥାପି ଉତ୍ତରାଷାଢା ନକ୍ଷତ୍ର ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା ପାଇଁ ଚେଷ୍ଟା କରି ସଫଳତା ପାଇବେ।

**ମକର** ପାପଯୁକ୍ତ ଚନ୍ଦ୍ର ପ୍ରଭାବରେ ମାନସିକ ଅସ୍ଥିରତା ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ। ଦ୍ୱାଦଶସ୍ଥ ଶନି ଆପଣଙ୍କୁ ମୂଲ୍ୟହୀନ କଥାରେ ନିମଗ୍ନ କରାଇ ଅତୀତ ଘଟଣାରେ ବ୍ୟଥିତ କରାଇପାରେ। ଏକାଧିକ କାର୍ଯ୍ୟରେ ଅନୁପ୍ରବେଶ କୌଣସିଟାରେ ମଧ୍ୟ ସଫଳତା ଦେବ ନାହିଁ। ବନ୍ଧୁଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା, ଧାର କରଜ ଓ ପୂର୍ବ ଶତ୍ରୁତା ସମ୍ବନ୍ଧୀୟ ଦୁଶ୍ଚିନ୍ତା ମନକୁ ବିଚଳିତ କରିପାରେ। କୌଣସି କଥା କହିବା ପାଇଁ ପୂର୍ବରୁ ମନସ୍ଥ କରିଥିଲେ ମଧ୍ୟ ଆଜି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଆଜିଦିନରେ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଆଶାତୀତ ସଫଳତା ହାସଲ କରିପାରିବେ। ଲାଗି ରହିଥିବା ବାଦବିବାଦ କ୍ରମେ ଜଟିଳ ହୋଇପାରେ।

**ମୀନ** ପାପଯୁକ୍ତ ଚନ୍ଦ୍ର ମନ୍ତ୍ରଣାଭାବସ୍ଥ ହେତୁ ବିଶେଷ କାରଣ ନ ଥାଇ ମଧ୍ୟ ଆଜି ପରିବାରରେ ଟଣା ଓଟରା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଋଣ ପରିଶୋଧ ପାଇଁ ବ୍ୟଗ୍ରତା, ସମ୍ପର୍କୀୟମାନଙ୍କ ଅଭିଯୋଗ ମନକୁ ବିଭ୍ରାନ୍ତ କରିପାରେ। ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କ ଓ ଆଲୋଚନା ପ୍ରୀତିପ୍ରଦ ହେବନାହିଁ।

ଆଜି ପୌଷମାସର ଦେବାଭିଷେକ ପୂର୍ଣ୍ଣିମା ଦିବା ଘ୧୦।୫୪ମି. ପର୍ଯ୍ୟନ୍ତ, ପୁଷ୍ୟାଭିଷେକ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, ପୌଷବନ୍ଦାପନା, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ ପ୍ରସିଦ୍ଧ ଧନୁଯାତ୍ରା ଶେଷ, ମାଘବ୍ରତାରମ୍ଭ, ଜାନୁୟାରୀ ୨୧ ତାରିଖ, ସୋମବାର, ରାଶି ନକ୍ଷତ୍ର, ପୁଷ୍ୟା/କର୍କଟ, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ମଧ୍ୟେ ଘ୧।୨୬ମି. ଗତେ, ଘ୨।୪୯ମି. ମଧ୍ୟେ ଅମୃତବେଳା । ଦିବା ଘ୯।୧୬ମି. ଗତେ ଘ୧୦।୩୯ମି. ମଧ୍ୟେ ମାହେନ୍ଦ୍ରବେଳା।

# ପରଦା ପଛର ନାୟକ

ସଙ୍ଗୀତ ହେଉଛି ନାଟକର ଜୀବନ । ସଙ୍ଗୀତ ବିନା ନାଟକ ନିର୍ଜୀବ ଶବ ଭଳି । ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଏକ ପୌରାଣିକ କଥାବସ୍ତୁକୁ ନେଇ ଏକ ନାଟକ ମାତ୍ର । ସେହି ନାଟକରେ ଯେଉଁ ସଙ୍ଗୀତ ସଂଯୋଜନା କରାଯାଉଛି, ତାହାଦ୍ୱାରା ଧନୁଯାତ୍ରା ଲୋକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇ ପାରୁଛି । ଏହା ସହିତ ଧନୁଯାତ୍ରାରେ ବହୁ ଶିକ୍ଷଣୀୟ ତଥ୍ୟ ମଧ୍ୟ ଲୋକଲୋଚନକୁ ଆସିପାରୁଛି । ଏହି ସଙ୍ଗୀତ ସଂଯୋଜନାରେ ଯେଉଁ କଳାକାରମାନେ ଅଛନ୍ତି, ସେମାନେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପରଦା ପଛରେ ରହି ଯାଇଛନ୍ତି । ସଙ୍ଗୀତ ସଂଯୋଜନାରେ ନିୟୋଜିତ ସେହି କଳାକାର ଏବଂ ସେମାନଙ୍କ ଦିଗ୍‌ଦର୍ଶକଙ୍କୁ ନେଇ ଏଥର ଏକ ଉପସ୍ଥାପନା...


ରାଜ ଦରବାରରେ ସଙ୍ଗୀତ ସଂଯୋଜନା କରୁଥିବା କଳାକାରମାନେ ।


" ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମରେ ଘର । କଣ୍ଠଦାନ, ସଙ୍ଗୀତ ସହିତ ନାଟକରେ ଅଭିନୟ ମୋର ରୁଚି । ଆଗରୁ ପ୍ରାୟ ଅଢ଼େଇ ଶହ ଧନୁଯାତ୍ରା କାର୍ଯ୍ୟକ୍ରମ ସହିତ ବିଭିନ୍ନ ଉତ୍ସବରେ ଯୋଗ ଦେଇଥିଲି । କିନ୍ତୁ ଧନୁଯାତ୍ରା ମହୋତ୍ସବରେ ଏଥର ପ୍ରଥମ ଥର ଅଂଶଗ୍ରହଣ କରିଛି । ଏଠାରେ କଣ୍ଠଦାନ, ସଙ୍ଗୀତ ସହିତ ନାରଦ ଭୂମିକାରେ ଅଭିନୟ ମଧ୍ୟ କରୁଛି । ମୁଁ ଜଣେ ସଂକୀର୍ତ୍ତନ ଗାୟକ । କିନ୍ତୁ ଏହି ମହୋତ୍ସବରେ ଏଥର ଭାଗ ନେଇ ଯେଉଁ ଆତ୍ମତୃପ୍ତି ମିଳୁଛି, ତାହା ଅବର୍ଣ୍ଣନୀୟ ।–**ଜଗନ୍ନାଥ ସାହୁ**


" ସୁବର୍ଣ୍ଣପୁର ଜିଲା ରାମପୁର ନିକଟ ବଲେନପାଲି ମୋର ଗାଁ । ମୁଁ ଜଣେ ସାଧାରଣ ଚାଷୀ । କିନ୍ତୁ ଯାନିଯାତ୍ରା, ମହୋତ୍ସବରେ ତବଲା ବାଦନ ପ୍ରତି ମୋର ଆଗ୍ରହ ରହିଛି । ଏହା ସହିତ ଅନେକ ଧନୁଯାତ୍ରା, ପ୍ରବଚନ, ପାରାୟଣ, ଭଜନ କାର୍ଯ୍ୟକ୍ରମରେ ମଧ୍ୟ ଆଗରୁ ସାମିଲ ହୋଇଛି । କିନ୍ତୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏକ ଅଂଶ ଭାବେ ଯେଉଁ ସୁଯୋଗ ମିଳିଛି, ତାକୁ କେବେ ମଧ୍ୟ ଭୁଲି ପାରିବି ନାହିଁ । ଏଥର ଏହି ମହୋତ୍ସବକୁ ପ୍ରଥମଥର ପାଇଁ ଆସିଛି । ଆଗକୁ ସୁଯୋଗ ମିଳିଲେ ପୁଣି ଏଠାକୁ ଆସିବି ।–ଯୋଦ୍ଧାନନ୍ଦ ମାଝି


" ବରଗଡ଼ ଜିଲା ବିଜେପୁର ବ୍ଲକ ପ୍ରଧାନପାଲିରେ ମୋର ଘର । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ପ୍ୟାଡ୍ ବାଦନ କରୁଛି । ଯୁକ୍ତଦୁଇ ପର୍ଯ୍ୟନ୍ତ ପଢ଼ିଛି । ଘରେ ଚାଷକାମ କରିଥାଏ । ପୂର୍ବରୁ ଉଲୁଣ୍ଡା, ସାଏପୁର, ମହାଲିଙ୍ଗ ଆଦି ଧନୁଯାତ୍ରାରେ ସାମିଲ ହୋଇ ତବଲା ବାଦନ କରିଛି । କିନ୍ତୁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ତବଲା ବାଦନ କରିବା ଅନନ୍ୟ । ଅନ୍ୟ କିଛି କାର୍ଯ୍ୟକ୍ରମରେ ମଧ୍ୟ ତବଲା ବାଦକ ଭାବେ ଯୋଗ ଦେଇଛି । କିନ୍ତୁ ଏଠାରେ ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ତବଲା ବାଦନ କରି ଯେଉଁ ଖୁସି ମିଳିଛି, ତାକୁ କେବେ ମଧ୍ୟ ଭୁଲି ପାରିବି ନାହିଁ ।–ସୁଶାନ୍ତ ପାଣ୍ଡେ


" ମୁଁ ବଲାଙ୍ଗୀର ଜିଲାର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଛି । ଗତ ୭ବର୍ଷ ହେଲା ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇ କଣ୍ଠଦାନ କରି ଆସୁଛି । ଏହା ବ୍ୟତୀତ ପାରାୟଣ ମଧ୍ୟ ପାଠ ତଥା ଗାନ କରିଥାଏ । ମାମିଆଁ, ଝାରମୁଣ୍ଡା, ଭାଲେର ଆଦି ଧନୁଯାତ୍ରାରେ କଣ୍ଠଦାନ କରିଛି । କିନ୍ତୁ କଳା ପ୍ରଦର୍ଶନ ପାଇଁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଯେଉଁ ଉତ୍କୃଷ୍ଟ କ୍ଷେତ୍ର ରହିଛି, ତାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ । ଏଭଳି ଏକ ମହୋତ୍ସବରେ ସାମିଲ ହେବାର ସୌଭାଗ୍ୟ ଲାଭ କରି ନିଜକୁ ଧନ୍ୟ ମନେ କରୁଛି ।–ପାର୍ଥବୀ ଗୁରୁ


" ବଲାଙ୍ଗୀର ଜିଲା ଯୋଗୀସର୍ଡ଼ା ଗ୍ରାମରେ ଘର । ବାପା ସ୍ୱର୍ଗତ ଦିଗମ୍ବର ଥନାପତିଙ୍କ ସଙ୍ଗୀତ କଳା ପ୍ରତି ବେଶ ରୁଚି ରହିଥିଲା । ଫଳରେ ବାପାଙ୍କ ପ୍ରେରଣାରୁ ମୁଁ ସଙ୍ଗୀତ ଜଗତକୁ ପ୍ରବେଶ କରିଛି । ବଂଶୀ, ସାହାନାଇ, କ୍ଲାରିନେଟ୍, ହାଭେନ୍ ଗୀଟାର୍, ବେଞ୍ଜୁ ଆଦି ବ୍ଲୋଇଙ୍ଗ ଇନଷ୍ଟ୍ରୁମେଣ୍ଟ ବଜାଇବା ମୋ ନିଶା ଏବଂ ଜଣେ ସଙ୍ଗୀତ ବିଶାରଦ । ଶିବପୂଜା ମୋର ଜୀବିକା ହୋଇଥିଲେ ମଧ୍ୟ ଆକାଶବାଣୀର ଜଣେ ମାନ୍ୟତାପ୍ରାପ୍ତ କଳାକାର । ରାଜ୍ୟ ତଥା ରାଜ୍ୟ ବାହାର ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇଛି । କିନ୍ତୁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାମିଲ ହେବା ନିଶ୍ଚିତ ଭାବେ ନିଆରା ।–ଗିରିଧାର ଥନାପତି


" ଏହିବର୍ଷ ସଙ୍ଗୀତ ସଂଯୋଜନାରେ ଯେଉଁ କଳାକାରମାନେ ନିୟୋଜିତ ହୋଇଛନ୍ତି, ସେମାନେ ନିଜ କ୍ଷେତ୍ରରେ ମହାନ ଅଟନ୍ତି । ସେମାନଙ୍କ ସଙ୍ଗୀତ ପାରଦର୍ଶିତା ଉତ୍କୃଷ୍ଟ । ତେଣୁ ଧନୁଯାତ୍ରା ସଫଳ ହୋଇ ପାରୁଛି । ମଞ୍ଚ କଳାକାରଙ୍କ ସହିତ ସଙ୍ଗୀତ କଳାକାରଙ୍କ ଉତ୍ତମ ସମନ୍ୱୟ ରହି ପାରୁଥିବା ଆମେ ଅନୁଭବ କରୁଛୁ । ସଙ୍ଗୀତ ମୂର୍ଚ୍ଛନାରେ ମଞ୍ଚ କଳାକାରମାନେ ସେମାନଙ୍କ ଉନ୍ନତ ପ୍ରଦର୍ଶନ ଜାରି ରଖିଛନ୍ତି । ଆଗକୁ ମଧ୍ୟ ସେମାନେ ଏଭଳି ପ୍ରଦର୍ଶନ ଜାରି ରଖିବେ ଏବଂ ଧନୁଯାତ୍ରା ଆହୁରି ଆକର୍ଷଣୀୟ ଏବଂ ଉପଭୋଗ୍ୟ ହେବ ବୋଲି ଆଶା ରହିଛି ।–ନକୁଳ ବାଦୀ, ଦିଗ୍‌ଦର୍ଶକ

ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍

## ଧନୁଯାତ୍ରା ଝଲକ୍...


ରାଜଘାଟରେ କୃଷ୍ଣ ବଳରାମଙ୍କ ସହିତ ରଜକଙ୍କ ସାକ୍ଷାତ ।


କୃଷ୍ଣ ବଳରାମଙ୍କ ଆଗମନ ଅପେକ୍ଷାରେ ଉପଜିଲାପାଳ ଓ ତାଙ୍କ ସ୍ତ୍ରୀ ।


ଧନୁଯାତ୍ରାରେ ସଂଗୀତ ସଂଯୋଜନା କରୁଛନ୍ତି ।

ବରଗଡ଼ ଧନୁଯାତ୍ରା

# ମଥୁରାରେ ବେନିଭାଇ, ଆଜି କଂସ ବଧ

**ମଥୁରାନଗରୀ,୨୦।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଦଶମ ଦିବସ ରବିବାର ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କ ମଥୁରା ପରିଭ୍ରମଣ ମୁଖ୍ୟ ଆକର୍ଷଣ ରହିଥିଲା । ବେନିଭାଇଙ୍କ ପରିଭ୍ରମଣ ବାଟରେ ଘରେ ଘରେ ମଥୁରାବାସୀ ପୂଜାର୍ଚ୍ଚନା କରିଥିଲେ । ସେହିପରି ଦୋଳିରେ ବସାଇ ଭକ୍ତମାନେ ଉଭୟଙ୍କୁ ଝୁଲାଇଥିଲେ । ପରିଭ୍ରମଣ ସମୟରେ ରାଜଘାଟରେ ରଜକଙ୍କ ସହିତ ସେମାନଙ୍କ ସାକ୍ଷାତ ହୋଇଥିଲା । ରଜକଙ୍କୁ ଦେଖି ଶ୍ରୀକୃଷ୍ଣ, ବଳରାମ ପୋଷାକ ମାଗିଥିଲେ । ରଜକ ପ୍ରଥମେ ପୋଷାକ ଦେବାକୁ ମନା କରି ପରେ ଶ୍ରୀକୃଷ୍ଣ, ବଳରାମଙ୍କୁ ତାହା ପ୍ରଦାନ କରିଥିଲେ । ଖଜୁରଟିକ୍ରା ସ୍କୁଲର ଶିଶୁ ମଣ୍ଡପରେ ସୁଦାମା ମାଳିଙ୍କ ସହିତ ବେନିଭାଇଙ୍କ ଦେଖା ହୋଇଥିଲା ଏବଂ ସେଠାରେ ସୁଦାମା ମାଳି ଶ୍ରୀକୃଷ୍ଣଙ୍କ ଗୁଣଗାନ କରି ବେନିଭାଇଙ୍କୁ ଫୁଲମାଳ ପ୍ରଦାନ କରିଥିଲେ । ଏହାପରେ ବେନିଭାଇ ସ୍ଥାନୀୟ ଗୌରୀଶଙ୍କର ମନ୍ଦିର ଦେଇ ମଥୁରାଭ୍ରମଣ କରିବା ବାଟରେ ବରଗଡ଼ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ତଥା ସରକାରୀ ବାସଭବନକୁ ଯାଇଥିଲେ । ସେଠାରେ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ସସ୍ତ୍ରୀକ ବେନିଭାଇଙ୍କୁ ନେଇ ମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଶ୍ରୀକୃଷ୍ଣ, ବଳରାମ ମାଁ ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚିଥିଲେ ଏବଂ କୁବ୍‌ଜାଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ ।

ଅନ୍ୟପଟେ ପୂର୍ବଦିନ ଭଳି ମହାରାଜ କଂସ ରାଜମହଲରୁ ଦିଗ୍‌ବିଜୟରେ ବାହାରିଥିଲେ । ଦିଗ୍‌ବିଜୟ ସାରି ହାଟପଦାସ୍ଥିତ ରଙ୍ଗମହଲ ଆସି ନୃତ୍ୟଗୀତରେ ମସଗୁଲ ହେବା ପରେ ଲୋକମଣ୍ଡପ ପଡ଼ିଆର ରାଜ ଦରବାରକୁ ପହଞ୍ଚିଥିଲେ । ଶ୍ରୀକୃଷ୍ଣ, ବଳରାମ ମଥୁରାରେ ପହଞ୍ଚିଥିବା ଖବର ପାଇ କଂସ ମହାରାଜ ଖୁସି ହୋଇ ନାଚଗୀତରେ ବିଭୋର ହୋଇ ପଡ଼ିଥିଲେ । ମହାରାଜ କଂସ ରାଜ ଦରବାରର ଶୟନ କକ୍ଷରେ ବିଶ୍ରାମ ନେଇଥିବାବେଳେ ଶ୍ରୀକୃଷ୍ଣଙ୍କୁ ବଂଶୀ ବାଦନ ଅବସ୍ଥାରେ ସ୍ୱପ୍ନ ଦେଖି ଚିନ୍ତିତ ଓ ଭୟଭୀତ ହୋଇପଡ଼ିଥିଲେ । ଏହାପରେ ରାଜ ଦରବାରକୁ ଆସି ନିଜର ଭୟ, ଚିନ୍ତା ଦୂର କରିବା ପାଇଁ ନାଚଗୀତର ଆୟୋଜନ କରିଥିଲେ । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଧନୁଯାତ୍ରା ମହୋତ୍ସବକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଉଛି ଏବଂ ଏହାକୁ ବୃଦ୍ଧି କରିବା ପାଇଁ ବିଧାୟକ ଦେବେଶ ଆଚାର୍ଯ୍ୟ ଅନୁରୋଧ କରିବା ପରେ ମନ୍ତ୍ରୀ ପଣ୍ଡା ତାକୁ ଦ୍ୱିଗୁଣିତ କରି ଚଳିତବର୍ଷରୁ ବରଗଡ଼ ଧନୁଯାତ୍ରାକୁ ୨୦ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦେବା ପାଇଁ ମଞ୍ଚରେ ଘୋଷଣା କରିଥିଲେ । ସୋମବାର ରାତ୍ରିରେ କଂସବଧ ସହିତ ଚଳିତ ଧନୁଯାତ୍ରା ମହୋତ୍ସବ ଶେଷ ହେବ ।



ଶ୍ରୀକୃଷ୍ଣ ବଳରାମଙ୍କ ସହିତ ସୁଦାମାମାଳୀର ସାକ୍ଷାତ ଦୃଶ୍ୟ ।

ଅଭିନନ୍ଦନ ଓ ଶୁଭେଚ୍ଛା
ଧନୁଯାତ୍ରା ଓ ନବବର୍ଷ ଉପଲକ୍ଷେ ମଥୁରା, ଗୋପବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସର୍ଭିଙ୍କ ଜୀବନରେ ସୁଖ ସମୃଦ୍ଧି ଆସୁ । ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।
ଲିପସିତ୍ ମିଶ୍ର
ସାଧାରଣ ସମ୍ପାଦକ
ଜିଲା ଓକିଲ ସଂଘ, ବରଗଡ଼


ଅଭିନନ୍ଦନ ଓ ଶୁଭେଚ୍ଛା
ଅଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ଧନୁଯାତ୍ରା ଓ ନବବର୍ଷ ଉପଲକ୍ଷେ ମଥୁରା ଓ ଗୋପବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଏ । ଚାଷୀ ଭାଇ, ଭଉଣୀଙ୍କ ଜୀବନରେ ସୁଖ ସମୃଦ୍ଧି ଆସୁ । ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।

ରାଜକୁମାର ପ୍ରଧାନ
ସମ୍ପାଦକ

ସମୀର କୁମାର ସିଂ
ସଭାପତି

ଅଭିନନ୍ଦନ ଓ ଶୁଭେଚ୍ଛା
ଧନୁଯାତ୍ରା ଓ ନବବର୍ଷ ଉପଲକ୍ଷେ ମଥୁରା, ଗୋପବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସର୍ଭିଙ୍କ ଜୀବନରେ ସୁଖ ସମୃଦ୍ଧି ଆସୁ ।

ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।
ଡା.ଅରୂପାନନ୍ଦ ସାହୁ
ଜିଲା ଭାଜପା ସଭାପତି
ବରଗଡ଼

ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲି., ବରଗଡ଼
ବିଶ୍ୱପ୍ରସିଦ୍ଧ ୭୦ତମ ବରଗଡ଼ ବିରାଟ ଧନୁଯାତ୍ରା ଓ ନବବର୍ଷ–୨୦୧୯ ଉପଲକ୍ଷେ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ । ଏହି ଅଞ୍ଚଳର ସମସ୍ତ ପରିବାର ହସଖୁସିରେ ଓ ଆନନ୍ଦ ଉଲ୍ଲାସରେ ଏହି ଯାତ୍ରାକୁ ଉପଭୋଗ କରିବା ସହିତ ଏ ବର୍ଷଟିକୁ ସରସ ସୁନ୍ଦର ଭାବେ ଓ ସୁରୁଖୁରୁରେ ଅତିବାହିତ କରନ୍ତୁ, ଏହା ହିଁ ଆମ୍ଭର କାମ୍ୟ । ନିଜର ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଲୋଡ଼ୁଅଛୁ ।

ଶ୍ରୀ ଗୁରୁକୃଷ୍ଣ ଦାସ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀ ଅମରେନ୍ଦ୍ର ଗଙ୍ଗଦେବ
ସଭାପତି

ORMAS
PR & DW Department
Government of Odisha
I ♥ BARGARH
ପଲ୍ଲୀଶ୍ରୀ ମେଳା
ବରଗଡ଼ – ୨୦୧୯
11th to 21st January 2019

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
- ଚାଷ ପାଇଁ ସହାୟତା: କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୫୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ୫ଟି କିସ୍ତିରେ ।
- ଭୂମିହୀନଙ୍କୁ ସହାୟତା: ଭୂମିହୀନ ପରିବାରଙ୍କ ଜୀବିକା ଅର୍ଜନ, କୃଷି ଆନୁଷଙ୍ଗିକ ବୃତ୍ତି ପାଇଁ ୧୨,୫୦୦ ଟଙ୍କା ଲେଖାଏଁ ସହାୟତା ।
- ବୃଦ୍ଧ ଓ ଅସମର୍ଥଙ୍କୁ ସହାୟତା: ବୃଦ୍ଧାବସ୍ଥାରେ ଥିବା କିମ୍ବା ଅନ୍ୟ କୌଣସି କାରଣରୁ ଅସମର୍ଥ ହୋଇଥିବା ଚାଷୀଙ୍କୁ ବାର୍ଷିକ ୧୦ହଜାର ଟଙ୍କା ଆର୍ଥିକ ସହାୟତା ।
- ସୁଧମୁକ୍ତ ଋଣ ସହାୟତା: ଫସଲ ଉତ୍ପାଦନ ପାଇଁ ସୁଧମୁକ୍ତ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା(୨୦୧୯–୨୦) ।
- ଜୀବନବୀମା ସହାୟତା: ଚାଷୀ ଓ ଭୂମିହୀନ ପରିବାରଙ୍କୁ ୨ଲକ୍ଷ ଟଙ୍କାର ଜୀବନବୀମା ଓ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମାର ସୁବିଧା ସହାୟତା ।
ଦିନବନ୍ଧୁ ଗାନ୍ଧୀ, କୃଷି ଉପନିର୍ଦ୍ଦେଶକ, ବରଗଡ଼

ଅଭିନନ୍ଦନ ଓ ଶୁଭେଚ୍ଛା
ଧନୁଯାତ୍ରା ଓ ନବବର୍ଷ ଉପଲକ୍ଷେ ମଥୁରା ଓ ଗୋପବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସର୍ଭିଙ୍କ ଜୀବନରେ ସୁଖ ସମୃଦ୍ଧି ଆସୁ ।


ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।
ପୁଷ୍ପାଞ୍ଜଳୀ କଲତା
ସରପଞ୍ଚ,
କୁରୁଆଁ ଗ୍ରାମ ପଞ୍ଚାୟତ, ବରଗଡ଼

ସଚେତନତା ହିଁ ଦୁର୍ଘଟଣା ରୋକିବାର ମାଧ୍ୟମ
- ଦ୍ରୁତଗତି ମହାବିପତ୍ତି, ସଡ଼କ ସୁରକ୍ଷା ଜୀବନରକ୍ଷା ।
- ମୋବାଇଲରେ କଥାହୋଇ ଗାଡ଼ି ଚଲାନ୍ତୁ ନାହିଁ ।
- ବାଇକ୍ ଚାଳନାବେଳେ ହେଲମେଟ୍ ପିନ୍ଧନ୍ତୁ ।
- ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଲାନ୍ତୁ ନାହିଁ ।
- ଟ୍ରାଫିକ ନିୟମ ମାନନ୍ତୁ, ଦୁର୍ଘଟଣାରୁ ରକ୍ଷା ପାଆନ୍ତୁ ।

ପଦ୍ମଲୋଚନ ଭୋସାଗର
ପଶ୍ଚିମଓଡ଼ିଶା ଟ୍ରାଫିକ ସଚେତନତା
ସଂଯୋଜକ
ମୋ:–୭୬୦୦୯୦୯୯୨୫୬, ୭୬୦୯୦୯୯୨୭୨

ନବବର୍ଷ ଓ ଧନୁଯାତ୍ରା ମହୋତ୍ସବର ଅଭିନନ୍ଦନ
ମଥୁରାନଗରୀର ସମସ୍ତ ଭାଇ, ଭଉଣୀଙ୍କୁ ବଡ଼ଦିନ ଓ ନବବର୍ଷର ଅନେକ ଅନେକ ଶୁଭେଚ୍ଛା । ନବବର୍ଷ ପ୍ରେମ, ଶାନ୍ତି ଓ ପ୍ରଗତିର ବର୍ଷ ହେଉ । ପ୍ରଭୁ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ଏହା ହିଁ ଆମର ପ୍ରାର୍ଥନା ।

ଚନ୍ଦ୍ରଶେଖର ବାଗ

କୁମୁଦିନୀ ବାଗ
ଓଡ଼ିଶା ଏଣ୍ଟରପ୍ରାଇଜେସ୍
ଗାନ୍ଧୀନଗର, ୱାର୍ଡ଼ ନଂ–୧୬, ବରଗଡ଼

ନବବର୍ଷ ଓ ଧନୁଯାତ୍ରା ମହୋତ୍ସବର ଶୁଭେଚ୍ଛା
- ଆସନ୍ତୁ, ସମସ୍ତେ ମିଳିମିଶି ବରଗଡ଼ର ବିକାଶରେ ସାମିଲ୍ ହେବା ।
- ୨୦୧୯ ମଥୁରାନଗରୀ ଓ ଗୋପପୁରବାସୀଙ୍କ ସୁଖ ସମୃଦ୍ଧିର ବର୍ଷ ହେଉ ।
ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।

ଦେବେଶ ଆଚାର୍ଯ୍ୟ
ବିଧାୟକ ତଥା ଅଧ୍ୟକ୍ଷ
ଜିଲା ଯୋଜନା କମିଟି, ବରଗଡ଼

DIFFERENT BY DESIGN, THOUGHT AND VALUES

BA - Honours
BCom - Honours
Bachelor of Business Administration (BBA)
Bachelor of Computer Applications (BCA)
BSc - Computer Science (Hons)
MSc - Computer Science
IMPERIAL COLLEGE
TEL: +91 95835 94835
Vidya Vihar, Chadeigaon, Bargarh
VISIT: WWW.IMPERIAL.EDU.IN

# ମୋଦି: ସବୁଥିରେ ଆଙ୍ଗୁଠି

ସାଧାରଣ ନିର୍ବାଚନ ଯେତେ ନିକଟତର ହେଉଛି, ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଲାଣି। ଜାନୁୟାରୀ ୧୯ରେ କୋଲକାତାରେ ବିରୋଧୀଙ୍କ ରାଲିର କଳେବର ଦେଖିଲେ ମହାଗଠବନ୍ଧନ ଶକ୍ତିଶାଳୀ ହେଉଥିବା ମନେହେଉଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ବିରୋଧୀ ଯେଉଁଭଳି ରଣହୁଙ୍କାର ଦେଇଛନ୍ତି, ତାହାକୁ ହାଲୁକା ଭାବେ ନେବା କଥା ନୁହେଁ। ଜାତୀୟ ଦଳ କଂଗ୍ରେସ, ବିଏସ୍‌ପି, ଏନ୍‌ସିପି, ତୃଣମୂଳ କଂଗ୍ରେସ ସହ ଆଞ୍ଚଳିକ ଦଳଗୁଡ଼ିକର ନେତା ଏକାଠି ହୋଇ ବିଭିନ୍ନ ଦିଗରୁ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ, ସାମ୍ପ୍ରତିକ ପରିସ୍ଥିତିରେ ସ୍ଥାନୀୟ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରାଜ୍ୟସ୍ତରରେ ନିର୍ବାଚନ ହେଉଥିବାରୁ ଆଞ୍ଚଳିକ ଦଳଗୁଡ଼ିକ ନିଶ୍ଚିତ ଗୁରୁତ୍ୱ ବହନ କରିବେ। ଏତଦ୍‌ବ୍ୟତୀତ ନିକଟରେ ୩ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପରାଜୟ ଓ ଦେଶବ୍ୟାପୀ ଏହି ଦଳ ପ୍ରତି ଜନସାଧାରଣଙ୍କ ଅସନ୍ତୋଷ ଯେଭଳି ବଢ଼ିଚାଲିଛି, ଆଗାମୀ ସାଧାରଣ ନିର୍ବାଚନରେ ମୋଦିଙ୍କ ଶାସନ ବିରୋଧରେ ସେହି ସ୍ୱର ପ୍ରତିଫଳିତ ହେବାର ଚିନ୍ତାଧାରା ସୁଦୃଢ଼ ହୋଇଛି। କୋଲକାତା ସମାବେଶରେ ବିରୋଧୀଙ୍କ ଆକାର ଦେଖି ମୋଦି ଭୟଭୀତ ହେବା ଭଳି ଜଣାପଡ଼ିଲେଣି। କାରଣ ସେ ଉକ୍ତ ରାଲିକୁ କେବଳ ମୋଦିଙ୍କ ବିରୋଧରେ ନୁହେଁ, ସମଗ୍ର ଦେଶ ବିରୋଧରେ ବୋଲି କହିବାକୁ ପଛାଇ ନାହାନ୍ତି। ନିଜ ସପକ୍ଷରେ ସମବେଦନା ଗୋଟାଇବା ଲକ୍ଷ୍ୟରେ ସେ ଦେଶବାସୀଙ୍କ କଥା କହି ଚତୁରତା ଦେଖାଇଛନ୍ତି ବୋଲି କୁହାଯାଉଛି।

୨୦୧୪ ନିର୍ବାଚନ ପୂର୍ବରୁ ମୋଦିଙ୍କର ସ୍ୱପ୍ନ ଦେଖାଇବାର ଦକ୍ଷତା ଦେଶବାସୀ ଭୁଲିନାହାନ୍ତି। ବହୁଳ ପରିମାଣରେ ଆସନ ଜିଣି ଲୋକ ସଭାରେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବା ସତ୍ତ୍ୱେ, ମୋଦିଙ୍କ ତୁଣ୍ଡ ଚୁପ୍ ପଡ଼ିଲାନାହିଁ। ରେଡିଓରେ 'ମନ୍ କି ବାତ୍', ଟେଲିଭିଜନରେ ନିତିଦିନ ବିଭିନ୍ନ ସ୍ଥାନରୁ ସିଧା ପ୍ରସାରଣ ଏବଂ ବାସ୍ତବରେ ଦେଶ ଭିତରେ ଓ ବାହାରେ ଗସ୍ତ କରି ମୋଦିଙ୍କର ବକ୍ତବ୍ୟ ଆଜି ତାଙ୍କର କାଳ ହେବାକୁ ବସିଲାଣି ବୋଲି ସ୍ପଷ୍ଟ ଜଣାପଡୁଛି। 'ଗାତର ଦୋଷ' ଗଳ୍ପ ଭଳି କ୍ଷମତା ବାହାରେ ଥିବା ମୋଦିଙ୍କ ଗଣତାନ୍ତ୍ରିକ ଆଭିମୁଖ୍ୟ ସହିତ କ୍ଷମତାରେ ରହି ଅଗଣତାନ୍ତ୍ରିକ ଓ ଏକଛତ୍ରବାଦୀ ମନୋଭାବରେ କାର୍ଯ୍ୟ କରିବା ଖାପ ଖାଇଲା ନାହିଁ। ବିଦେଶରୁ କଳାଧନ ଫେରାଇଆଣିବା, ସୀମା ଆରପଟୁ ଆକ୍ରମଣ ହେଲେ ଭାରତ ତରଫରୁ, ଅନ୍ୟତ୍ର ନ ଯାଇ, ପାକିସ୍ତାନକୁ ଆକ୍ରମଣ କରିବା ଭଳି କଥା କହିବା ସହିତ ଆଧାର ଏବଂ ଜିଏସ୍‌ଟି ଯୋଜନାଗୁଡ଼ିକୁ ମଧ୍ୟ ମୋଦି ବିରୋଧ କରିଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ, ମୋଦି ସେହି ଗାତରେ ପଶି ଗରିବ ଜନସାଧାରଣ ବିରୋଧୀ ପାଲଟିଗଲେ। ତାଙ୍କ ପାଇଁ ସବୁଠାରୁ ଅଧିକ କ୍ଷତିକାରକ ହେଲା ବିମୁଦ୍ରୀକରଣ। ଗୋ-ରକ୍ଷକଙ୍କ ତାଣ୍ଡବଲୀଳା ଯୋଗୁ ଗ୍ରାମାଞ୍ଚଳର ଭାରତୀୟ ଯେତିକି କଷ୍ଟ ପାଇଲା, ତା'ଠାରୁ ଅଧିକ କଷ୍ଟ ବିମୁଦ୍ରୀକରଣ ମାଧ୍ୟମରେ ଘଟିଥିବା ଆର୍ଥିକ କ୍ଷତି ଗରିବ ନାଗରିକଙ୍କୁ ପ୍ରବଳ ଦୁଃଖ ଦେଇଛି। ଭାରତର ଶିକ୍ଷିତ ସମାଜରେ ଅସହିଷ୍ଣୁତା, ଅସାମ୍ବିଧାନିକ ଭାବେ ସରକାରୀ କାର୍ଯ୍ୟ, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କ ତୁଟିଯିବାଠାରୁ ଆରମ୍ଭ କରି ଆରବିଆଇ, ସିବିଆଇ ଏପରି କି ସଂସଦୀୟ ବ୍ୟାପାରରେ ମୋଦିଙ୍କ ସିଧାସଳଖ ହସ୍ତକ୍ଷେପ ଏହି ଶ୍ରେଣୀକୁ ବ୍ୟସ୍ତ କରିଛି।

ହାତଗଣତି ବ୍ୟବସାୟୀଙ୍କ ପରିବାରକୁ ମୋଦିଙ୍କ ଅନୁକମ୍ପା ସମସ୍ତଙ୍କ ଦୃଷ୍ଟିଗୋଚର ହୋଇଛି। ଏହା ସ୍ୱୀକାରଯୋଗ୍ୟ ଯେ, ମୋଦିଙ୍କ କର୍ପୋରେଟ ପ୍ରୀତି ଖୋଲାଖୋଲି ବୁଝାପଡ଼ିଲା। କିନ୍ତୁ ସାମାଜିକ ଅସ୍ଥିରତା ଓ ଅର୍ଥନୈତିକ ବାତାବରଣକୁ ଅଶାନ୍ତ କରିବାରେ ମଧ୍ୟ ମୋଦିଙ୍କର ପ୍ରମୁଖ ଭୂମିକା ଦେଶରେ ପୁଞ୍ଜି ବିନିଯୋଗ କରାଇବାରେ ସହାୟକ ହେଲା ନାହିଁ। ଯେହେତୁ ପୁଞ୍ଜି ଲାଗିଲା ନାହିଁ, ସେହେତୁ ନୂଆ କଳକାରଖାନା ଗଢ଼ିଉଠିଲା ନାହିଁ। ଏହାଫଳରେ ନିଯୁକ୍ତି ସୁଯୋଗ ବଢ଼ିବାର କୌଣସି ସମ୍ଭାବନା ମୋଦିଙ୍କ ଦ୍ୱାରା ସୃଷ୍ଟି କରାଗଲା ନାହିଁ।

ଏଭଳି ଏକ ବିରାଟକାୟ ବିଫଳତାର ଅନେକ କାରଣ ଥାଇପାରେ। ଆମେ ଜାଣିବାରେ କେତେକ ମୁଖ୍ୟ କାରଣ ଉଲ୍ଲେଖ କରାଯାଇପାରିବ। ପ୍ରଥମେ, ମୋଦି ଜଣେ ଅତ୍ୟନ୍ତ ଦୃଢ଼ ଏବଂ ଶକ୍ତିଶାଳୀ ଆଞ୍ଚଳିକ ନେତା ହୋଇପାରନ୍ତି। ତେବେ ଏକ ଜାତୀୟସ୍ତର ନେତା ହେବାର ସୁଯୋଗ ପାଇଲେ ମଧ୍ୟ ଭାରତର ସାମାଜିକ, ଧାର୍ମିକ ଏବଂ ଭାଷା ବିବିଧତାକୁ ହୃଦୟଙ୍ଗମ କରିବାରେ ତାଙ୍କର ସକ୍ଷମତା ନାହିଁ ବୋଲି ସ୍ପଷ୍ଟ ବୁଝାପଡୁଛି। ଦ୍ୱିତୀୟରେ ହିନ୍ଦୀ-ହିନ୍ଦୁ ଚିନ୍ତାଧାରାରେ ଯାଇ ମୋଦି ମାଡ଼ ଖାଇଯାଉଛନ୍ତି। ତୃତୀୟ ବିଷୟ ପୂର୍ବରୁ ଯାହା ଉଲ୍ଲେଖ କରିଛେ ତାହା ହେଲା ମୋଦିଙ୍କ ଅନର୍ଗଳ ଭାଷଣ ଦେବାର ପ୍ରେମ। ଏହା ସ୍ୱୀକାର କରିବାକୁ ହେବ ଯେ ନେତାଙ୍କର ସମ୍ପୂର୍ଣ୍ଣ ନୀରବ ରହିବା ଯେତିକି ମାରାତ୍ମକ, ଅଯଥାରେ ବକରବକର ହେବା ମଧ୍ୟ ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଅନ୍ତ ନୁହେଁ କିନ୍ତୁ ଚତୁର୍ଥରେ, ଏକ ବିରାଟବଡ଼ କ୍ଷତିକାରକ ଚରିତ୍ର, ଯାହା ମୋଦିଙ୍କୁ ଧୂଳିସାତ୍ କରିଦେଇପାରେ, ତାହାହେଲା ସବୁଥିରେ ଆଙ୍ଗୁଠି ଗେଞ୍ଜିବା। ୮୦୦ ବର୍ଷର ଜଣାଶୁଣା ମୁସଲମାନ ଶାସନ, ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗୋରା ଶାସନ ସହିଥିବା ଭାରତ ଅନେକ ଶାସକଙ୍କ ଯିବାଆସିବା ଦେଖିଛି। ସକାରାତ୍ମକ ଆଭିମୁଖ୍ୟ ରଖିଥିବା ବ୍ୟକ୍ତି କିଛି ଅଧିକ ବର୍ଷ କ୍ଷମତାରେ ରହିଯାଆନ୍ତି। ନକାରାତ୍ମକ ଚିନ୍ତା ପ୍ରବେଶ କରିବାମାତ୍ରେ କ୍ଷମତାରୁ ଦୂରେଇଯିବା ସୁନିଶ୍ଚିତ। ମୋଦି ଭୁଲିଗଲେ ଯେ ତାଙ୍କର ଶାସନ ଜୀବନକାଳ ଇତିହାସରେ କ୍ଷଣକ ପାଇଁ। ସେହି ସମୟରେ ଅଧିକରୁ ଅଧିକ ସହାନୁଭୂତି ଏବଂ ଶାନ୍ତି ସୃଷ୍ଟି କରିବାରେ ସମୟ ଦେଇଥିଲେ ତାଙ୍କ ପାଇଁ ଆଜିର ଏହି ଟଳମଳିଆ ପରିସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା। ସମସ୍ୟା ହେଉଛି କ୍ଷମତା ଆଣିଦିଏ ଉଚ୍ଚକୋଟୀର ଅହଂଭାବ। ମୋଦି ଭୁଲିଗଲେ ଯେ, ୨୦୧୪ରେ କଂଗ୍ରେସର ସ୍କାମ୍ ଏବଂ ମୌନ ମୋହନ ସିଂଙ୍କ ଚରିତ୍ର ଦେଶବାସୀଙ୍କୁ ଅତିଷ୍ଠ କରିଥିଲା। ଆମ ବୁଝିବାରେ ଦେଶବାସୀ ମୋଦିଙ୍କୁ ଜିତାଇବା ପରିବର୍ତ୍ତେ କଂଗ୍ରେସକୁ ହରାଇବାରେ ଅଧିକ ଗୁରୁତ୍ୱ ଦେଇଥିଲେ। ସେହି ବାସ୍ତବ ସତ୍ୟକୁ ମନେରଖି ନିଜର ଶାସନକୁ ନରମ ରଖିଥିଲେ ମୋଦିଙ୍କ କ୍ଷମତାକୁ ଫେରିବା ନେଇ ଆଜି ଯେଉଁ ସନ୍ଦେହ ସୃଷ୍ଟି ହେଉଛି, ସମ୍ଭବତଃ ତାହା ହୋଇ ନ ଥାଆନ୍ତା।

# ସବୁଜ ପରିବହନ ବ୍ୟବସ୍ଥା



ଇଂ. ମାୟାଧର ସ୍ୱାଇଁ

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ରିପୋର୍ଟରୁ ଜଣାଯାଏ ଯେ, ଭାରତରେ ଅଧିକାଂଶ ସହର ବାୟୁ ପ୍ରଦୂଷଣ ଦ୍ୱାରା ଆକ୍ରାନ୍ତ। ଏପରି କି ପୃଥିବୀର ସବୁଠାରୁ ଅଧିକ ପନ୍ଦରଟି ସହର ମଧ୍ୟରେ ଭାରତର ଚଉଦଟି ସହର ଅଛି। ସବୁଠାରୁ ପ୍ରଦୂଷିତ ସହର ହେଉଛି କାନପୁର। ଏଠାରେ ବାୟୁମଣ୍ଡଳରେ କଣିକୀୟ ପଦାର୍ଥ (୨.୫ ପିଏମ୍) ପରିମାଣ ହେଉଛି ଘନମିଟର ପ୍ରତି ୧୭୩ ମାଇକ୍ରୋଗ୍ରାମ୍। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଅନୁଯାୟୀ, ଏହାର ନିରାପଦ ପରିମାଣ ହେଉଛି ୪୦ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ ଏହାର ସୀମା ହେଉଛି ୧୦। ଯେଉଁ କଣିକାର ଆକାର ୨.୫ ମାଇକ୍ରନ୍ (ଏକ ମାଇକ୍ରନ୍ ହେଉଛି ମିଟରର ନିୟୁତ ଭାଗରୁ ଏକ ଭାଗ) ବା ତାହାଠାରୁ କମ୍, ତାକୁ ୨.୫ ପିଏମ୍ (ପରକ୍ୟୁଲେଟ୍ ମ୍ୟାଟର) ବା କଣିକୀୟ ପଦାର୍ଥ କୁହାଯାଏ। ଏହା ତାପଜ ବିଦ୍ୟୁତ୍ କେନ୍ଦ୍ର, ଯାନବାହନ, ନିର୍ମାଣ କାର୍ଯ୍ୟ, ଜଙ୍ଗଲ ପୋଡ଼ି, ଶସ୍ୟ ଅବଶେଷ ପୋଡ଼ି ଏବଂ ଧୂଳି ଆଦିରୁ ବାୟୁମଣ୍ଡଳକୁ ଯାଇଥାଏ। ଏହା ଶ୍ୱାସ ପ୍ରକ୍ରିୟାରେ ଆମ ଶରୀର ଭିତରକୁ ଯାଇ ଫୁସ୍‌ଫୁସୀୟ ରୋଗ ସୃଷ୍ଟି କରିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ କର୍କଟ ରୋଗ ଗବେଷଣା ସଂସ୍ଥା ୨୦୧୩ ମସିହାରେ ଏହି କଣିକୀୟ ପଦାର୍ଥକୁ କର୍କଟ ରୋଗର କାରକ ଭାବେ ଅଭିହିତ କରିଛି। ଗର୍ଭବତୀ ମହିଳାଙ୍କୁ ମଧ୍ୟ ଏହା ପ୍ରଭାବିତ କରିଥାଏ, ଯାହାଫଳରେ ଜନ୍ମବେଳକୁ ଶିଶୁର ଓଜନ କମ୍ ଥାଏ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଶିଶୁ ଜନ୍ମ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପ୍ରକାଶ କରିଛି ଯେ, ଭାରତରେ ବର୍ଷକୁ ପ୍ରାୟ ୧୨.୪ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁବରଣ କରୁଛନ୍ତି। ପୁନଶ୍ଚ ଏହା ପ୍ରକାଶ କରିଛି ଯେ, ସ୍ୱଚ୍ଛ ଓ ନିର୍ମଳ ବାୟୁ ପାଉଥିଲେ ଭାରତୀୟମାନଙ୍କର ବ୍ୟକ୍ତି ପିଛା ହାରାହାରି ଆୟୁଷ ୧.୭ ବର୍ଷ ବଢ଼ିଯାଆନ୍ତା। ଭାରତରେ ପ୍ରାୟ ୭୭ ପ୍ରତିଶତ ଲୋକ ବାୟୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଯାନବାହନ ଉତ୍ସର୍ଜନରୁ ବିଭିନ୍ନ ରୋଗ ହେବା ସଙ୍ଗେସଙ୍ଗେ ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍ ହେଉଛି ଜାଗତିକ ଉଷ୍ମତା ବୃଦ୍ଧିର କାରଣ। ସମଗ୍ର ପୃଥିବୀରେ ମୋଟ ସବୁଜ ଗୃହ ଗ୍ୟାସ୍ ଉତ୍ସର୍ଜନର ୨୩ ପ୍ରତିଶତ ଯାନବାହନରୁ ନିର୍ଗତ ହୋଇଥାଏ। ବାୟୁ ପ୍ରଦୂଷଣର ପ୍ରଭାବ ଅଧିକ ମାତ୍ରାରେ ସହରାଞ୍ଚଳରେ ଦେଖାଯାଏ। ଏହାର ମୁଖ୍ୟ କାରଣ ହେଉଛି ଯାନବାହନ। ଯାନବାହନରେ ପେଟ୍ରୋଲ ଓ ଡିଜେଲ ଆଦି ଜୀବାଶ୍ମ ଇନ୍ଧନ ଦହନ ପରେ ସେଥିରୁ କାର୍ବନ୍ ମନୋକ୍‌ସାଇଡ୍, ସଲ୍‌ଫର ଡାଇଅକ୍‌ସାଇଡ୍, ଅଙ୍ଗାରକାମ୍ଳ ଓ କଣିକୀୟ ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ। ଦିନକୁ ଦିନ ସହରାଞ୍ଚଳରେ ବ୍ୟକ୍ତିଗତ ଯାନବାହନ ସଂଖ୍ୟା ବଢ଼ିଚାଲିଛି। ଅଫିସ ଆରମ୍ଭ ଓ ବନ୍ଦ ସମୟରେ ଭୁବନେଶ୍ୱର ମୁଖ୍ୟରାସ୍ତାରେ ଗାଡ଼ିର ଭିଡ଼ ଦେଖିଲେ ଏହା ଜଣାପଡ଼େ। ଏହାର ପ୍ରତିକାର ପାଇଁ ଯାନବାହନ ସଂଖ୍ୟାର ନିୟନ୍ତ୍ରଣ ଆବଶ୍ୟକ; କିନ୍ତୁ ଏହା କୌଣସି ଆଇନ ଦ୍ୱାରା ସମ୍ଭବ ନୁହେଁ। ଲୋକମାନେ ବ୍ୟକ୍ତିଗତ ଗାଡ଼ି ବଦଳରେ ବସ୍, ରେଳ ଆଦି ସାଧାରଣ ପରିବହନ ବ୍ୟବସ୍ଥାରେ ଯାତାୟାତ କରିବା ପାଇଁ ସଚେତନତା ଦରକାର। ଏଥିପାଇଁ ସରକାରୀ ସ୍ତରରେ ଅଧିକ ସଂଖ୍ୟକ ସାଧାରଣ ବସ୍‌ର ଚଳାଚଳ ଆବଶ୍ୟକ। ଦିଲ୍ଲୀରେ ଏପରି ବ୍ୟବସ୍ଥା ଥିଲେ ସୁଦ୍ଧା ବ୍ୟକ୍ତିଗତ ଗାଡ଼ି ସଂଖ୍ୟା ଏତେ ଅଧିକ ଯେ, ଦିଲ୍ଲୀ ସରକାର ଏହାକୁ ନିୟନ୍ତ୍ରଣ କରିବା ପାଇଁ ମଝିରେ ଯୁଗ୍ମ-ଅଯୁଗ୍ମ ସଂଖ୍ୟା ଥିବା ଗାଡ଼ି ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ କାରଣରୁ ଏହାକୁ ମଧ୍ୟ ବିରୋଧ କରାଗଲା। ଅନ୍ୟ ଗୋଟିଏ ଉପାୟ ହେଉଛି ଅଧିକ ଦକ୍ଷତାବିଶିଷ୍ଟ ଇଞ୍ଜିନର ବ୍ୟବହାର। ଭାରତ ସରକାର ୨୦୧୭ ମସିହାରୁ ଦେଶରେ ୟୁରୋ-୬ ଭଳି ଭାରତ-୬ ମାନକ ଇଞ୍ଜିନର ବିକ୍ରି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରେ ଆସନ୍ତାବର୍ଷ ଭାରତ-୭ ମାନକ ଇଞ୍ଜିନ ପ୍ରଚଳନ ପାଇଁ ମଧ୍ୟ ପ୍ରସ୍ତାବ ଅଛି। ଏ ସବୁରୁ ବାୟୁମଣ୍ଡଳକୁ ଟିକିଏ କମ୍ ପ୍ରଦୂଷକ ନିର୍ଗତ ହୋଇଥାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ସମାଧାନ ନୁହେଁ। ଯାନବାହନ ଉତ୍ସର୍ଜନର ନିୟନ୍ତ୍ରଣ ପାଇଁ ନୀତି ଆୟୋଗ କିଛି ପ୍ରସ୍ତାବ ଦେଇଛି। କମ୍ ଦକ୍ଷତା ଥିବା ଓ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନ ଉପରେ ଅଧିକ କର ବସାଇବା ଏବଂ ଅଧିକ ଦକ୍ଷ ଗାଡିଗୁଡିକୁ ଟିକସରେ ରିହାତି ଦେବା ପାଇଁ ପ୍ରସ୍ତାବ ଅଛି। ଏହି ବ୍ୟବସ୍ଥା ଅଷ୍ଟ୍ରିଆ, ଡେନ୍‌ମାର୍କ, ଫ୍ରାନ୍ସ, ନେଦରଲାଣ୍ଡ, କାନାଡା ଓ ସିଙ୍ଗାପୁରରେ ପ୍ରଚଳିତ। ବ୍ୟକ୍ତିଗତ ଗାଡିର ବୀମା ଓ କର ବଢାଇବା, ପାର୍କିଙ୍ଗ ପାଇଁ ଅଧିକ ଅର୍ଥ ଆଦାୟ କରିବା ଏବଂ ସହରର ପ୍ରଦୂଷଣପ୍ରବଣ ଅଞ୍ଚଳକୁ ଗାଡିର ପ୍ରବେଶ ଉପରେ କଟକଣା କରିବାର ପ୍ରସ୍ତାବ ରହିଛି। ଅତି ପୁରୁଣା ଗାଡିଗୁଡିକର ପଞ୍ଜୀକରଣକୁ ନବୀକରଣ ନ କରି ଏଗୁଡିକୁ ବନ୍ଦ କରିଦେବା ପାଇଁ ପ୍ରସ୍ତାବ ଅଛି। ସହରବାସୀଙ୍କୁ ବାୟୁ ପ୍ରଦୂଷଣ କବଳରୁ ରକ୍ଷା କରିବାକୁ ହେଲେ ପେଟ୍ରୋଲ ଓ ଡିଜେଲଚାଳିତ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇ ସବୁଜ ପରିବହନ ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ବାୟୁ ପ୍ରଦୂଷଣ କରୁ ନ ଥିବା ବିକଳ୍ପ ଶକ୍ତିଉତ୍ସ ବାହାର କରିବାକୁ ପଡ଼ିବ। ସୁଯୋଗବଶତଃ ବିକଳ୍ପ ଭାବେ ବିଦ୍ୟୁତ୍ ଗାଡିର ବିକାଶ କରାଯାଇଛି। ଏଥିପାଇଁ ପ୍ରତି ଗାଡିରେ ଗୋଟିଏ ବ୍ୟାଟେରି ରହିବ ଏବଂ ବ୍ୟାଟେରିରୁ ବିଦ୍ୟୁତ୍ ଶକ୍ତି ନେଇ ଇଞ୍ଜିନ ଚାଲିବ। ବର୍ତ୍ତମାନ ସୀମିତ ଭାବେ କେତୋଟି ବିଦ୍ୟୁତ୍ ଗାଡି ଚଳପ୍ରଚଳ କରୁଛି। ଏହାର ବେଗ କମ୍ ଅଛି। ଏଣୁ ଏହାକୁ ବିଭିନ୍ନ କାର୍ଯ୍ୟାଳୟ ଓ କାରଖାନା ପରିସର, ରେଲୱେ ଷ୍ଟେଶନ, ବିମାନ ଘାଟି ଆଦିରେ ବ୍ୟବହାର କରାଯାଉଛି। ସାର୍ବଜନୀନ ଭାବେ ବିଦ୍ୟୁତ୍ ଗାଡିର ବ୍ୟବହାର ପାଇଁ ବ୍ୟାଟେରି ପ୍ରଯୁକ୍ତି ବିଦ୍ୟାର ଅଧିକ ବିକାଶ ଦରକାର ଏବଂ ବିଭିନ୍ନ ପରୀକ୍ଷାଗାରରେ ଏଥିପାଇଁ ଗବେଷଣା ଚାଲିଛି। କେନ୍ଦ୍ର ସରକାରଙ୍କ ସମସ୍ତ ସଂସ୍ଥା ୧୫ ବର୍ଷରୁ ଅଧିକ ପୁରୁଣା ଗାଡି ଜାଗାରେ ବିଦ୍ୟୁତ୍‌ଚାଳିତ ଗାଡି କିଣିବା ପାଇଁ ନୀତି ଆୟୋଗ ପ୍ରସ୍ତାବ ଦେଇଛି। ପୁନଶ୍ଚ ଦୁଇଚକିଆ ବାଇକ୍ ଓ ତିନିଚକିଆ ଅଟୋଗୁଡିକୁ ବିଦ୍ୟୁତ୍ ଦ୍ୱାରା ଚଳାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୩୦ ମସିହା ପରେ ଦେଶରେ ଡିଜେଲ ଓ ପେଟ୍ରୋଲଚାଳିତ ଗାଡିଗୁଡିକର ଉତ୍ପାଦନ ଏବଂ ବିକ୍ରିକୁ ନିଷେଧ କରିବା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ସବୁଜ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ନ ଦେଲେ ଶେଷରେ ଦିଲ୍ଲୀ ଭଳି ଅନ୍ୟ ସହରଗୁଡିକର ଅବସ୍ଥା ଅସମ୍ଭାଳ ହୋଇପଡିବ। ବେଳହୁଁ ସାବଧାନ ହେବା ଉଚିତ।

୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

# ବାସିପାଣିରେ ପଚରା



ଡ. କୁଳାଙ୍ଗାର

ହଇରେ ମୋତେ କ'ଣ ଆଉ ବାସିପାଣିରେ ପଚାରୁନୁ ? ଚିହ୍ନା ଲୋକଟିଏ, ଆପଣାର ମଣିଷଟିଏ ଆମକୁ ପୂର୍ବାପେକ୍ଷା ହତାଦର କରିବାର ଅନୁଭବ କଲେ ଆମେ ଏ ରୂଢ଼ିଟିର ପ୍ରୟୋଗ କରିଥାଉ! ଏଠାରେ ବାସିପାଣିକୁ ନିକୃଷ୍ଟ ଅର୍ଥରେ ବ୍ୟବହାର କରାଯାଇଛି। ନଚେତ୍ ଆମେ କହୁଥାନ୍ତେ- ହଇରେ ମୋତେ କ'ଣ ଆଉ ସଜପାଣିରେ ପଚାରୁନୁ? ନଚେତ୍ କହିଥାନ୍ତେ- କିରେ ମୋତେ କ'ଣ ଆଉ ମଦପାଣିରେ ପଚାରୁନୁ? ମାନେ ବାସିପାଣିଟି ପଚାରିବା ବା ବନ୍ଧୁ ଚର୍ଚ୍ଚା କରିବା ଯୋଗ୍ୟ ନୁହେଁ।

ଓଡ଼ିଆ ଘରକୁ ଅତିଥି ଆସିଲେ ସଜପାଣି ଢାଳଟିଏ ବଢେଇ ଦେବାର ବ୍ୟବସ୍ଥା ପ୍ରଚଳିତ। କିନ୍ତୁ ଏବେ ଆମେ କରୁଛେ କ'ଣ? ବନ୍ଧୁଟିଏ ଘରକୁ ଆସିଲେ ବାସିପାଣିରେ ପଚାରିବାଟା ଏବେ ପରମ୍ପରା ପାଲଟିଗଲାଣି। ପରେ ପରେ ବୋତଲ ଓ ଗିଲାସ ଢାଳର ସ୍ଥାନ ଗ୍ରହଣ କରିଛନ୍ତି। ରହିଲା ପାଣି! ଏବେ ଘରକୁ ଆସିଲେ ଆମେ ଦୋକାନକୁ ଧାଇଁଯାଉଚେ ଅବା ଘରେ ମହଜୁଦ୍ ଥିଲେ ଥଣ୍ଡା(ମୃଦୁପାନୀୟ) କିମ୍ବା ପ୍ୟାକେଜ୍‌ଡ ପାଣି ବୋତଲଟିଏ ଆଣି ଥୋଇଦେଉଛେ। ଉଭୟ ବାସି।

ମୃଦୁପାନୀୟ, ଯାହାର ଡାକନାମ ଥଣ୍ଡା, ଏବେ ଆମର ଜାତୀୟ ପାନୀୟ! କାରଣ ଏହାକୁ ଜାତି, ଧର୍ମ, ରୋଜଗାର ଓ ଦଳ ନିର୍ବିଶେଷରେ ସମସ୍ତେ ପିଅନ୍ତି। ଛୋଟରୁ ବଡ଼ ସବୁ ଦୋକାନରେ ଏହା ଉପଲବ୍ଧ। ରାସ୍ତାକଡ଼ରେ ଛିଡାହୋଇ ଥଣ୍ଡାଟେ ପିଇବାଟାକୁ ଅନେକେ ପ୍ରେଷ୍ଟିଜ୍ ବୋଲି ମନେ କରନ୍ତି। ଆଜିର ମଣିଷ ପାଇଁ ଶରୀରଠାରୁ ସମ୍ମାନ ବଡ଼। ତେଣୁ ଶରୀର ପାଇଁ କ୍ଷତିକାରକ ହେଲେ ମଧ୍ୟ ସମ୍ମାନ ବଢ଼ିବ ବୋଲି ଲୋକେ ଢକ ଢକ କରି ପିଇଯାଆନ୍ତି। ଥଣ୍ଡାର ନାନା ଦୁର୍ଗୁଣ ଅଛି ବୋଲି ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ପ୍ରିୟଜନଟିଏ ହାବୁଡିଲେ ଆମେ ତାକୁ ଥଣ୍ଡା ନ ପିଆଇ ଛାଡୁନାହୁଁ! ଥଣ୍ଡାରେ କୀଟନାଶକ ଅଛି ବୋଲି ଅନେକେ କହିଥାଆନ୍ତି, ସେଇ ପ୍ରସଙ୍ଗକୁ ନେଇ କଥାଟିଏ-

ଝିଅକୁ ବରପକ୍ଷ ଦେଖିବାକୁ ଆସିବେ! ସେମାନଙ୍କ ପାଇଁ ଦୋକାନରୁ ଥଣ୍ଡା କିଣି ଫେରୁଥିବା ବାପ-ପୁଅଙ୍କୁ ଦେଖି ଶିକ୍ଷକ ପଚାରିଲେ- ଏ କୀଟନାଶକ କ'ଣ କରିବା ପାଇଁ ନେଉଛନ୍ତି?

ବାପା କହିଲେ- କୀଟଙ୍କୁ ନାଶ କରିବା ପାଇଁ!

ହଉ ଭଲକଥା। କିନ୍ତୁ ଖର୍ଚ୍ଚବହୁଳ କହି ଶିକ୍ଷକ ଚାଲିଗଲେ।

ଏବେ କୁନିପୁଅ ପଚାରିଲା- ବାପା, ତୁମେ ଶିକ୍ଷକଙ୍କୁ ମିଛ କାହିଁକି କହିଲ? ଆମେ ତ କୀଟ ନୁହେଁ ବରଂ ଅପାକୁ ଦେଖିବାକୁ ଆସୁଥିବା ଅତିଥିଙ୍କ ପାଇଁ ନେଉଛେ!

ସିଏ ମନେମନେ ଭାବିଲା- ପୁଅ, ତୁ ବଡ଼ ହେଲେ ଜାଣିବୁ ଏ ବରପକ୍ଷଗୁଡାକ କୀଟଙ୍କଠାରୁ ବି ଆହୁରି ଭୟଙ୍କର!

ପୁଅ ପୁଣି ପଚାରିଲା- ବାପା, କ'ଣ ଭାବୁଚ? କହୁନ, ଆମେ ଅତିଥିଙ୍କୁ ଏ କୀଟନାଶକ ଗୁଡିକ କାହିଁକି ପିଇବାକୁ ଦେବା?

ସିଏ ବୁଝେଇଲା- ଅତିଥିଙ୍କର ମଙ୍ଗଳ ପାଇଁ, କାରଣ ଯାକୁ ପିଇଲେ ତାଙ୍କ ପେଟରେ ଥିବା କୀଟଗୁଡାକ ଖତମ୍ ହୋଇଯିବେ!

ପୁଅ କହିଲା- ବଢ଼ିଆ ହେଲା, ଏଥର ଦେହ ଖରାପ ହେଲେ ଆମେ ଔଷଧ ନ ଖାଇ ଥଣ୍ଡା ପିଇଦେବା!'

ସମସ୍ତ ଥଣ୍ଡା ବାସି। କମ୍ପାନୀରେ ବଟ୍‌ଲିଂ ହୋଇ ଖରାବର୍ଷା ଖାଇ ଦୋକାନ ଆଗରେ ପଡ଼ି ପଡ଼ି ପାଳି ପଡ଼ିଲେ ରେଫ୍ରିଜରେଟରରେ ପଶନ୍ତି। ତା'ପରେ ଆମ ତଣ୍ଟିରେ ଢଳା ହୁଅନ୍ତି। ତେଣୁ ଆମେ ଅତିଥିଙ୍କୁ ଏହା ପିଇବାକୁ ଦେଇ ବାସିପାଣିରେ ପଚାରିଥାଉ। ଖାଲି କ'ଣ ଅତିଥି, ଓଷାବ୍ରତରେ ବ୍ରତଧାରୀଏ ପିଇ ଦିଅନ୍ତି, ପଣ୍ଡିତେ ଯଜ୍ଞବେଦିରେ ଦି ଢୋକ ମାରିଦେଇ ଉପଦେଶ ଦିଅନ୍ତି- ଥଣ୍ଡାରେ ମାରା ନାଇଁ!

ପାଣି କହିଲେ ଲୋକେ ଆଉ କୂଅ, ପୋଖରୀ କି ନଈର ପାଣିକୁ ନୁହେଁ ବରଂ ବୋତଲ ପାଣିକୁ ମନେପକାନ୍ତି। ଅନେକଙ୍କର ବଦ୍ଧମୂଳ ଧାରଣା ଏୟା କି, ଯେ କୌଣସି କମ୍ପାନୀର ହୋଇଥାଉ ପଛେ ବୋତଲରେ ଥାଇ ବିକ୍ରି ହେଉଥିବା ପାଣି ହିଁ ବିଶୁଦ୍ଧ। ପୂର୍ବରୁ ଥିଲା- ପାଣି ପିଇବ ଛାଣି, ପଇସା ନେବ ଗଣି। ଏବେ ଦୁଇଟି ଯାକ ବାକ୍ୟ ମିଶି ଗୋଟିଏ ହୋଇଯାଇଛି- ପାଣି ପିଇବ ଗଣି! ମାନେ ପଇସା ଗଣିଦିଅ, ପିଇବା ପାଇଁ ପାଣି ବୋତଲ କିଣିନିଅ! ସେ ବୋତଲରେ ପାଣି କୋଉଠୁ ଆସେ, କିଏ, କେବେ ତାକୁ ଭର୍ତ୍ତି କରିଥିଲା ସେଇଟା ଜାଣିବା ମୁସ୍କିଲ୍। ତଥାପି ବୋତଲ ପାଣି ପିଇବାଟାକୁ ବି ଆମେ ପ୍ରେଷ୍ଟିଜ୍ ଭାବରେ ଗ୍ରହଣ କରି ନେଲେଣି। ଶ୍ରାବଣ ମାସରେ ଅନେକ କାଉଡିଆ ଆଉ ଭାରରେ ଢାଳ ନ ଝୁଲେଇ ହାତରେ ଦୁଇଟା ବୋତଲ ଧରି ଶିବଙ୍କଠାରେ ଜଳଲାଗି କରିବାକୁ ଯାଉଛନ୍ତି।

ପାଣିର ପୁଣି ଭିନ୍ନ ଭିନ୍ନ ଦର ମଧ୍ୟ ରହିଛି! ଯେଉଁ ବୋତଲଟି ଯେତେ ଦାମୀ; ସେଥିରେ ଥିବା ପାଣି ସେତେ ନିର୍ମଳ ବୋଲି ଅନେକେ ବିଶ୍ୱାସ କରନ୍ତି। ଦାମୀ ହେଉ କି ଶସ୍ତା, ସମସ୍ତ ପାଣି ବୋତଲରେ ବାସିପାଣି ହିଁ ଥାଏ। ଅନେକ ଲୋକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍‌ର ମଦ ପରି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ବୋତଲ ପାଣି ହିଁ ପିଇଥାଆନ୍ତି। ତାହା ବ୍ୟତିରେକ ଅନ୍ୟ କିଛି ସିଏ ପିଅନ୍ତି ନାହିଁ। ଦୁଃଖର କଥା ତାଙ୍କୁ ମଧ୍ୟ ରୋଗ ହୁଏ।

ସତେଯେମିତି ଆମେ ପଣ କରିଛେ କି ଜୀବନରେ କେବେହେଲେ ସଜପାଣି ପିଇବା ନାହିଁ। ବୋତଲ ପାଣିର ଆଉ ଗୋଟେ ପରିଚୟ ହେଲା- ମିନେରାଲ୍ ୱାଟର। ସେଇ ପ୍ରସଙ୍ଗରେ କଥାଟିଏ-

ପ୍ରେମୀଯୁଗଳ ପ୍ରାକୃତିକ ଡେଟିଂରେ ଯାଇଥିଲେ। ଝରଣାରେ ଗାଧୋଇଲା ବେଳେ ପ୍ରେମିକ କହିଲା- ଶୋଷ ହେଲାଣି, କିନ୍ତୁ ତୁମକୁ ଛାଡିଯିବାକୁ ଇଚ୍ଛା ହେଉନି! ଯାଉଛି ଝରଣା ପାଣି ପିଇଦେବି।

ପ୍ରେମିକା କହିଲା- ଛି, ଦେହ ଖରାପ ହେବ! ମିନେରାଲ୍ ୱାଟର ପିଇବ ସିନା!

ପ୍ରେମିକ କହିଲା- ଏହା ତ ମିନେରାଲ୍ ୱାଟର।

ପ୍ରେମିକା କହିଲା- ମିଛୁ..!

ପ୍ରେମିକ କହିଲା- ସତ, ଦେଖ ଝରଣାଟି ପାହାଡ଼ରୁ ଝରିଛି ଆଉ ପାହାଡ଼ରେ ଅନେକ ମିନେରାଲ୍ ଅଛି, ଯାହା ଏଇ ପାଣିରେ ମିଶିଛି। ତେଣୁ ଏହା ହେଲା ମିନେରାଲ୍ ୱାଟର!

ବୋତଲର ସାନଭାଇ ହେଲା ପାଉଚ୍। ଏଇ ପାଉଚ୍ ହେଉଛି ଭୋଜିଭାତରେ ଅନ୍ୟତମ ଆଇଟମ୍। ଜରି ପୁଡିଆରେ ବାସିପାଣି ପିଇବାକୁ ପିଲାରୁ ବୁଢ଼ା ସମସ୍ତେ ବାୟା। ଯଦି ନ ଆସିଛି ତେବେ ଲୋକେ କହିବେ- ହଇରେ ଏତେ ଆୟୋଜନ କଲା, ଦି ଚାରିବସ୍ତା ପାଣି ପାଉଚ୍ ଆଣିପାରିଲାନି! ଅତଏବ ଆମେ ସମସ୍ତେ ଏବେ ବାସିପାଣିର ପ୍ରେମୀ। ତେଣୁ ସମସ୍ତେ ସମସ୍ତଙ୍କୁ ବାସି ପାଣିରେ ପଚାରିବାରେ ବ୍ୟସ୍ତ!

ଗାନ୍ଧୀ ପଣ୍ଡା କଳାଘର, ଅଲରା, ନରସିଂହପୁର,
କଟକ, ମୋ- ୯୩୩୮୫୮୧୩୦୯,
dr.kulangar@gmail.com

## ଆମ ସମସ୍ୟା

### ଅର୍ଥ ମଞ୍ଜୁର ପରେ ବି କାମ ହେଉନି

ମହାଶୟ,

ଭଦ୍ରକ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ ୱାର୍ଡ ନଂ.୬ରେ ଗାଁରୁ ପଞ୍ଚାୟତ ଅଫିସ ଆଗଦେଇ ମୁଖ୍ୟରାସ୍ତାକୁ ସଂଲଗ୍ନ କରୁଥିବା ରାସ୍ତାଟି ଖାଲଢିପରେ ପୂର୍ଣ୍ଣ। ଛୋଟବଡ ପଥର ସବୁ ଉପରକୁ ବାହାରି ପଡିଥିବାରୁ ପଥଚାରୀ ଝୁଣ୍ଟିପଡି କ୍ଷତବିକ୍ଷତ ହେଉଛନ୍ତି। ଏହିଭଳି ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏହି ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀ ରାସ୍ତାରେ ପଡିଯାଇ କ୍ଷତବିକ୍ଷତ ହୋଇ ଡାକ୍ତରଖାନାରେ ପଡିଛନ୍ତି। ସରପଞ୍ଚଙ୍କ ସୂତ୍ରରୁ ପ୍ରକାଶ ଯେ ରାସ୍ତା ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ବି କାମ ହେଉନାହିଁ। ଅଧିକ ବିଳମ୍ବ ଜନଅସନ୍ତୋଷ ବୃଦ୍ଧି କରିବ। ସୁତରାଂ ଯଥାଶୀଘ୍ର କାମ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଶୁଣିବାକୁ କେହି ନାହାନ୍ତି

ଖୋର୍ଦ୍ଧା ଜିଲାର ଜଟଣୀ ସହରକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। କିନ୍ତୁ ସହରର ଅବସ୍ଥା ଯଥା ପୂର୍ବଂ ତଥା ପରମ୍। ନଭେମ୍ବର ୨୦୧୮ରେ ମ୍ୟୁନିସିପାଲିଟି କାଉନସିଲ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ କିଛିଦିନ ତଳେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲାଞ୍ଚ ନେଉଥିବାରୁ ଭିଜିଲାନ୍ସ ଧରି କୋର୍ଟ ପଠାଇ ଦେଇଛନ୍ତି। ଫଳରେ ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଖାଁ ଖାଁ, ସତେଯେପରି ଲୋକଙ୍କ ଦୁଃଖ ବୁଝିବା ପାଇଁ କେହି ନାହାନ୍ତି। ଜଟଣୀ ସହରରେ ଜୁଢ ଜୁଢ ଆବର୍ଜନା ଜମା ହୋଇ ରହିଛି। ମ୍ୟୁନିସିପାଲିଟି ଲୋକମାନଙ୍କଠାରୁ ଟ୍ୟାକ୍ସ ଆଦାୟ କରୁଥିବା ବେଳେ ସେମାନଙ୍କୁ ସର୍ବନିମ୍ନ ସେବା ଯୋଗାଇବାରେ ବିଫଳ ହୋଇଛି। ଏ ସମସ୍ୟାର ତୁରନ୍ତ ସମାଧାନ ହେଉ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଭଲ ପାଇବାର ହୃଦୟଟିଏ ଥିଲେ କେତେକ ପୁରୁଷ ଓ ମହିଳା ଅତିକ୍ରାନ୍ତ ବୟସରେ ବି ଭଲପାଇ ବସନ୍ତି। ତେବେ ଭଲ ପାଇବା ପାଇଁ ଜଣେ ବିବାହିତା ମହିଳା ଏକ ଅଭିନବ ପନ୍ଥା ଆପଣାଇଥିଲେ। ସେ ନିଜକୁ ଅବିବାହିତା ଦର୍ଶାଇବା ପାଇଁ ବୟସ ପ୍ରମାଣପତ୍ର ବି ଯୋଗାଡ କରିଥିଲେ। ଶେଷରେ ତାଙ୍କ ଭଲ ପାଇବାର ଇଚ୍ଛା ଫଳବତୀ ହୋଇଥିଲେ ବି ଶେଷରେ ଷଡ଼ଯନ୍ତ୍ର ଧରାପଡ଼ିଯାଇଛି। ମଧ୍ୟପ୍ରଦେଶରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଏକ ଗ୍ରାହକ ସେବା କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜଣେ ବିବାହିତା ମହିଳା ନିଜକୁ ଅବିବାହିତା କହି ଜଣେ ମେଜରଙ୍କୁ ବିବାହ କରିଥିଲେ। ମହିଳା ଜଣକ ନକଲି ବୟସଗତ ପ୍ରମାଣପତ୍ର ଯୋଗାଡ କରିଥିଲେ। ଏହାପରେ ସେ ହନିମୁନ୍ ପାଇଁ ଆଣ୍ଡାମାନ ଚାଲିଯାଇଥିଲେ। ନିଜ ଝିଅକୁ ମେଜରଙ୍କ ସହିତ ସାକ୍ଷାତ କରାଇ ବାନ୍ଧବୀ ଭାବେ ପରିଚୟ ଦେଇଥିଲେ। ତେବେ ବିବାହ ପାଇଁ ଠକିଥିବା ମହିଳାଙ୍କ ନାମରେ ମେଜରଙ୍କ ପିତା ସତୀଶ କୁମାର ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ସତୀଶଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ ବିଷର ବାସନା।
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୪

- ରୁଷିଆ ଭାରତକୁ ୭ଟି କ୍ରାୟୋଜେନିକ ରକେଟ ଇଞ୍ଜିନ ଯୋଗାଇଦେବାକୁ ପ୍ରସ୍ତୁତ ଥିବା ବିଷୟ ରୁଷିଆ ମହାକାଶ ସଂସ୍ଥା ପକ୍ଷରୁ କୁହାଯାଇଛି।
- ଜନତାଦଳର ସଭାପତି ଏସ୍.ଆର. ବୋମାଇଙ୍କ ଅନୁପସ୍ଥିତିରେ ବରିଷ୍ଠ ନେତା ଜର୍ଜ ଫର୍ଣ୍ଣାଣ୍ଡିଜଙ୍କୁ ସଭାପତି କାର୍ଯ୍ୟ କରିବା ଲାଗି କ୍ଷମତା ଦିଆଗଲା।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୧୩- କେନ୍ଦ୍ର ସରକାର ଚାଇନା ସୀମାରେ ୨୧୦୦୦ କୋଟି ଟଙ୍କା ବ୍ୟୟରେ ୪୪ଟି ରାସ୍ତା ଏବଂ ପାକିସ୍ତାନ ସୀମା ପଞ୍ଜାବ ଓ ରାଜସ୍ଥାନରେ ୫୪୦୦ କୋଟି ଟଙ୍କା ବ୍ୟୟରେ ୨୧୦୦ କିଲୋମିଟର ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛନ୍ତି।

୧୪- ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ ହେଲା।

୧୫- ବ୍ରିଟିଶ ପାର୍ଲାମେଣ୍ଟରେ ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ଅନୁଷ୍ଠିତ ଐତିହାସିକ ଭୋଟ୍‌ରେ ଥେରେସା ମେ ହାରିଯାଇଛନ୍ତି।

୧୬- ଝାରସୁଗୁଡ଼ା ବିଧାୟକ ନବ ଦାସ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ।

* କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଦିନେଶ ମାହେଶ୍ୱରୀ ଓ ଦିଲ୍ଲୀ ହାଇକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି।

୧୭- ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ସରକାର ତାଙ୍କ ପଦରୁ ହଟାଇଦେଇଛନ୍ତି।

* ଓଡ଼ିଆ ଆଇପିଏସ୍ ଅଫିସର ସତ୍ୟନାରାୟଣ ପ୍ରଧାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହେଲେ।

୧୮- ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଓ ଦିନେଶ ଖାନ୍ନା ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବରିଷ୍ଠତାକୁ ଉପେକ୍ଷା କରି ଏମାନଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ବିବାଦ ଦେଖାଦେଇଛି।

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | A | 7 | | | 5 | | | | 8 | B | |
| | 5 | 6 | | | 4 | 2 | | | | | | | A | |
| | 3 | | D | | | | | E | 1 | | | | | |
| | | | | 1 | 6 | 8 | 0 | | A | E | | | | D |
| | A | B | 3 | | 2 | | 1 | | | | | | 0 | C |
| | | | | | | C | | | D | | 8 | | | 3 |
| E | | | 7 | C | | | | | 9 | | | | 2 | |
| | | 8 | | E | B | | | | | | 3 | 1 | | 5 |
| | D | A | | | 8 | | | | | | | | 6 | 0 |
| | 4 | 3 | 5 | | | | | | | 6 | | | | |
| | | 9 | | 6 | | 4 | B | | | | 7 | | | A |
| | | | 9 | | | | | | | C | | 3 | | |
| | | D | | | | | 8 | 7 | | | B | | E | |
| C | B | | | | D | 6 | | | | 5 | 1 | | | |
| 4 | E | 5 | | 0 | | 1 | | | | | | | 7 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 2 | A | 0 | 3 | D | 9 | 4 | 5 | 7 | 1 | 6 | C | 8 |
| D | 9 | 1 | 8 | 2 | B | C | 7 | E | 3 | 6 | 0 | A | 5 | 4 |
| 5 | 6 | 3 | 7 | E | 4 | 0 | B | 8 | A | 9 | C | 2 | D | 1 |
| 0 | 8 | A | D | C | 1 | 6 | 5 | 2 | 4 | B | E | 3 | 9 | 7 |
| C | 4 | 7 | 9 | 5 | 6 | A | 3 | 1 | 2 | 8 | D | 0 | B | E |
| A | 5 | B | 1 | 6 | C | 4 | E | 3 | 9 | 0 | 2 | 8 | 7 | D |
| 2 | D | 6 | 5 | 4 | E | 7 | 8 | A | B | C | 3 | 1 | 0 | 9 |
| 3 | 0 | 8 | 2 | D | 9 | 1 | C | 5 | E | A | 7 | 4 | 6 | B |
| E | 1 | 9 | B | 7 | 0 | 2 | 6 | D | 8 | 4 | 5 | C | 3 | A |
| 4 | 7 | C | 3 | A | 8 | B | 0 | 9 | 1 | D | 6 | E | 2 | 5 |
| 9 | 3 | E | 6 | B | 2 | 8 | A | 0 | 7 | 5 | 4 | D | 1 | C |
| 6 | C | D | E | 8 | A | 5 | 2 | 7 | 0 | 1 | 9 | B | 4 | 3 |
| 1 | B | 4 | 0 | 3 | 7 | 9 | D | C | 6 | E | A | 5 | 8 | 2 |
| 7 | 2 | 0 | C | 1 | 5 | E | 4 | B | D | 3 | 8 | 9 | A | 6 |
| 8 | A | 5 | 4 | 9 | D | 3 | 1 | 6 | C | 2 | B | 7 | E | 0 |

ଗତକାଲିର ଉତ୍ତର

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

ଆଜି ମହାପ୍ରଭୁଙ୍କ ସୁନାବେଶ

### ଶ୍ରୀନଅରରେ ଗଜପତିଙ୍କ ହେବ ପୁଷ୍ୟାଭିଷେକ

**ପୁରୀ ଅଫିସ,୨୦।୧:** ସୋମବାର ପବିତ୍ର ପୌଷ ପୂର୍ଣ୍ଣମୀରେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ଅନୁଷ୍ଠିତ ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ହଜାର ହଜାର ଭକ୍ତ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିବେ। ସକାଳ ଧୂପ ସରି ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କମାନଙ୍କୁ ସୁନାବେଶରେ ବିଭୂଷିତ କରାଯିବ। ସେହିପରି ଶ୍ରୀନଅରରେ ମଧ ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ। ସାଧାରଣତଃ ଅଧିକାଂଶ ବର୍ଷ ପ୍ରଥମେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ସମ୍ପନ୍ନ ହେବା ପରଦିନ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଗୋଟିଏ ଦିନରେ ଦେବାଭିଷେକ ଏବଂ ପୁଷ୍ୟାଭିଷେକ ପଡ଼ିଛି। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପୌଷ ପୂର୍ଣ୍ଣମା ଦିନ ସକାଳ ଧୂପ ପରେ ୧୦୮ ଗରା ଘିଅ ମିଶ୍ରିତ ଜଳରେ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଏ। ଏହାପରେ ଶ୍ରୀବିଗ୍ରହମାନଙ୍କ ଅତ୍ୟନ୍ତ ଚିତ୍ତାକର୍ଷକ ସୁନାବେଶ ଅନୁଷ୍ଠିତ ହୋଇଥାଏ। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହି ସୁନାବେଶ ଅନ୍ୟତମ।

### ସୁଲତା, କସ୍ତୁରୀ ବିଜେଡି ମୁଖ୍ୟପାତ୍ର ନିଯୁକ୍ତ

ନନ୍ଦଲାଲ ଅପ୍ରବାସୀ ସାମ୍ମୁଖ୍ୟ ଆବାହକ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ ଦୁଇଜଣ ମହିଳା ନେତ୍ରୀଙ୍କୁ ମୁଖପାତ୍ର ଭାବେ ନୂତନ ନିଯୁକ୍ତି ଦିଆଯାଇଛି। ଏହି ଦୁଇ ଜଣ ହେଉଛନ୍ତି ସୁଲତା ଦେଓ ଏବଂ କସ୍ତୁରୀ ମହାପାତ୍ର। ସୁଲତା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଏବଂ କସ୍ତୁରୀ ଉପଦେଷ୍ଟା ଭାବେ ପୂର୍ବରୁ କାର୍ଯ୍ୟ କରିଆସୁଛନ୍ତି। ସେହିପରି ବିଜେଡିର ଅପ୍ରବାସୀ ସାମ୍ମୁଖ୍ୟର ଆବାହକ ଭାବେ ନନ୍ଦଲାଲ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉପରୋକ୍ତ ନିଯୁକ୍ତି କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବହିଷ୍କାର ପରେ ବର୍ଷିଲେ ଶ୍ରୀକାନ୍ତ

- ନିରଞ୍ଜନଙ୍କୁ କହିଲେ ଖଣି ଲୁଟେରା, ଲାଞ୍ଚୁଆ
- ନବୀନ-ରାହୁଲଙ୍କ ମଧ୍ୟରେ ସମ୍ପର୍କ ରହିଛି
- ପଟ୍ଟନାୟକ ପରିବାର ବିରୋଧରେ ସାରା ରାଜ୍ୟରେ ପ୍ରଚାର କରିବି
- ଶ୍ରୀକାନ୍ତଙ୍କ ଅଭିଯୋଗକୁ ନିରଞ୍ଜନଙ୍କ ଖଣ୍ଡନ



ଭୁବନେଶ୍ୱର,୨୦।୧(ବ୍ୟୁରୋ)

କଂଗ୍ରେସରୁ ବହିଷ୍କାର ହେବା ପରେ ବେଶ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ରାଜଧାନୀରେ ନିଜ ବାସଭବନରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏମିତିକି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ହାଇକୋର୍ଟ ଦ୍ୱାରା ଆଖ୍ୟାୟିତ ଅଭ୍ୟାସଗତ ଲାଞ୍ଚଦାତା କହିବାକୁ ସେ ପଛାଇ ନାହାନ୍ତି। ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରିଥିବା ପଟ୍ଟନାୟକ ପରିବାର ସହ ରାହୁଲ ଗାନ୍ଧୀ ରହିବାକୁ ସ୍ଥିର କରିଛନ୍ତି, ତେଣୁ ପ୍ରଦେଶ କଂଗ୍ରେସରେ ତାଙ୍କର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ପଟ୍ଟନାୟକ ପରିବାରର କଳଙ୍କିତ ଅଧ୍ୟାୟର ମୁଖା ଖୋଲିବା ସହ ରାଜ୍ୟ ସାରା ବୁଲି ସଭା କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି।

୨୦୧୮ ଡିସେମ୍ବର ୬ରେ ଶ୍ରୀକାନ୍ତଙ୍କୁ ପିସିସି ଇସ୍ତାହାର କମିଟିରୁ ବରଖାସ୍ତ କରାଯାଇଥିଲା। ଏହାର ୩ ଦିନ ପରେ ନିଜ ପକ୍ଷ ରଖି ରାହୁଲଙ୍କୁ ଲେଖିଥିବା ଚିଠିକୁ ସେ ସାର୍ବଜନୀନ କରିଛନ୍ତି। ଉକ୍ତ ଚିଠିରେ ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି ଯେ, ବିଜେଡି ସରକାର ସମୟରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଖଣି ଦୁର୍ନୀତି ହୋଇଛି। ଏହି ଦୁର୍ନୀତି ରାଫାଲ ଦୁର୍ନୀତିଠାରୁ କୌଣସି ଗୁଣରେ କମ୍ ନୁହେଁ। ତେଣୁ ପ୍ରଦେଶ କଂଗ୍ରେସ ବେଆଇନ ଖଣି ଦୁର୍ନୀତି କରିଥିବା ମାଲିକମାନଙ୍କ ବିରୋଧରେ ଚାର୍ଜଶିଟ୍ ପ୍ରସ୍ତୁତ କରିବା ସହ ଲଢ଼େଇ କରୁ ବୋଲି ସେ ମତ ଦେଇଥିଲେ। ହେଲେ ଏହାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାରୀ ଜିତେନ୍ଦ୍ର ସିଂ ଗୁରୁତ୍ୱ ଦେଇ ନାହାନ୍ତି। ସେହିପରି କେବଳ ଗତବର୍ଷ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରିବାର ୨୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବେଆଇନ ଖଣି କାରବାର କରିଛନ୍ତି। ୧୯୮୫ରେ ଅଦାଲତରେ ଦାଖଲ କରିଥିବା ଏକ ସତ୍ୟପାଠରେ ନିଜର ଖଣି ବ୍ୟବସାୟ ପାଇଁ ନିରଞ୍ଜନ କିଛି ବ୍ୟକ୍ତିବିଶେଷଙ୍କୁ ଲାଞ୍ଚ ଦେଇ ଆସୁଥିବା ଉଲ୍ଲେଖ କରିଥିଲେ। ତେଣୁ ନିରଞ୍ଜନଙ୍କୁ ଜଣେ ଅଭ୍ୟାସଗତ ଲାଞ୍ଚଦାତା ବୋଲି ଅଦାଲତ ଅଭିହିତ କରିଥିଲା। ଯେଉଁ କଂଗ୍ରେସ ଦଳରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ଗୋପବନ୍ଧୁ ଦାସ ପ୍ରମୁଖ ଜାତୀୟ ତଥା ରାଜ୍ୟସ୍ତରରେ ନେତୃତ୍ୱ ନେଇଛନ୍ତି, ସେ ଦଳରେ ଲାଞ୍ଚଦାତାଙ୍କୁ ପିସିସି ସଭାପତି କରାଯିବା ଦୁର୍ଭାଗ୍ୟଜନକ। କର୍ଣ୍ଣାଟକ ବେଲାରୀ ରେଡ୍ଡି ବ୍ରଦର୍ସ ଉପାଖ୍ୟାନ ଭଳି ଓଡ଼ିଶାରେ ପଟ୍ଟନାୟକ ଭାଇମାନଙ୍କ କାରନାମା, କିନ୍ତୁ ଏହାକୁ ପ୍ରଭାରୀ ଜିତେନ୍ଦ୍ର ଅଣଦେଖା କରିଥିବା ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ରାଜ୍ୟକୁ ଦୁଇ ପଟ୍ଟନାୟକ ପରିବାର ମଧ୍ୟରୁ ବିଜୁ ପଟ୍ଟନାୟକ(୭ ବର୍ଷ), ଜାନକୀ ପଟ୍ଟନାୟକ(୧୪ବର୍ଷ) ଏବଂ ନବୀନ ପଟ୍ଟନାୟକ(୧୯ବର୍ଷ) ପ୍ରାୟ ୪୦ ବର୍ଷ ଶାସନ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ପ୍ରଭାରୀ ଓ ସଭାପତି କଂଗ୍ରେସର ସାମାଜିକ ନ୍ୟାୟ ଆଦର୍ଶକୁ କୋଣଠେସା କରିଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

ନବୀନ ପଟ୍ଟନାୟକ କଂଗ୍ରେସ ରାଜନୀତିକୁ ନିରଞ୍ଜନଙ୍କ ଭାଇ ତଥା ବିଜେଡି ରାଜ୍ୟ ସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଭାବିତ କରୁଛନ୍ତି। ତେଣୁ କଂଗ୍ରେସ ରାଜ୍ୟରେ ବିଜେଡିର ବି ଟିମ୍ ହୋଇଯାଇଛି। ଯଦି ଏଥିରେ ପରିବର୍ତ୍ତନ ନ କରାଯାଏ, ତେବେ ଭାଜପାକୁ ଫାଇଦା ହେବ ବୋଲି ଶ୍ରୀକାନ୍ତ ରାହୁଲଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିବା କହିଛନ୍ତି। ରାହୁଲ-ନବୀନଙ୍କ ମଧ୍ୟରେ ଏକ ବୁଝାମଣା ହୋଇଛି, କିଛି ଖଣିମାଫିଆ ଏହାର ସୂତ୍ରଧର। ଏପରିକି ଆସନ୍ତା ୨୫ରେ ରାହୁଲଙ୍କ ଓଡ଼ିଶା ଗସ୍ତ ସମୟରେ ସେ ଏମିତି କିଛି ତଥ୍ୟ ଦେବେ, ଯାହାଦ୍ୱାରା ସାରା ଭାରତରେ ରାହୁଲ ନିନ୍ଦିତ ହେବେ ବୋଲି ଶ୍ରୀକାନ୍ତ କହିଛନ୍ତି।

ଶ୍ରୀକାନ୍ତଙ୍କ ଅଭିଯୋଗର ପ୍ରତିକ୍ରିୟା ରଖି ନିରଞ୍ଜନ କହିଛନ୍ତି ଯେ, ଦଳରେ ଶୃଙ୍ଖଳା ରକ୍ଷା ନ କଲେ କାର୍ଯ୍ୟାନୁଷ୍ଠାନ ହେବ। ଖଣି କାରବାର ଲାଞ୍ଚ ପ୍ରସଙ୍ଗରେ ଶ୍ରୀକାନ୍ତବାବୁ ହାଇକୋର୍ଟଙ୍କ ରାୟ ଶୁଣିଛନ୍ତି, ହେଲେ ସୁପ୍ରିମ୍‌କୋର୍ଟ କହିଥିବା କଥା ଶୁଣିନାହାନ୍ତି। ରାହୁଲଙ୍କ ବିରୋଧରେ ମହାଖୁଲାସା ପୂର୍ବରୁ ନ କରି କାହିଁକି ଚୁପ୍ ଥିଲେ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ଶ୍ରୀକାନ୍ତଙ୍କ କଂଗ୍ରେସକୁ ବିଜେଡିର ବି ଟିମ୍ କହିବା କଥାକୁ ପ୍ରତାପ ଦେବ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କିଛିଦିନ ପୂର୍ବେ ଶ୍ରୀକାନ୍ତ ବାବୁ ଭାଜପା-ବିଜେଡି ମେଣ୍ଟ କଥା କହୁଥିଲେ। ଏବେ କଂଗ୍ରେସ-ବିଜେଡି ମେଣ୍ଟ କଥା କହିଲେଣି, ତେଣୁ ତାଙ୍କ କଥାରେ କୌଣସି ତାଳମେଳ ନାହିଁ ବୋଲି ପ୍ରତାପ କହିଛନ୍ତି।

- କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ

# ୪ ପାଟ୍ରୋଲିଂ ଜାହାଜରେ କୌଶଳ ପ୍ରଦର୍ଶନ




ପାରାଦୀପ,୨୦।୧(ସ୍ୱ.ପ୍ର.)

ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟ ଗାର୍ଡ)ର ପ୍ରତିଷ୍ଠା ଦିବସ ଅବସରରେ ରବିବାର ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ ପାଟ୍ରୋଲିଂ ଜାହାଜ ନିମନ୍ତ୍ରିତ ଅତିଥିଙ୍କୁ ନେଇ ପାରାଦୀପ ନିକଟସ୍ଥ ସମୁଦ୍ରରେ ନିଜର କଳାକୌଶଳ ଦେଖାଇଥିଲେ। କୋଷ୍ଟ ଗାର୍ଡର ଦୁଇ ନୂଆ ଜାହାଜ ସୁଜୟ-ବିଜୟରେ ଅତିଥି ସମୁଦ୍ରକୁ ଯାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗ ଦେଇଥିଲେ। ସମୁଦ୍ରରେ ବିପଦରେ ପଡ଼ିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଏ, ଶତ୍ରୁ ଦେଶର ବୋଟ କିମ୍ବା ସନ୍ଦିଗ୍ଧ ଲୋକଙ୍କୁ ଠାବ କରିବାର ପ୍ରଣାଳୀ, ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ, ସାମୁଦ୍ରିକ ପ୍ରଦୂଷଣକୁ ରୋକିବା ଆଦି କଳାକୌଶଳ ଯବାନମାନେ ଦେଖାଇଥିଲେ। ଏଥିସହିତ ହେଲିକାପ୍ଟର ଅବତରଣ କରିବା, ଉଡ଼ାଣ ଭରିବା, ପାଣିରୁ ଲୋକଙ୍କୁ ଉଦ୍ଧାର କରିବା କୌଶଳ ପ୍ରଦର୍ଶିତ ହୋଇଥିଲା। କୋଷ୍ଟଗାର୍ଡ ଡିଆଇଜି ରାଜେଶ ମ୍ୟାକ୍‌ୱାବ୍‌ଙ୍କ ସମେତ ବହୁ ଅଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଚୋରି

ଉଦଳା,୨୦।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଏନଏସିର ୧୨ ନଂ ୱାର୍ଡରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଘରେ ଶନିବାର ବିଳମ୍ବିତ ରାତିରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ନଗଦ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଉଦଳା ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ତଦନ୍ତ କରୁଛି। ଜଗତାନନ୍ଦ ଶତପଥୀ ଗତ ୪ ଦିନ ହେବ ନିଜ ଘରେ ନ ଥିଲେ। କୌଣସି କାମରେ ସେ ବାହାରକୁ ଯାଇଥିବା ବେଳେ ରବିବାର ସକାଳେ ଘରକୁ ଫେରି ଘରର ମୁଖ୍ୟ ଗେଟ୍ ତାଲା ଖୋଲିବାକୁ ଯାଉଥିବା ବେଳେ ମୁଖ୍ୟ ଗ୍ରୀଲଟି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରେ ମଧ ସମସ୍ତ ଗଡରେଜ୍, ଆଲମାରି ଆଦି ଖୋଲା ହୋଇଥିବା ସହିତ ଆସବାବପତ୍ର ଏପଟ ସେପଟ ହୋଇ ପଡିଥିବା ଦେଖିଥିଲେ। ଏଥିରୁ ତାଙ୍କ ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ୨୫ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ଓ ସିପାହି ମହାସଙ୍ଘର ଧାରଣା

କଟକ ଅଫିସ, ୨୦।୧

ନିଜର ମୌଳିକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆସନ୍ତା ୨୫ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଧାରଣାରେ ବସିବ ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ଓ ସିପାହି ମହାସଂଘ। ଏ ନେଇ ରବିବାର ମହାସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ କ୍ୟାମ୍ପ ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଘରଭଡ଼ା, ସ୍ୱାସ୍ଥ୍ୟବୀମା, ବାଟାଲିୟନ ଭତ୍ତା, ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା, ପୋଷାକର ରକ୍ଷଣାବେକ୍ଷଣ ଭତ୍ତା ଭଳି ମୌଳିକ ଦାବିଗୁଡିକ ପୂରଣ ପାଇଁ ଆମେ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀମାନଙ୍କୁ ବହୁବାର ଅବଗତ କରାଇଛୁ। ହେଲେ ସେମାନେ ଆମର ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଆସନ୍ତା ୨୫ ତାରିଖରେ ଆମେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ନିଷ୍ପତ୍ତି ନେଇଛୁ। ଏଥିସହିତ ସେହିଦିନ ଆମର ୫୦ଟି ଶାଖା ସଂଘର କର୍ମକର୍ତ୍ତାମାନଙ୍କୁ ନିଜ ଜିଲା କିମ୍ବା ବାଟାଲିୟନ ସଦର ମହକୁମାଠାରେ ଧାରଣା ଦେବାକୁ କୁହାଯାଇଛି। ଏହାପରେ ଯଦି ସରକାର ଆମର ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନର ପ୍ରଥମ ଦିନରୁ ସମସ୍ତ ହାବିଲଦାର, ସିପାହି ଏବଂ କନଷ୍ଟେବଲ ସମୂହ ଛୁଟିରେ ରହିବା ସହ ଧାରଣାରେ ଯୋଗଦେବେ ବୋଲି ସେ କହିଛନ୍ତି।

# ବିଜେଡି, କଂଗ୍ରେସ ଉପରେ ବର୍ଷିଲେ ଭୂପିନ୍ଦର

- ବିରୋଧୀ ମହାମେଣ୍ଟକୁ ସମାଲୋଚନା

ଭୁବନେଶ୍ୱର,୨୦।୧(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭୂପିନ୍ଦର ଯାଦବ (ମଝି)।

କେନ୍ଦ୍ର ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ। ରାଜ୍ୟବାସୀ ଏହା ଜାଣିସାରିଲେଣି। ତେଣୁ ଓଡ଼ିଶାରେ ଏଥର ଭାଜପା ସରକାର କରିବ। ରାଜ୍ୟରେ ଦୀର୍ଘଦିନ ଶାସନ କରୁଥିବା ବିଜେଡିକୁ ଏଥର ଶାସନଗାଦିରୁ ଲୋକେ ହଟାଇବେ ଏବଂ ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଭାଜପା ଜନମତ ପାଇବ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଏମ୍‌ପି ଭୂପିନ୍ଦର ଯାଦବ କହିଛନ୍ତି। ଏହି ଅବସରରେ ଭୂପିନ୍ଦର ଉଭୟ ରାଜ୍ୟ ସରକାର ଏବଂ କଂଗ୍ରେସ ଉପରେ ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଶନିବାର ଏକାଠି ହୋଇଥିବା ବିରୋଧୀ ମହାମେଣ୍ଟକୁ ନେଇ ମଧ ଭୂପିନ୍ଦର କଡ଼ା ସମାଲୋଚନା କରି ଦେଶବାସୀ ଭାଜପାକୁ ପୁନର୍ବାର ସରକାରରେ ବସାଇବାକୁ ଚାହୁଁଥିବା ଯାଦବ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୂପିନ୍ଦର କହିଛନ୍ତି ଯେ, ନିକଟରେ ଦଳର ରାଷ୍ଟ୍ରୀୟ ଅଧିବେଶନରେ ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଭାରତକୁ ପ୍ରଗତିର ଶିଖରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତାକୁ ନେଇ ଦଳ ଆଗାମୀ ନିର୍ବାଚନରେ ଲୋକଙ୍କ ପାଖକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କାର୍ଯ୍ୟକାଳ ମଧ୍ୟରେ କୃଷି କ୍ଷେତ୍ର ପାଇଁ କେନ୍ଦ୍ର କରିଥିବା ଯୋଜନା ପୂର୍ବରୁ ଆଉ କୌଣସି ସରକାର ସମୟରେ ହୋଇ ନ ଥିଲା। କୃଷକ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ହେବ। ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟରେ ଏହି ସରକାର ସମୟରେ ବ୍ୟାପକ ବଢ଼ାଯାଇଛି। ୟୁପିଏର ଶେଷ ୫ବର୍ଷର କଂଗ୍ରେସ ସରକାର ସମୟରେ ଯାହା ବଜେଟ ଆସୁଥିଲା ତାହା ଏବେ ଦୁଇଗୁଣ ହୋଇଯାଇଛି। ଜନତା ଭାଜପା ସହ ଅଛନ୍ତି। ମୋଦିଙ୍କ ନେତୃତ୍ୱରେ ୨୦୧୯ ନିର୍ବାଚନରେ ବହୁମତ ସହିତ ଭାଜପା ସରକାର ଗଢ଼ିବା ନିଶ୍ଚିତ। ୨୦୨୨ସୁଦ୍ଧା ପ୍ରଧାନମନ୍ତ୍ରୀ ନୂଆ ଭାରତର ସ୍ୱପ୍ନ ଦେଖାଇଛନ୍ତି। କଂଗ୍ରେସ ଏଭଳି ଏକ ଅସହାୟ ସରକାର ଭ୍ରଷ୍ଟାଚାର, ସୁରକ୍ଷା କ୍ଷେତ୍ରରେ ଦଲାଲି, ରଣଛାଡ କରିବା ପାଇଁ ଚାହୁଁଛି। ମାତ୍ର ଜନସାଧାରଣ 'ମଜଭୁତ ସରକାର' ଚାହୁଁଛନ୍ତି ବୋଲି ସେ କହିଛନ୍ତି।

ଯାଦବ ଆହୁରି କହିଛନ୍ତି ଯେ, ସ୍ୱାର୍ଥ ଏବଂ ସତ୍ତା ପାଇଁ କଂଗ୍ରେସ ଏବଂ କମ୍ପାନୀ ଏଭଳି ମେଣ୍ଟ କରୁଛନ୍ତି, ଯାହାର କେହି ନେତା ନାହାନ୍ତି କି କୌଣସି ନୀତି ନାହିଁ। ଏହି ମେଣ୍ଟ ଜାଣିସାରିଲାଣି ସେମାନେ ଭାଜପାର ମୁକାବିଲା କରିପାରିବେ ନାହିଁ। ଗତ ପାଞ୍ଚବର୍ଷ ଶାସନରେ କେନ୍ଦ୍ରରେ ଭାଜପା ସରକାରରେ ଦୁର୍ନୀତିର ଗୋଟିଏ ବି ଦାଗ ଲାଗିନି। କିନ୍ତୁ କଂଗ୍ରେସ ସରକାର ସେତେବେଳେ ଅନ୍ତରୀକ୍ଷରୁ ପାତାଳ ପର୍ଯ୍ୟନ୍ତ ଲୁଟିବାର କାମ କରୁଥିଲା। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହୁଥିବା ମିଛକୁ ଜନତାଙ୍କ ସାମ୍ନାକୁ ଆଣିଛନ୍ତି। ଭାଜପା ସରକାର ସାମାନ୍ୟ ଶ୍ରେଣୀର ଗରିବ ଯୁବକଙ୍କୁ ଶିକ୍ଷା ଓ ସରକାରୀ ଚାକିରିରେ ୧୦% ସଂରକ୍ଷଣ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ବୋଲି ଯାଦବ କହିଛନ୍ତି।

# ପୁଣି ଲାଗିଲା ମାଓବାଦୀ ପୋଷ୍ଟର

- ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ

ବାଲିଗୁଡ଼ା,୨୦।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅଞ୍ଚଳରେ ଗତ ୨ ଦିନ ହେଲା ମାଓବାଦୀ ପୋଷ୍ଟର ମରାଯାଉଥିବାରୁ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଶନିବାର ସୁଡ୍ରା ପଞ୍ଚାୟତରେ ମାଓବାଦୀ ପୋଷ୍ଟର ଲାଗିଥିଲା। ରବିବାର କୋଟଗଡ଼ ବ୍ଲକ ତଥା ଥାନା ଅନ୍ତର୍ଗତ ପକାରୀ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ଓ ସମିତି ସଭ୍ୟଙ୍କ ଘର ଆଗରେ ଧମକପୂର୍ଣ୍ଣ ପୋଷ୍ଟର ଲାଗିଥିବା ଦେଖାଯାଇଛି। ଏଥିରେ ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ ଦିଆଯାଇଛି।

ସରପଞ୍ଚ ବହୁ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ବିଜୁ ପକ୍କାଘର ଓ ରାଶନ କାର୍ଡ ପ୍ରଦାନରେ ପାତରଅନ୍ତର କରାଯାଉଛି। ଠିକାଦାରଙ୍କଠାରୁ ଆଗୁଆ ଲାଞ୍ଚ ନେଉଥିଲେ ମଧ ଠିକ ଭାବେ ବିଲ କରୁନାହାନ୍ତି। ଯଦ୍ୱାରା ଶ୍ରମିକମାନେ ସେମାନଙ୍କ ଅର୍ଥ ନ ପାଇ ଅସୁବିଧା ଭୋଗୁଛନ୍ତି। ୧୫ ଦିନ ଭିତରେ ଏସବୁ ସମସ୍ୟାର ସମାଧାନ ନ ହେଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଏକ ଧଳା କାଗଜରେ ନାଲି ଅକ୍ଷରରେ ଲେଖାଯାଇଛି। କାଗଜ ଉପରେ ମରାଯାଇଥିବା ଏକ ଷ୍ଟାମ୍ପରେ ଦୁର୍ନୀତି ବିରୋଧରେ ଲଢ଼ିବ ଓଡ଼ିଶା ବୋଲି ଲେଖାଅଛି। ତଳକୁ ସିପିଆଇ ମାଓବାଦୀ କମାଣ୍ଡର, ଓଡ଼ିଶା ବୋଲି ଉଲ୍ଲେଖ ରହିଛି। ରବିବାର ସକାଳୁ ଏହି ପୋଷ୍ଟର ଦେଖିବା ପରେ ସରପଞ୍ଚ ଓ ସମିତିସଭ୍ୟ ଭୟଭୀତ ହୋଇପଡ଼ିଛନ୍ତି। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଉକ୍ତ ପଞ୍ଚାୟତରେ ପହଞ୍ଚି ନ ଥିଲା। ପୋଷ୍ଟର ମରାଯାଇଥିବା ଖବର ପହଞ୍ଚିଛି, ତେବେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ। ଏ ନେଇ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କର କୌଣସି ମତାମତ ମିଳିପାରି ନାହିଁ।



ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ଲାଗିଥିବା ପୋଷ୍ଟର।

## ଟ୍ରକ୍ ଚାପାରେ ହେଲପର ମୃତ

ବାମରା, ୨୦।୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ପଶ୍ଚିମ କେବିନ ରେଳ ଫାଟକ ପାଖରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଟ୍ରକ୍ ଚାପାରେ ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟ ଭାଗଲପୁର ଜିଲା ଆରା ବେଲୌଟି ଅଞ୍ଚଳର ଲବ ପାଶୱାନଙ୍କ ପୁଅ ଗୋଲୁ ପାଶୱାନ (୨୦)। ଶନିବାର ରାତି ପ୍ରାୟ ୧୧ଟାରେ ବାମରା ୱେଷ୍ଟ ରେଳ ଫାଟକ ବନ୍ଦଥିବା ବେଳେ କେତେକ ଟ୍ରକ ଅଟକି ରହିଥିଲା। ଏହି ସମୟରେ ଏକ ଦଶ ଚକିଆ ଟ୍ରକ୍ (ଓଡି ୧୫ ଜେ- ୧୭୫୨)ର ହେଲପର୍ ଟ୍ରକରୁ ଓହ୍ଲାଇ ଥିଲେ। ରେଳ ଫାଟକ ଖୋଲିଯିବାରୁ ଆଗରେ ଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା। ଏଣୁ ଘଟଣା ସ୍ଥଳରେ ହିଁ ହେଲପରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗୋବିନ୍ଦପୁର ପୋଲିସ ଓ ରେଳବାଇ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଏହାପରେ ମୃତଦେହ ଜବତ କରି ଗୋବିନ୍ଦପୁର ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ଆଣିଥିଲେ। ମାତ୍ର ଡାକ୍ତର ନ ଥିବା କାରଣରୁ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

ପର ଘରେ ପଶିବା ମହଙ୍ଗା ପଡିଲା

# ମାଡ଼ ଖାଇ ଜେଲ ଗଲେ ଯୁବକ

ବାମରା, ୨୦।୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ନ୍ୟୁ କଲୋନୀର ଜଣେ ବ୍ୟକ୍ତି ଅନ୍ୟ ଜଣକ ଘରେ ଶନିବାର ବିଳମ୍ବିତ ରାତିରେ ପଶିବା ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଯୁବକଙ୍କୁ ଗ୍ରାମବାସୀ ନିସ୍ତୁକ ମାଡ ଦେବା ସହ ପୋଲିସ ଜିମା ଦେଇଛନ୍ତି। ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ଧୁତୁରା ହରିଜନ ପଡ଼ାର ବଲ୍ଲଭ କୁଆ ଓରଫ୍ ବବଲୁ। ଅଭିଯୋଗକାରୀ ଶିବ ମେହେରଙ୍କ ଘରେ ବବଲୁ ପଶିଥିବା ବେଳେ ଘର ଲୋକ ଉଠି ପଡିଥିଲେ।। ଏହା ଦେଖି ବବଲୁ ଘର ଲୋକଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ହେବାରୁ ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ନିସ୍ତୁକ ମାଡ ମାରି ପୋଲିସ ଜିମା ଦେଇଥିଲେ। ଲୋକଙ୍କ ମାଡରେ ବବଲୁଙ୍କ ମୁଣ୍ଡ ଫାଟିଛି। ପୋଲିସ ଅଭିଯୁକ୍ତଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

- ସୁନା ଦୋକାନୀଙ୍କୁ ଆକ୍ରମଣ

## ଟଙ୍କା, ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ତିହିଡ଼ି, ୨୦।୧ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଦ୍ୟାଧରପୁର ଗ୍ରାମର ଅଭିରାମ କୁଣ୍ଡ ନାମକ ଜଣେ ସୁନା ଦୋକାନୀଙ୍କୁ ଶନିବାର ରାତିରେ ଆକ୍ରମଣ କରାଯାଇଛି। ଏଥିସହ ଦୁର୍ବୃତ୍ତମାନେ ଅଭିରାମଙ୍କଠାରୁ ଟଙ୍କା, ସୁନା ଓ ରୁପା ଅଳଙ୍କାର ଲୁଟ୍ ନେଇଯାଇଛନ୍ତି। ଅଭିରାମ ବିଲଣାସ୍ଥିତ ତାଙ୍କ ସୁନା ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ବିଲଣା-ବାରୋ ରାସ୍ତାରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରି ଆକ୍ରମଣ କରିଥିଲେ। ସେମାନେ ତାଙ୍କଠାରୁ ୬ ହଜାର ଟଙ୍କା ସହ ଅଳଙ୍କାର ଲୁଟ୍ କରି ନେଇଯାଇଥିଲେ। ସେ ଏନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଆହତ ହୋଇ ଅଭିରାମ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଡମ୍ଫର ଧକ୍କାରେ ଜଣେ ମୃତ

ସଜନାଗଡ଼, ୨୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ମିତ୍ରପୁର-କାଂଶ ରାସ୍ତାର କାଠପାଳ ପୋଲ ନିକଟରେ ଏକ ବାଲି ବୋଝେଇ ଡମ୍ଫର ଧକ୍କାରେ ତେଣ୍ଡା ଗ୍ରାମର ନରହରି ସିଂ ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ପରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାର ନରହରିଙ୍କ ବାମ ଗୋଡ଼ ହରାଇଲା ପରେ ମୃତ୍ୟୁ ସହିତ ସଂଗ୍ରାମ କରିଥିଲେ। ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଛି। ନ୍ୟାୟ ପାଇଁ ମୃତ ନରହରିଙ୍କ ସାନଭାଇ ଲାଲମୋହନ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

ବାମରା, ୨୦।୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତ ଟାଙ୍ଗରମୁଣ୍ଡା ଅଞ୍ଚଳରୁ ଗତ ସେପ୍ଟେମ୍ବର ମାସରେ ଏକ ବାଇକ ଚୋରି ଅଭିଯୋଗରେ ଗୋବିନ୍ଦପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାମରା ବସ୍ତି ଅଞ୍ଚଳର ଚିନ୍ମୟ ମାଗର ଓରଫ ମିଣ୍ଟୁ (୨୦)। ଟାଙ୍ଗରମୁଣ୍ଡା ଅଞ୍ଚଳର ଫକୀର ସେଠଙ୍କ ବାଇକ୍ ସେପ୍ଟେମ୍ବର ମାସରେ ଚୋରି ହୋଇଥିଲା। ଏ ନେଇ ସେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଉକ୍ତ ଚୋରି ବାଇକ୍ କିଣିଥିବା କୁଚିଣ୍ଡା ଅଞ୍ଚଳର ରାଜୁ ମାଝିଙ୍କ ଗତ କିଛି ଦିନ ତଳେ ମୃତ୍ୟୁ ଘଟିଥିବାରୁ ବାଇକକୁ ଉଦ୍ଧାର କରାଯାଇ ପାରିନାହିଁ ବୋଲି ପୋଲିସ କହିଛି।



"ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ଗୌରଚନ୍ଦ୍ର ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ରେଢ଼ାଖୋଲ,୨୦।୧(ଡି.ଏନ.ଏ.)
ରେଢ଼ାଖୋଲ ଗୌରଚନ୍ଦ୍ର ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଗତ ୨ଦିନ ଧରି ଅନୁଷ୍ଠିତ ହୋଇଛି। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନ କ୍ରୀଡା ଉତ୍ସାବକୁ ଉଦ୍‌ଘାଟନ କରିଥିଲେ। ଜୁନିୟର ବାଳକ ବିଭାଗରେ ଅଙ୍କୁଶ ସାହୁ, ବାଳିକା ବିଭାଗରେ ରଶ୍ମିତା ବେହେରା ଓ ସିନିୟର ବାଳକ ବିଭାଗରେ ସୁରଜ ସେନାପତି ଓ ରିତୁ ବେହେରା, ବାଳିକା ବିଭାଗରେ ଆଶା ବେହେରା ଚାମ୍ପିୟନ ହୋଇଛନ୍ତି। ଖେଳ ଶିକ୍ଷକ ସୁକାନ୍ତ ପ୍ରଧାନ, ଜଳଧର ପ୍ରଧାନ ଇଭେଣ୍ଟ ପରିଚାଳନା କରିଥିଲେ। ଶିକ୍ଷକ ପ୍ରମୋଦ ପ୍ରଧାନ, ରାଜୀବ ଲୋଚନ ଚାନ୍ଦ, ଶିକ୍ଷୟିତ୍ରୀ ନମିତା ପ୍ରଧାନ, ସସ୍ମିତା ପ୍ରଧାନ ସହଯୋଗ କରିଥିଲେ।

### ମାଷ୍ଟର୍ସ କ୍ରୀଡା ସଂଘର ବାର୍ଷିକ ଉତ୍ସବ

ସମ୍ବଲପୁର, ୨୦।୧ (ବ୍ୟୁରୋ)
ସମ୍ବଲପୁର ମାଷ୍ଟର୍ସ କ୍ରୀଡା ସଂଘର ବାର୍ଷିକ କ୍ରୀଡା ଉତ୍ସବ ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋକୁଳଚନ୍ଦ୍ର ଦର୍ଜିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳର ୧୦୮ ଜଣ କ୍ରୀଡାବିତ ଭାଗ ନେଇଥିଲେ । ଦୌଡ଼, ଲମ୍ଫଡିଆଁ, ସଟପୁଟ, ଡିସକସ୍ ଓ ଜ୍ୟାଭେଲିନ ଥ୍ରୋ ଇଭେଣ୍ଟ ହୋଇଥିଲା। କ୍ରିଷ୍ଣା ପାଢ଼ୀ ଶ୍ରେଷ୍ଠ କ୍ରୀଡାବିତ ଭାବେ ପୁରସ୍କୃତ ହୋଇଥିଲେ । ସୁରେନ୍ଦ୍ର ମୋହନ ପୁରୋହିତ, ଉମେଶ ପ୍ରଧାନ, ସୁରଜ ଯୋଗୀ, ସୁରେନ୍ଦ୍ର ସିଂ, ନରେନ୍ଦ୍ର ସିଂ, ସୁପ୍ରଭା ପ୍ରଧାନ ବ୍ୟକ୍ତିଗତ ଚାମ୍ପିୟନ ହୋଇଥିଲେ। ସମ୍ପାଦକ ସଦାଶିବ ପୁରୋହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଟ୍ୟାଙ୍କର-ବସ୍ ଧକ୍କା ଘଟଣା
### ଆହତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର, ପହଞ୍ଚିଲେ ପରିବାର ଲୋକେ

ସମ୍ବଲପୁର,୨୦।୧(ବ୍ୟୁରୋ): ସମ୍ବଲପୁର-ଅନୁଗୋଳ ୫୫ ନ. ଜାତୀୟ ରାଜପଥର କଣ୍ୟାକୁଦ ନିକଟରେ ଶନିବାର ଏକ ଗ୍ୟାସଟ୍ୟାଙ୍କର ଓ ଟୁରିଷ୍ଟ ବସ୍ ମଧ୍ୟରେ ଘଟିଥିବା ଦୁର୍ଘଟଣାରେ ଆହତଙ୍କ ସ୍ୱାସ୍ଥାବସ୍ଥାରେ ସୁଧାର ଆସିଛି। ରବିବାର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ କଲାଶ୍ରୀ ଗାଁରୁ ଏମାନଙ୍କ ଘର ଲୋକେ ଆସି ପହଞ୍ଚିଛନ୍ତି। ମୃତ ଶୁକଦେବ ଦାସ ଓ ମାତାଦି ଦାସଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା ରୁଜୁ କରି ଟ୍ୟାଙ୍କର ଓ ବସ୍‌କୁ ଜବତ କରିଛି । ହେଲେ ଫେରାରା ଡ୍ରାଇଭରଙ୍କୁ ଗିରଫ କରିପାରିନାହିଁ।

# ସରକାର ବିକାଶର ମିଛ ଡେଙ୍ଗୁରା ପିଟୁଛନ୍ତି

ସମ୍ବଲପୁର, ୨୦।୧ (ବ୍ୟୁରୋ)
ପ୍ରଦେଶ କଂଗ୍ରେସ କମିଟିର ଜନବାଦୀ ଇସ୍ତାହାର କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଟାଉନ ହଲ ପଡିଆରେ ଶୁଭାରମ୍ଭ ହୋଇଛି । ପରବର୍ତ୍ତି ସମୟରେ ଏହା ୧୯ଟି ସ୍ଥାନରେ ହେବ। ବିଭିନ୍ନ ବର୍ଗର ଜନସାଧାରଣଙ୍କ ମତ ଗ୍ରହଣ କରାଯିବ । ଆସନ୍ତା ସାଧାରଣ ନିର୍ବାଚନରେ ଦଳୀୟ ଇସ୍ତାହାରରେ ଏହାକୁ ସ୍ଥାନୀତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ଗୁରୁ ସୂଚନା ଦେଇ କହିଥିଲେ । ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଜନବାଦୀ ଇସ୍ତାହାର କଂଗ୍ରେସର ଛୋଟିଆ ସନ୍ଦେଶ । ଏଥିରେ ଜନସାଧାରଣଙ୍କ ମତ ଏବଂ ଓଡିଶାର ଭବିଷ୍ୟତ ରହିବ । ରାଜ୍ୟ ସରକାର ବିକାଶ ହୋଇଥିବା ଡିଣ୍ଡିମ ପିଟୁଛନ୍ତି । ପ୍ରକୃତ ପକ୍ଷେ ବିକାଶ ହୋଇନାହିଁ । ଏବେ ମଧ୍ୟ ରାଜ୍ୟର ଯୁବକଙ୍କୁ ନିଯୁକ୍ତି ମିଳିନାହିଁ। ଚାଷୀର ଉନ୍ନତି ହୋଇନାହିଁ । ଫଳରେ ଚାଷୀ ଆତ୍ମହତ୍ୟା ବଢ଼ିଛି । ଗରିବଙ୍କ ଅସୁବିଧା ଦୂରୀକରଣ ହୋଇନଥିବା ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ । ଅପରପକ୍ଷେ ସମବେତ ଜନସାଧାରଣଙ୍କ ମଧ୍ୟରୁ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପ୍ରଶାନ୍ତ ପ୍ରଧାନ, ଦିଲୀପ କୁମାର ନନ୍ଦ, ଆର୍ତ୍ତତ୍ରାଣ ଶତପଥୀ, ଏ.କେ. ଦାନୀ, ଦିବ୍ୟମଣୀ ସହସିଆ, ମନୋଜ ନାୟକ, ଇନ୍ଦ୍ରମଣୀ ବାରିକ, ଅବିନାଶ ରଣବିଡା ପ୍ରମୁଖ ଉପସ୍ଥିତ ଥିଲେ । ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମସ୍ତାନ ଭଲ୍ଲୁ, ବିସ୍ମୟ ମହାପାତ୍ର ଓ ସୁଦର୍ଶନ ଦାଶ, ସୋସିଆଲ୍ ମିଡିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ କିଶୋର ପଟେଲ, ରିପୁନାଥ ସେଠ, ପୂର୍ବତନ ବିଧାୟକ ବିରେନ ପାଣ୍ଡେ, ନିହାର ମହାନନ୍ଦ, ସତ୍ୟଭୂଷଣ ସାହୁ, ସନ୍ତୋଷ ସିଂ ସାଲୁଜା, ରାଜେନ୍ଦ୍ର ଛତ୍ରିଆ, ଦୁର୍ଯ୍ୟୋଧନ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ । ଆସଫ ଅଲ୍ଲି ଖାନ୍, ଜୁଲଫିକର୍ ଅଲ୍ଲିଭୁଟ୍ଟୋ, ନାରୀ ନେତ୍ରୀ ସୁତାପା ମିତ୍ର, ଆଶୁତୋଷ ନାୟକ, ଆଦିତ୍ୟ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରବିବାର ସମ୍ବଲପୁର ଟାଉନ ହଲ ପଡିଆଠାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଜନବାଦୀ ଇସ୍ତାହାର କାର୍ଯ୍ୟକ୍ରମରେ ବକ୍ତବ୍ୟ ଦେଉଛନ୍ତି ।

## ଭିସୁଟର ଆଇଓକେଇ-୮ ଉଦ୍‌ଘାଟିତ

ସମ୍ବଲପୁର, ୨୦।୧ (ବ୍ୟୁରୋ)
ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ସାଇ କ୍ଲବ ଟିମ୍ ଭିରସ୍ ରେସିଂ ଆଇଓକେଇ-୮ ଉଦ୍‌ଘାଟିତ ହୋଇଛି। କୁଳପତି ପ୍ରଫେସର ଅଟଳ ଚୌଧୁରୀ, ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ସୁଧାଂଶୁ ଶେଖର ଦାଶ, ଶିକ୍ଷା ଅଧ୍ୟକ୍ଷ ପ୍ରଦୀପ କୁମାର ଦାଶ, ପ୍ରାଧ୍ୟାପକ ପ୍ରଶାନ୍ତ ନନ୍ଦ, ପ୍ରାଧ୍ୟାପକ ପ୍ରଦୀପ କୁମାର ଜେନା ଅତିଥି ଭାବେ ଯୋଗ ଦେଇ ଥିଲେ । ସୂଚନାଯୋଗ୍ୟ ଯେ, ଆଇଓକେଇ-୮ ବାଲି, ମାଟି, ପଥୁରିଆ, କାଦୁଅ ପ୍ରଭୃତି ରାସ୍ତାରେ ଯାଇପାରିବ । ଏଥିସହ ୭ରୁ ୮ଫୁଟ ଉଚ୍ଚତାକୁ ଡେଇଁ ପାରିବ । ଏହି ଯାନକୁ ପିଥାମ୍‌ପୁର ଇନ୍ଦୋର ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚୟନ କରାଯାଇଛି । ଏଥିରେ ୧୨୦ଟି ଦଳ ଭାଗ ନେବେ। ଗତ ବର୍ଷ ମଧ୍ୟ ଟିମ୍ ଭିରସ୍ ରେସିଂ ଅଂଶଗ୍ରହଣ କରି ୧୫ତମ ସ୍ଥାନ ହାସଲ କରିଥିଲା ।

### ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ
## ଡଙ୍ଗାପାଳକୁ ହରାଇ ବଡମାଳ ସେମିଫାଇନାଲରେ

ରେଢ଼ାଖୋଲ/ଅମରପାଲି
୨୦।୧(ଡି.ଏନ.ଏ.)
ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ରେଙ୍ଗାଲି ରାଜା ଚୌରୀ ଖେଳପଡିଆଠାରେ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ରେବତୀ ସେଠି, ବଡମାଳ ଫାଣ୍ଡି ଅଧିକାରୀ ଶାନ୍ତନୁ ବେହେରା, ଚିତ୍ତରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ରେଙ୍ଗାଲି ମାରୁତି କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ଟର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ବଡମାଳ ଓ ଡଙ୍ଗାପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡଙ୍ଗାପାଳ ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିଥିଲା। ବଡମାଳ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୧ ରନ ସଂଗ୍ରହ କରିଥିଲା। ମନୋଜ ବାଘ ୩୦ ରନ ଓ ଅପୁଲ କାଣ୍ଡରା ୨୬ ରନ କରିଥିଲେ। ଜବାବରେ ଡଙ୍ଗାପାଳ ଦଳ ୯ ଉଇକେଟ ହରାଇ ମାତ୍ର ୬୬ ରନ କରି ପରାଜିତ ହୋଇଥିଲା। ମ୍ୟାଚଟି ଟି୧୦ ଓ ୬-୬ ଓଭର ବିଶିଷ୍ଟ ଫରମାଟରେ ଖେଳା ଯାଇଥିଲା। ପରେ ଖେଳା ଯାଇଥିବା ୬-୬ ଓଭର ଫରମାଟରେ ଡଙ୍ଗାପାଳ ଦଳ ନିର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଜବାବରେ ବଡମାଳ ଦଳ ଆବଶ୍ୟକ ୪୯ ରନକୁ ୩.୫ ଓଭରରେ ସଂଗ୍ରହ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ ଭୀମସେନ ସାହୁ ଓ ଲବଣିଶ୍ୱର ଦେହୁରୀ ଅତିଥି ଭାବେ ଯୋଗ ଦେଇ ବଡମାଳ ଦଳର ପପୁଲ କାଣ୍ଡରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ରତନ ସେଠି, ବିବେକାନନ୍ଦ ପ୍ରଧାନ ପରିଚାଳନା କରିଥିବାବେଳେ ଆଶିଷ ସେଠ ସ୍କୋରିଂ ଓ ତରୁଣ ନାଏକ ଧାରା ବିବରଣି ପ୍ରଧାନ କରିଥିଲେ।



ରେଙ୍ଗାଲିରେ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଇଣ୍ଡିଆନ ଅଏଲ ପକ୍ଷରୁ ସାଇକେଲ ରାଲି

ସମ୍ବଲପୁର, ୨୦।୧ (ବ୍ୟୁରୋ)
ଇଣ୍ଡିଆନ୍ ଅଏଲ କମ୍ପାନୀ ପକ୍ଷରୁ ସକ୍ଷମ ସାଇକଲ ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି । ପିଏଚଡି ପଡିଆରୁ ଏହି ସାଇକେଲ ରାଲି ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବୁଢ଼ାରଜା ହାଇସ୍କୁଲ, ଟାଙ୍ଗରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲର ଛାତ୍ରମାନେ ସାମିଲ ହୋଇଥିଲେ । କମ୍ପାନୀର ସିନିୟର ମ୍ୟାନେଜର ବିଜୟ ପ୍ରକାଶ, ମେହେନ୍ଦି ହାସନ, ସଞ୍ଜୟ ମୌର୍ଯ୍ୟ ଅତିଥିଭାବେ ଯୋଗଦେଇ ତୈଳ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ ।

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

ଅନୁଗୋଳ ଅଫିସ, ୨୦।୧
ଅନୁଗୋଳ ସହର ଉପକଣ୍ଠରେ ରବିବାର ଘଟିଛି ଏକ ଅଭାବନୀୟ ଘଟଣା। ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଖବରଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିଲେ ବି ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଦୀପିକା ରାୟଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଥାନା ଅଞ୍ଚଳର ଏକ ସାହିରେ ସମ୍ପୃକ୍ତା ଛାତ୍ରୀଙ୍କ ବାପା ଏକ ତେଜରାତି ଦୋକାନ ଦେଇଛନ୍ତି। ମଧ୍ୟାହ୍ନରେ ଛାତ୍ରୀ ଜଣକ ବାପାଙ୍କ ପାଇଁ ଘରୁ ଖାଇବା ଧରି ନାଳ ଅପରପାର୍ଶ୍ୱରେ ଥିବା ଦୋକାନ ଅଭିମୁଖେ ଯାଇଥିଲେ ହେଁ ଆଉ ଫେରି ନ ଥିଲେ। ମଧ୍ୟାହ୍ନରେ ସେହି ସାହିର ଜଣେ ମହିଳା ଅନ୍ୟ ସାହିକୁ ଯାଉଥିବା ବେଳେ ନାଳ ନିକଟ ରାସ୍ତାରେ ରକ୍ତ ପଡ଼ିଥିବା ଦେଖି ଭୟଭୀତ ହୋଇଯାଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ଶ୍ୱଶୁରଙ୍କୁ ସେ ରକ୍ତ ପଡ଼ିଥିବା ସ୍ଥାନ ଦେଖାଇଥିଲେ। ଏହା ପରେ ମହିଳାଙ୍କ ଶ୍ୱଶୁର ଉକ୍ତ ସାହିକୁ ଆସି ଜଣାଇବାରୁ ଲୋକେ ଘଟଣାସ୍ଥଳକୁ ଧାଇଁଥିଲେ। ଖୋଜାଖୋଜି ବେଳେ ରାସ୍ତାରେ ଏକ ବ୍ୟାଗ, ହଳେ ଚପଲ ଓ ରକ୍ତ ଭିଜା ପଥର ପଡ଼ିଥିବା ଦେଖିଥିଲେ। ଉକ୍ତ ସାମଗ୍ରୀ ତାଙ୍କର ବୋଲି ମୃତା ଛାତ୍ରୀଙ୍କ ମା' ଚିହ୍ନଟ କରିବା ପରେ ଗ୍ରାମବାସୀ ଖୋଜାଖୋଜି କରି ଏକ ବୁଦାମୂଳେ ସମ୍ପୃକ୍ତା ନାବାଳିକାଙ୍କ ଉଲଗ୍ନ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ତାଙ୍କ ଘର ଯାଞ୍ଚ ବେଳେ ପୋଲିସ ଅଭିଯୁକ୍ତ ପିନ୍ଧିଥିବା ସ୍ୱେଟରରେ ଘାସ ଫୁଲ ଲାଗିଥିବା ଓ ଗାମୁଛା ଓଦା ଥିବା ଦେଖି ତାହାକୁ ଜବତ କରିଥିଲା। ଘଟଣାସ୍ଥଳରେ ପୋଲିସ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରି ରାତିରେ ତଦନ୍ତ ଜାରି ରଖିଛି।

## ଚାରମାଳ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ରେଢ଼ାଖୋଲ,୨୦।୧(ଡି.ଏନ.ଏ.)
ରେଢ଼ାଖୋଲ ବ୍ଲକ ଚାରମାଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୭ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭା ସସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଉଦିତ ତ୍ରିପାଠି, ଚେରେଙ୍ଗା ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ଅଧ୍ୟାପକ ମନୋରଞ୍ଜନ ମହନ୍ତ ବକ୍ତା ଭାବେଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା କିନି ସାହୁ ସଭାପତିତ୍ୱ କରିଥିଲେ। ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଆଲୋକ କୁମାର ସେଠି ଅତିଥି ପରିଚୟ ଓ ଗୁରୁଜୀ ସୁବାସଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଉପସଭାପତି ବଳରାମ ବେହିହା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଚାରମାଳ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

## ଫୁଟବଲରେ ଭାରତ କ୍ଲବ ବିଜୟୀ

ସମ୍ବଲପୁର, ୨୦।୧ (ବ୍ୟୁରୋ)
ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ କୁରେଟୋଲା ଭାରତ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଭାରତ କ୍ଲବ ବନାମ ଅଇଁଠାପାଲି ମଧ୍ୟରେ ମ୍ୟାଚ ଏକତରଫା ହୋଇଥିଲା । ଭାରତ କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ସଞ୍ଜୟ ଖଡିଆ ୨ଟି ଓ ଗଙ୍ଗା ଓରାମ ଗୋଟିଏ ଗୋଲ ସ୍କୋର କରିଥିଲେ। କିଶୋର ପଣ୍ଡା, ମନୋଜ ଭୋଇ, ପଦ୍ମ ମେହେର, ଲକ୍ଷ୍ମଣ ନାଥ ମ୍ୟାଚ ପରିଚାଳନା କରିଥିଲେ । ଅଇଁଠାପାଲିର ମଣ୍ଟୁ ମୁଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । କ୍ରୀଡା ସଂଗଠକ ଅକ୍ଷୟ କୁମାର ପ୍ରଧାନ ମୁଖ୍ୟଅତିଥି, ହରିହର ପାଢ଼ୀ ଓ ସୟଦ ଜିନ୍ଦା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଭଲିଆପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚିପିଲିମା, ୨୦।୧ (ଡି.ଏନ.ଏ.)
ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ପଞ୍ଚାୟତ ଭଲିଆପାଲିଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ୫ ଦିନିଆ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦାନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବୈରାଗୀଚରଣ ଆଚାର୍ଯ୍ୟ, ବାପି ଦାସ, ମନୋଜ ଦେବତା, ଅସିତ ପାଢ଼ୀ, ପ୍ରଶାନ୍ତ ଦାସ, ରଞ୍ଜନ ମହାପାତ୍ର ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ । କର୍ତ୍ତା ଭାବରେ ଯୁଧିଷ୍ଠିର ପଣ୍ଡା, ରାଧାମୋହନ ପାଣିଗ୍ରାହୀ, ଶରତଚନ୍ଦ୍ର ପଣ୍ଡା, ଭକ୍ତପ୍ରସାଦ ପାଣିଗ୍ରାହୀ ଓ ଶଙ୍କର୍ଷଣ ପାଣିଗ୍ରାହୀ ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିଲେ।

# ଯୁବସମାଜ ହେଉଛି ରାଷ୍ଟ୍ରର ଶକ୍ତି

ସମ୍ବଲପୁର, ୨୦।୧ (ବ୍ୟୁରୋ)
କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଭାରତୀୟ ଜନତା ପାର୍ଟି (ଭାଜପା) ଯୁବ ମୋର୍ଚ୍ଚା ପକ୍ଷରୁ ଯୁବ ମହାସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଯୋଗ ଦେଇ କହିଥିଲେ ଯେ, ରାଷ୍ଟ୍ରର ଶକ୍ତି ହେଉଛି ଯୁବ ଶକ୍ତି । ଯୁବକମାନେ ଏକଜୁଟ ହୋଇ ଭାଜପାକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ, ସଭ୍ୟ ଦିନେଶ ଶର୍ମା, ପିଙ୍କୁ ପାଣୀ, ପୂର୍ବତନ ଜିଲା ସଭାପତି ନାଉରୀ ନାୟକ, ଗିରିଶ ପଟେଲ, ରିକି ବେହେରା, ବିଧାନସଭା ପ୍ରଭାରୀ ଭରତ ପ୍ରଧାନ, ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ, ମହାନଦୀ ମଣ୍ଡଳ ସଭାପତି ସୁଶାନ୍ତ କୁମାର ପୁରୋହିତ, ସାକ୍ଷୀଗୋପିନାଥ ମଣ୍ଡଳ ସଭାପତି କ୍ରିଷ୍ଣା ମହାକୁର, ବିର୍ସାମୁଣ୍ଡା ମଣ୍ଡଳ ସଭାପତି ଗିରିଜା ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଶୁଭେନ୍ଦୁ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଶ୍ୱିନୀ ମାଝି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିବ ଦିୱାନ ସୂଚନା ପ୍ରଦାନ କରିଥିଲେ। ସୌମିତ୍ର ଜ୍ୟୋତି ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ସମ୍ବଲପୁର ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ରିକନ୍ ପଟ୍ଟନାୟକ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା।



ରବିବାର ସମ୍ବଲପୁରରେ ଭାଜପା ଯୁବ ମହାସମାବେଶରେ ନେତୃବୃନ୍ଦ ।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ମୋ ଭବିଷ୍ୟତ, ମୋ ସ୍ୱାକ୍ଷର ଯୋଜନା ଅଭିଯାନ

**ତରଭା, ୨୦।୧(ଡି.ଏନ.ଏ.)-** ତରଭା ବ୍ଲକ ସମ୍ମୁଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜିଲା ସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ମୋ ଭବିଷ୍ୟତ ମୋ ସ୍ୱାକ୍ଷର ଯୋଜନା ଅଭିଯାନ ରବିବାର ଆରମ୍ଭ ହୋଇଛି। ଏଥିରେ ବ୍ଲକ ଯୁବ ବିଜେଡି ସଭାପତି ଗଦିଦାର କୁଅଁର, ନଗର ଯୁବ ବିଜେଡି ସଭାପତି ଗଗନ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ ଯୋଗଦେଇ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ତଥା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କର ଷ୍ଟାଇପେଣ୍ଡ କାଟ୍ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା। ଜିଲା ବିଜେଡିର ସାଧାରଣ ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ । ସୁବାଷ ସେଠୀ, ସୂର୍ଯ୍ୟ ସାହୁ, ଜନାର୍ଦ୍ଦନ ଥନାପତି, ରୋହିତ ସାହୁ, ଯଦୁ ରଣାଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ ।

### ଇଙ୍କ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ଅତିଥିଙ୍କ ମତ

# ବିକେନ୍ଦ୍ରୀକରଣ ନ ହେଲେ ଗଣତନ୍ତ୍ରର ମୂଲ୍ୟ ନାହିଁ

**ସୋନପୁର,୨୦।୨ (ନି.ପ୍ର.)**

ଭାରତର ବିଶେଷତା ହେଉଛି ଭିନ୍ନତା ମଧ୍ୟରେ ଏକତା। ଭିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ଲୋକ ଏଠାରେ ବସବାସ କରନ୍ତି। ଏହି ବିରାଟ ଭୂଖଣ୍ଡର ଅଧିବାସୀଙ୍କ ଭାଷା, ଚାଲିଚଳନ ମଧ୍ୟରେ ସମାନତା ନାହିଁ। ଆଞ୍ଚଳିକତା ବାଦ ମଧ୍ୟ ଭରି ରହିଛି। ତେଣୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳମାନଙ୍କ ଦ୍ୱାରା ବିବିଧତା ବଜାୟ ରହିବା ସହ ଗଣତନ୍ତ୍ରର ସୁରକ୍ଷା ସମ୍ଭବ ବୋଲି ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ରବିବାର ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିବ ନନ୍ଦ ଆଲୋଚକଭାବେ ଯୋଗଦେଇ କହିଥିଲେ ଯେ, ଦେଶରେ ଆଞ୍ଚଳିକ ଦଳଙ୍କ ସଂଖ୍ୟା ବଢି ବଢି ଚାଲିଛି। ଲୋକଙ୍କ ମଧ୍ୟରେ ଏ ନେଇ ଏକ ନକାରାତ୍ମକ ଚିନ୍ତାଧାରା ରହିଛି । ଲୋକେ ସ୍ଥିର ଓ ମଜବୁତ ସରକାର ଚାହୁଁଛନ୍ତି । ତେବେ ଏହା ଠିକ୍ ନୁହଁ । ଜାତୀୟ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଦଳଗୁଡିକ ସ୍ଥାନୀୟ ଚିନ୍ତାର ପରିପନ୍ଥୀ କାର୍ଯ୍ୟ କରୁଛନ୍ତି । ଆଞ୍ଚଳିକ ଅଶା ଆକାଂକ୍ଷା ପୂରଣ କରିବାରେ ଜାତୀୟ ଦଳ ବିଫଳ ହେବାରୁ ଆଞ୍ଚଳିକ ଦଳ ମୁଣ୍ଡ ଟେକୁଛି। ୬୦ଦଶକ ପରେ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳ ରାଜ୍ୟ ଉପରେ ସାମ୍ବିଧାନିକ ବ୍ୟବସ୍ଥାର ବହୁବାର ଅପପ୍ରୟୋଗ କରିଛି। ତେଣୁ ଦେଶରେ ଆଞ୍ଚଳିକ ଦଳଙ୍କ ଗୁରୁତ୍ୱ ବଢିଛି। ତେବେ ଏହି ଦଳଗୁଡିକ କେବଳ ନିର୍ବାଚନରେ ଜିତିବାକୁ ଗୁରୁତ୍ୱ ଦେବା ବିଡମ୍ବନାର ବିଷୟ। ଆଞ୍ଚଳିକ ଦଳଗୁଡିକ ଜାତୀୟ ସ୍ୱାର୍ଥ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ନନ୍ଦ ମତପ୍ରକାଶ କରିଥିଲେ।

ଅନ୍ୟତମ ଆଲୋଚକଭାବେ ଯୋଗଦେଇ ଅଶୋକ ସାହୁ କହିଥିଲେ ଯେ, ଜାତୀୟ ଦଳଗୁଡିକ ଏକକ ସଂଖ୍ୟାଗରିଷ୍ଠ ପାଇ ଶାସନ କରିବା ପରେ ରାଜ୍ୟଗୁଡିକ ପ୍ରତି ପାତରଅନ୍ତର କରିଥାନ୍ତି। ଏଭଳି ପୁଞ୍ଜିଭୂତ ଅସନ୍ତୋଷ କାରଣରୁ ଆଞ୍ଚଳିକ ଦଳଗୁଡିକର ଆବିର୍ଭାବ ହୋଇଛି। ତେବେ ଦଳୀୟ ସ୍ୱାର୍ଥ ଛାଡି ସଂଘୀୟ ବ୍ୟବସ୍ଥାକୁ ମଜବୁତ କରିବାକୁ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟପକ୍ଷେ ରାଜ୍ୟଗୁଡିକ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣ ନ ହେଲେ ଗଣତନ୍ତ୍ରର କିଛି ମୂଲ୍ୟ ନାହିଁ ବୋଲି ସାହୁ ମତ ଦେଇଥିଲେ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ଓ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ଅତିଥିଭାବେ ଯୋଗଦେଇ ଦେଶରେ ଆଞ୍ଚଳିକ ଦଳମାନଙ୍କର ଗୁରୁତ୍ୱ ସର୍ବଦା ରହିବ, ତେବେ ଦଳଗୁଡିକ ଜାତୀୟ ସ୍ୱାର୍ଥ ପ୍ରତି ସାଲିସ କରିବା ଅନୁଚିତ ବୋଲି ମତପ୍ରକାଶ କରିଥିଲେ। ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଗୋବିନ୍ଦ ମହାରଣା ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଦେଖାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୁଦାମ ବିଶ୍ରି ଓ ଦେବକିନନ୍ଦନ ମିଶ୍ର ସଂଯୋଜନା କରିଥିଲେ। ଯୁଗଳେଶ୍ୱରୀ ଦାଶ, ଶିକ୍ଷାବିତ୍ ହରପ୍ରସାଦ ରଥ, ବ୍ରଜମୋହନ ଦାନୀ, ଗୌରିଶ୍ୟାମ ପଣ୍ଡା ଓ ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ଡ. ଦେବାଶିଷ ପାଣ୍ଡିଆ, ପୁରୁଷୋତ୍ତମ ମିଶ୍ର, ଅମ୍ବୁଜ ବିହାରୀ ଶତପଥୀ, ସ୍ୱାଧୀନ ମେହେର, ସୌରଭ ଖମାରୀ, ଶ୍ୟାମାଓଁ ପ୍ରସାଦ ମିଶ୍ର, ବେଣୁଧର ପଧାନ, ଗତିକୃଷ୍ଣ ମିଶ୍ର, ଘାସିରାମ ପଣ୍ଡା ଓ ପ୍ରଭୁଦତ୍ତ ରଥ ପ୍ରମୁଖ ଶିକ୍ଷାବିତ୍ ଓ ସାହିତ୍ୟିକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

## ପ୍ରଦୂଷଣ ବଢ଼ାଉଛି ରାଇସ୍ ମିଲ୍

**ବିନିକା, ୨୦।୧(ଡି.ଏନ୍.ଏ.)**

ବିନିକା ଅଞ୍ଚଳରେ ପ୍ରଦୂଷଣ ବଢିବାରେ ଲାଗିଛି। ଏଥିପାଇଁ ଏଠାରେ ଥିବା ଏକାଧିକ ରାଇସ୍ ମିଲକୁ ଦାୟି କରିଛନ୍ତି ଅଞ୍ଚଳବାସୀ। ପ୍ରତ୍ୟହ ଏହିସବୁ ମିଲରୁ ନିର୍ଗତ ରାଖଡ ଓ ଦୂଷିତ ପାଣି ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି। ମିଲରୁ ନିର୍ଗତ ଦୂଷିତ ପାଣି ଜାମପାଲି ମୁଖ୍ୟ କେନାଲରେ ମିଶୁଛି। ଏହି ଜଳକୁ ବ୍ୟବହାର କରୁଥିବା ଲୋକେ ଜଣ୍ଡିସ, ଚର୍ମରୋଗ ଭଳି ରୋଗରେ ସଂକ୍ରମିତ ହେଉଛନ୍ତି। ବିଶେଷ କରି ଜାମପାଲି, ସାଲ୍‌ମାଟିକ୍ରା ଏବଂ ସର୍ଗୁଣା ପ୍ରଭୃତି ଗାଁର ଲୋକେ ଅସୁବିଧା ଭୋଗୁଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ସମ୍ପୃକ୍ତ ମିଲର୍ସମାନେ ନିର୍ଗତ ରାଖଡ ଏବଂ ଦୂଷିତ ପାଣି ରୋକିବାକୁ ଦାବି କରିଛନ୍ତି ଜାମପାଲି ବୀରସୁରେନ୍ଦ୍ର ସାଏ ୟୁଥ କ୍ଲବ ସଭାପତି ସୀତାରାମ ପଳିତା, ସମ୍ପାଦକ ସର୍ବେଶ୍ୱର କ୍ଷେତୀ ଓ କ୍ଲବ୍‌ର ସମସ୍ତଙ୍କ ସହ ସର୍ଗୁଣା ଓ ସାଲ୍‌ମାଟିକ୍ରା ଗ୍ରାମର ଚାଷୀ ମଳମଳ ବେହେରା, ସଦାଶିବ ବାଘ, ଗୋପାଳ ଜାଲ, ସୁଶାନ୍ତ ଗଡୁଆ, ତୁଳସୀରାମ କର୍ମୀ। ସେମାନେ ଧାର୍ଯ୍ୟ କରିଥିବା ସମୟରେ ପଦକ୍ଷେପ ନ କଲେ ମିଲଗୁଡିକ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ୟୁଥ କ୍ଲବର ସଭାପତି ପଳିତା ଚେତାବନୀ ଦେଇଛନ୍ତି।

# ନ୍ୟୁ ଷ୍ଟାରକୁ ହରାଇ ବାଇଗନଜୁରୀ ଚାମ୍ପିୟନ

**ଉଲୁଣ୍ଡା, ୨୦।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦଶରାଜପୁରର ରାମଚନ୍ଦ୍ର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ସପ୍ତମ ଆଦିତ୍ୟ ପ୍ରସାଦ ପଣ୍ଡା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଲେକ୍ରିଗୁର୍ଡା ପଡିଆରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ବାଇଗନଜୁରୀ ଦଳ ନ୍ୟୁଷ୍ଟାର ସୋନପୁର ଦଳକୁ ୭ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିଣି ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ଉଇକେଟ ହରାଇ ୭୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପବିତ୍ର ସାହୁ ସର୍ବାଧିକ ୨୪ରନ କରିଥିଲେ। ଏହାର ଯବାବରେ ବାଇଗନଜୁରୀ ଦଳ ଅନୀଲ ବରଗ୍ରିଙ୍କ ଅପରାଜିତ ୫୧ରନ ସହାୟତାରେ ୭୫ ରନର ବିଜୟ ଲକ୍ଷ୍ୟକୁ ୪.୫ ଓଭରରେ ହାସଲ କରିନେଇ ବିଜୟୀ ହୋଇଥିଲେ। ଫାଇନାଲ ଖେଳକୁ ବ୍ୟାସଦେବ ମେହେର ଓ ପୀତବାସ ମେହେର ପରିଚାଳନା କରିଥିଲେ। ରାଜା ପଧାନ ସ୍କୋରିଂ କରିଥିବା ବେଳେ ରାମହରି ମେହେର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ କ୍ରିକେଟ ଆସୋସିଏଶନ୍ ସଂଯୋଜକ ଉରୁକ୍ରମ ପାଣ୍ଡିଆ ସଂଯୋଜନା କରିଥିଲେ। ଏଥିରେ ଅତିଥି ଭାବେ ଯୁବନେତା ପ୍ରଦୀପ ସେଠୀ, ଶିକ୍ଷାବିତ ବାଳମୁକୁନ୍ଦ ପଣ୍ଡା ଓ ସୁମନ୍ତ ସାହୁ ଯୋଗଦେଇ ବିଜୟୀ ବାଇଗନଜୁରୀକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ସୋନପୁରକୁ ଟ୍ରଫି ସହ ୬ହଜାର ଟଙ୍କା ପ୍ରଦାନ କରିଥିଲେ। ବାଇଗନଜୁରୀର ଅନୀଲକୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବିଶାଲଙ୍କୁ ମ୍ୟାନ ଅଫ୍ ଦି ସିରିଜର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅରକ୍ଷୀତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନଙ୍କଠାରୁ ବିଜୟୀ ଦଳର ଅଧିନାୟକ ଟ୍ରଫି ଗ୍ରହଣ କରୁଛନ୍ତି।

### ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡ଼ା

# ସୁଟୁକୀ, ସୁପ୍ରଭା ମହିଳା, ସୁଶୀଲ, ସତ୍ୟଜିତ ପୁରୁଷ ବର୍ଗ ଚାମ୍ପିୟନ

**ବୀରମହାରାଜପୁର, ୨୦।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । କଲେଜ ପଡିଆରେ ଦୁଇଦିନ ଧରି ଚାଲିଥିବା ଉକ୍ତ ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବର୍ଗରେ ୭୦୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ଦୁଇ ଏବଂ ଯୁକ୍ତତିନି ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସକାଶେ ସ୍ୱତନ୍ତ୍ର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳେ ନିକଟବର୍ତ୍ତି ଚମ୍ପେଶ୍ୱର ମନ୍ଦିରରୁ ମଶାଲ ଅଣାଯାଇ କ୍ରୀଡାଙ୍ଗନରେ ସ୍ଥାପନ କରାଯିବା ପରେ ଅଧ୍ୟକ୍ଷ ମୁରଲୀଧର ହୋତା କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ସର୍ବାଧିକ ପଏଣ୍ଟ ହାସଲ କରି ମହିଳା ବର୍ଗରେ ସୁଟୁକୀ ଭୋଇ ଯୁକ୍ତ ଦୁଇ ଏବଂ ସୁପ୍ରଭା ବାଘ ଯୁକ୍ତ ତିନି ତଥା ପୁରୁଷ ବର୍ଗରେ ସୁଶିଲ ଖପରଧୁଆ ଯୁକ୍ତଦୁଇ ଏବଂ ସତ୍ୟଜିତ କୁଅଁର ଯୁକ୍ତ ତିନି ଚଳିତ ଶିକ୍ଷାବର୍ଷର କ୍ରୀଡା ଚାମ୍ପିୟନ ଘୋଷିତ ହୋଇ ଟ୍ରଫି ହାସଲ କରିଥିଲେ । ଦୁଇଦିନ ଧରି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାକୁ ପିଇଟି ନରେନ୍ଦ୍ର ଚାନ୍ଦଙ୍କ ତତ୍ତ୍ୱାବଧାନରେ ବିପ୍ରଚରଣ ପେରା ଓ ଅଭିନନ୍ଦନ ପୂଜାହାରୀ ପରିଚାଳନା କରିଥିଲେ । କଲେଜ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ମନ୍ତ୍ରୀ ତଥା କଲେଜର ପ୍ରତିଷ୍ଠାତା ସମ୍ପାଦକ କାର୍ତ୍ତିକ ପ୍ରସାଦ ତରିଆ ମୁଖ୍ୟଅତିଥି ଓ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ହିମାଂଶୁଶେଖର ପାଢ଼ୀ । ସେହିପରି ଅଧ୍ୟାପକ ଶିବ କୁମାର ପୁରୋହିତ, ସୁନୀଲ ତ୍ରିପାଠୀଙ୍କ ସହ ଅରୁଣ ଥନାପତି, କିଶୋର ଚନ୍ଦ୍ର ପଣ୍ଡା ଓ ସୁବାଷ ଶତପଥୀ ପ୍ରମୁଖ କଲେଜ କର୍ମଚାରୀ ପରିଚାଳନାରେ ସହାୟତା କରିଥିଲେ ।



ଅତିଥିମାନଙ୍କ ଗହଣରେ କ୍ରୀଡା ଚାମ୍ପିୟନ ଛାତ୍ରୀଛାତ୍ର।

# ଆଜି ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକ ଉତ୍ସବ

**ପୁରୀ ଅଫିସ,୨୦।୧**

ସୋମବାର ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଅପରାହ୍ନ ୪ଟାରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ସଭା କାର୍ଯ୍ୟ ଓ ସନ୍ଧ୍ୟା ୭ଟା ୩୦ରେ ମହାଆଳତି କରାଯିବ। ଏଥିରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ବରିଷ୍ଠ ସାଧୁସନ୍ଥ, ମଠ ମହନ୍ତ, ଶ୍ରୀମନ୍ଦିର ସେବକ, ମୁକ୍ତିମଣ୍ଡପ ବ୍ରାହ୍ମଣ ରାଜନେତା ଏବଂ ବୁଦ୍ଧିଜୀବୀ ଯୋଗଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୧୧ ବର୍ଷ ପୂର୍ବେ ମହୋଦଧିରେ ସନ୍ଧ୍ୟା ଆଳତି ଶୁଭାରମ୍ଭ କରିଥିଲେ।

# ନାଟ ମେଳା ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା

**ସୋନପୁର,୨୦।୧(ନି.ପ୍ର.)**

ରାଷ୍ଟ୍ରୀୟ ନାଟ୍ ମେଳା-୧୯ ପାଇଁ ନାଟ୍ ଅନୁଷ୍ଠାନ ତରଫରୁ ନାନାବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରାୟ ୫୦ ଜଣ ପ୍ରତିଯୋଗୀଙ୍କୁ ନେଇ ଏକକ ଅଭିନୟ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକକ ଅଭିନୟରେ ସୋନପୁର ଆଇଡିଏଲ ପବ୍ଲିକ ସ୍କୁଲର ଧରିତ୍ରୀ ମେହେର ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଯଶୋବନ୍ତ ସାଗର ଦ୍ୱିତୀୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟର ପୂଣ୍ୟତୟ ବିଶି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମୁଁ ଯଦି ପ୍ରଧାନମନ୍ତ୍ରୀ ହୋଇଥାଆନ୍ତି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଆଇଡିଏଲ ପବ୍ଲିକ ସ୍କୁଲର ଅଭିଷେକ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଞ୍ଚିତା ମିଶ୍ର ଏବଂ ଆଇଡିଏଲ ପବ୍ଲିକ ସ୍କୁଲର ସୁମନ ବିଶ୍ୱାଳ ଯୁଗ୍ମଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ଶୀବାନୀ ସ୍ନେହା ସାହୁ ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୀପାଞ୍ଜଳି ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାଗୁଡିକରେ ସଙ୍ଗୀତଜ୍ଞ ବିକାଶ ଚନ୍ଦ୍ର ମିଶ୍ର, ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ଅଭିନେତା ପ୍ରଦ୍ୟୁମ୍ନ ସାହୁ, ଇରାଦତ ଖାନ ଏବଂ ଅଭିନେତ୍ରୀ ଶ୍ରୀୟାଂଶୀ ପାଣିଗ୍ରାହୀ ବଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ନାଟ୍ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ନାଟ୍‌ର ସମ୍ପାଦକ(ସଂସ୍କୃତି) ଅବିନାଶ ହୋତା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞା ଭାରତୀ ବିଦ୍ୟାଳୟର ନିର୍ଦ୍ଦେଶକ ସନ୍ତୋଷ ପୂଜାହାରୀ, ନାଟ୍‌ର ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ମଞ୍ଚାସୀନ ଥିଲେ। ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅମୀୟ ରଞ୍ଜନ ଦାଶ ଏବଂ ଗୌତମ ମେଣ୍ଡିଲି ସହଯୋଗ କରିଥିଲେ। ଫେବୃୟାରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ସୋନପୁରରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ନାଟ ମେଳା ୨୦୧୯ ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଏକକ ଅଭିନୟ ଓ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ବୃନ୍ଦ।

### ପୁରାତନ ଫୁଟବଲ ଖେଳାଳି ସଂଘ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ

# ସୋନପୁରକୁ ହରାଇ ଟ୍ରଫି ଜିତିଲା ବୁର୍ଲା

**ବୀରମହାରାଜପୁର, ୨୦।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ସ୍ଥାନୀୟ ପୁରାତନ ଫୁଟବଲ ଖେଳାଳି ସଂଘ ତରଫରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ ୪ଟି ବଛା ବଛା ଟିମ ଅଂଶଗ୍ରହଣ କରିଥିବା ବେଳେ ସୋନପୁର ଓ ବୁର୍ଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁରକୁ ୪-୨ ପେନାଲଟି ସୁଟ ଆଉଟ୍‌ରେ ହରାଇ ବୁର୍ଲା ଦଳ ଚାମ୍ପିୟନ ଘୋଷିତ ହୋଇଥିଲା ।

ବୃତାନ୍ତ ଖେଳ ପୂର୍ବରୁ ଆୟୋଜିତ ଦୁଇଟି ମ୍ୟାଚରେ କନ୍ଧମାଳ ସହିତ ସୋନପୁର ଏବଂ ବୁର୍ଲା ସହିତ ମୁଡେନପାଲିର ମୁକାବିଲା ହୋଇଥିଲା। ଏଥିରେ ସୋନପୁର ଏବଂ ବୁର୍ଲା ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ। ରେଫରୀ ଭାବେ ଅଜିତ ନାଏକ, ସୁଦାମ ଜଗଦଲା, ପ୍ରଶାନ୍ତ ଷାଣ୍ଡ ଓ ସିଦ୍ଧାର୍ଥ ପାତ୍ର ଖେଳଗୁଡିକ ପରିଚାଳନା କରିଥିଲେ । ସେହିପରି ଧାରା ବିବରଣୀ ପ୍ରଦାନ କରିଥିଲେ କିଶୋର ହୋତା ଓ ଅଭିମନ୍ୟୁ ବରଗ୍ରି। ଫାଇନାଲ ମ୍ୟାଚ ଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଇଂ. ଆଶ୍ରୟ ମହାନନ୍ଦ, ବୀରମହାରାଜପୁର ସ୍ପୋର୍ଟିଂ କ୍ଲବର ସଭାପତି ପର୍ଶୁରାମ ଦେହୁରୀ ଓ ସମ୍ପାଦକ ସତ୍ୟନାରାୟଣ ମହାକୁର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୁରାତନ ଖେଳାଳି ସଂଘର ସଭାପତି ସୁନୀଲ ଟପ୍ପୋ, ସମ୍ପାଦକ ସିଦ୍ଧାର୍ଥ ପାତ୍ର, ଅମିତ ପଧାନ, କାର୍ତ୍ତିକ ମହାକୁର ଏବଂ ଅରବିନ୍ଦ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ବୁର୍ଲା ଦଳ ।

# ‘ଓଡ଼ିଶାରେ ଉଚ୍ଚଶିକ୍ଷାର ସମସ୍ୟା ଓ ଆହ୍ୱାନ’ ଶୀର୍ଷକ ଆଲୋଚନାଚକ୍ର

**ତରଭା ୨୦।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜ ପରିସରରେ ଅଧ୍ୟକ୍ଷ ପ୍ରଫେସର ଶମ୍ଭୁଭୂଷଣ ପଣ୍ଡାଙ୍କ ସଭାପତିତ୍ୱରେ ‘ଓଡିଶାରେ ଉଚ୍ଚ ଶିକ୍ଷାର ସମସ୍ୟା ଏବଂ ଆହ୍ୱାନ’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋନପୁର କଲେଜର ଅଶ୍ୱିନୀ କୁମାର ହୋତା ମୁଖ୍ୟ ସାଧନକର୍ମୀ ଭାବେ ଯୋଗଦେଇଥିଲେ। ସମ୍ମାନିତ ସାଧନକର୍ମୀ ଭାବେ ଡୁଙ୍ଗୁରିପାଲି କଲେଜର ଡ. କିଶୋର ମେହେର ଓ ଓଡିଶା ଆଦର୍ଶ ବିଦ୍ୟାଳୟ ଜାମକାନିର ଅଧ୍ୟକ୍ଷ ପଞ୍ଚାନନ ପଧାନ ଯୋଗଦେଇଥିଲେ। ଅଧୁନା ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ପୂର୍ବକ ଶିକ୍ଷାୟତନରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଆବାହକ ଡ.ସରୋଜିନୀ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅନୋଜ ଭୁକ୍ତା ଆଲୋଚନାର ପ୍ରମୁଖ ସିଦ୍ଧାନ୍ତ ଉପରେ ଆଲୋକପାତ କରିଥିଲେ । ପ୍ରଧ୍ୟାପକ ମିନତୀ ମିଶ୍ର, ମୋନାଲିସା ପ୍ରଧାନ, ବିତତୀ ମିଶ୍ର, ଛାତ୍ରୀ ସୁପ୍ରିୟା ନାଏକ, କନ୍ଧମାଳ ଡିଗ୍ରୀ କଲେଜର ପ୍ରଧ୍ୟାପକ ଶିବଦତ୍ତ ପୁରୋହିତ, ସଂଶିତ ରଥ ଓ ଅଚ୍ୟୁତ ଭୁଏ ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷକ/ ଅଧ୍ୟାପକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପ୍ରଧ୍ୟାପକ ବସନ୍ତ ଖଟୁଆ, ରାଜୀବ ଯୋଶୀ ଓ ପ୍ରଧ୍ୟାପିକା ନିକିତା ହୋତା ପ୍ରମୁଖ ସାଧନ କର୍ମୀଙ୍କ ସହ ବାର୍ତ୍ତା ବିନିମୟ କରିଥିଲେ । ଦେବେନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଡ. ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇ ଦିବସିୟ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ପ୍ରଧ୍ୟାପିକା ସଂଯୁକ୍ତା ବାଈ, ସୁଜାତା ପରିଡା, ନିରଞ୍ଜନ ପୁରୋହିତ, ବୁଲୁ ଭୋଇ, ବିଭୀଷଣ ପଧାନଙ୍କ ସମେତ କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ ।

# ପ୍ରାକୃତିକ ପେନ୍‌କିଲର



ଡା. ଆଶିଷ ବାନାର୍ଜୀ

ସୁସ୍ଥ ଶରୀରରେ ସ୍ନାୟୁମାନଙ୍କରେ ବାୟୁ ସୁଚାରୁରୂପେ ପ୍ରବାହିତ ଯୋଗୁ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଚାଲିଥାଏ। ଏହି ବାୟୁ କୌଣସି କାରଣରୁ ଅବରୋଧ ହେଲେ ସେହି ପ୍ରବାହିତ ହେଉଥିବା ସ୍ଥାନରେ ଯନ୍ତ୍ରଣା ଉତ୍ପନ୍ନ ହୋଇ ସେ ଅଞ୍ଚଳଟି କାର୍ଯ୍ୟାକ୍ଷମ ହୋଇପଡ଼େ ଏବଂ ସନ୍ଧିସ୍ଥାନକୁ ଆକ୍ରାନ୍ତ କଲେ ଫୁଲା, ଯନ୍ତ୍ରଣା ସହ ପାଣି ଜମିବାକୁ ଲାଗେ ଏବଂ ସ୍ନାୟୁ ସମ୍ପର୍କୀୟ ଅଙ୍ଗଗୁଡ଼ିକ କାଲୁଆ ଓ ଦୁର୍ବଳ ହୋଇ ଅକାମୀ ହେବାକୁ ବସେ। ଏଥିପାଇଁ ଶୋଥ, ବେଦନା ନାଶକ ଓ କାଲୁଆବସ୍ଥାକୁ ଲକ୍ଷ୍ୟ କରି ସ୍ନାୟୁ ଉତ୍ତେଜକ ଔଷଧ ଦେବାକୁ ପଡ଼େ। ଯଦ୍ୱାରା ସ୍ନାୟୁର କ୍ଷତ ଦୂର ହୋଇ ବାୟୁ ଚାଳାଚଳ ପଥକୁ ସୁଗମ କରେ।

ଏତଦ୍‌ବ୍ୟତୀତ ଉଚ୍ଚ ରକ୍ତଚାପ ବା ଆଘାତଜନିତ ଅନ୍ତ ମସ୍ତିଷ୍କ ରକ୍ତନଳୀରୁ ରକ୍ତସ୍ରାବ ହେବା ଯୋଗୁ ସେହି ଅଞ୍ଚଳକୁ ରକ୍ତ ନ ପହଞ୍ଚିବା କାରଣରୁ ସେ ଅଞ୍ଚଳଟି ଅକାମୀ ହୋଇଯାଏ, ଫଳରେ ସେଠାରୁ ପ୍ରେରିତ ସ୍ନାୟୁ ଅପରପାର୍ଶ୍ୱ ଅଙ୍ଗକୁ ଅକାମୀ କରି ଏକାଙ୍ଗୀବାତ ବା ସର୍ବାଙ୍ଗବାତ ଏପରି ପରିସ୍ଥିତି ନେଇ ରୋଗ ସୃଷ୍ଟି ହୋଇଥାଏ। ଏହି ଅବରୋଧ ରକ୍ତକୁ ତରଳାଇ ପୁନଃ କାର୍ଯ୍ୟଶୀଳ କରିବାରେ ଓ ସ୍ନାୟୁକୁ ବଲ୍ୟପ୍ରଦାନକାରୀ ଔଷଧର ପ୍ରୟୋଗ ଅନେକ କ୍ଷେତ୍ରରେ ସଫଳତା ଦେଇଥାଏ।

ଏହି ଯନ୍ତ୍ରଣା ସାମୟିକ ଲାଘବ ନିମନ୍ତେ କୃତ୍ରିମ ରାସାୟନିକ ଯୌଗିକ ଔଷଧ ବଟିକାର ସେବନ ପାକସ୍ଥଳୀ ଅନ୍ତରେ କ୍ଷତି ପହଞ୍ଚାଇବା ସମୟରେ ବୃକକ୍ ନଷ୍ଟର କାରଣ ଅଟେ। ଏହା ସେବନ ଦ୍ୱାରା ସାମୟିକ ଆରାମ ମିଳେ। ମାତ୍ର ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଏପରି ଭସ୍ମଘଟିତ ଔଷଧ ବନୌଷଧି ଓ ରସଘଟିତ (ପାରଦ, ଗନ୍ଧକ) ଔଷଧ ରହିଅଛି, ଯାହା ରୋଗ ସହ ଏହାର ଯନ୍ତ୍ରଣାକୁ ଦୂର କରେ, ସେଥିମଧ୍ୟରୁ ଅଳ୍ପକିଛି ତଳେ ଉଲ୍ଲେଖ କରାଯାଇଅଛି: ଯଥା:–



"ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନରେ ଚିକିତ୍ସା ଦ୍ୱାରା କେତେକ ରୋଗରୁ ସାମୟିକ ଉପଶମ ମିଳୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଆଶା କ୍ଷୀଣ। କିନ୍ତୁ ଏପରି ଆୟୁର୍ବେଦ ଶାସ୍ତ୍ରରେ ଲକ୍ଷାଧିକ ଔଷଧ ଦ୍ରବ୍ୟର ବର୍ଣ୍ଣନା ରହିଅଛି ଯାହାକି ବ୍ୟକ୍ତିଙ୍କୁ ଜରାବ୍ୟାଧିରୁ ମୁକ୍ତି ଦେଇ ନୀରୋଗ କରିପାରିବ, ଏହା ମୁନି ଋଷିମାନଙ୍କ ଦିବ୍ୟ ଦୃଷ୍ଟି ଓ ସାଧନା ବଳରେ ସମ୍ଭବ ହୋଇପାରିଛି, ଯାହାକି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ଚିର ଆରୋଗ୍ୟ ହୋଇପାରିବ।"





**ଅଶ୍ୱଗନ୍ଧା:** ଫୁଲା ଯନ୍ତ୍ରଣା ହେଉଥିବା ସ୍ଥାନରେ ଏହାକୁ ବାଟି ଲେପଦେଲେ ଶୀଘ୍ର ଉପଶମ ମିଳେ, ବାତବ୍ୟାଧିଜନିତ ଦୁର୍ବଳତାରେ ଏହାର କ୍ଷୀରପାକ ସେହି ଅଙ୍ଗରେ ଅଭ୍ୟଙ୍ଗ କଲେ ଅଙ୍ଗର ସ୍ନାୟୁ ସକ୍ରିୟ ହୋଇ ଶକ୍ତିଶାଳୀ ହୋଇଥାଏ। ଏତଦ୍‌ବ୍ୟତୀତ ଏହାର ଚୂର୍ଣ୍ଣ ଭ୍ରମ, ମୂର୍ଚ୍ଛା, ନିଦ୍ରାହୀନତା, ଶ୍ୱାସ ଓ ଧାତୁଦୌର୍ବଲ୍ୟରେ ଗାଈକ୍ଷୀର ସହ ସେବନ କଲେ ସୁଫଳ ମିଳେ।

**ଶୋଧିତ ଗୁଗ୍ଗୁଳ:** ସାଇଟିକା, ରିଉମାଟିଡ୍ ଆର୍ଥାରାଇଟିସ୍ ଇତ୍ୟାଦି ବାତବ୍ୟାଧି ଜନିତ ଯନ୍ତ୍ରଣାରୁ ଶୀଘ୍ର ଉପଶମ ମିଳେ।

**ଅପାମାର୍ଗ ପତ୍ର:** ଯୋନି ଶୂଳେ ଅପାମାର୍ଗ ପତ୍ର ଦୁଇଟି ଯୋନିରେ ଧାରଣ କଲେ ଶୀଘ୍ର ଶୂଳ ପ୍ରଶମିତ ହୋଇଥାଏ।

**ଶୋଧିତ ବୃଦ୍ଧଦାରକ ବୀଜ–** ଏହା ସେବନ କଲେ ଗାଉଟ୍, ଗଣ୍ଠିବାତ ଓ ପ୍ରମେହ ଜନ୍ୟ ପୀଡ଼ାରେ ଲାଭଦାୟକ।

**ରାସ୍ନା–** ସାଇଟିକ୍ ଓ ସମସ୍ତ ସ୍ନାୟବିକ ବ୍ୟାଧିରେ ଲାଭଦାୟକ।

**ଶୋଧିତ ହେଙ୍ଗୁ–** ଗୁଳ୍ମ, ଉଦରଶୂଳ, ଆଧ୍ମାନ, ହୃଦ୍‌ରୋଗ, ରଜଃ ଅବରୋଧଜନିତ ବ୍ୟଥା, ବାଳକମାନଙ୍କ ଅବିଚ୍ଛିନ୍ନ କାଶ ନିବାରକ ସହ ପ୍ରସବା ନାରୀଙ୍କ ଦୂଷିତ ରକ୍ତ ବହିଃନିସରଣରେ ସହାୟକ ହୋଇଥାଏ।

**ହିଙ୍ଗୁଳ–** ବଳବୀର୍ଯ୍ୟ ବର୍ଦ୍ଧକ, ଆମବାତ (ରିଉମାଟିଜିମ୍) ପାଇଁ ଉପକାରୀ।

**ନବସାଦର–** ଶିରଃଶୂଳ, ଅର୍ବୁଦ, ମୂତ୍ରକୃଚ୍ଛ୍ର, ଅସ୍ଥିଭଗ୍ନରେ ନବସାଦର ଜଳ ଲେପ୍ ଓ ପୁରାତନ ଘା'ରେ ଏହାର ଚୂର୍ଣ୍ଣ କନାପଟି ଦେଇ ଲଗାଇଲେ ଘା'ଟି ଶୁଖିଯାଏ ଓ ବେଦନା ଦୂରୀଭୂତ ହୋଇଥାଏ।

**ଗୋଲମରିଚ–** ଯନ୍ତ୍ରଣା ନିବାରକ, ହୃଦ୍‌ରୋଗ, ପୁରାତନ ଜ୍ୱର ଓ ଦନ୍ତଶୂଳ ଓ ଅମ୍ଳଜନିତ ପେଟ ବ୍ୟଥାରେ ଆଶୁ ଲାଭକାରୀ।

**ଅସ୍ଥି ସଂହାର–** ଏହାକୁ ବାଟି ଲେପ ଦେଲେ ଭଗ୍ନାସ୍ଥି ଯୋଡ଼ିଯିବା ସହ ସ୍ନାୟବିକ ପୀଡ଼ା ଦୂରୀଭୂତ ହୋଇଥାଏ।

**ଗଙ୍ଗଶିଉଳି ମୂଳ–** ସାଇଟିକା ରୋଗୀକୁ ଏହାର କ୍ୱାଥ ପାନ କରାଇଲେ ଶୀଘ୍ର ଆରୋଗ୍ୟ ମିଳେ।

**ଗଜପିପ୍ପଳି–**ପେଟଫାମ୍ପି ଯନ୍ତ୍ରଣାରେ ଏହାର ଚୂର୍ଣ୍ଣ ଉଷୁମ ପାଣିରେ ସେବନ କଲେ ଶୀଘ୍ର ବ୍ୟଥା ଦୂରହୋଇ ଉପଶମ ମିଳେ।

**ଶୋଧିତ ଅହିଫେନ–** ବାତିକ ବେଦନାକୁ ତୁରନ୍ତ ଶାନ୍ତ କରେ।

**ସଜନା ଛାଲି–** ଦନ୍ତଶୂଳ, ପକ୍ଷାଘାତ, ଗୃଧ୍ରସୀ, ପେଟର ଟ୍ୟୁମରକୁ ଭଲ କଲେ। ବେଗନିଆ ପତ୍ର ଓ ଗନ୍ଧାଳି ପତ୍ର ସ୍ୱରସ ଉଷୁମ କରି ସେବନ କଲେ ଗଣ୍ଠିବାତ ବେଦନା ଦୂର ହୁଏ।

**ଶୋଧିତ କୁଚିଲା ବୀଜ–** ମୁଖମଣ୍ଡଳ ଓ ସର୍ବାଙ୍ଗ ପକ୍ଷାଘାତ, ଅଙ୍ଗ ଦୁର୍ବଳତା, ହିଷ୍ଟିରିଆ, ଅଣ୍ଟାଧରା ଓ ଛାତି ବ୍ୟଥାରେ ଲାଭକାରୀ।

**ଶଙ୍ଖଭସ୍ମ–** ଉଦରଶୂଳ, ପରିଣାମ ଶୂଳରେ ଉଷୁମ ପାଣି ସହ ସେବ୍ୟ। ଏହି ଔଷଧି ଦ୍ରବ୍ୟଗୁଡ଼ିକ ଗୋଟିକିଆ ବଦଳରେ ବିଭିନ୍ନ ଯୋଗ ସହ କୋଡ଼ିଏରୁ ଊର୍ଦ୍ଧ୍ୱ ଦ୍ରବ୍ୟ ମିଶି ଔଷଧ ପ୍ରସ୍ତୁତ କରାଯାଇଥାଏ। ତତ୍‌ସଙ୍ଗେ ସ୍ୱର୍ଣ୍ଣ, ମୁକ୍ତା, ଲୌହ, କାନ୍ତଲୌହ, ସ୍ୱର୍ଣ୍ଣମାକ୍ଷିକ, ବଙ୍ଗଭସ୍ମ, ଶୁଦ୍ଧ ଶିଳା ଜତୁ, ରସ ସିନ୍ଦୂର, ରସକର୍ପୂର ଇତ୍ୟାଦି ଔଷଧର ମିଶ୍ରଣ ବାତ ବ୍ୟାଧିକୁ ନାଶ କରି ବ୍ୟଥା ଦୂର କରିଥାଏ।

**ବାହ୍ୟ ଅଭ୍ୟଙ୍ଗାର୍ଥେ–** କର୍ପୂର, ପିପରମେଣ୍ଟ, ଯୁଆଣିଫୁଲ, ନୀଳଗିରି ତେଲ, ତାରପିନ୍ ତେଲ, ଲବଙ୍ଗ ତେଲ, ଇଉକାଲିପଟାସ ତେଲର ଯୌଗିକ ମିଶ୍ରଣ ମାଲିସ ଦ୍ୱାରା ବ୍ୟଥା ଦୂର ହୁଏ।

ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନରେ ଚିକିତ୍ସା ଦ୍ୱାରା କେତେକ ରୋଗରୁ ସାମୟିକ ଉପଶମ ମିଳୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଆଶା କ୍ଷୀଣ। କିନ୍ତୁ ଏପରି ଆୟୁର୍ବେଦ ଶାସ୍ତ୍ରରେ ଲକ୍ଷାଧିକ ଔଷଧ ଦ୍ରବ୍ୟର ବର୍ଣ୍ଣନା ରହିଅଛି ଯାହାକି ବ୍ୟକ୍ତିଙ୍କୁ ଜରାବ୍ୟାଧିରୁ ମୁକ୍ତି ଦେଇ ନୀରୋଗ କରିପାରିବ ଏହା ମୁନି ଋଷିମାନଙ୍କ ଦିବ୍ୟ ଦୃଷ୍ଟି ଓ ସାଧନା ବଳରେ ସମ୍ଭବ ହୋଇପାରିଛି ଯାହାକି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ଚିର ଆରୋଗ୍ୟ ହୋଇପାରିବ। ପ୍ରୋତ୍ସାହନ ଅଭାବରୁ ଆୟୁର୍ବେଦରେ ଗବେଷଣା କରି ଔଷଧ ଉଦ୍ଧାର କରିଥିବା ଆୟୁର୍ବେଦ ଡାକ୍ତରମାନେ ଲୋକଲୋଚନକୁ ଆସି ପାରୁନାହାନ୍ତି ଏବଂ ବହୁ ଦୁର୍ଲଭ ବୃକ୍ଷ ଜ୍ଞାନାଭାବରୁ ଅଦରକାରୀ ଭାବେ ଲୋପ ହେବାକୁ ବସିଲାଣି। ଯଦି ଏହି ବିଜ୍ଞାନକୁ ପ୍ରୋତ୍ସାହନ ମିଳେ ତେବେ ଏହା ବିଶ୍ୱକୁ ଚିକିତ୍ସା ବିଜ୍ଞାନରେ ଦିଗ୍‌ଦର୍ଶନ ଦେବାକୁ ସକ୍ଷମ ହେବ।

*–ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ*
*ମୋ:୯୮୬୧୩୭୪୩୮୫*

# ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ କରାଏ ସନ୍ତୁଳିତ ଖାଦ୍ୟ



ମସ୍ତିଷ୍କ ଯଦି ଠିକ୍ ଭାବରେ କାର୍ଯ୍ୟ କରେ ତେବେ ଆମେ କେତେକ ପ୍ରମୁଖ ସ୍ୱାସ୍ଥ୍ୟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିଥାଉ। ବିଶେଷଭାବରେ ଏଥିପାଇଁ ଆମକୁ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ମସ୍ତିଷ୍କର କାର୍ଯ୍ୟଧାରା ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ନିକଟରେ ବୋଷ୍ଟନ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରେ ସେମାନେ ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ଦ୍ୱାରା ସଦ୍ୟପ୍ରକାଶିତ ଗବେଷଣା ରିପୋର୍ଟରେ ଏ ସମ୍ପର୍କରେ ସବିଶେଷ ଉଲ୍ଲେଖ କରାଯାଇଛି। ଏଥିରୁ ଜାଣିବାକୁ ମିଳିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ତାହା ତାଙ୍କର ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କୁ ଏହି ଗବେଷଣା ପରିସରଭୁକ୍ତ କରି ସେମାନଙ୍କର ଖାଦ୍ୟପେୟ ଏବଂ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିଲେ ସେମାନଙ୍କ ମସ୍ତିଷ୍କର କାର୍ଯ୍ୟଧାରା ଅନ୍ୟମାନଙ୍କ ତୁଳନାରେ ସକ୍ରିୟ ଥିଲା ବୋଲି ଉକ୍ତ ଗବେଷଣାରୁ ଜଣାପଡିଛି।

# ଅଲ୍‌ରାଉଣ୍ଡର ସ୍ପେଶଶିପ୍



ମହାକାଶ ହେଉ ଅବା ପୃଥିବୀ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀ ଗବେଷଣା ଜାରି ରଖିଛନ୍ତି। ନିକଟରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ବୈଜ୍ଞାନିକମାନେ ଏକ ଅତ୍ୟାଧୁନିକ ସ୍ପେଶଶିପ୍ ପ୍ରସ୍ତୁତ କରିଛନ୍ତି। ଏହା ପୃଥିବୀ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରିପାରିବ। ତା'ସହ ଓଜୋନ ସ୍ତର ସ୍ଥିତି ବିଷୟରେ ଏଥିରୁ ମଧ୍ୟ ନୂଆ ତଥ୍ୟ ମିଳିପାରିବ ବୋଲି ପ୍ରକାଶ କରିଛନ୍ତି ଉକ୍ତ ୟୁନିଭର୍ସିଟିର ବୈଜ୍ଞାନିକମାନେ। କେବଳ ସେତିକି ନୁହେଁ, ଜଳବାୟୁ ଏବଂ ପାଣିପାଗ ସମ୍ପର୍କରେ ତାଜା ଖବର ଏଥିରୁ ସଂଗ୍ରହ କରାଯାଇପାରିବ।

# ଧୂମପାନ ପରିତ୍ୟାଗ କରିବାର ନୂଆ ଉପାୟ



ଧୂମପାନ ଏପରି ଏକ ଅଭ୍ୟାସ ଯାହା ପରୋକ୍ଷରେ ଅନେକ ରୋଗକୁ ଆମନ୍ତ୍ରଣ କରିଥାଏ। ତଥାପି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସ ଭାବେ ଭାବି ନିଅନ୍ତି ଏବଂ ଏହି ସାଇଲେଣ୍ଟ କିଲରକୁ ଆପଣାର କରିନିଅନ୍ତି। ଆପଣ ଯଦି ଧୂମପାନ ପରି ଖରାପ ଅଭ୍ୟାସ ସହ ଜଡ଼ିତ ଏବଂ ସେଥିରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ବ୍ୟସ୍ତ ହେବା ଦରକାର ନାହିଁ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଆପଣ ଯଦି ନିୟମିତ ଧୂମପାନ କରୁଛନ୍ତି ତେବେ ଏପରି କିଛି ସାଙ୍ଗ ବାଛନ୍ତୁ ଯେଉଁମାନେ ଆପଣଙ୍କୁ ଏଥିରୁ ମୁକୁଳାଇ ପାରିବେ। ଏକ ସଦ୍ୟ ସର୍ଭେ ଅନୁସାରେ ଏପରି କେତେଜଣ ସାଙ୍ଗ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କର କେତେକ ଖରାପ ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଆଗେଇ ଆସିଥାଆନ୍ତି। ସେପରି ସାଙ୍ଗମାନଙ୍କ ସହ ପ୍ରତିଦିନ କିଛି ସମୟ କଟାଇଲେ ଜଣେ ନିଜକୁ ଧୀରେ ଧୀରେ ଧୂମପାନଠାରୁ ଦୂରେଇ ରଖିପାରିବ ବୋଲି ଜଣାପଡ଼ିଛି। ଏପରି ବିଷୟକୁ ନେଇ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନେ ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କୁ ସେମାନଙ୍କର ଅତି ନିକଟତର ସାଙ୍ଗଙ୍କ ସହ ପ୍ରତିଦିନ ଅତିକମ୍‌ରେ ଦୁଇଘଣ୍ଟା କଟାଇବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୩୫ ପ୍ରତିଶତ ଧୂମପାନ ପ୍ରତି ଧୀରେ ଧୀରେ ବିମୁଖ ହେଉଥିବାର ଦେଖିବାକୁ ମିଳିଥିଲା। ହେଲେ ଏହି ସମୟରେ ଧୂମପାନ କରୁଥିବା ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

# ନିଃସଙ୍ଗତା ଓ ମେଦବୃଦ୍ଧି

ଏକୁଟିଆ ରହିବାକୁ କାହାକୁ ଭଲ ଲାଗେ କହିଲେ? ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହନ୍ତି ତେବେ ତାହା ମେଦ ବୃଦ୍ଧି କରିଥାଏ। ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ନିକଟରେ 'ନିଃସଙ୍ଗତା ଓ ମେଦବୃଦ୍ଧି' ଉପରେ ସର୍ଭେ କରିଥିଲେ। ପ୍ରତିଦିନ ଅଧିକାଂଶ ସମୟ ନିଃସଙ୍ଗ ଜୀବନଯାପନ କରୁଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ଏହାର ପ୍ରଭାବ ସେମାନଙ୍କର ଓଜନ ଉପରେ କିପରି ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ ଚେକ୍‌ଅପ୍ ପରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ଓଜନ ବଢୁଥିବାର ଜଣାପଡ଼ିଥିଲା। ନିଃସଙ୍ଗତା ପ୍ରଭାବରୁ ଏପରି ହେଉଛି ବୋଲି ସେମାନେ ଆକଳନ କରବା ସହ ଏହା ପଛରେ ଆଉ କେତେ ସତ୍ୟତା ରହିଛି ସେ ବିଷୟରେ ସେମାନେ ଗବେଷଣା ଜାରି ରଖିଛନ୍ତି।



# ଉପକାରୀ କଦଳୀ





ପାଚିଲା କଦଳୀରେ ଅନେକ ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ଉଚ୍ଚ ରକ୍ତଚାପ ରୋଗୀ ଯଦି ଦିନକୁ ଦୁଇଟି ଲେଖାଏ ପାଚିଲା କଦଳୀ ଖାଆନ୍ତି ତେବେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ସର୍ଭେରୁ ଜାଣିପାରିଛନ୍ତି।
- ଆପଣ ଅବସାଦଗ୍ରସ୍ତ ରହୁଛନ୍ତି କି ? ଯଦି ହଁ, ତେବେ ଏଥିରୁ ରକ୍ଷା ପାଇବାର ସରଳ ଉପାୟ ରହିଛି। ପ୍ରତିଦିନ ପାଚିଲା କଦଳୀ ଖାଇଲେ ଜଣେ ନିଜକୁ ଅବସାଦଠାରୁ ଦୂରେଇ ରଖିପାରିବ ବୋଲି ମତ ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଟୋକିଓର ଖାଦ୍ୟ ବିଶେଷଜ୍ଞମାନେ।
- ପାଚିଲା କଦଳୀରେ ଫାଇବର ଭରି ରହିଛି। ଏହାକୁ ଖାଇବା ଦ୍ୱାରା ପାଚନକ୍ରିୟା ଆହୁରି ସକ୍ରିୟ ହୋଇଥାଏ।
- କ୍ୟାଲସିୟମର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ପାଚିଲା କଦଳୀ। ଏହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।
- ନିୟମିତ କଦଳୀ ଖାଇଲେ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ।
- ପାଚିଲା କଦଳୀରେ ଆନିମିଆ ସହ ଲଢ଼ିବାର ଶକ୍ତି ରହିଛି।
- ଏହା ଶରୀର ଭିତରେ ଅମ୍ଳଜନିତ ପ୍ରଦାହ ସୃଷ୍ଟି କରିବାକୁ ଦିଏ ନାହିଁ।
- ପାଚିଲା କଦଳୀ ଖାଇଲେ ତାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ।
- ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡ଼ିତ ତେବେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣି ସହ ଦୁଇଟି କଦଳୀ ଖାଇଲେ ଏଭଳି ସମସ୍ୟା କେତେକାଂଶରେ ଦୂର ହୋଇଥାଏ।



ପ୍ରଥମ ପୁରସ୍କାର ବିଜେତା ବାବୁରାମ ପାତ୍ର(ମଝି), ଦ୍ୱିତୀୟ ପୁରସ୍କାର ବିଜେତା ନାଜିଆ ସୁମ୍ବୁଲ(ବାମ), ତୃତୀୟ ପୁରସ୍କାର ବିଜେତା ଅରୁଣ କୁମାର ବାଗ୍ (ଡାହାଣ) ଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା ଓ ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ, ଟେରିଟୋରି ମ୍ୟାନେଜର (ସେଲ୍ସ) ମୟଙ୍କ ଅଗ୍ରୱାଲ।

# ପାଠିକାପାଠକ ଆମର ସମ୍ପତ୍ତି

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

'ଧରିତ୍ରୀ ପୂଜା କୁଇଜ୍-୨୦୧୮'ର ପୁରସ୍କାର ବିତରଣ ଉତ୍ସବ ରବିବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୮ର ମେଗା ୱିନରମାନଙ୍କୁ 'ଟିଭିଏସ୍' ପକ୍ଷରୁ ଦୁଇଚକିଆ ଗାଡ଼ି ପ୍ରଦାନ କରାଯାଇଛି। ପ୍ରଥମ ପୁରସ୍କାର ବିଜେତା ହେଲେ କେନ୍ଦ୍ରାପଡ଼ା ଜିଲା ଖଡ଼ିପାଳର ବାବୁରାମ ପାତ୍ର। ତାଙ୍କୁ ପୁରସ୍କାର ବାବଦରେ ଟିଭିଏସ୍ ଆପାଚି ୧୬୦ସିସି ବାଇକ୍ ଦିଆଯାଇଛି। ସେହିପରି ଦ୍ୱିତୀୟ ପୁରସ୍କାର ବିଜେତା ଢେଙ୍କାନାଳ ମୀନାବଜାରର ନାଜିଆ ସୁମ୍ବୁଲଙ୍କୁ ଜୁପିଟର ସ୍କୁଟର ଏବଂ ତୃତୀୟ ପୁରସ୍କାର ବିଜେତା କୋରାପୁଟ ଜିଲା କୋଟପାଡ଼ର ଅରୁଣ କୁମାର ବାଗ୍‌ଙ୍କୁ ସ୍କୁଟି ପେପ୍ ପ୍ଲସ୍ ପ୍ରଦାନ କରାଯାଇଛି। ୫ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ 'ନିକନ' ତରଫରୁ ନିକନ କ୍ୟାମେରା ପ୍ରଦାନ କରାଯାଇଥିବାବେଳେ ୭୨ଜଣଙ୍କୁ ଡେଲି ୱିନର୍ସ ଭାବେ ଶପିଂ ମଲ୍ 'ସେଣ୍ଟ୍ରାଲ' ପକ୍ଷରୁ ୧ ହଜାର ଟଙ୍କାର ଗିଫ୍ଟ ଭାଉଚର ଦିଆଯାଇ ପୁରସ୍କୃତ କରାଯାଇଛି। ଏଥି ସହିତ କୁମୁଦିନୀ ପଣ୍ଡାଙ୍କୁ 'ଲକି ଫ୍ରମ୍ ଅନ୍‌ଲକି' ଭାବେ ପୁରସ୍କୃତ କରାଯାଇଛି। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା, ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ, ଟେରିଟୋରି ମ୍ୟାନେଜର (ସେଲ୍ସ) ମୟଙ୍କ ଅଗ୍ରୱାଲ, ନିକନ ଓଡ଼ିଶା ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର(ସେଲ୍ସ) ଦେବେଶ ମାଝି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ମା'ର କର୍ତ୍ତବ୍ୟ ହେଉଛି ସେ ପିଲାଠାରୁ କିଛି ନିଏନାହିଁ। ଆମେ ଯଦି ମାନସିକସ୍ତରଠାରୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ ସବୁ ସ୍ତରରେ ଗୋଟିଏ ଜାଗାରେ ରହିପାରୁଛୁ ତାହା କେବଳ ମା' ଯୋଗୁ ହୋଇପାରୁଛି। ମା' ହେଉଛି 'ଧରିତ୍ରୀ'। 'ଧରିତ୍ରୀ'ର କର୍ତ୍ତବ୍ୟ ହେଉଛି ସିଏ ଦେବ, ନେବନି। ପାଠିକାପାଠକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଆପଣମାନେ ହେଉଛନ୍ତି ଆମର ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ କହିଛନ୍ତି, ପାଠିକାପାଠକ ହେଉଛନ୍ତି ଆମର ବଡ଼ ସମ୍ପତ୍ତି। ଆମର ସେଭଳି କୌଣସି ଖଣି, ଖାଦାନ, ବଡ଼ ବଡ଼ କଲେଜ ନାହିଁ। ତେଣୁ ରୋଜଗାର କରିବା ପାଇଁ ଆମର କୌଣସି ଉତ୍ସ ନାହିଁ। ଆମେ କେବଳ ସାମ୍ବାଦିକତା ଦ୍ୱାରା ବଞ୍ଚିଛୁ। ଯେହେତୁ ଆମର କୌଣସି ଅନ୍ୟ ବ୍ୟବସାୟ ନାହିଁ ତେଣୁ ଆମେ ନିର୍ଭୀକ ସାମ୍ବାଦିକତା କରିପାରୁଛୁ। ଯେଉଁଠି ବି ଅନ୍ୟାୟ ଦେଖୁଛୁ ତାହା ପାଠିକାପାଠକଙ୍କ ସାମ୍ନାରେ ରଖୁଛୁ।

ଏହି ପରିପ୍ରେକ୍ଷୀରେ କଣ୍ଠଶିଳ୍ପୀ କାଜୋଲ ଓ ବିଭୁଙ୍କ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଉପସ୍ଥିତ ପାଠିକାପାଠକଙ୍କୁ ମନୋରଞ୍ଜନ କରାଇଥିଲା। କାର୍ଯ୍ୟକ୍ରମରେ ମୁକେଶ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, 'ଧରିତ୍ରୀ ପୂଜା କୁଇଜ୍-୨୦୧୮' ଗତ ଅକ୍ଟୋବର ୧୩ରୁ ନଭେମ୍ବର ୭ ପର୍ଯ୍ୟନ୍ତ ନିୟମିତ ପ୍ରକାଶ ପାଇଥିଲା। ଗତ ଡିସେମ୍ବର ୨୪ରେ ଏକ ଲକି ଡ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା।



ଜଣେ ସାନ୍ତ୍ୱନାମୂଳକ ପୁରସ୍କାର ବିଜେତାଙ୍କୁ ନିକନ୍ ଓଡ଼ିଶା ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର(ସେଲ୍ସ) ଦେବେଶ ମାଝି ପୁରସ୍କୃତ କରୁଛନ୍ତି।



ଜଣେ ଡେଲି ୱିନର୍‌ଙ୍କୁ ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ ପୁରସ୍କୃତ କରୁଛନ୍ତି। ନିକଟରେ ଅଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ପାଠିକାପାଠକ, ବିଜେତା।





କଣ୍ଠଶିଳ୍ପୀ ବିଭୁ ଓ କାଜୋଲଙ୍କ ସଙ୍ଗୀତ ପରିବେଷଣ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ରବିବାର ଆୟୋଜିତ 'ଧରିତ୍ରୀ ପୂଜା କୁଇଜ୍-୨୦୧୮'ର ପୁରସ୍କାର ବିତରଣ ଉତ୍ସବରେ ଡେଲି ୱିନର୍‌ଭାବେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ସ୍ୱାୟତ୍ତତା ନେଇ ଜଲାନଙ୍କ ମନ୍ତବ୍ୟ
## ଦେଶରେ ରାଜନୈତିକ ସଂସ୍କାର ଜରୁରୀ

**ନୂଆଦିଲ୍ଲୀ,୨୦-୧:** ନିର୍ବାଚନ କମିଶନ, କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି),ୟୁପିଏସ୍‌ସି ଭଳି ସଂସ୍ଥାଗୁଡିକୁ ଅଧିକ ସ୍ୱାୟତ୍ତତା ପ୍ରଦାନ କରିବାକୁ ହେଲେ ଦେଶରେ ରାଜନୈତିକ ସଂସ୍କାର ଜରୁରୀ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଳ ଜଲାନ କହିଛନ୍ତି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଆର୍‌ବିଆଇ, ସିବିଆଇ, ନିର୍ବାଚନ କମିଶନର ସ୍ୱାୟତ୍ତତା ନେଇ ଦେଶରେ ଚର୍ଚ୍ଚା ହେଉଛି। ସରକାରଙ୍କୁ ଏଥିପାଇଁ ସମାଲୋଚନା କରାଯାଉଛି। କେନ୍ଦ୍ର ସରକାରଙ୍କ ସହ ମତାନ୍ତର ପରେ ଡ.ଉର୍ଜିତ ପଟେଲ ଆର୍‌ବିଆଇ ଗଭର୍ନର ପଦରୁ ଇସ୍ତଫା ଦେଲେ ବୋଲି କୁହାଯିବାରୁ ସେ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର। ସେ କହିଛନ୍ତି ଯେ, ଭାରତର ଆର୍ଥିକ ସ୍ଥିତି ଅତ୍ୟନ୍ତ ସୁଦୃଢ଼। ତଥାପି ଦାରିଦ୍ର୍ୟ ସୀମା ରେଖା ତଳେ ବିଶ୍ୱର ସର୍ବାଧିକ ଲୋକ ଭାରତରେ ବସବାସ କରୁଛନ୍ତି। ଦୁର୍ବଳ ପ୍ରଶାସନ ଓ ପ୍ରଶାସନିକ ଦକ୍ଷତା ଅଭାବରୁ ଆର୍ଥିକ କ୍ଷେତ୍ରରେ ଭାରତ ସେଭଳି ସଫଳତା ହାସଲ କରିପାରିନାହିଁ ବୋଲି ଜଲାନ କହିଛନ୍ତି। ପ୍ରଶାସନକୁ ସରକାରଙ୍କ ହିତ ଛାଡ଼ି ଜନ ହିତ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ବୋଲି ପୂର୍ବତନ ଗଭର୍ନର କହିଛନ୍ତି।

## ଫେବୃୟାରୀରେ କେତେକ ବ୍ୟାଙ୍କ ପିସିଏରୁ ବାହାରିବେ: ରାଜୀବ କୁମାର



**ନୂଆଦିଲ୍ଲୀ,୨୦-୧:** ଆସନ୍ତା ମାସରେ ଉନ୍ନତ ପ୍ରଦର୍ଶନ କରୁଥିବା କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଣୀତ ତ୍ୱରିତ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ(ପିସିଏ)ରୁ ବାଦ୍ ପଡିପାରନ୍ତି ବୋଲି ଆର୍ଥିକ ବ୍ୟାପାର ସଚିବ ରାଜୀବ କୁମାର କହିଛନ୍ତି। ବିଭିନ୍ନ ମାନଦଣ୍ଡକୁ ଦୃଷ୍ଟିରେ ରଖି ଯେଉଁ ବ୍ୟାଙ୍କଗୁଡିକ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଜଣାପଡିବ ସେଗୁଡିକୁ ପିସିଏରୁ ବାଦ୍ ଦିଆଯିବ। ସୂଚନାଥାଉ କି, ବର୍ତ୍ତମାନ ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୧୧ଟି ପିସିଏ ଅଧୀନରେ ରହିଛି। ଫଳରେ ସେମାନଙ୍କୁ ଋଣ ଦେବାରୁ ରୋକାଯାଇଛି। ସେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଇ ଦିଆଯାଉଛି। ଫଳରେ ସେମାନେ ସହଜରେ ପିସିଏରୁ ବାଦ୍ ପଡିପାରିବେ। ନିକଟରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୨୮,୬୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସର୍ବାଧିକ ୧୦,୦୮୬ କୋଟି ଟଙ୍କା ମିଳିଛି।

## କୁମ୍ଭ ମେଳାରୁ ମିଳିବ ୧.୨ ଲକ୍ଷ କୋଟି ରାଜସ୍ୱ: ସିଆଇଆଇ

**ନୂଆଦିଲ୍ଲୀ,୨୦-୧:** ଗତ ୧୫ ତାରିଖରୁ ଉତ୍ତରପ୍ରଦେଶରେ ଆରମ୍ଭ ହୋଇଥିବା କୁମ୍ଭ ମେଳା ପାଇଁ ରାଜ୍ୟ ସରକାର ବଡ଼ ଧରଣର ଖର୍ଚ୍ଚ କରିଛନ୍ତି। ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। ତେବେ ଉଦ୍ୟୋଗ ଜଗତର ପ୍ରତିନିଧି କନଫେଡ଼େରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ଏ ସଂକ୍ରାନ୍ତରେ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏଥିରେ କୁହାଯାଇଛି ଯେ, କୁମ୍ଭ ମେଳା ଆୟୋଜନ ମାଧ୍ୟମରେ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମିଳିବାକୁ ଯାଉଛି। ଏହି ଆଧ୍ୟାତ୍ମିକ ତଥା ଧାର୍ମିକ ଆୟୋଜନ ଯୋଗୁ ପ୍ରାୟ ୬ ଲକ୍ଷ ବ୍ୟକ୍ତି ପ୍ରତ୍ୟକ୍ଷ ତଥା ପରୋକ୍ଷ ନିଯୁକ୍ତି ପାଇଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି, ଉତ୍ତର ପ୍ରଦେଶ ସରକାର ୫୦ ଦିନ ଧରି ଚାଲିଥିବା କୁମ୍ଭ ମେଳା ଲାଗି ପ୍ରାୟ ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାକି ୨୦୧୩ ମହାକୁମ୍ଭ ମେଳା ତୁଳନାରେ ୩ ଗୁଣ ଅଧିକ। ଆଜି ସୁଦ୍ଧା ଏହା ସର୍ବବୃହତ ମହଙ୍ଗା ମେଳା କୁହାଯାଉଛି। ସିଆଇଆଇ ରିପୋର୍ଟ ଅନୁଯାୟୀ, ହସ୍ପିଟାଲିଟି ସେକ୍ଟରରେ ୨.୫ ଲକ୍ଷ, ଏୟାରଲାଇନ୍ସ ଓ ବିମାନବନ୍ଦରରେ ପ୍ରାୟ ୧.୫ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହାବ୍ୟତୀତ ଟୁର୍ ଅପରେଟରମାନେ ୪୫ ହଜାର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିଭଳି ଇକୋ ଓ ମେଡିକାଲ ଟୁରିଜମ୍‌ରେ ୮୫ ହଜାର ନିଯୁକ୍ତି ପାଇଛନ୍ତି। ଏହାବ୍ୟତୀତ ଟୁର୍ ଗାଇଡ, ଟ୍ୟାକ୍ସି ଡ୍ରାଇଭର, ଉଦ୍ୟୋଗ ସହିତ ଜଡ଼ିତ ଅସଂଗଠିତ କ୍ଷେତ୍ରରେ ପ୍ରାୟ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଏହାଦ୍ୱାରା ସରକାରୀ ଏଜେନ୍ସି ଓ ବ୍ୟବସାୟୀଙ୍କ ଆୟ ବଢ଼ିବ।

---

> ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ୨୮,୩୬୦ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ।
> – ବିଜୟ ରୁପାନୀ, ଗୁଜରାଟ ମୁଖ୍ୟମନ୍ତ୍ରୀ



> ଇନଫୋସିସ୍ ଅଧିକ ସଂଖ୍ୟାରେ ଆମେରିକୀୟଙ୍କୁ ନିଜ ଦେଶରେ ନିଯୁକ୍ତି ଦେଇଛି ।
> – ରବି କୁମାର, ପ୍ରେସିଡେଣ୍ଟ ତଥା ଡେପୁଟି ସିଓଓ, ଇନଫୋସିସ୍



### ଏନସିଏଲ୍‌ଏଟି ରାୟ ପ୍ରକାଶ
# ଏଣିକି ଖସିପାରିବେନି କର୍ପୋରେଟ ଗ୍ୟାରେଣ୍ଟର

**ନୂଆଦିଲ୍ଲୀ,୨୦-୧**

- ୩ ଜଣିଆ ଖଣ୍ଡପୀଠ ଦେଇଛନ୍ତି ରାୟ
- ଆଇବିସିର ଧାରା ୭ ଅନୁଯାୟୀ ନିଆଯାଇପାରିବ କାର୍ଯ୍ୟାନୁଷ୍ଠାନ
- ଆର୍‌ଇସି ବିରୋଧରେ ଫେରୋ ଆଲଏଜର ବିବାଦ



ଗ୍ରାମୀଣ ବିଦ୍ୟୁତିକରଣ କର୍ପୋରେଶନ (ଆରଇସି) ବିରୋଧରେ ଫେରୋ ଆଲଏଜ ମାମଲାରେ ରାୟ ପ୍ରକାଶ କରି ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଏଟି) କହିଛନ୍ତି ଯେ, ଦେବାଳିଆ ଆଇନ (ଆଇବିସି) ଅଧୀନରେ ଋଣଖିଲାପୀ କମ୍ପାନୀଙ୍କ ବିରୋଧରେ ଋଣ ସମାଧାନ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଋଣପ୍ରଦାନକାରୀ ବ୍ୟାଙ୍କ ଅଥବା ସଂସ୍ଥା କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

ତିନି ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, କର୍ପୋରେଟ ଗ୍ୟାରେଣ୍ଟରମାନଙ୍କୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଋଣଦାତା ଭାବେ ବିଚାର କରାଯିବ। ଖଣ୍ଡପୀଠ ମତରେ ମୂଳ ଋଣ ଖିଲାପକାରୀଙ୍କ ବିରୋଧରେ ଦେବାଳିଆ ସମାଧାନ ପ୍ରକ୍ରିୟା(ସିଆଇଆର୍‌ପି) ଆରମ୍ଭ କରିବା ପୂର୍ବରୁ କର୍ପୋରେଟ ଗ୍ୟାରେଣ୍ଟି ପ୍ରଦାନକାରୀଙ୍କ ବିରୋଧରେ କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯାଇପାରେ। ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ବିଚାରପତି ଏସ୍.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ରାୟ ଦେଇ କହିଛନ୍ତି ଯେ, ଆଇବିସିର ଧାରା ୭ ଅନୁସାରେ ଗୋଟିଏ ଅଥବା ଏକାଧିକ ଋଣପ୍ରଦାନକାରୀ ମିଶି କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି)ରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାର ପାଇଛନ୍ତି। କମ୍ପାନୀ ପାଇଁ ସମାଧାନ ପ୍ରକ୍ରିୟା ଅଧିକାରୀ କିଏ ହେବ ତାହା ମଧ୍ୟ ସୁପାରିସ କରିବାର ଅଧିକାର ଋଣପ୍ରଦାନକାରୀଙ୍କ ହାତରେ ରହିଛି ବୋଲି ଉକ୍ତ ଧାରାରେ ଉଲ୍ଲେଖ କରାଯାଇଛି। ଆଇବିସି କୋଡ୍‌ରେ କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ରୋକାଯାଇନି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ଏନ୍‌ସିଏଲ୍‌ଟିର କୋଲକାତା ବେଞ୍ଚ ଏ ସମ୍ପର୍କରେ ଏକ ରାୟ ଦେବା ପରେ ଏନ୍‌ସିଏଲ୍‌ଏଟିରେ ଏକାଧିକ ମାମଲା ଦାୟର କରାଯାଇଥିଲା। କୋଲକାତା ବେଞ୍ଚ ରାଷ୍ଟ୍ରାୟତ୍ତ ଗ୍ରାମୀଣ ବିଦ୍ୟୁତିକରଣ କର୍ପୋରେଶନ(ଆର୍‌ଇସି)କୁ ଫେରୋ ଆଲଏଜ କର୍ପୋରେଶନ ବିପକ୍ଷରେ ପଦକ୍ଷେପ ନେବାକୁ ଅନୁମତି ଦେଇଥିଲେ। ସୂଚନାଥାଉ କି, ୨୦୦୯ ମେ'ରେ ଫାକର ପାୱାରକୁ ୫୧୭.୯୦ କୋଟି ଟଙ୍କା ଋଣ ଦେଇଥିଲା। ଏଥିପାଇଁ ଫାକର ଆଲଏଜ କର୍ପୋରେଟ ଗ୍ୟାରେଣ୍ଟର ସାଜିଥିଲା। ପରେ ଆଲଏଜ ପକ୍ଷରୁ ୧୯.୮୦ କୋଟି ଶେୟାର ପ୍ରଦାନ କରାଯାଇଥିଲା। କିନ୍ତୁ ଫାକର ପାୱାର ଋଣ ଫେରସ୍ତ କରି ନ ଥିଲା ଏବଂ ଋଣ ପ୍ରଦାନ ଅର୍ଥକୁ ଏନ୍‌ପିଏ ଭାବେ ଘୋଷଣା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଇଇସି ଫେରୋ ଆଲଏଜକୁ କର୍ପୋରେଟ ଗ୍ୟାରେଣ୍ଟି ବାବଦରେ ୨୦୧୫ ସେପ୍ଟେମ୍ବର ୩୦ ସୁଦ୍ଧା ୫୬୪.୬୩ କୋଟି ଟଙ୍କା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ୨୦୧୭ ଜୁଲାଇ ୬ରେ ଟ୍ରିବ୍ୟୁନାଲ ଆର୍‌ଇସିର ମାମଲାକୁ ଗ୍ରହଣ କରିଥିଲା।

## ଷ୍ଟେଶନରେ ପୁଣି ମିଳିବ ମାଟିପାତ୍ରରେ ଚା'

**ନୂଆଦିଲ୍ଲୀ,୨୦-୧**



ଦୀର୍ଘ ୧୫ ବର୍ଷ ପରେ ରେଳ ଷ୍ଟେଶନରେ ପୁଣି ମାଟି ପାତ୍ର ଚା' ମିଳିବ। ପୂର୍ବତନ ରେଳ ମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ତାଙ୍କ କାର୍ଯ୍ୟକାଳରେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ। କିନ୍ତୁ କିଛି ଦିନ ପରେ ଏହାର ସ୍ଥାନ ନେଇଥିଲା ପେପର ଓ ପ୍ଲାଷ୍ଟିକ କପ୍। ଉତ୍ତର ଓ ଉତ୍ତର-ପୂର୍ବ ରେଲୱେର ମୁଖ୍ୟ ବାଣିଜ୍ୟିକ ମାନେଜରଙ୍କୁ ରେଲୱେ ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ପତ୍ର ପଠାଯାଇଛି। ରେଳମନ୍ତ୍ରୀ ପୀୟୁଷ ଗୋୟଲ ବାରାଣସୀ ଓ ରାୟବରେଲି ଷ୍ଟେଶନରେ ମାଟିରେ ତିଆରି ପାତ୍ର, ଗ୍ଲାସ ଓ ପ୍ଲେଟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରେଲୱେର ଏହି ପଦକ୍ଷେପ ଯୋଗୁ ଯାତ୍ରୀମାନେ ମାଟିପାତ୍ରରେ ଚା' ପିଇବାର ମଜା ଉଠାଇପାରିବେ ଏବଂ ଏହାଦ୍ୱାରା ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବା ଲାଗି ସଂଘର୍ଷ କରୁଥିବା କୁମ୍ଭାରମାନଙ୍କୁ ବଡ଼ ବଜାର ମିଳିଯିବ। ଜୋନାଲ ରେଲୱେ ଓ ଆଇଆରସିଟିସିକୁ ତୁରନ୍ତ ଏହା ଲାଗୁ କରିବାକୁ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ଟ୍ରେନ ଓ ଷ୍ଟେଶନରେ ଯାତ୍ରୀଙ୍କୁ ପରଷା ଯାଉଥିବା ଭୋଜନ, ପାନୀୟ ଆଦି ପାଇଁ ପରିବେଶ ଅନୁକୂଳ ମାଟିରେ ତିଆରି ସାମଗ୍ରୀ ବ୍ୟବହାର କରିବାକୁ କୁହାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ(କେଭିଆଇସି) ଅଧ୍ୟକ୍ଷ ବି.କେ. ସାକ୍‌ସେନା ଗତ ବର୍ଷ ସେପ୍ଟେମ୍ବରରେ ଉକ୍ତ ପ୍ରସ୍ତାବ ଦେଇଥିଲେ। ସେ ରେଳମନ୍ତ୍ରୀ ଗୋୟଲଙ୍କୁ ପତ୍ର ଲେଖି ଷ୍ଟେଶନ ଆଖପାଖରେ ବସବାସ କରୁଥିବା କୁମ୍ଭାରଙ୍କୁ ରୋଜଗାର ଦେବା ପାଇଁ ଉକ୍ତ ପଦକ୍ଷେପ ନିଆଯିବା ଜରୁରୀ। ସେ କହିଛନ୍ତି ଯେ, ବିଜୁଳିରେ ଚାଲୁଥିବା ଚକ ସାହାଯ୍ୟରେ ଦିନକୁ ୧୦୦ରୁ ୬୦୦ ମାଟି କପ୍ ତିଆରି କରାଯାଇପାରିବ।

## ଡାକାର ଶ୍ରେଷ୍ଠ ୧୦ରେ ହିରୋ ମୋଟୋ ସ୍ପୋର୍ଟସ ଟିମ୍




**ନୂଆଦିଲ୍ଲୀ,୨୦-୧**

ଡକାର ର୍ୟାଲି ୨୦୧୯ରେ ହିରୋମୋଟୋ ସ୍ପୋର୍ଟସ ଟିମ୍ ର୍ୟାଲି ଦ୍ୱିତୀୟଥର ଲାଗି ୧୦ମ ସ୍ଥାନ ହାସଲ କରିଛି। ଓରିଏଲ୍ ମିନା ୯ମ ସ୍ଥାନ ହାସଲ କରିଥିବା ବେଳେ ଜ୍ୟାକ୍ସିମ ରୋଡ୍ରିଗ୍ସ ଶ୍ରେଷ୍ଠ ୨୦ତମ ସ୍ଥାନ ହାସଲ କରିଛନ୍ତି। ପିସାକୋରେ ଓରିଏଲ ମିନା ଶେଷ ପର୍ଯ୍ୟାୟରେ ୧୨ତମ ତଥା ୧୭ତମ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ମୋଟ ର୍ୟାଙ୍କିଂରେ ସେ ୯ମ ଏବଂ ରୋଡ୍ରିଗ୍ସ ୧୭ତମ ସ୍ଥାନରେ ଅଛନ୍ତି। ସେ ଚଳିତ ବର୍ଷ ହିରୋଜ ଅଫ ଡାକାର ସମ୍ମାନ ଲାଭ କରିଥିବା କମ୍ପାନୀ ପ୍ରକାଶ କରିଛି।

## ଲେଭଲ କ୍ରସିଂର ବ୍ୟାପକ ନିରାପତ୍ତା ଅଡିଟ୍ ହେବ

**ଭୁବନେଶ୍ୱର,୨୦-୧**

**ପୁରୀ ଘଟଣା ପରେ ପୂର୍ବତଟ ରେଳପଥର ପଦକ୍ଷେପ**



ଶନିବାର ପୁରୀ ନିକଟରେ ଲେଭଲ କ୍ରସିଂ ଖୋଲାଥିବା ବେଳେ ହଠାତ ଏକ ଏକ୍ସପ୍ରେସ ଟ୍ରେନ ଅତିକ୍ରମ କରିବା ଭଳି ଅଭାବନୀୟ ଘଟଣାକୁ ନେଇ ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଯେଭଳି ପୁନରାବୃତ୍ତି ନ ଘଟେ ତାକୁ ଧ୍ୟାନରେ ରଖି ରେଲୱେ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବତଟ ରେଳପଥ ଏହାର ପରିସରରେ ଆସୁଥିବା ସବୁ ଲେଭଲ କ୍ରସିଂର ବ୍ୟାପକ ନିରାପତ୍ତା ଅଡିଟ କରିବ। ଆଗାମୀ ଦିନରେ ଏଭଳି ଘଟଣାକୁ ଏଡାଇବା ପାଇଁ ପ୍ରଣାଳୀର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିବା ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପି.ଏସ୍. ମିଶ୍ର ସୂଚନା ଦେଇଛନ୍ତି।

ଏହି ପଦକ୍ଷେପ ବେଳେ କୌଣସି ଅବହେଳା ତଥା ତ୍ରୁଟି ବିଚ୍ୟୁତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରଣାଳୀର ବ୍ୟାପକ ସମୀକ୍ଷା କାର୍ଯ୍ୟ ଆରମ୍ଭ କରାଯାଇଛି। ସିଷ୍ଟମରେ ରହିଥିବା ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସୂଚନା ଦେବାକୁ ମିଶ୍ର କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ହେଲେ ତ୍ରୁଟିକୁ ସୁଧାରିବାରେ ସୁବିଧା ହେବ। ସମସ୍ୟା ସମ୍ପର୍କରେ କନିଷ୍ଠ କର୍ମଚାରୀଙ୍କଠାରୁ ସୂଚନା ନେବାକୁ ବରିଷ୍ଠ ଅଧିକାରୀଙ୍କୁ କୁହାଯାଇଛି। ବର୍ତ୍ତମାନ ପୂର୍ବତଟ ରେଳପଥର ୮୨୮ ଲେଭଲ କ୍ରସିଂ ରହିଛି। ଏହା ମଧ୍ୟରେ ଓଡ଼ିଶାରେ ୫୫୯, ଛତିଶଗଡରେ ୪୫ ଏବଂ ଆନ୍ଧ୍ର ପ୍ରଦେଶରେ ୨୨୪ଟି ଲେଭଲ କ୍ରସିଂ ରହିଛି। ବୁମ ବ୍ୟାରିୟର, ସଂଯୁକ୍ତ ସଡକ, ସାଇରନ, ସତର୍କତା ଫଳକ ଭଳି ବିଭିନ୍ନ ଦିଗକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। ସେହିଭଳି ଗେଟ୍‌ମ୍ୟାନମାନଙ୍କର କାର୍ଯ୍ୟକାରୀ ଜ୍ଞାନ ଏବଂ ଲେଭଲ କ୍ରସିଂ ପାର ହେବା ନେଇ ଲୋକୋ ପାଇଲଟମାନଙ୍କୁ ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଯିବ। କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମିଶ୍ର କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ସମସ୍ୟାକୁ ସମାଧାନ କରାଯାଇପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ଜିଏସଟି ରିଟର୍ନକୁ ଇ-ୱେ ବିଲ ସହ ଯୋଡ଼ାଯିବ

**ନୂଆଦିଲ୍ଲୀ,୨୦-୧**

କ୍ରମାଗତ ୬ ମାସ ଧରି ଅର୍ଥାତ ଦୁଇଟି ତ୍ରୈମାସରେ ଜିଏସ୍‌ଟି ରିଟର୍ନ ଦାଖଲ କରାଯାଇ ନ ଥିଲେ ମାଲ୍ ପରିବହନ ଲାଗି ଇ-ୱେ ବିଲ୍ ଜେନେରେଟ ହେବ ନାହିଁ। କେନ୍ଦ୍ର ସରକାର ଏଭଳି ଏକ ନୂଆ ସର୍ତ୍ତ ଲାଗୁ କରିବାକୁ ଯାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ସରକାର ଜିଏସ୍‌ଟି ନେଟୱର୍କ (ଜିଏସ୍‌ଟିଏନ୍)ରେ ଉପରୋକ୍ତ ବ୍ୟବସ୍ଥା ଆଣିବାକୁ ଯାଉଛନ୍ତି। ସେ କହିଛନ୍ତି ଯେ, ଏହି ନୂଆ ପ୍ରଣାଳୀ କାମ ଆରମ୍ଭ କରିବା ମାତ୍ରେ ସରକାରଙ୍କ ପକ୍ଷରୁ ନୋଟିଫିକେଶନ ଜାରି କରାଯିବ। ଏହାଦ୍ୱାରା ଜିଏସ୍‌ଟି ଫାଙ୍କିକୁ ରୋକାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଏପ୍ରିଲ-ଡିସେମ୍ବର ଅବଧିରେ ଅଧିକାରୀମାନେ ଜିଏସ୍‌ଟି ଫାଙ୍କି/ନିୟମ ଉଲ୍ଲଂଘନର ୩,୬୨୬ଟି ମାମଲା ଧରିପାରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି କେନ୍ଦ୍ର ସରକାର ଗତ ବର୍ଷ ଏପ୍ରିଲରୁ ଇ-ୱେ ବିଲ୍ ଲାଗୁ କରିଛନ୍ତି।

## ୟୁନାଇଟେଡ ବ୍ୟାଙ୍କ-ଷ୍ଟାର ହେଲ୍‌ଥ ଚୁକ୍ତି

**କଲିକତା,୨୦-୧**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ), ଷ୍ଟାର ହେଲ୍‌ଥ ଏବଂ ଆଲାଏଡ ଇନସ୍ୟୁରାନ୍ସ କମ୍ପାନୀ ଚୁକ୍ତିରେ ସାମିଲ ହୋଇଛନ୍ତି। ଗ୍ରାହକଙ୍କୁ ଇନସ୍ୟୁରାନ୍ସ ସଲ୍ୟୁଶନ ପ୍ରଦାନ ଦିଗରେ ଏହି ଚୁକ୍ତି ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ୟୁବିଆଇର ବ୍ୟାଙ୍କାସୁରାନ୍ସ ଜିଏମ୍ ବିନୋଦ ବବର, ଷ୍ଟାର ହେଲଥ ଇନସ୍ୟୁରାନ୍ସ ଏବଂ ଆଲାଏଡ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଯୁଗ୍ମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱଜିତ ମୋହନତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏଏସ୍‌ବିଏମ୍‌ରେ ଜାତୀୟ ମାର୍କେଲୋଜିଷ୍ଟିକ୍ସ ସିମ୍ପୋଜିୟମ



**ଭୁବନେଶ୍ୱର,୨୦-୧**

ଏସିଆନ୍ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସବିଏମ୍) ପକ୍ଷରୁ ୮ମ ଜାତୀୟ ମାର୍କେଲଜିଷ୍ଟିକ୍ସ ସିମ୍ପୋଜିୟମ ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତିର ବିକାଶ ଲାଗି ଲଜିଷ୍ଟିକ୍ସ କ୍ଷେତ୍ରର ଭୂମିକା ଉପରେ କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ସୁକିନ୍ଦା ରେଲୱେର ଏମ୍‌ଡି ଡି.କେ. ସାମନ୍ତରାଏ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ପ୍ରତିଷ୍ଠାନର ପ୍ରତିଦ୍ୱନ୍ଦ୍ୱିତାମୂଳକ କାର୍ଯ୍ୟଶୈଳୀ ଉପରେ ଏମ୍‌ଏମ୍‌ଟିସିର ମ୍ୟାନେଜର କେ.କେ. ପଲ ଆଲୋଚନା କରିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ପ୍ରଯୁକ୍ତି ବିଦ୍ୟା, ନବୀନ ପ୍ରକ୍ରିୟା ଏବଂ ବ୍ୟବସାୟିକ କୌଶଳ ଉପରେ ମତ ରଖିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାଏ, ହୋଟେଲିୟର ଏ.ତାଲୁକଦାର,ଏକ୍ସିମ ଲଜିଷ୍ଟିକ୍ସର ଏମ୍‌ଡି ହିମାଦ୍ରୀ କେଶରୀ ପଟ୍ଟନାୟକ, ଇଉନିବ୍ରୋ ମାରକଟର ସହପ୍ରତିଷ୍ଠାତା ଶିସାସିସ ଆଚାର୍ଯ୍ୟ, ଭାରତୀ ଏୟାରଟେଲର ଓଡ଼ିଶା ମାର୍କେଟିଂ ମୁଖ୍ୟ ବିଶାଲ ଶୁରାନା, ଡ. ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟକର ରିହାତି: ୫ଟି ବଜେଟ୍‌ରୁ କେତେ ମିଳିଛି

**ଅନ୍ତରୀଣ ବଜେଟ ୨୦୧୯ ଉପସ୍ଥାପନ ହେବାକୁ ଆଉ କେଇଟା ଦିନ ବାକି ରହିଛି। ଏଭଳି ସ୍ଥିତିରେ ଆୟକର କ୍ଷେତ୍ରରେ ଆଶ୍ୱସ୍ତି ମିଳିବା ନେଇ ସମସ୍ତେ ଆଶାବାଦୀ ରହିଛନ୍ତି। ତେବେ ଗତ ୫ଟି ବଜେଟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶବାସୀଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିଛନ୍ତି ସତ ସେସ୍ ଓ ସରଚାର୍ଜ ଆଦି କେତେକ ନୂଆ ନିୟମ ମଧ୍ୟ ଲାଗୁ କରିଛନ୍ତି।**




**ନୂଆଦିଲ୍ଲୀ,୨୦-୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳର ଏହା ଶେଷ ବଜେଟ ହୋଇଥିବାରୁ ଆୟକର ଦୃଷ୍ଟିରୁ ଦେଶବାସୀଙ୍କୁ ଅଧିକ ଖୁସି ମିଳିବ ବୋଲି ଆଶାକରାଯାଉଛି। ଆୟକର ବାବଦରେ କ'ଣ ପରିବର୍ତ୍ତନ ହୋଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।

### ବଜେଟ ୨୦୧୪ରେ କ'ଣ ମିଳିଥିଲା

କ୍ଷମତାକୁ ଆସିବା ପରେ ଏନ୍‌ଡିଏ ସରକାର ୨୦୧୪ ଜୁଲାଇରେ ତାଙ୍କର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ।

- ଆୟକର ଛାଡ଼ ସୀମାକୁ ବାର୍ଷିକ ୨ ଲକ୍ଷରୁ ବଢ଼ାଇ ୨.୫ ଲକ୍ଷ ଟଙ୍କା କରାଯାଇଥିଲା।
- ଆୟକର ଆଇନର ଧାରା ୮୦ସି ଅନ୍ତର୍ଗତରେ ଛାଡ଼ ସୀମା ୧ ଲକ୍ଷରୁ ବୃଦ୍ଧି ପାଇ ୧.୫ ଲକ୍ଷ ଟଙ୍କା ହୋଇଥିଲା।
- ଗୃହ ଋଣ ଉପରେ ଟିକସ ଛାଡ଼ସୀମାକୁ ୧.୫ ଲକ୍ଷରୁ ବଢ଼ାଇ ୨ ଲକ୍ଷ ଟଙ୍କା କରାଯାଇଥିଲା। ଏଥିରେ ମୂଳ ଟଙ୍କା ଲାଗି ଟିକସ ଛାଡ଼ସୀମା ୧.୫ ଲକ୍ଷ ଟଙ୍କା ଏବଂ ଗୃହ ଋଣ ଲାଗି ପ୍ରଦାନ କରାଯିବାକୁ ଥିବା ସୁଧ ଲାଗି ଟିକସ ଛାଡ଼ସୀମାକୁ ୨ ଲକ୍ଷ ଟଙ୍କା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ଲାଗି ଏହା ୩ ଲକ୍ଷ ଟଙ୍କା ଥିଲା।

### ୨୦୧୫ ବଜେଟରେ କ'ଣ ଦିଆଯାଇଥିଲା

- ଏନ୍‌ପିଏସ୍‌ରେ ଯୋଗଦାନ କରିବା ଉପରେ ଅତିରିକ୍ତ ୫୦ ହଜାର ଟଙ୍କା ଉପରେ ଟିକସ ଛାଡ଼ ସୁବିଧା।
- ସୁକନ୍ୟା ସମୃଦ୍ଧି ଯୋଜନାକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଥିଲା।
- ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଛାଡ଼ସୀମାକୁ ୧୫ ହଜାର ଟଙ୍କାରୁ ବଢ଼ାଇ ୨୫ ହଜାର ଟଙ୍କା କରାଯାଇଥିଲା। ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ଏହି ଛାଡ଼ସୀମା ୫୦ ହଜାର ଟଙ୍କା ହୋଇଥିଲା।
- ସମ୍ପତ୍ତି ଟିକସକୁ ପ୍ରତ୍ୟାହାର କରି ନିଆଯାଇଥିଲା।

### ୨୦୧୬ରେ କେନ୍ଦ୍ର କ'ଣ ଦେଇଥିଲା

- ଘରଭଡ଼ା ଦେଉଥିବା ମାଲିକଙ୍କ ଲାଗି ଟିକସ ଛାଡ଼ସୀମାକୁ ୨୪ ହଜାରରୁ ୬୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା।
- ୫ ଲକ୍ଷ ଟଙ୍କାରୁ କମ୍ ଆୟକାରୀ ବ୍ୟକ୍ତିଙ୍କ ଲାଗି ଟିକସ ରିବେଟ୍ ୨ ହଜାରରୁ ବଢ଼ାଇ ୫ ହଜାର ଟଙ୍କା କରିଦିଆଯାଇଥିଲା।
- ନୂଆ ଘର କିଣୁଥିବା ବ୍ୟକ୍ତିଙ୍କୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପରିଶୋଧ କରିବା ଉପରେ ସୁଧରେ ଅତିରିକ୍ତ ୫୦ ହଜାର ଟଙ୍କା ଟିକସଛାଡ଼ କରାଯାଇଥିଲା।

### ବଜେଟ ୨୦୧୭

- ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଲାଗି ଆୟକର ହାରକୁ ୧୦ ପ୍ରତିଶତରୁ ୫%କୁ ହ୍ରାସ କରାଯାଇଥିଲା।
- ସମସ୍ତ ଟିକସଦାତାଙ୍କୁ ୧୨,୫୦୦ ଟଙ୍କାର ଟିକସ ରିବେଟ୍ ଦିଆଯାଇଥିଲା।

### ବଜେଟ ୨୦୧୮

- ୧୫ ହଜାର ଟଙ୍କାର ମେଡିକାଲ ରିଇମ୍ବର୍ସମେଣ୍ଟ ଏବଂ ୧୯,୨୦୦ ଟଙ୍କାର ପରିବହନ ଭତ୍ତା ଉପରେ ଟିକସ ଛାଡ଼ କରିବା ବଦଳରେ ଚାକିରି କରିଥିବା ବ୍ୟକ୍ତିଙ୍କ ଲାଗି ୪୦ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ଫେରାଇ ଅଣାଯାଇଥିଲା।
- ୧ ଲକ୍ଷ ଟଙ୍କାରୁ ଅଧିକ ଇକ୍ୱିଟିରେ ମିଳୁଥିବା ଏଲ୍‌ଟିସିଜି (ଦୀର୍ଘକାଳୀନ ଆର୍ଥିକ ଲାଭ) ଉପରେ ୧୦ ପ୍ରତିଶତ ଟିକସ ଆଦାୟ କରାଗଲା।

### ୧% ବଢ଼ିଲା ସେସ୍

୨୦୧୪-୧୫ରେ ଟିକସ ଉପରେ ୨% ଶିକ୍ଷା ସେସ୍ ଏବଂ ୧ ପ୍ରତିଶତ ସେକେଣ୍ଡାରୀ ଓ ହାୟାର ସେକେଣ୍ଡାରୀ ସେସ୍ ଲାଗୁ କରାଯାଇଥିଲା। ୨୦୧୮ ବଜେଟ୍‌ରେ ଜେଟ୍‌ଲୀ ଏହି ସେସ୍‌କୁ ଆହୁରି ୧% ବଢ଼ାଇ ୪ % କରିଦେଲେ।

### ବୃଦ୍ଧି ପାଇଲା ସରଚାର୍ଜ

ବଜେଟ୍ ୨୦୧୫ରେ ଅର୍ଥମନ୍ତ୍ରୀ ଜେଟ୍‌ଲୀ ୧ କୋଟିରୁ ଅଧିକ ଆୟକାରୀଙ୍କ ଲାଗି ସରଚାର୍ଜକୁ ୧୦ ପ୍ରତିଶତରୁ ୧୨ପ୍ରତିଶତକୁ ବୃଦ୍ଧି କଲେ। ୨୦୧୬ ବଜେଟ୍‌ରେ ଏହା ୧୫%କୁ ବୃଦ୍ଧି ପାଇଲା। ୨୦୧୭ ବଜେଟରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଲାଗି ନୂଆ ୧୦ ପ୍ରତିଶତ ସରଚାର୍ଜ ଲାଗୁ କରାଯାଇଥିଲା।

### ଟିକସ ରିବେଟ୍

ବଜେଟ ୨୦୧୪-୧୫ରେ ଧାରା ୮୭ଏ ଅନ୍ତର୍ଗତରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସଯୋଗ୍ୟ ଆୟ ଉପରେ ୨୦୦୦ ଟଙ୍କାର ଟିକସ କ୍ରେଡିଟ ହେଉଥିଲା। ଏଥିସହିତ ଏହି ଆୟ ପର୍ଯ୍ୟନ୍ତ ଟିକସ ରିବେଟ୍ ଦାବି କରାଯାଇପାରୁଥିଲା। ଏବେ ଏହି ସୀମାରେ ହ୍ରାସ ଘଟି ୩.୫ ଲକ୍ଷ ଟଙ୍କା ରହିଛି।

## ସଂକ୍ଷେପରେ

### ବର୍ଷର ପ୍ରଥମ ଟାଇଟଲ ଜିତିଲେ ଅଙ୍କିତା

**ନୂଆଦିଲ୍ଲୀ, ୨୦।୧(ପି.ଟି.):** ଭାରତର ଏକ ନମ୍ବର ଟେନିସ ଖେଳାଳି ଅଙ୍କିତା ରାଇନା ଚଳିତ ବର୍ଷର ପ୍ରଥମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ସିଙ୍ଗାପୁରରେ ଅନୁଷ୍ଠିତ ୨୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଆଇଟିଏଫ୍ ସିଙ୍ଗାପୁର ଇଭେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଅଙ୍କିତା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଅଙ୍କିତା ୬-୩, ୬-୨ ସିଧାସଳଖ ସେଟ୍‌ରେ ଟପ୍ ସିଡ୍ ନେଦରଲାଣ୍ଡ୍ସର ଆରାନସ୍କା ରସ୍‌ଙ୍କୁ ପରାସ୍ତ କରିଛନ୍ତି। ଚଳିତ ବର୍ଷର ଏହା ତାଙ୍କ ପ୍ରଥମ ଏବଂ ମୋଟ୍ ଉପରେ ୮ମ ସିଙ୍ଗଲ୍ସ ଟାଇଟଲ୍ ଥିଲା। ଅଙ୍କିତାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ଓ ୨୩ ମିନିଟ୍ ସମୟ ଲାଗିଥିଲା। ଟୁର୍ନାମେଣ୍ଟରେ ସେ ୪ଜଣ ସିଡ୍ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ହରାଇଥିଲେ। ଏଥିସହ ୨୫ ବର୍ଷୀୟା ଏହି ଅହମ୍ମଦାବାଦ୍ ଖେଳାଳି ପ୍ରତିଯୋଗିତାରୁ ୫୦ ପଏଣ୍ଟ ଅର୍ଜନ କରିଛନ୍ତି। ସୋମବାର ନୂତନ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଲେ ଅଙ୍କିତା କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ପାଇବାର ସମ୍ଭାବନା ରହିଛି।

### ଲାଗଟ୍, ୱର୍କନେଶଙ୍କୁ ମୁମ୍ବାଇ ମାରାଥନ ଟାଇଟଲ

**ମୁମ୍ବାଇ, ୨୦।୧(ପି.ଟି.):** ଚାରି ଲକ୍ଷ ୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଟାଟା ମୁମ୍ବାଇ ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। କେନିଆର କସ୍‌ମସ ଲାଗଟ୍ ଓ ଇଥିଓପିଆର ୱର୍କନେଶ ଅଲେମୁ ଭାରତର ଏହି ଶ୍ରେଷ୍ଠ ମାରାଥନରେ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୨୦୧୬ ସେଭିଲା ମାରାଥନ ଚାମ୍ପିୟନ ଲାଗଟ୍ ୪୨.୧୯୫ କି.ମି. ବିଶିଷ୍ଟ ଏହି ଦୂରତାକୁ ୨ ଘଣ୍ଟା ୯ ମିନିଟ୍ ୧୫ ସେକେଣ୍ଡରେ ଶେଷ କରି ଟ୍ରଫି ହାସଲ କରିଥିଲେ। ୧୬ ବର୍ଷର ମୁମ୍ବାଇ ମାରାଥନ ଇତିହାସରେ ଏହା ୨ୟ ଶ୍ରେଷ୍ଠ ଟାଇମିଂ ଥିଲା। ୨୦୧୬ରେ କେନିଆର ଅନ୍ୟତମ ଧାବକ ଗିଡିଅନ କିପ୍‌କେଟର ଏହି ଦୂରତାକୁ ୨:୦୮:୩୫ ରେ ଫିନିଶ କରିଥିଲେ, ଯାହା ଟୁର୍ନାମେଣ୍ଟର ଅଦ୍ୟାବଧି ଶ୍ରେଷ୍ଠ ଟାଇମିଂ ରହିଛି। ଇଥିଓପିଆର ଦୁଇ ଧାବକ ଆଟିଡ ବଣ୍ଟି (୨:୧୦:୦୪) ଓ ଏକଲନ୍ୟୁ ଶମେଟ୍ (୨:୧୦:୧୪) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ବର୍ଗରେ ପ୍ରଥମ ୩ଟି ସ୍ଥାନ ଇଥିଓପିଆର ଧାବିକାମାନେ ଅକ୍ତିଆର କରିନେଇଥିଲେ। ଇଥିଓପିଆର ଅଲେମୁ ୨:୨୫:୪୫ ସେକେଣ୍ଡରେ ରେସ୍ ସମାପ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଅମାନେ ଗୋବେନା (୨:୨୬:୦୯) ଓ ବିର୍କି ଡେବେଲେ (୨:୨୬:୩୯) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ।

### ଏଆଇଏଫଏଫ ସି ଲାଇସେନ୍ସ କୋଚିଂ କୋର୍ସ ୧୬ରେ

**କଟକ ଅଫିସ,୨୦।୧:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ 'ସି' ଲାଇସେନ୍ସ କୋଚିଂ କୋର୍ସ ଫେବୃୟାରୀ ୧୬ ତାରିଖରେ କଟକରେ ଅନୁଷ୍ଠିତ ହେବ । ଇଚ୍ଛୁକ ବ୍ୟକ୍ତି ଏଆଇଏଫ୍‌ଏଫର ପୋର୍ଟାଲରେ ନାମ ପଞ୍ଜୀକରଣ କରି ପାରିବେ । ତେବେ ପଞ୍ଜୀକରଣ କରିବାକୁ ଥିବା ବ୍ୟକ୍ତିମାନେ ଅତିକମରେ ଏଆଇଏଫଏଫ 'ଡି' ଲାଇସେନ୍ସ ଯୋଗ୍ୟତା ହାସଲ କରିଥିବା ଉଚିତ । ଆସନ୍ତା ୨୨ ତାରିଖ ପଞ୍ଜୀକରଣର ଶେଷ ତାରିଖ ରହିଛି ।



ମହେନ୍ଦ୍ର ସିଂ ଧୋନୀଙ୍କୁ ମୁଁ ଏବେ ମଧ୍ୟ ୫୦ ଓଭର ଫର୍ମାଟରେ ବିଶ୍ୱର ଶ୍ରେଷ୍ଠ ମ୍ୟାଚ୍ ଫିନିଶର ବୋଲି ମନେକରେ।
**–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**



ଭାରତୀୟ ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଏପର୍ଯ୍ୟନ୍ତ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ।
**–ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**

# ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିପର୍ଯ୍ୟୟର ଦିନ

## ଫେଡରର, କର୍ବରଙ୍କ ପରାଜୟ, କ୍ୱାର୍ଟରରେ ନାଡାଲ

ମେଲବୋର୍ନ, ୨୦।୧(ଏଏଫ୍‌ପି)

ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ୭ମ ଦିବସ ବେଶ୍ ଘଟଣା ବହୁଳ ରହିଥିଲା। ବିଶେଷ କରି ରବିବାର ବିପର୍ଯ୍ୟୟର ଦିନ ଥିଲା କହିଲେ ମଧ୍ୟ କିଛି କମ୍ ହେବନାହିଁ। କ୍ୟାରିୟରର ରେକର୍ଡ ୭ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ଡିଫେଣ୍ଡିଂ ଚାମ୍ପିୟନ ରୋଜର ଫେଡରରଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସ୍ଥାନୀୟ ରଡ୍ ଲାଭର ଏରେନାଠାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ୩୭ ବର୍ଷୀୟ ସୁଇସ୍ ତାରକା ଫେଡରର ନିଜଠାରୁ ୨୦ ବର୍ଷ ସାନ ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କ ନିକଟରୁ ହାରିଯାଇଛନ୍ତି। ଷ୍ଟିଫାନୋସ ଏହି ମ୍ୟାଚ୍‌କୁ ୬-୭(୧୧/୧୩), ୭-୬ (୭/୩), ୭-୫, ୭-୬ (୭/୫) ସେଟ୍‌ରେ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସରେ ମଧ୍ୟ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଚତୁର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ବିଶ୍ୱର ୨ ନମ୍ବର ମାନ୍ୟତା ଆଞ୍ଜେଲିକ କର୍ବର ପରାଜୟବରଣ କରିଛନ୍ତି। ଆମେରିକାର ଡାନିଏଲ୍ କୋଲିନ୍ସ ୬-୦, ୬-୨ ସିଧାସଳଖ ସେଟ୍‌ରେ ୱିମ୍ବଲଡନ ଚାମ୍ପିୟନ କର୍ବରଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଛନ୍ତି। ସେହିଭଳି ୫ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ତଥା ରୁଷୀୟ ଟେନିସ ସୁନ୍ଦରୀ ମାରିଆ ଶାରାପୋଭା ମଧ୍ୟ ନିଜ ମୁକାବିଲାରେ ହାରିଯାଇଛନ୍ତି। ଅଷ୍ଟ୍ରେଲିଆର ଆଶଲୀ ବାର୍ଟିଙ୍କ ୪-୬, ୬-୧, ୬-୪ ସେଟ୍‌ରେ ଶାରାପୋଭାଙ୍କୁ ମାତ୍ ଦେଇ ଅନ୍ତିମ-୮ରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୬ଷ୍ଠ ସିଡ୍ ମାରିନ ସିଲିକ ୭-୬ (୮/୬), ୩-୬, ୨-୬, ୬-୪, ୪-୬ ସେଟ୍‌ରେ ସ୍ପେନର ରର୍ବଟ ବୌତିସ୍ତାଙ୍କ ନିକଟରୁ ହାରି ଅଭିଯାନ ଶେଷ କରିଛନ୍ତି। ତେବେ ଦ୍ୱିତୀୟ ସିଡ୍ ରାଫାଲ ନାଡାଲ ୬-୦, ୬-୧, ୭-୬ (୭/୪)ରେ ବିଶ୍ୱର ପ୍ରାକ୍ତନ ୪ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଥୋମାସ ବର୍ଡିଚ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭା ୫-୭, ୬-୭ (୬/୮), ୭-୬ (୭/୧), ୫-୭ ସେଟ୍‌ରେ ଯୁବ ଆମେରିକୀୟ ଖେଳାଳି ଫ୍ରାନସେସ ଟିଆଫୋଏଙ୍କ ନିକଟରୁ ହାରିଯାଇଛନ୍ତି।



ରୋଜର ଫେଡରର



ଷ୍ଟିଫାନୋସ ସିତ୍‌ସିପାସ

### କ୍ରିକେଟରୁ କ୍ୱାର୍ଟର ଫାଇନାଲ



ମେଲବୋର୍ନ, ୨୦।୧

ଅଷ୍ଟ୍ରେଲିଆନ୍ ଓପନ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଘରୋଇ ତାରକା ଆସ୍‌ଲେଇଘ ବାର୍ଟି। ରବିବାର ଖେଳାଯାଇଥିବା ୪ର୍ଥ ରାଉଣ୍ଡର ଏକ ମୁକାବିଲାରେ ୨୪ ବର୍ଷୀୟା ବାର୍ଟି ୪-୬, ୬-୧, ୬-୪ ସେଟ୍‌ରେ ପାଞ୍ଚଥର ଗ୍ରାଣ୍ଡସ୍ଲାମ ବିଜୟିନୀ ମାରିଆ ଶାରାପୋଭାଙ୍କୁ ପରାସ୍ତ କରିଛନ୍ତି। ବାର୍ଟି ଅଷ୍ଟ୍ରେଲିଆର ମହିଳା ସିଙ୍ଗଲ୍ସ ଓ ଡବଲ୍ସର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। ତେବେ ବାର୍ଟିଙ୍କ ବିଷୟରେ ସବୁଠାରୁ ରୋଚକ କଥା ହେଉଛି, ସେ ମଧ୍ୟ ଜଣେ ପ୍ରଫେଶନାଲ କ୍ରିକେଟ ଖେଳାଳି। ୨୦୧୧ରେ ୱିମ୍ବଲଡନ ବାଳିକାବର୍ଗ (ଜୁନିୟର) ଟାଇଟଲ ଜିତିଥିବା ବାର୍ଟି ୨୦୧୪ରେ ପ୍ରଫେଶନାଲ ଟେନିସରୁ ବିଶ୍ରାମ ନେଇ ଅଷ୍ଟ୍ରେଲିଆର ଘରୋଇ ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ବ୍ରିସବେନ ହିଟ୍ସ ପକ୍ଷରୁ ପୁରା ସିଜନ ମ୍ୟାଚ୍ ଖେଳିଥିଲେ। ଦୁଇବର୍ଷ କାଳ କ୍ରିକେଟରେ ଅତିବାହିତ କରିବା ପରେ ବାର୍ଟି ପୁଣିଥରେ ଟେନିକ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦଶନ୍ଧିର ପ୍ରଥମ ଅଷ୍ଟ୍ରେଲିଆ ଖେଳାଳିଭାବେ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି।

### ଓଡ଼ିଶା ପ୍ରିମିୟର ଲିଗ୍ ଜିତିଲା ଚିଲିକା

ଭୁବନେଶ୍ୱର, ୨୦।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋର ସମୃଦ୍ଧି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍) ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବ୍ରହ୍ମପୁର ଟାଇଗର୍ସକୁ ୫ ଉଇକେଟ୍‌ରେ ପରାସ୍ତ କରି ଟେଅକ୍ ଚିଲିକା ଇଲେଭେନ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ୧୫ ଓଭରରେ ୯ ଉଇକେଟ୍ ହରାଇ ୧୪୪ ରନ କରିଥିଲା। ଜବାବରେ ଚିଲିକା ୧୪.୨ ଓଭରରେ ୫ ଉଇକେଟ୍ ହରାଇ ବିଜୟ ହାସଲ କରିନେଇଥିଲା। ୪୫ ବଲରୁ ୮୧ ରନ କରିଥିବା ଅଙ୍କିତ ଦାବସ ଉଭୟ ମ୍ୟାଚ୍ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଙ୍କିତ ଏହି ଟୁର୍ନାମେଣ୍ଟରେ ମୋଟ୍ ୨୬୫ ରନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଚିଲିକା ୨ ରନରେ ସମ୍ବଲପୁର ପାଇରେଟ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଚିଲିକା ପକ୍ଷରୁ ଧାର୍ଯ୍ୟ ୧୮୨ ରନର ଟାର୍ଗେଟ୍‌କୁ ପିଛା କରି ସମ୍ବଲପୁର ୯ ଉଇକେଟ୍ ବିନିମୟରେ ୧୭୯ ରନ କରିପାରିଥିଲା। ସେହିପରି ୨ୟ ସେମିଫାଇନାଲରେ ବ୍ରହ୍ମପୁର ୪୮ ରନରେ ପୁରୀ ଲାୟନ୍ସକୁ ମାତ୍ ଦେଇଥିଲା। ଏହି ମ୍ୟାଚ୍‌ରେ ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୭୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ପିଛା କରି ପୁରୀ ୬ ଉଇକେଟ୍‌ରେ ୧୨୭ ରନ କରିପାରିଥିଲା। ଆୟୋଜକ ଓଡ଼ିଶା ୟୁଥ୍‌ର ସଦସ୍ୟ ଭରତ ମହାପାତ୍ର, ଦେବେନ୍ଦ୍ର ଦାସ, ମନ୍ମଥ ରାୟ, ସୁନୀଲ କୁମାର ମଲିକ, ସଞ୍ଜୀବ ଦାଶ, ଆକାଶ ଦାଶ, ସୁନୀଲ କୁମାର ନାୟକ, ଗୋପୀନାଥ ବିଶ୍ୱାଳ, ଅରୁନ ଗୋଲ୍ଡେନ, ସୀତାଂଶୁ ମହାପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରୋ-ହକି ଲିଗ୍ ପାଇଁ ପାକିସ୍ତାନର ନୂଆ ଦଳ

କରାଚୀ,୨୦।୧(ପି.ଟି.)

ଆସନ୍ତା ମାସରେ ଆରମ୍ଭ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ- ଲିଗ୍ ସିରିଜ ପାଇଁ ପାକିସ୍ତାନ ଚୟନକର୍ତ୍ତାମାନେ ରବିବାର ଦେଶର ହକି ଦଳ ଘୋଷଣା କରିଛନ୍ତି। ସେମାନେ ଅଧିନାୟକ ମହମ୍ମଦ ରିଜୱାନ(ସିନିୟର)ଙ୍କ ସମେତ ନିକଟରେ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଦଳର ୧୧ଜଣ ଖେଳାଳିଙ୍କୁ ବାଦ୍ ଦେଇଛନ୍ତି। ଦଳ ମନୋନୟନ ପାଇଁ ଇସ୍‌ଲାମାବାଦ୍‌ଠାରେ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ନୂଆରୂପ ଦିଆଯାଇଥିବା ୧୮ ଜଣିଆ ପାକିସ୍ତାନ ଦଳର ନେତୃତ୍ୱ ନେବେ ମିଡ୍ ଫିଲ୍ଡର ଅଲି ଶାନ୍। ପ୍ରୋ-ଲିଗ୍ ସିରିଜ ଆସନ୍ତା ୬ମାସ ମଧ୍ୟରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ୟୁରୋପୀୟ ଦେଶଗୁଡ଼ିକରେ ହେବ। ୨୫ ବର୍ଷୀୟ ଅଲି ଶାନ ଦେଶ ତରଫରୁ ୧୩୫ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଗତ ବର୍ଷ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ୧୬ଟି ଦେଶକୁ ନେଇ ଅନୁଷ୍ଠିତ ବିଶ୍ୱକପ୍‌ରେ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ ନ ଜିତି ୧୧ତମ ସ୍ଥାନରେ ରହିଥିଲା। ମେଗା ଇଭେଣ୍ଟରେ ଖରାପ ପ୍ରଦର୍ଶନ ପାଇଁ ଟିମ୍ ମ୍ୟାନେଜର ହସନ ସର୍ଦ୍ଦାର ସିନିୟର ଖେଳାଳିମାନଙ୍କୁ ଦାୟୀ କରିଥିଲେ। କୌତୂହଳର କଥା ହେଲା ଆର୍ଥିକ ସଂକଟ ଯୋଗୁ ପ୍ରୋ-ଲିଗ୍‌ରେ ପାକିସ୍ତାନ ହକି ଦଳର ଅଂଶଗ୍ରହଣ ଏବେ ଅନିଶ୍ଚିତ ଅବସ୍ଥାରେ ରହିଛି। ଦଳରୁ ବାଦ୍ ପଡ଼ିଥିବା ଖେଳାଳିମାନେ ହେଲେ ମଝର ଆବାସ, ଇରଫାନ ସିନିୟର, ମହମ୍ମଦ ତୌସିକ୍ ଅର୍ସାଦ, ରଶିଦ୍ ମେହେମୁଦ୍, ଅଜାଜ ଅହମ୍ମଦ, ଅମାଦ ସକିଲ ବଟ୍, ଇରଫାନ ଜୁନିୟର, ତାସାୱାର ଆବାସ, ଉମାର ଭୁଟା ଏବଂ ମହମ୍ମଦ ଜୁବେର। ଗୋଲକିପର ଇମରାନ ବଟ୍ ୨୦୧୮ ବିଶ୍ୱକପ୍ ପରେ ଅବସର ନେଇଯାଇଥିଲେ। ମୁଖ୍ୟ ଚୟନକର୍ତ୍ତା କହିଛନ୍ତି, ଅଲିମ୍ପିକ୍ସକୁ ନଜରରେ ରଖି ନୂଆ ପାକିସ୍ତାନ ଦଳ ଗଠନ କରାଯାଇଛି। ପ୍ରୋ-ଲିଗ୍‌ରେ ୯ଟି ଦେଶ ଯଥା ବେଲଜିୟମ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ଜର୍ମାନୀ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ସ୍ପେନ ଓ ପାକିସ୍ତାନ ଭାଗ ନେବେ। ଏହାକୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଶ୍ରେଷ୍ଠ ଚାରୋଟି ଦଳ ଅଲିମ୍ପିକ କ୍ୱାଲିଫିକେଶନ ମ୍ୟାଚ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ। ଏହି ମ୍ୟାଚଗୁଡ଼ିକ ୨୦୨୦ରେ ଖେଳାଯିବ।

# ରମେଶ ସିଂଭୋଇ ସ୍ମାରକୀ ଫୁଟବଲ: ଚଲକି ଚାମ୍ପିୟନ



ଅତିଥିଙ୍କ ଗହଣରେ ଫାଇନାଲ ଖେଳିଥିବା ଦଳର ଖେଳାଳି।

ଟିକ୍ରାପଡା,୨୦।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ଆୟୋଜିତ ରମେଶ ସିଂଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁରିବାହାଲ ଓ ଚଲକି ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁରିବାହାଲକୁ ୧-୦ଗୋଲରେ ହରାଇ ଚଲକି ଚାମ୍ପିୟନ ହୋଇଥିଲା। ଜିତେନ୍ଦ୍ର ଜାଲ, ବିନୋଦ ବେହେରା, ରାଜେଶ ପୋଢ ଖେଳ ପରିଚାଳନା କରିଥିଲେ। ଅକ୍ଷୟ ଘିଭେଲା ଧାରା ବିବରଣୀ ପ୍ରଦାନ କରିଥିଲେ। ସରପଞ୍ଚ ବଜରଙ୍ଗଲାଲ ଜୈନଙ୍କ ଅଧ୍ୟକ୍ଷତା ଓ ଯୁବରାଜ ବଗର୍ତ୍ତୀଙ୍କ ସଂଯୋଜନାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝୀ, ସମିତି ସଭ୍ୟ ଅନନ୍ତ କାଲସାଏ, ହୃଦାନନ୍ଦ ରାଜପଲିଆ, କ୍ରୀଡାବିଦ ଶେଷଦେବ ଜାନୀ, ଅରବିନ୍ଦ ସୁପକାର, ସମିତି ସଭ୍ୟ ପ୍ରମୋଦ କୁମାର ଅଗ୍ରୱାଲ, ଦୀପକ ଅଗ୍ରୱାଲ, ବ୍ଲକ ଯୁବ କଂଗ୍ରେସ ସଭାପତି ରଜତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୫୫୫୫ ଓ ରନର୍ସ୍ ଅପ ଦଳକୁ ଟ୍ରଫି ସହ ୪୪୪୪ ଟଙ୍କା ପ୍ରଦାନ କରାଯାଇଥିଲା । ତରଣିସେନ ନାଏକ, ଦେବରାଜ ବୁଡେକ, ମିଥୁନ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।





ବୋରାସମ୍ବର କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଟ୍ରଫି ସହ ଚାମ୍ପିୟନ ରାଉରକେଲା ୟୁଥ୍ କ୍ଲବର ଖେଳାଳିମାନେ।

# ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ଚାମ୍ପିୟନ

### ବୋରାସମ୍ବର କପ୍

ପଦ୍ମପୁର, ୨୦।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ୨୫ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ଖୋର୍ଦ୍ଧା ରେଲୱେକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ୩୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ରେଲୱେ ଦଳ ୨୮.୫ ଓଭରରେ ୧୭୫ ରନ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ୭୭ (୭୧), ରାକେଶ ମହାନ୍ତି ୨୪ (୨୧), ସୂର୍ଯ୍ୟକାନ୍ତ ପ୍ରଧାନ ୧୯(୭) ରନ କରିଥିଲେ। ରାଉରକେଲା ଦଳ ପକ୍ଷରୁ ଅୟଷକାନ୍ତ ସାହୁ ୨୬ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ। ୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଉରକେଲା ଦଳ ୭୧ରନରେ ୫ଟି ଉଇକେଟ ହରାଇଥିଲା। ତେବେ ରଣଜୀ ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ଧୂଆଁଧାର ୧୧୦(୬୭), ବାସୁଦେବଙ୍କ ୨୫ରନ ସହାୟତାରେ ୨୩.୨ ଓଭରରେ ୧୭୬ ରନ ସଂଗ୍ରହ କରି ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଓ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ଏବଂ ଚିତ୍ତରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧ଲକ୍ଷ ଏବଂ ଉପବିଜେତା ଦଳକୁ ୫୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଗୋବିନ୍ଦ ପୋଦ୍ଦାର, ଶ୍ରେଷ୍ଠ ଖେଳାଳି ରାଜୀବ ନାୟକ, ବେଷ୍ଟ ବୋଲର ଆଲୋକ ମଙ୍ଗରାଜ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପ୍ରଶାନ୍ତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ପ୍ରଦୀପ ପାଢ଼ୀଙ୍କ ସମ୍ପାଦନାରେ ସ୍ମରଣିକା-୨୦୧୯ ଲୋକାର୍ପିତ କରାଯାଇଥିଲା। ଭିଭାନ ଚାରିଟେବୁଲ ମୁଖ୍ୟ ଚନ୍ଦନ ବଂଶଲ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ବଳରାମ ପଟ୍ଟନାୟକ, ଅମିୟ ସାହୁ ମ୍ୟାଚ୍ ପରିଚାଳନା, ଆକାଶ କୁମାର ଦାଶ ସ୍କୋରର ଏବଂ ସନ୍ତୋଷ ନାୟାର ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ ବୋରାସମ୍ବର ସ୍ପୋର୍ଟିଂ ସମ୍ପାଦକ ଭରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।





" ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଜାତୀୟ ଦଳର ଖରାପ ପ୍ରଦର୍ଶନ ନେଇ ତଦନ୍ତ ହେବା
**– ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ଚେୟାରମ୍ୟାନ**



" ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ପାଇଁ ଗ୍ଲେନ ମାକ୍ସୱେଲ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ସଫଳ ନେତୃତ୍ୱ ଦେଇପାରିବେ।
**–ମିଚେଲ ଜନସନ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର**

## ସଂକ୍ଷେପରେ

### ଜ୍ୟାକବ ମାର୍ଟିନଙ୍କ ଅବସ୍ଥା ସଙ୍କଟାପନ୍ନ

**ନୂଆଦିଲ୍ଲୀ,୨୦।୧:** ପୂର୍ବତନ ଭାରତୀୟ କ୍ରିକେଟର ଜ୍ୟାକବ ମାର୍ଟିନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ସେ ଏବେ ବଦୋଦରା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୪୬ ବର୍ଷୀୟ ପୂର୍ବତନ କ୍ରିକେଟରଙ୍କ ଚିକିତ୍ସା ଲାଗି ଏବେ ଅର୍ଥ ଅଭାବ ପଡ଼ିଛି। ସେ ଅନ୍ତର୍ଜାତୀୟ ସ୍ତରରେ ୧୦ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଜ୍ୟାକବ ଗତ ୨୮ ତାରିଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କର ଫୁସ୍‌ଫୁସ ଓ ଲିଭର କ୍ଷତିଗ୍ରସ୍ତ ହୋଇଛି। ସେ ଏବେ ଭେଣ୍ଟିଲେଟରରେ ଅଛନ୍ତି। ମାର୍ଟିନଙ୍କ ସ୍ତ୍ରୀ ମେଡିକାଲରେ ଅଧିକ ଖର୍ଚ୍ଚ ହେଉଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହାୟତା ଲୋଡ଼ିଛନ୍ତି। ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ ସହାୟତା ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ପୂର୍ବତନ ବିସିସିଆଇ ଓ ବରୋଦା କ୍ରିକେଟ ଆସୋସିଏଶନ (ବିସିଏ) ସମ୍ପାଦକ ସଞ୍ଜୟ ପଟେଲ କହିଛନ୍ତି। ତାଙ୍କ ମେଡିକାଲ ଚିକିତ୍ସା ବାବଦକୁ ଏପର୍ଯ୍ୟନ୍ତ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ବିସିସିଆଇ ପକ୍ଷରୁ ସିଧାସଳଖ ଅର୍ଥ ପୈଠ କରାଯିବା ପରେ ଚିକିତ୍ସା ଜାରି ରହିଛି ବୋଲି ପଟେଲ କହିଛନ୍ତି। ଏଥିସହ ପୂର୍ବତନ ପେସର ଜାହିର ଖାଁ ଓ ପଠାନ ଭ୍ରାତାମାନେ ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଜ୍ୟାକବଙ୍କ ନେତୃତ୍ୱରେ ବରୋଦା ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଜିତିଥିଲା।

### ପିଏସ୍‌ଜିର ରେକର୍ଡ ବିଜୟ

**ପ୍ୟାରିସ୍,୨୦।୧(ଏଏଫ୍‌ପି):** ଷ୍ଟାର ଫ୍ରେଞ୍ଚ ଖେଳାଳି କ୍ୟାଲିନ ଏମ୍‌ବାପ୍ପେ ଓ ଇଡିନସନ କାଭାନିଙ୍କ ହ୍ୟାଟ୍ରିକ ଗୋଲ ଯୋଗୁ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବ ଲିଗ୍ ୱାନର ଏକ ମ୍ୟାଚ୍‌ରେ ୯-୦ ଗୋଲରେ ଗୁଇନଗାମ୍ପ ଦଳକୁ ହରାଇଛି। ଏହା ପିଏସ୍‌ଜି ଦଳର ଘରୋଇ ଭେନ୍ୟୁରେ ସର୍ବବୃହତ୍ ବିଜୟ। ଏମ୍‌ବାପ୍ପେ (୩୭, ୪୫ ଓ ୮୦ତମ ମିନିଟ୍) ଓ କାଭାନି (୫୯, ୬୬ ଓ ୭୫ତମ) ହ୍ୟାଟ୍ରିକ ଗୋଲ ଦେଇଥିଲେ। ସେହିଭଳି ନେମାର (୧୧ ଓ ୬୮ତମ) ଦୁଇଟି ଓ ଥୋମାସ ମେଉନିର (୮୩ତମ) ଗୋଟିଏ ଗୋଲ ସ୍କୋର କରିଥିଲେ। ଏହି ବୃହତ୍ ବିଜୟ ସହ ପିଏସ୍‌ଜି କ୍ରମାଗତ ୬ଷ୍ଠ ଥର ଲାଗି ଲିଗ୍ ୱାନ ଟାଇଟଲ ଜିତିବା ନିଶ୍ଚିତ କରିଛି। ଦଳ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍ ଖେଳି ୧୭ ବିଜୟ ସହ ମୋଟ ୫୩ ପଏଣ୍ଟ ଅର୍ଜନ କରି ଅଙ୍କ ତାଲିକାର ଶୀର୍ଷରେ ରହିଛି। ପ୍ରାୟ ଏକ ବର୍ଷ ତଳେ ପାର୍କ ଡେସ ପ୍ରିନ୍ସେସ୍‌ଠାରେ ଅନୁଷ୍ଠିତ ଡିଜୋନ ଦଳ ବିପକ୍ଷ ମ୍ୟାଚ୍‌କୁ ପିଏସ୍‌ଜି ୮-୦ ବ୍ୟବଧାନରେ ଜିତିଥିଲା, ଯାହାକି ଦଳର ଘରୋଇ ଭେନ୍ୟୁରେ ବୃହତ୍ ବିଜୟ ଥିଲା। ତେବେ ୧୯୯୪ରେ କୋଟେ ଚାଉଡେ ଦଳକୁ ୧୦-୦ ଗୋଲରେ ପିଏସ୍‌ଜି ହରାଇଥିଲା। ଏହା ଏପର୍ଯ୍ୟନ୍ତ ପିଏସ୍‌ଜି ଦଳର ସବୁଠୁ ବଡ଼ ବିଜୟ।

### କୋହଲିଙ୍କୁ ପଛରେ ପକାଇଲେ ଆମଲା

**ପୋର୍ଟ ଏଲିଜାବେଥ,୨୦।୧:** ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକାର ଓପନର ହାସିମ ଆମଲାଙ୍କ ଶତକ ବେକାର ଯାଇଛି। ହେଲେ ସେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଆମଲା ୧୨୦ ବଲର ସମ୍ମୁଖୀନ ହୋଇ ୧୦୮ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୨୭ତମ ଅନ୍ତର୍ଜାତୀୟ ଦିନିକିଆ ଶତକ। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ଦ୍ରୁତତମ ବ୍ୟାଟ୍ସମ୍ୟାନ। କୋହଲିଙ୍କୁ ୨୭ତମ ଦିନିକିଆ ଶତକ ହାସଲ କରିବା ପାଇଁ ୧୬୯ ମ୍ୟାଚ୍ ଲାଗିଥିଲା। ହେଲେ ଦକ୍ଷିଣ ଆଫ୍ରିକା ଓପନର ଦୁଇଟି କମ୍ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି। ତେବେ ଆମଲା ବିଶ୍ୱର ସର୍ବାଧିକ ଶତକ ଅର୍ଜନ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାରେ ସଚିନ ତେନ୍ଦୁଲକର (୪୯), କୋହଲି (୩୯), ରିକି ପଣ୍ଟିଂ (୩୦) ଓ ଶନଥ ଜୟସୁରିୟା (୨୮) ରହିଛନ୍ତି।

### ବ୍ରୋଞ୍ଜ ପଦକ ମ୍ୟାଚରେ ହାରିଲା ଓଡ଼ିଶା

**କଟକ ଅଫିସ,୨୦।୧:** ପୁଣେଠାରେ ରବିବାର ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୧ବର୍ଷରୁ କମ୍ ବାଳିକା ହକି ପ୍ରତିଯୋଗିତାର ବ୍ରୋଞ୍ଜ ପଦକ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଓଡ଼ିଶା ୧-୨ ଗୋଲରେ ପଞ୍ଜାବଠାରୁ ପରାସ୍ତ ହୋଇଛି । ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟରେ ଓଡ଼ିଶା ପକ୍ଷରୁ ରୋଜିତା କୁଜୁର ପ୍ରଥମ ଗୋଲଟି ଦେଇଥିଲେ। ୨୮ତମ ମିନିଟରେ ପଞ୍ଜାବର କାଜଲ ଏକ ଗୋଲ ଦେବା ଫଳରେ ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ସ୍କୋର ୧-୧ ରହିଥିଲା । ୩ୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୪ର୍ଥ କ୍ୱାର୍ଟରରେ କାଜଲ ପଞ୍ଜାବ ନିମନ୍ତେ ଦ୍ୱିତୀୟ ତଥା ବିଜୟ ସୂଚକ ଗୋଲ ସ୍କୋର କରିଥିଲେ ।

---

ଯାଜପୁର ଜିଲା ଓପନ ଚେସ୍ ଉଦ୍‌ଯାପିତ

# ସୌମ୍ୟ, ତ୍ରିଦେବ ଚାମ୍ପିୟନ

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)

ଯାଜପୁର ରୋଡ଼ସ୍ଥିତ ଗ୍ଲୋରିୟସ ଇଂଲିଶ୍ ମିଡିୟମ ସ୍କୁଲରେ ଯାଜପୁର ଜିଲା ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବର୍ଗରେ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଓ ଜୁନିୟରରେ ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଉଭୟ ପ୍ରତିଯୋଗୀ ୬ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୫.୫ ପଏଣ୍ଟ ଲେଖାଏ ପାଇଥିଲେ।



ଟ୍ରଫି ସହ ସୌମ୍ୟରଞ୍ଜନ ମିଶ୍ର।

**ସୌମ୍ୟ ୫୩ଁ**

ଟୁର୍ଣ୍ଣାମେଣ୍ଟର ଟପ୍ ସିଡ୍ ସୌମ୍ୟ ଏହାକୁ ମିଶାଇ କ୍ୟାରିୟରରେ ୫୩ତମ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି। ୬ ରାଉଣ୍ଡ ମଧ୍ୟରୁ ସେ ୫ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖି ଅପରାଜେୟ ରହିଥିଲେ। ନିଜ ଟାଇଟଲ ପଥରେ ସେ ରାଜେଶ କୁମାର ଜେନା, ଜ୍ୟୋତି ରଞ୍ଜନ ପଣ୍ଡା, ସଞ୍ଜୀବନ ନାୟକ, ବସନ୍ତ କୁମାର ଦାସ ଓ ଆଶୁତୋଷ ମହାନ୍ତିଙ୍କୁ ହରାଇଥିବାବେଳେ ରବୀନ୍ଦ୍ର କୁମାର ଓଝାଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ସଞ୍ଜୀବନ ନାୟକ ୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଥିବାବେଳେ ବସନ୍ତ କୁମାର ଦାସ, ଆଶୁତୋଷ ମହାନ୍ତି ଓ ଧିରେନ୍ଦ୍ର କୁମାର ଦାସ ୪ ପଏଣ୍ଟ ଲେଖାଏ ହାସଲ କରି ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ରାଜେଶ କୁମାର ଜେନା, ଦେବୀ ପ୍ରସାଦ ବିଶ୍ୱାଳ, ସୁବୋଧ ଆଚାର୍ଯ୍ୟ ଓ ପଲକ ମହାପାତ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଜୁନିୟର ବିଭାଗରେ ଅମନ ଲାହା, ନିଖିଲ ସାହୁ, ସିଦ୍ଧାର୍ଥ ଭୂୟାଁ, କୁମାର କୌଶିକ, ସ୍ୱରାଜ କୁମାର ସାହୁ, ଆରୁଷ ଦାଭାଡେ, ଚିନ୍ମୟ କୁମାର ମହାପାତ୍ର, ଉଦୟ ପରିଡ଼ା ଓ ରିତୁସ୍ମିତା ବିଶ୍ୱାଳ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

---

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍

# କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଚାମ୍ପିୟନ

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ (ଓଟିପିଏଲ)ର ଦ୍ୱିତୀୟ ସଂସ୍କରଣ ରବିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ପୁରୀ ୱେଭର୍ସକୁ ୩-୨(୨୬-୨୦) ଗେମ୍‌ରେ ହରାଇ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ପୁରୀ ଦଳର ସୁରଜ ଆର. ପ୍ରବୋଧ ୭-୦ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସର ଜଗମୀତ ସିଂଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ଗେମ୍‌ରେ ଆଲେକ୍ସ ସୋଲାଙ୍କିଙ୍କ ବିଜୟ ଫଳରେ କେନ୍ଦ୍ରାପଡ଼ା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସୋଲାଙ୍କି ୭-୧ରେ ପୁରୀ ୱେଭର୍ସର ଆଶୁତୋଷ ଦାସଙ୍କୁ ହରାଇ ଦେଇଥିଲେ। ତୃତୀୟ ଗେମ୍‌ରେ ଅଭିକା ସଗୱାଲ ପୁରୀର ଅନମ ଆଲମାସଙ୍କୁ ୭-୧ରେ ହରାଇ କେନ୍ଦ୍ରାପଡ଼ାକୁ ଅଗ୍ରଣୀ ଦେଇଥିଲେ। ୪ର୍ଥ ଗେମ୍‌ରେ ପୁରୀ ଦଳର ସୂରଜ-ଜଗଦୀଶ ତନୱାର ଯୋଡ଼ି କେନ୍ଦ୍ରାପଡ଼ାର ନିଶାନ୍ତ ଗୋଏଲ-ଜଗମୀତଙ୍କୁ ୭-୫ରେ ହରାଇବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ଗେମ୍‌ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସର ଅଭିକା ସଗୱାଲ-ଆଲେକ୍ସ ସୋଲାଙ୍କି ଯୋଡ଼ି ପୁରୀ ୱେଭର୍ସର ଅନମ ଆଲମାସ-ଜଗଦୀଶ ତନୱାର ଯୋଡ଼ିଙ୍କୁ ୭-୪ରେ ପରାସ୍ତ କରି ଦଳକୁ ଟାଇଟଲ ବିଜୟୀ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଚାମ୍ପିୟନ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଟିମ୍ ମାଲିକ ଡ. ପ୍ରକାଶ କୁମାରଙ୍କୁ ୨ ଲକ୍ଷ ଏବଂ ଭୁବନେଶ୍ୱର ଉତ୍ତରର ଜିଲା କାଉନସିଲର କୁନାଲ ରାଉତ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ରନର୍ସଅପ୍ ପୁରୀ ୱେଭର୍ସ ଦଳର ମାଲିକ ଅରୁଣ ଅଗ୍ରୱାଲଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ପୁରସ୍କାର ଆକାରରେ ପ୍ରଦାନ କରିଥିଲେ।



ଚାମ୍ପିୟନ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଦଳ ଟ୍ରଫି ସହ ।

---

# ଜାତୀୟ ସବ୍‌ଜୁନିୟର ଉଷୁରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ପଞ୍ଜାବର ଫଗୱାରାଠାରେ ଚଳିତ ମାସ ୨୨ରୁ ୨୭ ପର୍ଯ୍ୟନ୍ତ ୧୮ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାର ୨୩ ଜଣିଆ ଦଳ ଅଂଶଗ୍ରହଣ କରିବ । ୧୧ ବାଳିକା ଓ ୧୨ ବାଳକଙ୍କୁ ନେଇ ଗଠିତ ଓଡ଼ିଶା ଦଳ ରବିବାର ପଞ୍ଜାବ ଯାତ୍ରା କରିଛନ୍ତି ବୋଲି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରକାଶ କରିଛନ୍ତି। ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକ ଜୀତେନ୍ଦ୍ର ଦାଶ, ଦଲ୍‌ମୁ ଖଡଙ୍ଗକେଲ ଏବଂ ମ୍ୟାନେଜରଭାବେ ସୁଧାଂଶୁ ପଣ୍ଡା ଓ ଅନୁରାଧା ସ୍ୱାଇଁ ଦଳ ସହ ଯାଇଛନ୍ତି ବୋଲି ସେ କହିଛନ୍ତି। ପ୍ରଦ୍ୟୁମ୍ନ ବେହେରା ଓ ସୁଧାଂଶୁ ହରିଚନ୍ଦନ ଏହି ପ୍ରତିଯୋଗିତାରେ ଜଜ୍ ଦାୟିତ୍ୱ ନିର୍ବାହ କରିବେ। ଭୁବନେଶ୍ୱରସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରୁ ପ୍ରଦର୍ଶନ ଆଧାରରେ ଖେଳାଳି ଚୟନ କରାଯାଇ ଗତ ୧୪ରୁ ୧୯ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆ ଯାଇଥିଲା । ଓଡ଼ିଶା ଦଳ (ବାଳିକା): ସୃଷ୍ଟି ସିଂ, ସୋନାଲି ପାଟିଲ, ମୋନାଲିସା ଦେହୁରି, ପାୟଲ ପଟ୍ଟନାୟକ, ନୁପୁର ପଟ୍ଟନାୟକ, ତନିସା ସାହୁ, ସ୍ନେହ ସାମନ୍ତରାୟ, ଜିୟା ବାଜୋରିଆ, ସାକ୍ଷୀ ସଙ୍ଘି, କ୍ରିତିକା ପସେରି, ସୋନାଲି ବାରିକ। ବାଳକ: ସୋନୁ ଖୋସ୍‌ଲା, ସୋନି ଟକ୍ରି, ହ୍ରିତେଶ କୁମାର ସ୍ୱାଇଁ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ସ୍ୱୟଂଶୁ ପଣ୍ଡା, ଶୁଭମ୍ ଖୋସଲା, ଦୀନେଶ କୁମାର ବେହେରା, ଚନ୍ଦନ କୁମାର ଡାକୁଆ, ଆଦିତ୍ୟ ଜେନା, ଆଶୁତୋଷ ମହାରଣା, ଟୁନୁ ଟକ୍ରି, ଅର୍ପନ କୁମାର ମହାଲିକ।




ଜାତୀୟ ସବ୍‌ଜୁନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ ।

---

# ଅକ୍‌ଲାଣ୍ଡରେ ପହଞ୍ଚିଲା ଭାରତୀୟ କ୍ରିକେଟ ଦଳ

ଅକ୍‌ଲାଣ୍ଡ, ୨୦।୧ (ପି.ଟି.)

ସୀମିତ ଓଭର ବିଶିଷ୍ଟ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିଛି। ଦଳ ରବିବାର ଅକ୍‌ଲାଣ୍ଡରେ ଅବତରଣ କରିଛି। ଏହି ସିରିଜ ଜାନୁୟାରୀ ୨୩ରୁ ଆରମ୍ଭ ହେବ। ଦେଶରେ ୩ ସପ୍ତାହ ଧରି ଅବସ୍ଥାନ କାଳରେ ଭାରତୀୟ ଦଳ ୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବ। ଅକ୍‌ଲାଣ୍ଡ ବିମାନବନ୍ଦରରେ ଭାରତୀୟ କ୍ରିକେଟ ଦଳ ଅବତରଣ କରୁଥିବା ଦୃଶ୍ୟ ସମ୍ବଳିତ ଏକ କ୍ଷୁଦ୍ର ଭିଡିଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅପ୍‌ଲୋଡ୍ କରିଛି। ଉପସ୍ଥିତ ଭାରତୀୟ ସମର୍ଥକମାନେ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। କେଦାର ଯାଦବ ଓ ଦୀନେଶ କାର୍ତ୍ତିକ ଅଟୋଗ୍ରାଫ ଦେଉଥିଲେ। ଅଧିନାୟକ ବିରାଟ କୋହଲି ଏବଂ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କୁ ଲୋକେ ଚିୟରଅପ୍ କରିଥିଲେ। ଭାରତୀୟ ଦଳ ସୋମବାର ସକାଳେ ନାପିଏର ଗସ୍ତ କରିବ। ସେଠାରେ ବୁଧବାର ସକାଳେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଅନ୍ତର୍ଜାତୀୟ ଦିନିକିଆଗୁଡ଼ିକ ଯଥାକ୍ରମେ ଟଉରାଙ୍ଗା (ଜାନୁୟାରୀ ୨୬ ଓ ୨୮), ହାମିଲଟନ (ଜାନୁୟାରୀ ୩୧) ଏବଂ ୱେଲିଂଟନ (ଫେବୃୟାରୀ ୩)ଠାରେ ଖେଳାଯିବ। ସେହିପରି ତିନୋଟି ଅନ୍ତର୍ଜାତୀୟ ଟି୨୦ ୱେଲିଂଟନଠାରେ (ଫେବୃୟାରୀ ୬), ଅକ୍‌ଲାଣ୍ଡ (ଫେବୃୟାରୀ ୮) ଏବଂ ହାମିଲଟନ (ଫେବୃୟାରୀ ୧୦)ଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ସକାଳ ୭ଟା ୩୦ରୁ ଏବଂ ତିନୋଟିଯାକ ଅନ୍ତର୍ଜାତୀୟ ଟି୨୦ ଅପରାହ୍ନ ୧୨ଟା ୩୦ରୁ ଆରମ୍ଭ ହେବ।

---

ଡୋପ୍‌ରେ ବିଫଳ ଏସିଆନ୍ ଗେମ୍ସ ଚାମ୍ପିୟନ

# ଅନୁ ରାଘବନଙ୍କୁ ମିଳିବ ବ୍ରୋଞ୍ଜ

କୋଚୀ,୨୦।୧

ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇବା ନିଶ୍ଚିତ ହୋଇଛି। ମହିଳା ବିଭାଗର ୪୦୦ ମିଟର ବାଧାଦୌଡ଼ ଇଭେଣ୍ଟ ଚାମ୍ପିୟନ କେମି ଆଡେକୋୟା ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି। ବାହାରିନ ଧାବିକାଙ୍କ ନମୁନାରେ ଆନାବୋଲିକ ଷ୍ଟେରଏଡ୍ ମିଳିଛି। ଏ ନେଇ ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ (ଏଆଇୟୁ) ୪ ଥର ଚାମ୍ପିୟନ ୨୫ ବର୍ଷୀୟ ବାସନ୍ଦ କରିଛି। ଏସିଆନ୍ ଗେମ୍ସ ୪୦୦ ମି. ବାଧାଦୌଡ଼କୁ କେମି ୫୪.୮୭ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପଛକୁ ଭିଏତନାମର କ୍ୱାଚ ଥି ଲାନ (୫୫.୩୦ ସେ) ଓ ବାହାରିନର ଆମିନାତ ଜମାଲ (୫୫.୬୫ ସେ) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। କେରଳର ଅନୁ ରାଘବନ ରେସ୍‌କୁ ୫୬.୯୨ ସେ. ଶେଷ କରି ୪ର୍ଥ ସ୍ଥାନ ଅଧିକାର କରିଥିଲେ। ରେସ୍ ପରେ ଧାର୍ଯ୍ୟ ଲାଇନ୍ ବାହାରେ ଜଣେ ପଦକଧାରୀ ଦୌଡ଼ିଥିବା ଅନୁ ଅଭିଯୋଗ ଆଣିଥିଲେ। ହେଲେ କୌଣସି ଫାଇଦା ମିଳି ନ ଥିଲା। ଏବେ କେମି ବାସନ୍ଦ ହେବାରୁ ଅନୁଙ୍କୁ ବ୍ରୋଞ୍ଜ ପଦକ ମିଳିବା ସ୍ପଷ୍ଟ ହୋଇଛି। ସେହିଭଳି ଥି ଲାନଙ୍କୁ ସ୍ୱର୍ଣ୍ଣ ଓ ଜମାଲଙ୍କୁ ରୌପ୍ୟ ମିଳିବ।

# ନ୍ୟୁଜିଲାଣ୍ଡ ମହିଳା ଟି୨୦ ଦଳରେ ମ୍ୟାକେ

ନୂଆଦିଲ୍ଲୀ,୨୦।୧

ଭାରତ ଗସ୍ତ କରିବା ଲାଗି ଘୋଷିତ ନ୍ୟୁଜିଲାଣ୍ଡ ମହିଳା ଟି୨୦ ଦଳରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଦୀର୍ଘ ୫ ବର୍ଷ ପରେ ଫ୍ରାନ୍ସେସ ମ୍ୟାକେ ଜାତୀୟ ଦଳକୁ ଫେରିଛନ୍ତି। ତାଙ୍କ ସମେତ କାଟଲିନ ଗରି ଓ ରେସମ୍ୟାରି ମେରଙ୍କୁ ୧୩ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ସାମିଲ କରାଯାଇଛି। ଏହି ଦଳରୁ ମ୍ୟାଡି ଗ୍ରୀନ, ଲୌରେନ ଡାଉନ, କାଟି ପର୍କିନ୍ସ, ହଲିତ ହୁଡଲେଷ୍ଟନ ଓ ଆନ୍ନା ପିଟରସନ ବାଦ୍ ପଡ଼ିଛନ୍ତି। ମ୍ୟାକେ ଓ ଗରି ସୁପର ସ୍ମାଶ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟରେ ଭାରତଠାରୁ ନ୍ୟୁଜିଲାଣ୍ଡ ପରାସ୍ତ ହୋଇଥିଲା।

---

ଲାନ୍ତେଶ୍ୱର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭୁତିଆରବାହାଲ, କରେଲଧୁଆ ସେମିରେ

ଟିକ୍ରାପଡା,୨୦।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ଗ୍ରାମପଞ୍ଚାୟତ ହାଇସ୍କୁଲ ଫୁଟବଲ ପଡିଆରେ ଚାଲିଥିବା ଲାନ୍ତେଶ୍ୱର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଆଇନଜୀବୀ ଟୁନୁ ରାଜପଲିଆଙ୍କ ଅଧ୍ୟକ୍ଷତା ଓ ରମେଶ ବଗର୍ତ୍ତୀଙ୍କ ସଂଯୋଜନାରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅରବିନ୍ଦ ସୁପକାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ସରପଞ୍ଚ ଭାରତୀ ରାଜପଲିଆ, ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ, ବାଲେଶ୍ୱର ଖର୍ସେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଟିକ୍ରାପଡା ଓ ଭୁତିଆରବାହାଲ ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିକ୍ରାପଡାକୁ ୩-୧ ଗୋଲରେ ହରାଇ ଭୁତିଆରବାହାଲ ଦଳ ସେମିଫାଇନାଲରେ ପ୍ରବେଶ କରିଛି । ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ କରେଲଧୁଆ ଓ ଫଟାମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଫଟାମୁଣ୍ଡାକୁ ଟାଇବ୍ରେକର ୧-୦ଗୋଲରେ ହରାଇ କରେଲଧୁଆ ସେମିଫାଇନାଲରେ ପ୍ରବେଶ କରିଥିଲା । ଦୀପକ ରାଜହଂସ, ଚିତ୍ତରଞ୍ଜନ ପାଣ୍ଡେ, ଦେବେନ୍ଦ୍ର ଥନାପତି, ସୁଜିତ ରାଜହଂସ ଖେଳ ପରିଚାଳନା କରିଥିଲେ । ସାଜନ ବାରିକ, ତୀର୍ଥରାଜ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ ।

---

# ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପୂଇନ୍ତଲା, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପୂଇନ୍ତଲା ବ୍ଲକ ଅନ୍ତର୍ଗତ ମଳମୁଣ୍ଡାଠାରେ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ ଗଇନ୍ତଲା ଓ ବ୍ରାହ୍ମଣୀପାଳି ଦଳ ମଧ୍ୟରେ ହୋଇଥିଲା। ଏଥିରେ ଗଇନ୍ତଲା ଦଳ ବ୍ରାହ୍ମଣୀପାଳିକୁ ୯ ରନରେ ହରାଇ ବିଜୟ ଲାଭ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଜଗଦୀଶ ଚନ୍ଦ୍ର ବିଭାର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଅମ୍ପେୟାର ଭାବେ ମନୋଜ ନାୟକ ଓ ରିଙ୍କୁ ଥପା ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ତରଣୀସେନ ଦୀପ, ନରେନ୍ଦ୍ର ପଟେଲ, ନାରଦ ବିଭାର, ଲବ ପଟେଲ, କାଳିଆ ନନ୍ଦ ସହଯୋଗ କରିଥିଲେ।

---

ୟଙ୍ଗଷ୍ଟାର କ୍ରିକେଟ ଧମାକା

# ଜାମଗାଁ ଚାମ୍ପିୟନ

ଲୋଇସିଂହା, ୨୦।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଏକଦିବସୀୟ କ୍ରିକେଟ ଧମାକା ରବିବାର ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଆୟୋଜକ କୁମୁଣ୍ଡେ ଏକାଦଶକୁ ୨୦ରନରେ ପରାସ୍ତ କରି ଜାମଗାଁ ଏକାଦଶ ଚାମ୍ପିୟନ ହୋଇଥିଲା । ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡେ ଭାଲିଆଟିକ୍ରା ଖେଳପଡିଆରେ ୬ଓଭର ବିଶିଷ୍ଟ ଧମାକା ଅନୁଷ୍ଠିତ ହୋଇଥିଲା । ଜାମଗାଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୬୭ ରନ ସଂଗ୍ରହ କରିଥିଲା । ଯବାବରେ କୁମୁଣ୍ଡେ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୪୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଜାମଗାଁର ଦୀପକ ନାଏକଙ୍କୁ ମ୍ୟାନ ଅଫ ଦି ସିରିଜି ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ରାଜେନ୍ଦ୍ର ଦୀପ, ପ୍ରକାଶ ମହାକୁର ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁଆରୀ ୨୧/୨୦୧୯ Sambalpur, Monday, January 21/ 2019

■ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ରୋଗୀଙ୍କୁ ଇଞ୍ଜେକ୍‌ଶନ ଦେଲେ ଅଜଣା ଯୁବତୀ

**ସମ୍ବଲପୁର,୨୦।୧(ବ୍ୟୁରୋ)**

■ଟାଉନ ଥାନାରେ ଅଭିଯୋଗ

■ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍‌ଓ

ସମ୍ବଲପୁର ଜିଲା ସଦର ଡାକ୍ତରଖାନାର ମେଡସିନ ୱାର୍ଡରେ ଶନିବାର ରାତି ପ୍ରାୟ ଗୋଟାଏରେ ଜଣେ ଅଜଣା ଯୁବତୀ ୭ ଜଣ ରୋଗୀଙ୍କୁ ଇଞ୍ଜେକଶନ ଦେଇଥିବା ଅଭିଯୋଗ ହୋଇଛି। ସେଠାରେ ଡ୍ୟୁଟିରେ ଥିବା ଷ୍ଟାପନର୍ସ ଦେଖିଦେବାରୁ ସମ୍ପୃକ୍ତ ଯୁବତୀ ସେଠାରୁ ଖସି ପଳାଇଥିଲେ। ରବିବାର ସକାଳୁ ଏହି ଘଟଣା ପ୍ରଘଟ ହୋଇଛି। ସିଡିଏମ୍‌ଓ ଡାକ୍ତର କଲ୍ୟାଣ କୁମାର ଗୁପ୍ତା ରୋଗୀମାନଙ୍କ ସମ୍ପର୍କୀୟଙ୍କୁ ଭେଟି ଏ ନେଇ ଆଲୋଚନା କରିଛନ୍ତି । ଏହି ଘଟଣାର ତଦନ୍ତ ପାଇଁ ଏଡିଏମଓ ଅଶୋକ କୁମାର ଦାଶଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ପାଇଁ ଟାଉନ ଥାନାରେ ଅଭିଯୋଗ ହୋଇଛି । ତେବେ ସଂପୃକ୍ତ ଯୁବତୀ ଅଭିଜ୍ଞ ନ ଥିବା ଅନୁମାନ କରାଯାଉଛି। ସେ କୌଣସି ଘରୋଇ ମେଡିକାଲରେ କାମ କରୁଥାଇପାରନ୍ତି। ରୋଗୀମାନଙ୍କୁ ଯେଉଁ ଇଞ୍ଜେକଶନ ଦେବା କଥା ତାହା ଦେଇଥିଲେ ବୋଲି ବିଭାଗୀୟ ତଦନ୍ତରୁ ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ମେଡିଶିନ ୱାର୍ଡରେ କାର୍ଯ୍ୟରତ ଷ୍ଟାଫନର୍ସ ରୋଗୀମାନଙ୍କୁ ଇଞ୍ଜେକଶନ ଦେବାକୁ ପ୍ରସ୍ତୁତ କରିଥିଲେ। ସେହି ସମୟରେ ଯୁବତୀ ଜଣକ ଯାଇ ଅନନ୍ତ ବଗର୍ତ୍ତି, ରାଜୁ ଖୁଣ୍ଟୁଲି ଓ ଜେଠୁ ବାଦି ପ୍ରମୁଖ ୭ ଜଣଙ୍କୁ ଇଞ୍ଜେକଶନ ଦେଇଥିଲେ । ହଠାତ୍ ବିନା ପୋଷାକରେ ଯୁବତୀ ଜଣକ ଇଞ୍ଜେକଶନ ଧରି ରୋଗୀଙ୍କ ପାଖେ ପହଞ୍ଚିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମନା କରିଦେଇଥିଲେ। ହେଲେ ଇଞ୍ଜେକସନ ନ ନେଲେ ଡିସଚାର୍ଜ କରିଦେବେ ବୋଲି ଯୁବତୀ ଜଣକ ନାଲି ଆଖି ଦେଖାଇ ଥିଲେ। ଏଣୁ ରୋଗୀ ବାଧ ହୋଇ ଇଞ୍ଜେକସନ ନେଇଥିଲେ। ଜଣେ ରୋଗୀଙ୍କଠାରେ ସାଲାଇନ ଓ ଜଣେ ରୋଗୀଙ୍କଠାରେ ରକ୍ତ ଚାଲିଥିଲା। ତାହା ମଧ ସମ୍ପୃକ୍ତ ଯୁବତୀ ଜଣକ ଯାଞ୍ଚ କରିଥିବା ଅଭିଯୋଗ ହୋଇଛି ।

# କ୍ରିକେଟ ଟୁର୍ନାମେଣ୍ଟ : ଚୁହ୍ଲାଦର୍ହକୁ ଟାଇଟଲ

**ବେଲପଡା, ୨୦।୧(ଡି.ଏନ.ଏ)**



ଅତିଥିଙ୍କ ସହ ଚାମ୍ପିୟନ ଓ ରନର୍ସ ଅପ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଯୁବା ଗ୍ରାମପଞ୍ଚାୟତ ଖେଳପଡିଆଠାରେ ଗତ ୧୭ତାରିଖରୁ ଚାଲିଥିବା ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ଖେଳ ଚୁହ୍ଲାଦର୍ହ ବନାମ ଝାରଫଟାମୁଣ୍ଡା ଦଳ ମଧ୍ୟରେ ହୋଇଥିଲା । ଟସ୍ ଜିଣି ପ୍ରଥମେ ଚୁହ୍ଲାଦର୍ହ ଦଳ ବ୍ୟାଟିଂ କରି ୮ ଓଭରରେ ୮୫ରନ ସଂଗ୍ରହ କରିଥିଲା। ଯବାବରେ ଝାରଫଟାମୁଣ୍ଡା ଦଳ ୮ଓଭରରେ ୮୩ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଯୁବା ପଞ୍ଚାୟତର ସରପଞ୍ଚ ଲମ୍ବୋଧର ପୁଟା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଚୁହ୍ଲାଦର୍ହକୁ ୫୦୦୫ଟଙ୍କା ସହ କପ ଓ ସମ୍ମାନିତ ଅତିଥି ଭାବେ ମଦନ ସାହୁ ଓ ଶିବ ବରିହା ଯୋଗଦେଇ ଉପବିଜେତା ଝାରଫଟାମୁଣ୍ଡାକୁ ରନର୍ସ ଅପ କପ ସହ ୩୦୦୩ ଟଙ୍କା ପ୍ରଦାନ କରିଥିଲେ । ଚୁହ୍ଲାଦର୍ହର ରମେଶଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ଝାରଫଟାମୁଣ୍ଡା ଦଳର କାହ୍ନୁଙ୍କୁ ମ୍ୟାନ ଅଫ ଦ ସିରିଜ ପ୍ରଦାନ କରାଯାଇଥିଲା । ଅମ୍ପେୟାର ଭାବେ ଗଙ୍ଗା ଭୁଏ ଓ କରୁଣାକର ସେଠ ଦାୟିତ୍ୱ ନିର୍ବାହ କରିଥିଲେ ।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ଦମ୍ପତି ମୃତ

**ରିଆମାଳ, ୨୦।୧ (ଡି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ତେଲିମୁଣ୍ଡା ଛକଠାରୁ କିଛି ଦୂରରେ ରବିବାର ସନ୍ଧ୍ୟା ୭ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ବାଇକକୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ଟିଙ୍କବୀର ବାଇସପାଲି ସାହିର ପ୍ରଶାନ୍ତ ଲୁହା (୨୭) ଓ ସ୍ତ୍ରୀ ମମତା(୨୪) ବାଇକ୍(ନଂ. ଓଆର ୧୫କେ ୦୮୦୦)ରେ କଖାରୁମାଳ ଗ୍ରାମରୁ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟ୍ରକ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ୱାମୀ, ସ୍ତ୍ରୀ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିରହିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ନେଇଥିଲେ। କିନ୍ତୁ ଦମ୍ପତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମୃତ ଘୋଷଣା କରିଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସଂକ୍ଷେପରେ

### ବୁଢ଼ାଦେଓ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି

**ପଦ୍ମପୁର, ୨୦।୧ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡର ଗୋଁଡ ସମାଜ ବିକାଶ କର୍ମଚାରୀ ମଞ୍ଚ ପକ୍ଷରୁ ନୃସିଂହନାଥ ପୀଠରେ ବୁଢ଼ାଦେଓ ମଣ୍ଡପ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ହେମନ୍ତ ଧରୁଆ ସଭାପତିତ୍ୱ କରିଥିଲେ । ସମାରୁ ଧରୁଆ, ରାମସିଂ ଭୋଇ, ଇନ୍ଦ୍ରଜିତ ନେଟୀ, ବୀରେନ୍ଦ୍ର ସର୍ଦ୍ଦାର, ଅଶ୍ୱିନୀ ଧରୁଆ, ସରୋଜ ଧରୁଆ, କୁବେର ଧରୁଆ, ରମେଶ ଜଗତ, କାନ୍ତିଲାଲ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଷ୍ଠା ଉତ୍ସବ ଆଗାମୀ ୨୭ରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

### ଶିକ୍ଷକଙ୍କ ପରଲୋକ

**ପଦ୍ମପୁର, ୨୦।୧ (ଡି.ଏନ.ଏ):** ପଦ୍ମପୁର ଅଞ୍ଚଳର ଜଣାଶୁଣା ଶିକ୍ଷକ ଗଙ୍ଗା ସାଗର ସାହୁଙ୍କ ୭୪ ବର୍ଷ ବୟସରେ ରବିବାର ପରଲୋକ ହୋଇଛି । ସେ ଏକାଧାରରେ ଶିକ୍ଷକ, କବି ଓ ଲେଖକ ଥିଲେ । ତାଙ୍କ ଲେଖାଗୁଡିକ ରାଷ୍ଟ୍ରଦୀପ ଓ ମାତୃଶକ୍ତିରେ ନିୟମିତ ପ୍ରକାଶ ପାଉଥିଲା । ସେ ବିଶ୍ୱ ହିନ୍ଦୁ ପରିଷଦ ଓ ଆରଏସଏସର ଜଣେ ସକ୍ରିୟ ସଭ୍ୟ ଥିଲେ । ନିଜ ଗ୍ରାମ ପୁରେନାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ପରଲୋକ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ଜ୍ୟେଷ୍ଠ ପୁତ୍ର ରମେଶ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

### ଦୁର୍ଘଟଣାରେ ଖବରଦାତା ଗୁରୁତର

**ବୌଦ୍ଧ,୨୦।୧(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ତଳଗାଁର ଧରିତ୍ରୀ ଖବରଦାତା କୁନା ବେହେରା ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ଗୁରୁବାର ମାଧପୁରରୁ ନିଜ ଗ୍ରାମକୁ ବାଇକ୍ ଯୋଗେ ଅନ୍ୟ ଜଣେ ଯୁବକଙ୍କ ସହ ଫେରୁଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ-୫୭ର ବଦଲା ନିକଟରେ ପଛରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ବସିଥିବା ଉଭୟ ରାସ୍ତାରେ ଛିଟିକି ପଡିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧକ୍କା ଦେଇଥିବା କାର୍ ଚାଳକ ବାଣିଗୋଛା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।




ପୁଷପୁନି ପର୍ବ ଅବସରରେ ବିଜେପୁର ବ୍ଲକ ଅଞ୍ଚଳର ଜଣେ କୁନି ପ୍ରତିଭାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।



ପାଇକମାଳ ବ୍ଲକ କୋକନରା ଗ୍ରାମରେ ଜଣେ ଦୋକାନୀ ପିଲାମାନଙ୍କୁ ଛେରଛେରା ବଣ୍ଟନ କରୁଛନ୍ତି ।

# ସାମାଜିକ ଜୀବନର ବାର୍ତ୍ତା ଦେଇଛି ପୁଷପୁନି

**ବିଜେପୁର, ୨୦।୧ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକର ପୁରପଲ୍ଲୀରେ ପୁଷପୁନି ତିହାର ରବିବାର ପାଳିତ ହୋଇଯାଇଛି । ପୌଷ ପୂର୍ଣ୍ଣିମା ଚଳିତ ବର୍ଷ ସୋମବାର ପଡୁଥିବାରୁ ଲୋକମାନେ ରବିବାର ଏହାକୁ ପାଳନ କରିଥିଲେ । ଘରେ ଘରେ ଭୋରରୁ ପିଠାମୁଣ୍ଡା, ଆରିସା, ବରା, ପକୁଡି କରିବା ସହ ଆମିଷ ଭୋଜନ କରିଥିଲେ । ଅପରାହ୍ନରେ ପଶ୍ଚିମ ଓଡିଶାର ଏହି କୃଷି ଭିତ୍ତିକ ସଂସ୍କୃତିକୁ ଉଜ୍ଜୀବିତ କରିବାକୁ ଗାଁ ଗହଳିରେ ସ୍ଥାନେ ସ୍ଥାନେ ପୁଷପୁନି ଭେଟଘାଟ୍‌ର ଆସର ଜମିଥିଲା । ଏହି କ୍ରମରେ ପଡା ଗ୍ରାମର ଲକ୍ଷ୍ମୀଲୀଳା ମଣ୍ଡପରେ ଏକ ସମାରୋହରେ ପୁଷପୁନି ଭେଟଘାଟ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ, ଜମ୍ବୋବତୀ ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଏବଂ ସାଂସ୍କୃତିକ କର୍ମୀ ପ୍ରକାଶ ଦେବତାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅତିଥିଗଣ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସଭାପତି ପ୍ରଦୀପ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀ, ବରିଷ୍ଠ ନାଗରିକ ରାଜେନ୍ଦ୍ର ମେହେର, ପୂର୍ବତନ ସରପଞ୍ଚ କବିରାଜ ମାହୀ, ନାଟ୍ୟକାର ମୋହନ ସିଂ, ଖବରଦାତା ପାଣ୍ଡବ ପଧାନ, କବି ଅହଲ୍ୟା ପଧାନ ଅତିଥି ଭାବେ



ଜାମଟିକ୍ରା ଅଞ୍ଚଳରେ ପିଲାମାନେ ଛେରଛେରା ମାଗିବାକୁ ବାହାରିଛନ୍ତି ।

ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଲୋକମାନେ ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ମୋହଗ୍ରସ୍ତ। ତେଣୁ ସେମାନେ ନିଜ ସୁଖଶାନ୍ତି ବ୍ୟତିରେକ ଅନ୍ୟ ବିଷୟରେ ଚିନ୍ତା ମଧ୍ୟ କରୁନାହାନ୍ତି । ଫଳରେ ଆଞ୍ଚଳିକ ସଂସ୍କୃତି କ୍ରମଶଃ ଅବକ୍ଷୟ ହେବାକୁ ଯାଉଛି । ଏଭଳି ପରିସ୍ଥିତିରେ ପୁଷପୁନି ତିହାରରେ ଏହି ଅଞ୍ଚଳର ଲୋକମାନେ ନିଜେ ପିଠାପଣା ଖାଇବା ସହ ସାହି ପଡିଶା ମଧ୍ୟରେ ଏହାକୁ ବଣ୍ଟନ କରି ସାମାଜିକତାର

### ପୁଷପୁନି ପର୍ବ ପାଳିତ

ପରିଚୟ ଦେଉଛନ୍ତି । ସୁତରାଂ ପୁଷପୁନି ଦେଉଛି ସାମାଜିକ ଜୀବନର ବାର୍ତ୍ତା ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ନଡିଆ ଭଙ୍ଗା, ଖୋଲା ମଞ୍ଚ କୁଇଜ କାର୍ଯ୍ୟକ୍ରମ ଆୟୋଜିତ ହୋଇ କୃତୀ ପ୍ରତିଭା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଗତ ଶିକ୍ଷାବର୍ଷର ମେଧାବୃତ୍ତି ପରୀକ୍ଷାର କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ପାଦକ ଦିଲ୍ଲୀପ କୁମାର ଦେବତା ସମାରୋହକୁ ସଂଯୋଜନା କରିଥିଲେ । ପ୍ରକାଶ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବିଶଙ୍କର ଗୁରୁ, ଟିକଲାଲ ପଧାନ, ଅକ୍ଷୟ ଦାଶ, ପ୍ରମୋଦ ପଧାନ, ଅମୀୟ ପ୍ରସାଦ ଭୋଇ, ସାଧୁଚରଣ ଦେବତା ସହଯୋଗ କରିଥିଲେ ।

**ପାଇକମାଳ, (ଡି.ଏନ.ଏ):** ପଶ୍ଚିମ ଓଡିଶାର ନିଆରା ପର୍ବ ପୁଷପୁନି ରବିବାର ପାଇକମାଳ ଅଞ୍ଚଳରେ ପାଳିତ ହୋଇଯାଇଛି । ଘରେ ଘରେ ମହିଳାମାନେ ଭୋର୍ ସମୟରୁ ପିଠାପଣା ତିଆରି କରିଛନ୍ତି। ସେହିପରି ଗାଁ ମାନଙ୍କରେ ଖୁସିରେ ଛୋଟ ବାଳିକା ବାଳକମାନେ ଘର ଘର ବୁଲି ଛେରଛେରା ମାଗିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଧାନ, ଚାଉଳ, ପଇସା ଯିଏ ଯାହା ଦେଲେ ପିଲାମାନେ ତାକୁ ଖୁସିରେ ଗ୍ରହଣ କରିଥିଲେ । ସେହିପରି ମାଂସ ଦୋକାନରେ ପ୍ରବଳ ଭିଡ ଜମିଥିଲା । ଅପରାହ୍ନରେ ଗାଁମାନଙ୍କରେ ବାଡିଖେଳ, କବାଡି ସହ କ୍ରିକେଟ ଖେଳ ମଧ୍ୟ ହୋଇଥିଲା । ପୌଷ ପୂର୍ଣ୍ଣିମା ଯୋଗୁ ରବିବାର ପାଇକମାଳର ସମସ୍ତ ଦୋକାନ ବନ୍ଦ ରହିଥିଲା ।

**ଜାମଟିକ୍ରା, (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଅଞ୍ଚଳରେ ରବିବାର ହର୍ଷଉଲ୍ଲାସର ସହ ପୁଷପୁନି ପାଳିତ ହୋଇଯାଇଛି । ଘରେ ଘରେ ଆରିସା ସହ ବିଭିନ୍ନ ପ୍ରକାରର ପିଠାରେ ଗାଁ ମହକି ଉଠିଥିଲା । ବିଭିନ୍ନ ସ୍ଥାନରେ ମାଂସ ପାଇଁ ଗହଳି ଲାଗିଥିଲା । ଅପରାହ୍ନରେ ଗାଁର ଯୁବକମାନେ ଖେଳ ପଡିଆରେ କ୍ରିକେଟ ଖେଳ ଖେଳିଥିଲେ । ସନ୍ଧ୍ୟାରେ ନାଚ ଗୀତର ଆସର ଜମିଥିଲା । ଗ୍ରାମର କେତେକ ବୃଦ୍ଧାବୃଦ୍ଧ ଓ ଛୋଟ ପିଲା ଛେର ଛେର ଛେର ଛେରା ଇ ଘରର ବୁଢ଼ୀ କାହିଁଗଲା ବୋଲି କହି ଘରକୁ ଘର ବୁଲି ଧାନ, ଚାଉଳ, ଟଙ୍କା ପଇସା ମାଗୁଥିବାର ଦେଖିବାକୁ ମିଳିଥିଲା ।

### ନିର୍ମାଣର ଦିନକ ପରେ ଭୁଶୁଡ଼ିଲା ଡ୍ରେନ



ଭୁଶୁଡି ପଡିଥିବା ଡ୍ରେନ ।

**ଜୁନାଗଡ,୨୦।୧(ଡି.ଏନ.ଏ.)**

କଳାହାଣ୍ଡିଜିଲା ଜୁନାଗଡ ବ୍ଲକ ବଳଦିଆମାଳ ଛକ ୨୬ ନଂ. ଜାତୀୟ ରାଜପଥ କଡରେ ଶନିବାର ନିର୍ମାଣ ହୋଇଥିବା ଡ୍ରେନ କାମ ନିମ୍ନମାନର ଯୋଗୁ ଦିନକ ପରେ ଅର୍ଥାତ୍ ରବିବାର ଭୁଶୁଡିଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗତ ୧୫ ଦିନ ହେଲା ବଳଦିଆମାଳ ଗ୍ରାମ ୨୬ ନଂ. ଜାତୀୟ ରାଜପଥ କଡରେ ଡ୍ରେନ ନିର୍ମାଣ କାମ ଚାଲୁଛି। ଏହାକୁ ଏଆରଏସ୍‌ଏସ୍ କମ୍ପାନୀ କରିବାର ଦାୟିତ୍ୱ ପାଇଥିବାବେଳେ ବାସ୍ତବରେ ସ୍ଥାନୀୟ ଠିକାଦାରଙ୍କୁ ପେଟି ଭାବେ ଦିଆଯାଇ କାମ ସମ୍ପାଦନା କରାଯାଉଥିବା ଜଣାପଡିଛି। ଏପଟେ ସମ୍ପୃକ୍ତ ଠିକାଦାରମାନେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ଅତ୍ୟନ୍ତ ନିମ୍ନମାନର କାମ କରୁଥିବାରୁ ଏପରି ଘଟଣା ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରନ୍ତି। ରବିବାର ଏ ନେଇ ଗ୍ରାମବାସୀ ଘଟଣା ସମ୍ପର୍କରେଏଆରଏସଏସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ।

■ ଶାନ୍ତନୁ ବିଶ୍ୱାଳ ସ୍ମୃତି ଫଟୋଗ୍ରାଫି ପ୍ରତିଯୋଗିତା

# ଚିତ୍ର, ଗୀତରେ ବରଗଡ଼ ଧନୁଯାତ୍ରା




ଫଟୋଗ୍ରାଫି ପ୍ରତିଯୋଗିତାର ୩ କୃତୀ ପ୍ରତିଯୋଗୀ ।

**ମଥୁରାନଗରୀ,୨୦।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଧନୁଯାତ୍ରାର ପ୍ରଚାର, ପ୍ରସାରରେ ଆଗରୁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରଗଡ଼ର ବହୁମୁଖୀ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ସ୍ମୃତିରେ ଫଟୋଗ୍ରାଫି ପ୍ରତିଯୋଗିତା ହୋଇଥିଲା । ଏଥିରେ ଇକବଲ ଆଲମ ପ୍ରଥମ, ହସନ ଅହମ୍ମଦ ଅନସାରୀ ଦ୍ୱିତୀୟ ଏବଂ ଆଦିତ୍ୟ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଗୋପ ମଣ୍ଡପରେ ପୁରସ୍କୃତ କରାଯାଇ ଥିବାବେଳେ ଫଟୋଗ୍ରାଫି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମହାରାଜ କଂସ ରାଜ ଦରବାରରେ ଯଥାକ୍ରମେ ୫ହଜାର, ୩ହଜାର ଓ ୨ହଜାର ଟଙ୍କାରେ ପୁରସ୍କୃତ କରିଥିଲେ। ସେହିପରି ଯମୁନା ପାଲଟିଥିବା ଜିରା ନଦୀକୂଳ ନନ୍ଦ ଦରବାରରେ ଏଥର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ସଙ୍ଗୀତ ପ୍ରତିଯୋଗିତାର ଜୁନିୟର ବିଭାଗରେ ଦେବଯାନୀ ଗିରି, ପ୍ରିୟାଣୀ ମାହାଣା, ପ୍ରିୟା ମଲ୍ଲିକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ସେହିପରି ସିନିୟର ବିଭାଗରେ ଯୋଗେଶ୍ୱର ଦାଶ ପ୍ରଥମ, ସୌଭାଗ୍ୟଲକ୍ଷ୍ମୀ ଦାଶ ଦ୍ୱିତୀୟ ଏବଂ ଶୁଭମ ମହାପାତ୍ର ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବିଭାଗରେ ଭୂମି ପ୍ରସାଦ, ଇଶାନ କୁମାର ନନ୍ଦ, ଦ୍ରୌପଦୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବେଳେ ସିନିୟର ବିଭାଗରେ ଆରାଧନା ବିଶ୍ୱାଳ, ମୁକେଶ ବେରିହା ଓ ଆଦର୍ଶ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ପୋଲତଳକୁ ଖସି ଓଏସ୍‌ଆରଟିସି ବସ୍ ଦୁର୍ଘଟଣାଗ୍ରସ୍ତ

**ମନମୁଣ୍ଡା/କନ୍ଧମାଳ, ୨୦।୧ (ଡି.ଏନ.ଏ)**

ପୁରୀରୁ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳକୁ ଯାଉଥିବା ଏକ ଓଏସଆରଟିସି ବସ୍ (ନଂ.ଓଡି୧୯କେ/୯୨୦୩) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଉକ୍ତ ବସ୍ ରବିବାର ଭୋର ସାଢେ ୬ଟାରେ ମନମୁଣ୍ଡାଠାରୁ ୧୦ କିମି ଦୂର ଖଟଖଟିଆ ନିକଟରେ ୫ ଫୁଟ୍ ପୋଲ ତଳକୁ ଖସି ପଡିଥିଲା । ବସ୍‌ରେ ୭ଜଣ ଯାତ୍ରୀ ଥିଲେ ଓ ସୌଭାଗ୍ୟ ବଶତଃ କେହି ଆହତ ହୋଇ ନ ଥିବା ଜାଣିବାକୁ ମିଳିଛି। ଗୋଟିଏ ଗୋରୁ ବସ୍ ସାମନାକୁ ହଠାତ୍ ଚାଲିଆସିବାରୁ କୁହୁଡି ଯୋଗୁ ଡ୍ରାଇଭର ଗାଡି କଣ୍ଟ୍ରୋଲ କରିବା ସତ୍ତ୍ୱେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ଥାନୀୟ ଲୋକମାନଙ୍କ ଠାରୁ ଜାଣିବାକୁ ମିଳିଛି । ମନମୁଣ୍ଡା ପୋଲିସ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ ଚଳାଇଛି ।




ପୁରୀରୁ କନ୍ଧମାଳ ଯାଉଥିବା ବସ୍ ପୋଲ ତଳକୁ ଖସି ପଡିଛି ।

# ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା

**ମନମୁଣ୍ଡା, ୨୦।୧ (ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଯୋଗୀନ୍ଦ୍ରପୁରଠାରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡାର ଉଦ୍‌ଯାପନୀ ଦିବସରେ କନ୍ଧମାଳ ବ୍ଲକ ଅଧ୍ୟକ୍ଷା ଯାଜ୍ଞେଶ୍ୱରୀ ପ୍ରଧାନ ମୁଖ୍ୟଅତିଥି, କନ୍ଧମାଳ ବିଇଓ ଦଶରଥ ମେହେର ମୁଖ୍ୟବକ୍ତା ଏବଂ ସିଆରସିସି ଆନନ୍ଦ ପରମ ଗୁରୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏଥିରେ ସରପଞ୍ଚ ବିଦ୍ୟାଧର ମହାକୁଡ ସଭାପତିତ୍ୱ କରିଥିଲେ ଏବଂ ଶିକ୍ଷକ ସୀତାରାମ ହରିପାଲ ସଭା ପରିଚାଳନା କରିଥିଲେ। ଏହି କ୍ରୀଡାରେ ପଞ୍ଚାୟତର ସମସ୍ତ ୧୫ଟି ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବାଳିକା, ବାଳକ, ଜୁନିୟର,



ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ ।

ସବ୍ ଜୁନିୟର ୪ଟି ବିଭାଗରେ ୫୦ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଟୁନି ଭୋଇ, ମେଘା ଅଦାବର, ଟିକି ସାଲମା ଏବଂ ନିର୍ମଳ ମହାକୁଡ ମାନେ ବିଭିନ୍ନ ଗ୍ରୁପରେ ଚାମ୍ପିୟନ ହୋଇଥିଲେ। ପ୍ରକୃତିବନ୍ଧୁ ବିନୋଦିନୀ ଜାଲ, ଶିକ୍ଷକ ଉଷତ କହଁର, ପ୍ରହଲ୍ଲାଦ ଭୋଇ, ଜାନକୀ ପାଢ଼ୀ, ଟଙ୍କଧର ପ୍ରଧାନଙ୍କ ନିର୍ଦ୍ଦେଶନାରେ ୨୦ଟି ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ରାମପ୍ରସାଦ କର୍ଣ୍ଣ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ ।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମୋ ଭବିଷ୍ୟତ, ମୋ ସ୍ୱାକ୍ଷର ଯୋଜନା ଅଭିଯାନ

ତରଭା, ୨୦।୧(ଡି.ଏନ.ଏ.)- ତରଭା ବ୍ଲକ ସମ୍ମୁଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜିଲା ସଭାପତି ଅଶୋକ ନନ୍ଦଙ୍କ ଅଧକ୍ଷତାରେ ମୋ ଭବିଷ୍ୟତ ମୋ ସ୍ୱାକ୍ଷର ଯୋଜନା ଅଭିଯାନ ରବିବାର ଆରମ୍ଭ ହୋଇଛି। ଏଥିରେ ବ୍ଲକ ଯୁବ ବିଜେଡି ସଭାପତି ଗଦିଦାର କୁଅଁର, ନଗର ଯୁବ ବିଜେଡି ସଭାପତି ଗଗନ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ ଯୋଗଦେଇ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ତଥା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କର ଷ୍ଟାଇପେଣ୍ଡ କାଟ୍ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା। ଜିଲା ବିଜେଡିର ସାଧାରଣ ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ । ସୁବାଷ ସେଠୀ, ସୂର୍ଯ୍ୟ ସାହୁ, ଜନାର୍ଦ୍ଦନ ଥନାପତି, ରୋହିତ ସାହୁ, ଯଦୁ ରଣାଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ ।

### ଇଙ୍କ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ଅତିଥିଙ୍କ ମତ

# ବିକେନ୍ଦ୍ରୀକରଣ ନ ହେଲେ ଗଣତନ୍ତ୍ରର ମୂଲ୍ୟ ନାହିଁ

ସୋନପୁର,୨୦।୨ (ନି.ପ୍ର.)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଭାରତର ବିଶେଷତା ହେଉଛି ଭିନ୍ନତା ମଧ୍ୟରେ ଏକତା। ଭିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ଲୋକ ଏଠାରେ ବସବାସ କରନ୍ତି। ଏହି ବିରାଟ ଭୂଖଣ୍ଡର ଅଧିବାସୀଙ୍କ ଭାଷା, ଚାଲିଚଳନ ମଧ୍ୟରେ ସମାନତା ନାହିଁ। ଆଞ୍ଚଳିକତା ବାଦ ମଧ୍ୟ ଭରି ରହିଛି। ତେଣୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳମାନଙ୍କ ଦ୍ୱାରା ବିବିଧତା ବଜାୟ ରହିବା ସହ ଗଣତନ୍ତ୍ରର ସୁରକ୍ଷା ସମ୍ଭବ ବୋଲି ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ରବିବାର ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିବ ନନ୍ଦ ଆଲୋଚକଭାବେ ଯୋଗଦେଇ କହିଥିଲେ ଯେ, ଦେଶରେ ଆଞ୍ଚଳିକ ଦଳଙ୍କ ସଂଖ୍ୟା ବଢି ବଢି ଚାଲିଛି। ଲୋକଙ୍କ ମଧ୍ୟରେ ଏ ନେଇ ଏକ ନକାରାତ୍ମକ ଚିନ୍ତାଧାରା ରହିଛି । ଲୋକେ ସ୍ଥିର ଓ ମଜବୁତ ସରକାର ଚାହୁଁଛନ୍ତି । ତେବେ ଏହା ଠିକ୍ ନୁହଁ । ଜାତୀୟ ଦଳଗୁଡିକ ସ୍ଥାନୀୟ ଚିନ୍ତାର ପରିପନ୍ଥୀ କାର୍ଯ୍ୟ କରୁଛନ୍ତି । ଆଞ୍ଚଳିକ ଅଶା ଆକାଂକ୍ଷା ପୂରଣ କରିବାରେ ଜାତୀୟ ଦଳ ବିଫଳ ହେବାରୁ ଆଞ୍ଚଳିକ ଦଳ ମୁଣ୍ଡ ଟେକୁଛି। ୬୦ଦଶକ ପରେ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳ ରାଜ୍ୟ ଉପରେ ସାମ୍ବିଧାନିକ ବ୍ୟବସ୍ଥାର ବହୁବାର ଅପପ୍ରୟୋଗ କରିଛି। ତେଣୁ ଦେଶରେ ଆଞ୍ଚଳିକ ଦଳଙ୍କ ଗୁରୁତ୍ୱ ବଢିଛି। ତେବେ ଏହି ଦଳଗୁଡିକ କେବଳ ନିର୍ବାଚନରେ ଜିତିବାକୁ ଗୁରୁତ୍ୱ ଦେବା ବିଡମ୍ବନାର ବିଷୟ। ଆଞ୍ଚଳିକ ଦଳଗୁଡିକ ଜାତୀୟ ସ୍ୱାର୍ଥ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ନନ୍ଦ ମତପ୍ରକାଶ କରିଥିଲେ।

ଅନ୍ୟତମ ଆଲୋଚକଭାବେ ଯୋଗଦେଇ ଅଶୋକ ସାହୁ କହିଥିଲେ ଯେ, ଜାତୀୟ ଦଳଗୁଡିକ ଏକକ ସଂଖ୍ୟାଗରିଷ୍ଠ ପାଇ ଶାସନ କରିବା ପରେ ରାଜ୍ୟଗୁଡିକ ପ୍ରତି ପାତରଅନ୍ତର କରିଥାନ୍ତି। ଏଭଳି ପୁଞ୍ଜିଭୂତ ଅସନ୍ତୋଷ କାରଣରୁ ଆଞ୍ଚଳିକ ଦଳଗୁଡିକର ଆବିର୍ଭାବ ହୋଇଛି। ତେବେ ଦଳୀୟ ସ୍ୱାର୍ଥ ଛାଡି ସଂଘୀୟ ବ୍ୟବସ୍ଥାକୁ ମଜବୁତ କରିବାକୁ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟପକ୍ଷେ ରାଜ୍ୟଗୁଡିକ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣ ନ ହେଲେ ଗଣତନ୍ତ୍ରର କିଛି ମୂଲ୍ୟ ନାହିଁ ବୋଲି ସାହୁ ମତ ଦେଇଥିଲେ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ଓ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ଅତିଥିଭାବେ ଯୋଗଦେଇ ଦେଶରେ ଆଞ୍ଚଳିକ ଦଳମାନଙ୍କର ଗୁରୁତ୍ୱ ସର୍ବଦା ରହିବ, ତେବେ ଦଳଗୁଡିକ ଜାତୀୟ ସ୍ୱାର୍ଥ ପ୍ରତି ସାଲିସ କରିବା ଅନୁଚିତ ବୋଲି ମତପ୍ରକାଶ କରିଥିଲେ। ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ସଭାରେ ଅଧକ୍ଷତା କରିଥିବା ବେଳେ ଗୋବିନ୍ଦ ମହାରଣା ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଦେଖାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୁଦାମ ବିଶ୍ରି ଓ ଦେବକିନନ୍ଦନ ମିଶ୍ର ସଂଯୋଜନା କରିଥିଲେ। ଯୁଗଳେଶ୍ୱରୀ ଦାଶ, ଶିକ୍ଷାବିତ୍ ହରପ୍ରସାଦ ରଥ, ବ୍ରଜମୋହନ ଦାନୀ, ଗୌରିଶ୍ୟାମ ପଣ୍ଡା ଓ ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ଡ. ଦେବାଶିଷ ପାଣ୍ଡିଆ, ପୁରୁଷୋତ୍ତମ ମିଶ୍ର, ଅମ୍ବୁଜ ବିହାରୀ ଶତପଥୀ, ସ୍ୱାଧୀନ ମେହେର, ସୌରଭ ଖମାରୀ, ଶ୍ୟାମାଓଁ ପ୍ରସାଦ ମିଶ୍ର, ବେଣୁଧର ପଧାନ, ଗତିକୃଷ୍ଣ ମିଶ୍ର, ଘାସିରାମ ପଣ୍ଡା ଓ ପ୍ରଭୁଦତ୍ତ ରଥ ପ୍ରମୁଖ ଶିକ୍ଷାବିତ୍ ଓ ସାହିତ୍ୟିକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

### ପ୍ରଦୂଷଣ ବଢ଼ାଉଛି ରାଇସ୍ ମିଲ୍

ବିନିକା, ୨୦।୧(ଡି.ଏନ୍.ଏ.)

ବିନିକା ଅଞ୍ଚଳରେ ପ୍ରଦୂଷଣ ବଢିବାରେ ଲାଗିଛି। ଏଥିପାଇଁ ଏଠାରେ ଥିବା ଏକାଧିକ ରାଇସ୍ ମିଲକୁ ଦାୟି କରିଛନ୍ତି ଅଞ୍ଚଳବାସୀ। ପ୍ରତ୍ୟହ ଏହିସବୁ ମିଲରୁ ନିର୍ଗତ ରାଖଡ ଓ ଦୂଷିତ ପାଣି ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି। ମିଲରୁ ନିର୍ଗତ ଦୂଷିତ ପାଣି ଜାମପାଲି ମୁଖ୍ୟ କେନାଲରେ ମିଶୁଛି। ଏହି ଜଳକୁ ବ୍ୟବହାର କରୁଥିବା ଲୋକେ ଜଣ୍ଡିସ, ଚର୍ମରୋଗ ଭଳି ରୋଗରେ ସଂକ୍ରମିତ ହେଉଛନ୍ତି। ବିଶେଷ କରି ଜାମପାଲି, ସାଲ୍‌ମାଟିକ୍ରା ଏବଂ ସର୍ଗୁଣା ପ୍ରଭୃତି ଗାଁର ଲୋକେ ଅସୁବିଧା ଭୋଗୁଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ସମ୍ପୃକ୍ତ ମିଲର୍ସମାନେ ନିର୍ଗତ ରାଖଡ ଏବଂ ଦୂଷିତ ପାଣି ରୋକିବାକୁ ଦାବି କରିଛନ୍ତି ଜାମପାଲି ବୀରସୁରେନ୍ଦ୍ର ସାଏ ୟୁଥ କ୍ଲବ ସଭାପତି ସୀତାରାମ ପଲିତା, ସମ୍ପାଦକ ସର୍ବେଶ୍ୱର କ୍ଷେତୀ ଓ କ୍ଲବ୍‌ର ସମସ୍ତଙ୍କ ସହ ସର୍ଗୁଣା ଓ ସାଲ୍‌ମାଟିକ୍ରା ଗ୍ରାମର ଚାଷୀ ମଳମଳ ବେହେରା, ସଦାଶିବ ବାଘ, ଗୋପାଳ ଜାଲ, ସୁଶାନ୍ତ ଗଡୁଆ, ତୁଳସୀରାମ କର୍ମୀ। ସେମାନେ ଧାର୍ଯ୍ୟ କରିଥିବା ସମୟରେ ପଦକ୍ଷେପ ନ କଲେ ମିଲଗୁଡିକ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ୟୁଥ କ୍ଲବର ସଭାପତି ପଲିତା ଚେତାବନୀ ଦେଇଛନ୍ତି।

# ନ୍ୟୁ ଷ୍ଟାରକୁ ହରାଇ ବାଇଗନଜୁରୀ ଚାମ୍ପିୟନ

ଉଲୁଣ୍ଡା, ୨୦।୧ (ଡି.ଏନ.ଏ)



ଅତିଥିମାନଙ୍କଠାରୁ ବିଜୟୀ ଦଳର ଅଧିନାୟକ ଟ୍ରଫି ଗ୍ରହଣ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦଶରାଜପୁରର ରାମଚନ୍ଦ୍ର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ସପ୍ତମ ଆଦିତ୍ୟ ପ୍ରସାଦ ପଣ୍ଡା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଲେକ୍ରିଗୁର୍ଡା ପଡିଆରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ବାଇଗନଜୁରୀ ଦଳ ନ୍ୟୁଷ୍ଟାର ସୋନପୁର ଦଳକୁ ୭ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିଣି ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ଉଇକେଟ ହରାଇ ୭୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପବିତ୍ର ସାହୁ ସର୍ବାଧିକ ୨୪ରନ କରିଥିଲେ। ଏହାର ଯବାବରେ ବାଇଗନଜୁରୀ ଦଳ ଅନୀଲ ବରର୍ତ୍ତିଙ୍କ ଅପରାଜିତ ୫୧ରନ ସହାୟତାରେ ୭୫ ରନର ବିଜୟ ଲକ୍ଷ୍ୟକୁ ୪.୫ ଓଭରରେ ହାସଲ କରିନେଇ ବିଜୟୀ ହୋଇଥିଲେ। ଫାଇନାଲ ଖେଳକୁ ବ୍ୟାସଦେବ ମେହେର ଓ ପୀତବାସ ମେହେର ପରିଚାଳନା କରିଥିଲେ। ରାଜା ପଧାନ ସ୍କୋରିଂ କରିଥିବା ବେଳେ ରାମହରି ମେହେର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ କ୍ରିକେଟ ଆସୋସିଏଶନ୍ ସଂଯୋଜକ ଉରୁକ୍ରମ ପାଣ୍ଡିଆ ସଂଯୋଜନା କରିଥିଲେ। ଏଥିରେ ଅତିଥି ଭାବେ ଯୁବନେତା ପ୍ରଦୀପ ସେଠୀ, ଶିକ୍ଷାବିତ ବାଳମୁକୁନ୍ଦ ପଣ୍ଡା ଓ ସୁମନ୍ତ ସାହୁ ଯୋଗଦେଇ ବିଜୟୀ ବାଇଗନଜୁରୀକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ସୋନପୁରକୁ ଟ୍ରଫି ସହ ୬ହଜାର ଟଙ୍କା ପ୍ରଦାନ କରିଥିଲେ। ବାଇଗନଜୁରୀର ଅନୀଲକୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବିଶାଲଙ୍କୁ ମ୍ୟାନ ଅଫ୍ ଦି ସିରିଜର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅରକ୍ଷୀତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡ଼ା

# ସୁଟୁକୀ, ସୁପ୍ରଭା ମହିଳା, ସୁଶୀଲ, ସତ୍ୟଜିତ ପୁରୁଷ ବର୍ଗ ଚାମ୍ପିୟନ

ବୀରମହାରାଜପୁର, ୨୦।୧ (ଡି.ଏନ.ଏ.)




ଅତିଥିମାନଙ୍କ ଗହଣରେ କ୍ରୀଡା ଚାମ୍ପିୟନ ଛାତ୍ରୀଛାତ୍ର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । କଲେଜ ପଡିଆରେ ଦୁଇଦିନ ଧରି ଚାଲିଥିବା ଉକ୍ତ ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବର୍ଗରେ ୭୦୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ଦୁଇ ଏବଂ ଯୁକ୍ତତିନି ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସକାଶେ ସ୍ୱତନ୍ତ୍ର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳେ ନିକଟବର୍ତ୍ତି ଚମ୍ପେଶ୍ୱର ମନ୍ଦିରରୁ ମଶାଲ ଅଣାଯାଇ କ୍ରୀଡାଙ୍ଗନରେ ସ୍ଥାପନ କରାଯିବା ପରେ ଅଧକ୍ଷ ମୁରଲୀଧର ହୋତା କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ସର୍ବାଧିକ ପଏଣ୍ଟ ହାସଲ କରି ମହିଳା ବର୍ଗରେ ସୁଟୁକୀ ଭୋଇ ଯୁକ୍ତ ଦୁଇ ଏବଂ ସୁପ୍ରଭା ବାଘ ଯୁକ୍ତ ତିନି ତଥା ପୁରୁଷ ବର୍ଗରେ ସୁଶିଲ ଖପରଧୁଆ ଯୁକ୍ତଦୁଇ ଏବଂ ସତ୍ୟଜିତ କୁଅଁର ଯୁକ୍ତ ତିନି ଚଳିତ ଶିକ୍ଷାବର୍ଷର କ୍ରୀଡା ଚାମ୍ପିୟନ ଘୋଷିତ ହୋଇ ଟ୍ରଫି ହାସଲ କରିଥିଲେ । ଦୁଇଦିନ ଧରି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାକୁ ପିଇଟି ନରେନ୍ଦ୍ର ଚାନ୍ଦଙ୍କ ତତ୍ତ୍ୱାବଧାନରେ ବିପ୍ରଚରଣ ପେରା ଓ ଅଭିନନ୍ଦନ ପୂଜାହାରୀ ପରିଚାଳନା କରିଥିଲେ । କଲେଜ ଅଧକ୍ଷ ମୁରଲୀଧର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ମନ୍ତ୍ରୀ ତଥା କଲେଜର ପ୍ରତିଷ୍ଠାତା ସମ୍ପାଦକ କାର୍ତ୍ତିକ ପ୍ରସାଦ ତରିଆ ମୁଖ୍ୟଅତିଥି ଓ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ହିମାଂଶୁଶେଖର ପାଢ଼ୀ । ସେହିପରି ଅଧ୍ୟାପକ ଶିବ କୁମାର ପୁରୋହିତ, ସୁନୀଲ ତ୍ରିପାଠୀଙ୍କ ସହ ଅରୁଣ ଥନାପତି, କିଶୋର ଚନ୍ଦ୍ର ପଣ୍ଡା ଓ ସୁବାଷ ଶତପଥୀ ପ୍ରମୁଖ କଲେଜ କର୍ମଚାରୀ ପରିଚାଳନାରେ ସହାୟତା କରିଥିଲେ ।

# ଆଜି ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକ ଉତ୍ସବ

ପୁରୀ ଅଫିସ,୨୦।୧

ସୋମବାର ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଅପରାହ୍ନ ୪ଟାରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ସଭା କାର୍ଯ୍ୟ ଓ ସନ୍ଧ୍ୟା ୬ଟା ୩୦ରେ ମହାଆଳତି କରାଯିବ। ଏଥିରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ବରିଷ୍ଠ ସାଧୁସନ୍ଥ, ମଠ ମହନ୍ତ, ଶ୍ରୀମନ୍ଦିର ସେବକ, ମୁକ୍ତିମଣ୍ଡପ ବ୍ରାହ୍ମଣ ରାଜନେତା ଏବଂ ବୁଦ୍ଧିଜୀବୀ ଯୋଗଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୧୧ ବର୍ଷ ପୂର୍ବେ ମହୋଦଧିରେ ସନ୍ଧ୍ୟା ଆଳତି ଶୁଭାରମ୍ଭ କରିଥିଲେ।

# ନାଟ ମେଳା ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା

ସୋନପୁର,୨୦।୧(ନି.ପ୍ର.)



ଏକକ ଅଭିନୟ ଓ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ବୃନ୍ଦ।

ରାଷ୍ଟ୍ରୀୟ ନାଟ୍ ମେଳା-୧୯ ପାଇଁ ନାଟ୍ ଅନୁଷ୍ଠାନ ତରଫରୁ ନାନାବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରାୟ ୫୦ ଜଣ ପ୍ରତିଯୋଗୀଙ୍କୁ ନେଇ ଏକକ ଅଭିନୟ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକକ ଅଭିନୟରେ ସୋନପୁର ଆଇଡିଏଲ ପବ୍ଲିକ ସ୍କୁଲର ଧରିତ୍ରୀ ମେହେର ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଯଶୋବନ୍ତ ସାଗର ଦ୍ୱିତୀୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟର ପୂଣ୍ୟତୟ ବିଶି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମୁଁ ଯଦି ପ୍ରଧାନମନ୍ତ୍ରୀ ହୋଇଥାଆନ୍ତି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଆଇଡିଏଲ ପବ୍ଲିକ ସ୍କୁଲର ଅଭିଷେକ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଞ୍ଚିତା ମିଶ୍ର ଏବଂ ଆଇଡିଏଲ ପବ୍ଲିକ ସ୍କୁଲର ସୁମନ ବିଶ୍ୱାଳ ଯୁଗ୍ମଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ଶୀବାନୀ ସ୍ନେହା ସାହୁ ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୀପାଞ୍ଜଳି ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାଗୁଡିକରେ ସଙ୍ଗୀତଜ୍ଞ ବିକାଶ ଚନ୍ଦ୍ର ମିଶ୍ର, ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ଅଭିନେତା ପ୍ରଦ୍ୟୁମ୍ନ ସାହୁ, ଇରାଦତ ଖାନ ଏବଂ ଅଭିନେତ୍ରୀ ଶ୍ରୀୟାଂଶୀ ପାଣିଗ୍ରାହୀ ବଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ନାଟ୍ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ନାଟ୍‌ର ସମ୍ପାଦକ(ସଂସ୍କୃତି) ଅବିନାଶ ହୋତା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞା ଭାରତୀ ବିଦ୍ୟାଳୟର ନିର୍ଦ୍ଦେଶକ ସନ୍ତୋଷ ପୂଜାହାରୀ, ନାଟ୍‌ର ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ମଞ୍ଚାସୀନ ଥିଲେ। ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅମୀୟ ରଞ୍ଜନ ଦାଶ ଏବଂ ଗୌତମ ମେଣ୍ଡିଲି ସହଯୋଗ କରିଥିଲେ। ଫେବୃୟାରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ସୋନପୁରରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ନାଟ ମେଳା ୨୦୧୯ ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ପୁରାତନ ଫୁଟବଲ ଖେଳାଳି ସଂଘ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ

# ସୋନପୁରକୁ ହରାଇ ଟ୍ରଫି ଜିତିଲା ବୁର୍ଲା

ବୀରମହାରାଜପୁର, ୨୦।୧ (ଡି.ଏନ.ଏ)



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ବୁର୍ଲା ଦଳ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ସ୍ଥାନୀୟ ପୁରାତନ ଫୁଟବଲ ଖେଳାଳି ସଂଘ ତରଫରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ ୪ଟି ବଛା ବଛା ଟିମ ଅଂଶଗ୍ରହଣ କରିଥିବା ବେଳେ ସୋନପୁର ଓ ବୁର୍ଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁରକୁ ୪-୨ ପେନାଲଟି ସୁଟ ଆଉଟ୍‌ରେ ହରାଇ ବୁର୍ଲା ଦଳ ଚାମ୍ପିୟନ ଘୋଷିତ ହୋଇଥିଲା ।

ଚୂଡାନ୍ତ ଖେଳ ପୂର୍ବରୁ ଆୟୋଜିତ ଦୁଇଟି ମ୍ୟାଚରେ କଣ୍ଟାମାଳ ସହିତ ସୋନପୁର ଏବଂ ବୁର୍ଲା ସହିତ ମୁଡେନପାଲିର ମୁକାବିଲା ହୋଇଥିଲା। ଏଥିରେ ସୋନପୁର ଏବଂ ବୁର୍ଲା ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ। ରେଫରୀ ଭାବେ ଅଜିତ ନାଏକ, ସୁଦାମ ଜଗଦଲା, ପ୍ରଶାନ୍ତ ଷାଣ୍ଢ ଓ ସିଦ୍ଧାର୍ଥ ପାତ୍ର ଖେଳଗୁଡିକ ପରିଚାଳନା କରିଥିଲେ । ସେହିପରି ଧାରା ବିବରଣୀ ପ୍ରଦାନ କରିଥିଲେ କିଶୋର ହୋତା ଓ ଅଭିମନ୍ୟୁ ବରର୍ତ୍ତି। ଫାଇନାଲ ମ୍ୟାଚ ଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଇଂ. ଆଶ୍ରୟ ମହାନନ୍ଦ, ବୀରମହାରାଜପୁର ସ୍ପୋର୍ଟିଂ କ୍ଲବର ସଭାପତି ପର୍ଶୁରାମ ଦେହୁରୀ ଓ ସମ୍ପାଦକ ସତ୍ୟନାରାୟଣ ମହାକୁର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୁରାତନ ଖେଳାଳି ସଂଘର ସଭାପତି ସୁନୀଲ ଟପ୍ପୋ, ସମ୍ପାଦକ ସିଦ୍ଧାର୍ଥ ପାତ୍ର, ଅମିତ ପଧାନ, କାର୍ତ୍ତିକ ମହାକୁର ଏବଂ ଅରବିନ୍ଦ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'ଓଡ଼ିଶାରେ ଉଚ୍ଚଶିକ୍ଷାର ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର

ତରଭା ୨୦।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜ ପରିସରରେ ଅଧକ୍ଷ ପ୍ରଫେସର ଶମ୍ଭୁଭୂଷଣ ପଣ୍ଡାଙ୍କ ସଭାପତିତ୍ୱରେ 'ଓଡିଶାରେ ଉଚ୍ଚ ଶିକ୍ଷାର ସମସ୍ୟା ଏବଂ ଆହ୍ୱାନ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋନପୁର କଲେଜର ଅଶ୍ୱିନୀ କୁମାର ହୋତା ମୁଖ୍ୟ ସାଧନକର୍ମୀ ଭାବେ ଯୋଗଦେଇଥିଲେ। ସମ୍ମାନିତ ସାଧନକର୍ମୀ ଭାବେ ଡୁଙ୍ଗୁରିପାଲି କଲେଜର ଡ. କିଶୋର ମେହେର ଓ ଓଡିଶା ଆଦର୍ଶ ବିଦ୍ୟାଳୟ ଜାମକାନିର ଅଧକ୍ଷ ପଞ୍ଚାନନ ପଧାନ ଯୋଗଦେଇଥିଲେ। ଅଧୁନା ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ପୂର୍ବକ ଶିକ୍ଷାୟତନରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଆବାହକ ଡ.ସରୋଜିନୀ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅନୋଜ ଭୁକ୍ତା ଆଲୋଚନାର ପ୍ରମୁଖ ସିଦ୍ଧାନ୍ତ ଉପରେ ଆଲୋକପାତ କରିଥିଲେ । ପ୍ରଧ୍ୟାପକ ମିନତୀ ମିଶ୍ର, ମୋନାଲିସା ପ୍ରଧାନ, ବିତତୀ ମିଶ୍ର, ଛାତ୍ରୀ ସୁପ୍ରିୟା ନାଏକ, କଣ୍ଟାମାଳ ଡିଗ୍ରୀ କଲେଜର ପ୍ରଧାପକ ଶିବଦତ୍ତ ପୁରୋହିତ, ସଂଶିତ ରଥ ଓ ଅଚ୍ୟୁତ ଭୁଏ ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷକ/ ଅଧ୍ୟାପକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପ୍ରଧାପକ ବସନ୍ତ ଖଟୁଆ, ରାଜୀବ ଯୋଶୀ ଓ ପ୍ରଧାପିକା ନିକିତା ହୋତା ପ୍ରମୁଖ ସାଧନ କର୍ମୀଙ୍କ ସହ ବାର୍ତ୍ତା ବିନିମୟ କରିଥିଲେ । ଦେବେନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଡ. ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇ ଦିବସିୟ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ପ୍ରଧାପିକା ସଂଯୁକ୍ତା ବାଈ, ସୁଜାତା ପରିଡା, ନିରଞ୍ଜନ ପୁରୋହିତ, ବୁଲୁ ଭୋଇ, ବିଭୀଷଣ ପଧାନଙ୍କ ସମେତ କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ।



ପ୍ରତ୍ୟେକ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ମନେହୁଏ।
- ଟମାସ କାର୍ଲାଇଲ

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଡିଆଳ,୨୦।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ବାଦୀଗାଁରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ କରୁଣାକର କୁମୁରା ମୁଖ୍ୟଅତିଥି, ଅଭିଭାବକ ତଥା ଆଇନଜୀବୀ ବିରଜା ସିଂ ଦଳପତି, ପରିଚାଳନା କମିଟି ସଦସ୍ୟ ଭକ୍ତରାମ ଦୁରିଆ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ବାର୍ଷିକ କ୍ରୀଡ଼ା ଉଦଘାଟନ କରିଥିଲେ । କ୍ରୀଡା ଦ୍ୱାରା କେବଳ ସ୍ୱାସ୍ଥ୍ୟର ବିକାଶ ହୋଇଥାଏ ତାହା ନୁହେଁ ଏକ ସୁସ୍ଥ ସମାଜ ଦିଗରେ ସହାୟକ ହୋଇ ପାରିବ ବୋଲି କହିବା ସହ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ କ୍ରୀଡାର ଉପାଦେୟତା ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରତିଯୋଗୀତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ସ୍ଥାପନ ହେବା ଦିନ ଠାରୁ ସ୍ୱଚ୍ଛ ପିଇବା ପାଣି ମୁଖ୍ୟ ସମସ୍ୟା ହୋଇ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବିଦ୍ୟାଳୟକୁ ଏକ ଏକ୍ୟୁଆଗାର୍ଡ ପ୍ରଦାନ କରିବା ସହ ତୁରନ୍ତ କାର୍ଯ୍ୟକ୍ଷମ କରାଯାଇଥିଲା ।

କୋମନା ବ୍ଲକରେ ହାତୀ ଉପଦ୍ରବ

# ୭ ଦିନ ହେବ ଅନ୍ଧାରରେ ଅଞ୍ଚଳବାସୀ

**ନୂଆପଡା ଅଫିସ,୨୦।୧**

ଆଜକୁ ୭ ଦିନ ହେବ ନୂଆପଡା ଜିଲାକୁ ହାତୀ ପଲ ଆସି ଉତ୍ପାତ କରୁଥିବାବେଳେ ବନବିଭାଗ କେବଳ ନିଜର ଦୋଷ ଲୁଚାଇବାକୁ ଯାଇ ଦିନ ବେଳା ହାତୀ ପଲଙ୍କୁ ଦୂରରୁ ଜଗୁଥିବାବେଳେ ରାତିରେ ଛାଡି ଦେଉଛନ୍ତି । ଅନ୍ୟଥା ହାତୀଙ୍କୁ ସୁରକ୍ଷା ଦେବା ଆଳରେ ରାତିରେ ବିଜୁଳି କାଟିବାକୁ ନିର୍ଦ୍ଦେଶ କରୁଥିବାରୁ ଲୋକେ ହାତୀ ନାଁରେ ଅନ୍ଧାରରେ ରହୁଛନ୍ତି। ବର୍ତ୍ତମାନ ଏହି ଜଲା ଅନ୍ତର୍ଗତ ସମଗ୍ର କୋମନା ବ୍ଲକ ଅଞ୍ଚଳରେ ଆଜକୁ ୭ ଦିନ ହେବ ଲୋକେ ଅନ୍ଧାରରେ ରହୁଛନ୍ତି । ହେଲେ ଏହାର କୌଣସି ପ୍ରକାର ବିକଳ୍ପ ବ୍ୟବସ୍ଥା ହାତକୁ ନେଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି ।

ଗତ ୧୪ ତାରିଖରେ ପ୍ରଥମେ ଏକ ହାତୀ ପଲ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବାନ୍ଧନପାଲି ଗାଁଦେଇ ପେଣ୍ଡ୍ରାବନ୍ଧ ଗାଁ ଜଙ୍ଗଲକୁ ପ୍ରବେଶ କରିଥିଲେ । ରାତିରେ ସେହି ଅଞ୍ଚଳର ବହୁ ଚାଷୀଙ୍କ ପନିପରିବା ଚାଷ ନଷ୍ଟ କରିଥିଲେ । ଦିନବେଳା ସ୍ଥାନୀୟ ଜଙ୍ଗଲରେ ଲୁଚି ରହିଥିଲେ । ଏହି ପଲରେ ମୋଟ ୩୦/୩୨ଟି ଛୋଟବଡ ହାତୀ ଥିବା ବନ୍ୟପ୍ରାଣୀ ବିଭାଗ ତରଫରୁ ପ୍ରକାଶ । ଏମାନେ ବଲାଙ୍ଗୀର ଜିଲାକୁ ଚାଲିଯାଇ ପୁଣିଥରେ ଆସିଛନ୍ତି । ଏହି ହାତୀ ପଲ ପଏଁର, ମହୁଲଭଟା, ଟିକ୍ରାପଡା ଦେଇ ଶନିବାର ରାତିରେ ଡୋଙ୍ଗରୀପାଲି, ବୁଦ୍ଧିକୋମନା ଦେଇ କାଣ୍ଡେତରା ଗାଁରେ ପହଞ୍ଚିଥିଲେ । ରବିବାର ଦିନତମାମ ନୂଆଗାଁ ଗ୍ରାମପଞ୍ଚାୟତର କାଳିମାଟି ଜଙ୍ଗଲରେ ଲୁଚି ରହିଛନ୍ତି । ରାତିରେ ବିଭିନ୍ନ ଗାଁରେ ଲୋକଙ୍କ ଧାନ ନଷ୍ଟ କରୁଛନ୍ତି। କୋନାବିରା ଗାଁର ଗୋବର୍ଦ୍ଧନ ନାଏକଙ୍କ ୫୦ବସ୍ତା ଧାନ, କାଣ୍ଡେତରା ଗାଁର ଦହିଖିଆ ସତନାମୀଙ୍କ ୪୦ବସ୍ତା ଧାନ ରାତିରେ ଖାଇଦେଇଥିବା ଅଭିଯୋଗ ହୋଇଛି। ହାତୀପଲମାନଙ୍କୁ ଦିନବେଳା କୋମନା ବନ୍ୟପ୍ରାଣୀ ବିଭାଗ ଅଧିକାରୀ, କର୍ମଚାରୀମାନେ ଜଗିରହୁଛନ୍ତି । ସଂପୃକ୍ତ ଅଞ୍ଚଳକୁ କେହି ନ ଯିବାକୁ ଚେତାବନୀ ଦେଉଛନ୍ତି । ଏହି ଅଞ୍ଚଳରେ ଲୋକଙ୍କୁ ରାତିରେ ବାହାରକୁ ନ ଯିବାକୁ ବିଭିନ୍ନ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଜାଗ କରାଯାଉଛି । ରାତିରେ ବିଜୁଳି ତାର ସଂସ୍ପର୍ଶରେ ଆସି ହାତୀପଲଙ୍କ ଜୀବନହାନୀ ହେବାର ସମ୍ଭାବନାକୁ ଏଡାଇବାକୁ ୱେସ୍କୋ ବିଭାଗକୁ ବିଜୁଳି କାଟ କରିବାକୁ ବନ୍ୟପ୍ରାଣୀ ବିଭାଗ ନିର୍ଦ୍ଦେଶ କରିଛି । ଆଜକୁ ୭ ଦିନ ହେଲା ବ୍ଲକ ଅଞ୍ଚଳର ଲୋକେ ଆତଙ୍କିତ ରହିଛନ୍ତି । ସନ୍ଧ୍ୟା ହେଲେ ଲୋକେ ଟାଟି କବାଟ ବନ୍ଦ କରିଦେଉଛନ୍ତି । ରାତିସାରା ବିଜୁଳି ଆଲୁଅ ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହାତୀ ପଲ ଆସି ଚାଷୀଙ୍କ ଧାନଚାଉଳ, ପନିପରିବା ନଷ୍ଟ କରୁଥିବାବେଳେ ଦିନବେଳା ଜଙ୍ଗଲରେ ଲୁଚି ରହୁଛନ୍ତି । ଏମାନଙ୍କୁ ଦିନତମାମ ବନ ବିଭାଗ କର୍ମଚାରୀମାନେ ଜଗି ରହୁଥିବାବେଳେ ରାତିରେ ଛାଡି ଚାଲିଯାଉଛନ୍ତି ।ଏହାକୁ ଲୋକେ ବନବିଭାଗର କାମ ଚଳା କାର୍ଯ୍ୟାନୁଷ୍ଠାନ ବୋଲି ଆଲୋଚନା କରୁଥିବାବେଳେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ବନ୍ୟପ୍ରାଣୀ ବିଭାଗ ରାତିରେ ହାତୀମାନଙ୍କୁ ଜଗିବା କିମ୍ବା ଘଉଡାଇବାକୁ କୌଣସି ପ୍ରୟାସ ନ କରି ଚାଲିଯାଉଥିବା ଅଭିଯୋଗ କରିଛନ୍ତି । ହାତୀ ସୁରକ୍ଷା ନାଁରେ ଲୋକଙ୍କୁ ଅନ୍ଧାରରେ ରଖାଯାଉଛି। ଆହୁରି ଲୋକେ କେତେଦିନ ଅନ୍ଧାରରେ ରହିବେ ବୋଲି ପ୍ରଶ୍ନ କରିଛନ୍ତି । ଏହା ଉପରେ ନୂଆପଡା ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ଖୁସୱନ୍ତ ସିଂଙ୍କୁ ପଚାରିବାରୁ ହାତୀ ଏବଂ ଲୋକଙ୍କ ସୁରକ୍ଷା ସକାଶେ ବନବିଭାଗ ସବୁବେଳେ ତତ୍ପର ରହିଛି । ଯେଉଁଚାଷୀମାନଙ୍କ ଚାଷ ନଷ୍ଟ ହୋଇଛି। ଅଭିଯୋଗ ଆସିବାପରେ ତଦନ୍ତ କରି କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



କାଣ୍ଡେତରା ଗାଁରେ ହାତୀ ଉତ୍ପାତ କରିଥିବା ଧାନଖଳାରେ ଲୋକେ ହାତୀଙ୍କ ତାଣ୍ଡବ ଦେଖୁଛନ୍ତି ।

■ ଆୟତ୍ତ କରିପାରୁନାହିଁ ବନ୍ୟ ପ୍ରାଣୀ ବିଭାଗ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ**
**ହଗୁଣୁ ମୁତୁଣୁ ଗୀତ ଗାଏ ।**

ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ପଦବୀ ମୋହରେ ନିଜର ବଡ଼ଲୋକୀ ଦେଖେଇ ହୁଅନ୍ତି। ସେହିପରି ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଫୁଲା ଗଇଣ ଫୁଲୁଛ କେତେ ?**
**ଫୁଲିବାକୁ ଦିନ ନାହିଁ କି ତତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

# ବଡ଼ମାଳକୁ ହରାଇ କୁଶ୍ମୁର୍ଲା ବିଜୟୀ

**ମୋହନଗିର,୨୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଚାଲିଥିବା ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ସପ୍ତମ ଲିଗ ମ୍ୟାଚରେ ବଡମାଳକୁ ହାରଇଲା କୁଶ୍ମୁର୍ଲା ବିଜୟୀ ହୋଇଛି । କାଳାହାଣ୍ଡି ଜିଲାର କୁଶ୍ମୁର୍ଲା ଓ ବଲାଙ୍ଗୀର ଜିଲାର ବଡମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ ଜିଣି କୁଶ୍ମୁର୍ଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା । ଜବାବରେ ବଡମାଳ ଦଳ ୧୩.୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ବ୍ୟକ୍ତିଗତ ଭାବେ ୭୯ ରନ କରିଥିବା କୁଶ୍ମୁର୍ଲାଦଳର ମୁନା ଗୌଡଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ଘୋଷଣା କରାଯାଇଥିଲା । ମ୍ୟାଚରେ ଅମ୍ପାୟାର ଭାବେ ସତ୍ୟ ମାହାପାତ୍ର ଓ ସତ୍ୟମ ହୋତା ଖେଳ ପରିଚାଳନା କରିଥିବା ବେଳେ ଧାରାବିବରଣୀରେ ସ୍ୱପ୍ନେଶ୍ୱର କର୍ମୀ, ଚିତ୍ତରଞ୍ଜନ ରଥ, ସ୍କୋର ବୋର୍ଡ ସୁନିଲ କୁମାର ଭୋଇ ଦାୟିତ୍ୱ ତୁଲାଇଥିଲେ ।

# ବ୍ୟାଡ୍‌ମିଣ୍ଟନ, ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖଡିଆଳ,୨୦।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ରାଜଦରବାର ହଲ୍ ସାମନାରେ ଭଲିବଲ ଓ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହାକୁ ଖଡିଆଳ ରାଜା ଜିତାମିତ୍ର ସିଂଦେଓ ଏବଂ ନୂଆପଡା ପୂର୍ବତନ ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ ଯୋଗଦେଇ ଉଦଘାଟନ କରିଥିଲେ । ପରେ ଅନୁଷ୍ଠିତ ଭଲିବଲ ମ୍ୟାଚ ଚାଲନପଡା ସହ ଡୁଆଝର, ଡୁକଲା ସହ ଲର୍କା, ବୋଡେନ ସହ ଖଡିଆଳର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଲାନପଡା, ଡୁକଲା ଓ ବୋଡେନ ଦଳ ବିଜୟୀ ହୋଇଥିଲେ । ସେହିପରି ରାତିରେ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା । ଟୁର୍ନାମେଣ୍ଟକୁ ଆୟୋଜନ କରିବାରେ ଯୁବ ମୋର୍ଚ୍ଚାର ଅଭିଳାଷ ସିଂଦେଓ, ରିତେଶ ବାବୁ, ପଞ୍ଚାନନ ସେଠୀ, ବିକାଶ ସିଙ୍ଗଲ,ରଶ୍ମି ପାଣିଗ୍ରାହୀ, ଯୁଗଳ ଦଣ୍ଡସେନା, ସୁବେର ସିଂଦେଓ, ପ୍ରକାଶ ଝା,ବାସୁଦେବ ରଣା, ଅଜିତ ଭିତ୍ରିଆ ଓ ଅନୁ ହଟୱାର ପ୍ରମୁଖ ସହଯୋଗ କରିଥିଲେ ।



ଖଡିଆଳ ରାଜା ଜିତାମିତ୍ର ସିଂଦେଓ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

### ପଲିଥିନ ବ୍ୟବହାର ବନ୍ଦ ପାଇଁ ଜିଲାପାଳଙ୍କ ନିକଟରେ ଦାବି

**ଭବାନୀପାଟଣା,୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଏଜେନ୍ସି ଫର୍ ଏନ୍‌ଭାରମେଣ୍ଟ ଆଣ୍ଡ ୱାଇଲ୍ଡ ଲାଇଫ୍ (କେଫ୍ୟୁ) ପକ୍ଷରୁ ଭବାନୀପାଟଣା ସହରରେ ପଲିଥିନ ବ୍ୟବହାରକୁ ବନ୍ଦ କରିବା ନିମନ୍ତେ ଶନିବର କଳାହାଣ୍ଡି ଜିଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ପଲିଥିନ ବନ୍ଦକୁ ନିଷିଦ୍ଧ କରିଥିବା ବେଳେ କଳାହାଣ୍ଡି ଜିଲର ସଦର ମହକୁମାରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶକୁ ଦୂଷିତ କରୁଛି। ସହରର ଦୋକାନୀଠାରୁ ଆରମ୍ଭ କରି ହୋଟେଲଗୁଡିକ ମଧ ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପଲିଥିନ୍ ବ୍ୟବହାର ଯୋଗୁ ବର୍ଷାଦିନେ କୃତ୍ରିମ ବନ୍ୟା ସାଙ୍ଗକୁ ନଈପୋଖରୀ ପଲିଥିନରେ ପୋତି ହୋଇଯାଉଛି । ଓଡିଶା ସରକାର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉଲକେଲା ଓ ସମ୍ବଲପୁରରେ ଓ ପର୍ଯ୍ୟଟନ ପେଣ୍ଠସ୍ଥଳୀ ପୁରୀରେ ପଲିଥିନ୍ ନିଶେଧ କରିଛନ୍ତି । ଭବାନୀପାଟଣା ସୁନ୍ଦର ଓ ସଂସ୍କୃତି ସମ୍ପନ୍ନ ସହରରେ ଏହି ନୀୟମ ଲାଗୁ କରିବାକୁବା କେଫ୍ୟୁ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଅନୁରୋଧ କରାଯାଇଛି। ଭବାନୀପାଟଣା ସହରର ପରିବେଶକୁ ସୁନ୍ଦର ଓ ଆକର୍ଷଣୀୟ କରିବା ନିମନ୍ତେ ଜନସଚେତନତା ସକାଶେ ସଚେତନ ଶିବିରର ଆୟୋଜନ କରିବାକୁ କେଫ୍ୟୁ ପକ୍ଷରୁ ଜିଲାପାଳିଙ୍କୁ ଅନୁରୋଧ କରାଯାଇଛି ।

ପରଶଖୋଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

# ଶିକ୍ଷା ସହ ଖେଳ ଓତପ୍ରୋତ ଭାବେ ଜଡିତ

**ନୂଆପଡା ଅଫିସ,୨୦।୧**

ସ୍ଥାନୀୟ ପରଶଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଝି ଗଣେଶ ରାମ ସାହୁ ସଭାପତିତ୍ୱ କରିଥିବାବେଳେ ଶିକ୍ଷାଧିକାରୀ ରେଶମଲାଲ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ହୋମ ସିଂ ମାଝି ବିଶେଷ ଅତିଥି, ଖାମସିଂ ମାଝି, ସିଆରସିସି ନରେନ୍ଦ୍ର ରଥ, ପାର୍ବତି ପ୍ରସାଦ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ନାଏକ ଶିକ୍ଷା ସହ କ୍ରିଡା ଯୁଗେ ଯୁଗେ ଓତଃପ୍ରୋତ ଭାବେ ଜଡିତ ହୋଇ ରହିଛି । ଏହାକୁ ସବୁବେଳେ ଗୁରୁତ୍ୱ ଦେବା ଜରୁରି ବୋଲି କହିଥିଲେ । କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଇକେଲ ରେସ, ଲମ୍ବାଡିଆଁ, ରସିଡିଆ,ସୁଇ ସୂତା ଗଳା, ବେଙ୍ଗ ଡିଆଁ, ଫୁଚି ଖେଳ, ଗଣିତ କଷା, ତିନିଗୋଡିଆ ଡିଆଁ, ଖୋଖୋ, କବାଡି ଆଦି ପ୍ରତିଯୋଗୀତା ହୋଇଥିଲା । ଏଥିରେ ବରିଷ୍ଠ ବାଳିକା ବିଭାଗରେ ମଞ୍ଜୁ ସାହୁ ଏବଂ ବାଳକ ବିଭାଗରେ ଦିକେଶ ବନଛୋର ସ୍ପୋର୍ଟସ ଚାମ୍ପିୟନ ହୋଇଥିଲେ। ବିଭିନ୍ନ କ୍ରିଡାରେ କୃତୀତ୍ୱ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର କାନ୍ତି ମାଝି, ଜ୍ୟୋସ୍ନା ବଘେଲ, ଅମ୍ରିତା ସିଂ ଠାକୁର, ନିରୁପମା ଦେଇ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ହେମନ୍ତ କୁମାର ଦଣ୍ଡସେନା, ଶରତ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ଅନୀଲ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଦର୍ଲିପଡାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି

# ଟଙ୍କା ଜମା କରିବାକୁ ବିଡିଓଙ୍କ ନିର୍ଦ୍ଦେଶ

**ନୂଆପଡା ଅଫିସ,୨୦।୧**

**କୋମନା ବ୍ଲକ**
■ କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଟଙ୍କା ଉଠାଣ
■ ବିଧିବଦ୍ଧ ତଦନ୍ତ ପାଇଁ ପଞ୍ଚାୟତବାସୀଙ୍କ ଦାବି

ନୂଆପଡ଼ା ଜିଲା କୋମନା ବ୍ଲକରେ ଏମଜିଏନଆରଇଜିଏସରେ ଅନିୟମିତତା ମାମଲା ବ୍ଲକର ପିଛା ଛାଡୁନାହିଁ । ବିଭାଗୀୟ ଅଧିକାରୀ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ବାରମ୍ବାର ସମ୍ପୃକ୍ତ କର୍ମଚାରୀମାନେ ସବୁ ଲୁଟି ଚାଲିଥିବା ପଦାକୁ ଆସୁଛି । କିଛି ମାସ ତଳେ ଦର୍ଲିପଡା ଗ୍ରାମପଞ୍ଚାୟତରେ ଏମଜିଏନଆରଇଜିଏସରେ କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଟଙ୍କା ଉଠାଣ କରି ଆତ୍ମସାତ କରିଥିବା ଭଳି ଘଟଣା ଲୋକପାଳଙ୍କ ନଜରକୁ ଆସିଛି। ଏହାର ତଦନ୍ତରେ ପ୍ରମାଣିତ ହେବା ପରେ ବିଡିଓ ଏହାକୁ ତୁରନ୍ତ ସରକାରଙ୍କ ଆକାଉଣ୍ଟରେ ଜମା କରିବାକୁ ନିର୍ଦ୍ଦେଶ କରିଛନ୍ତି। ପତ୍ରାଙ୍କସଂଖ୍ୟା ୮୫/୧୯ରେ ଏହାକୁ ତୁରନ୍ତ ଭରଣା କରିବାକୁ ସରପଞ୍ଚ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଛନ୍ତି । ନଚେତ ସରପଞ୍ଚ ଏବଂ ଅଧିକାରୀଙ୍କ ନାମରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ କରିବାକୁ ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ଦର୍ଲିପଡା ଗ୍ରାମ ପଞ୍ଚାୟତର ଲରିଆପଡା ପୋଖରୀ ଖନନ କାମ ୱାର୍କ କୋଡ ୨୪୨୮ ୦୦୨୦୦୪/ ଡବ୍ଲୁଏଚ/ ୩୦୯୧୧୭୨ରେ ଗତ ୨୦୧୬-୧୭ରେ ବହୁ ଶ୍ରମିକ ମଜୁରୀ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଏଥିରେ କାମ କରି ନ ଥିବା ଶ୍ରମିକଙ୍କ ନାମରେ ଟଙ୍କା ଉଠାଣ କରାଯାଇଥିବା ଗ୍ରାମବାସୀ ଲୋକପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତୁରନ୍ତ ଲୋକପାଳ ଆର.ବିଜୟରାଜ ତଦନ୍ତ କରିବାକୁ ଯାଇଥିଲେ। ସେଠାରେ ବ୍ଲକ ତରଫରୁ ଅଧିକାରୀମାନେ ମଧ୍ୟ ଆସି ତଦନ୍ତରେ ସହାୟତା କରିଥିଲେ। ଏଥିରେ ବହୁ ମୋଟ ୨୫ଜଣ ଶ୍ରମିକଙ୍କ ନାମରେ କାମ ନ କରି ୮୪ ହଜାର ୪୮୦ ଟଙ୍କା ଉଠାଣ କରାଯାଇଥିବା ଜଣାପଡିଛି। ଏହି ଶ୍ରମିକମାନେ କାମ କରି ନ ଥିବା ଅଧିକାରୀମାନଙ୍କ ନିକଟରେ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ଲୋକପାଳ ବିଜୟରାଜ ଜିଲାପାଳଙ୍କୁ ଟଙ୍କାର ଭରଣା ସହ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋମନା ବିଡିଓ ବର୍ତ୍ତମାନ ଦର୍ଲିପଡାର ସରପଞ୍ଚ ଜୟାବତୀ କୁଲଦୀପ ଏବଂ ତତ୍କାଳୀନ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ନାଏକଙ୍କୁ କାମ କରି ନ ଥିବା ଶ୍ରମିକଙ୍କଠାରୁ ଉପରୋକ୍ତ ରାଶି ସଂଗ୍ରହ କରିବାକୁ ନିର୍ଦ୍ଦେଶ କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବାକୁ ପତ୍ରରେ କୁହାଯାଇଛି। ଏମଜିଏନଆରଇଜିଏସ ଭଳି ଏକ ଯୋଜନାରେ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀଙ୍କ ଜାଣତରେ ଏଭଳି ଏକ ଦୁର୍ନୀତି ହେଲା କିପରି। ଏଥିରେ ନିହାତି ଭାବେ ବ୍ଲକର ବଡ ବଡିଆ ଅଧିକାରୀ ସମ୍ପୃକ୍ତ ରହି କାରନାମା କରୁଥିଲେ । ଏହାର ବିଧିବଦ୍ଧ ତଦନ୍ତ କରି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355,
9162431749

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ପଲମ,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଶିଶୁ ମନ୍ଦିରର ୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ ସେଠ, ଅନୁଷ୍ଠାନ ସଭାପତି ବୁଦ୍ଧୁ ମହାଲିଙ୍ଗ, ସମ୍ପାଦକ ସୁଦାମ ଚରଣ ମିଶ୍ର, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଜ୍ଞାନ ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ରୁପସିଂ ରାଉତ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଛାତ୍ର ଜଗତ ଜ୍ୟୋତି ଦାଶ କରିଥିବା ବେଳେ ବେଣୁ ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ବିକ୍ରମ ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଆର୍‌ପିଏଫ୍ ପକ୍ଷରୁ ଅସହାୟଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ

**ଭବାନୀପାଟଣା,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲାରେ ନିୟୋଜିତ ସିଆର୍‌ପିଏଫ୍ ୬୪ ବାଟାଲିୟନ୍ ପକ୍ଷରୁ ସିଭିକ୍ ଏକସନ୍ ପ୍ରୋଗ୍ରାମ ଜରିଆରେ ଶନିବାର ମ.ରାମପୁର ବ୍ଲକ ଅଞ୍ଚଳରେ ଗରିବ, ଅସହାୟ, ଭିନ୍ନକ୍ଷମ ଓ ଆଦିବାସୀ ଦଳିତ ଗରିବ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ଆବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ୬୪ ବାଟାଲିୟନ୍ କମାଣ୍ଡେଣ୍ଟ ଏ.ଏନ୍ ପାଣ୍ଡେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗରିବ, ଅସହାୟମାନଙ୍କୁ କମ୍ବଳ, ଲୁଙ୍ଗି, ଶାଢ଼ୀ ବଣ୍ଟନ କରିଥିଲେ। ସେହଭଳି ଗରିବ ଛାତ୍ରୀଛାତ୍ରମାନ ଏବଂ ଯୁବକମାନଙ୍କୁ ଭଲିବଲ୍ ନେଟ୍, ଫୁଟବଲ୍, କ୍ରିକେଟ୍ ଖେଳର ସାମଗ୍ରୀ, ବ୍ୟାଡମିଣ୍ଟନ ର୍‍ୟାକେଟ୍, କର୍କ, କ୍ୟାମର ବୋର୍ଡ, ଦୌଡି ଡିଆଁ ସକାଶେ ଦୌଡି ଆଦି ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୬୪ ବାଟାଲିୟନ୍ ଡା. ବି.କେ. ବାସୁ ମନ୍ତ୍ରୀ, ସିଏମ୍‌ଓ ଏସ୍‌ଜି-୬୪, ସେକେଣ୍ଡ ଆଇସି ସୁରେଶ କୁମାର, ଶିଭମ୍ କୁମାର, ଇନ୍ସପେକ୍ଟର ଜିଡି ମହେନ୍ଦ୍ର ସିଂ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୬୪ ବାଟାଲିୟନ୍‌ର ଏହି ଜନସହଯୋଗକୁ ମ.ରାମପୁର ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି ।

### ୫ଦିନ ହେଲା ଗାଡ଼ିରୁ ଅନ୍‌ଲୋଡିଂ ହେଉନି କପା, ଚିନ୍ତାରେ ଚାଷୀ

# ସ୍ପିନିଂ ମିଲ୍ ନିକଟରେ ଚାଷୀଙ୍କ ଗଣଧାରଣା



ସ୍ପିନିଂ ମିଲ୍ ନିକଟରେ କପାଚାଷୀଙ୍କ ଗଣଧାରଣା ।

**କେସିଙ୍ଗା,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା କେସିଙ୍ଗା ସ୍ପିନିଂ ମିଲଠାରେ ସିସିଆଇ (କଟନ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ବା ଭାରତୀୟ କପା ନିଗମ) ପକ୍ଷରୁ ଚାଷୀଙ୍କ କପା କ୍ରୟ କରାଯାଉଛି । ଜିଲାପାଳ ଚାଷୀଙ୍କ ସୁବିଧା ଦୃଷ୍ଟିରୁ ପ୍ରତ୍ୟେକ ଦିନ କେସିଙ୍ଗା ଓ କର୍ଲାପଡାଠାରେ କପା ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀମାନେ କେସିଙ୍ଗା ଓ କର୍ଲାପଡା ନିୟନ୍ତ୍ରିତ ବଜାର କମିଟିଠାରୁ ଦୁଇ ଶହ ଟଙ୍କା ଦେଇ ଟୋକନ ଆଣି ସିସିଆଇକୁ କପା ଦେଇଥାନ୍ତି। କିନ୍ତୁ କେସିଙ୍ଗା ସ୍ପିନିଂ ମିଲ ପରିସରରେ ସିସିଆଇ ଆଜକୁ ୫ ଦିନ ବିତିଯାଇଥିଲେ ସୁଦ୍ଧା କପାକ୍ରୟ କରି ନ ଥିବାରୁ ଚାଷୀମାନେ ପ୍ରବଳ ଶୀତରେ ଖୋଲା ଆକାଶତଳେ ନିଜର କପାକୁ ଜଗି ବସିଛନ୍ତି। ସରକାରୀ ଧାର୍ଯ୍ୟ ମୁତାବକ କପା କୁଇଣ୍ଟାଲ ପ୍ରତି ୫ ହଜାର ୪୫୦ ଟଙ୍କା ଥିବା ବେଳେ ସିସିଆଇ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୫ ହଜାର ୧ ଶହରୁ ୫ ହଜାର ୨୪୬ ଟଙ୍କାରେ କ୍ରୟ କରୁଛି । ଚାଷୀ ସରକାରୀ ଧାର୍ଯ୍ୟ ମୁତାବକ ମୂଲ୍ୟ ମଧ୍ୟ ପାଇ ପାରୁନାହାନ୍ତି । ଚାଷୀଙ୍କ କପା ଗାଡି ପ୍ରତି ୩୦ କେଜି ଓଜନରେ ଠକି ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ନାମମାତ୍ର ଚାଷୀ କିମ୍ବା କ୍ଷୁଦ୍ରଚାଷୀମାନେ ବଳଦ ଗାଡିରେ କପା ନେଇଥିଲେ ମଧ୍ୟ ଦିନ ଦିନ ଧରି ଜଗିବାକୁ ପଡୁଛି । ପ୍ରଥମେ ମଣ୍ଡିରୁ ଆଣିଥିବା ବଳଦ ଗାଡିର କପାକୁ ସିସିଆଇ କିଣିବା କଥା । ଏହି ସବୁ ସମସ୍ୟାକୁ ନେଇ ଚାଷୀମାନେ ସ୍ପିନିଂ ମିଲର ମୁଖ୍ୟ ଗେଟ ନିକଟରେ ରବିବାର ଗଣଧାରଣା ଦେଇଥିଲେ। କପା କ୍ରୟ ଗତ ନଭେମ୍ବରଠାରୁ ଜାନୁୟାରୀ ୨୦ ତାରିଖ ସୁଦ୍ଧା ୨୫ ହଜାର ୯୦୦ କୁଇଣ୍ଟାଲ କପା ସିସିଆଇ କ୍ରୟ କରିଛି । ସିସିଆଇ ଚାଷୀଙ୍କଠାରୁ କପା କ୍ରୟ କରିବାର ୩ଦିନ ଭିତରେ କପାର ମୂଲ୍ୟ ଦେବା କଥା । କିନ୍ତୁ ଆଜକୁ ୨୫ ଦିନ ବିତିଗଲାଣି ଚାଷୀଙ୍କୁ ଟଙ୍କା ମିଳିନାହିଁ । ଠିକ ସମୟରେ ଚାଷୀଙ୍କ କପା କ୍ରୟ କରୁନାହିଁ । ଦିନି ଦିନ ଧରି ରାସ୍ତାର ଉଭୟ ପାର୍ଶ୍ୱରେ କପା ଗାଡି ଛିଡା ହୋଇ ରହୁଛି । କେସିଙ୍ଗା କଲେଜଠାରୁ ସ୍ପିନିଂ ମିଲ ଦେଇ ଡୁମେରମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ପିଡବ୍ଲୁଡି ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରକ, ଟ୍ରାକ୍ଟର, ୪୦୭ ଗାଡି କପା ବୋଝେଇ କରି ରଖାଯାଉଥିବାରୁ ଗମନା ଗମନରେ ଘୋର ସମସ୍ୟା ଦେଖାଯାଉଛି । କେସିଙ୍ଗା ଜଗନ୍ନାଥ ମନ୍ଦିରଠାରୁ ଯୋରାତବରା ଗ୍ରାମକୁ ସଂଯୋଗ ହୋଇଥିବା ପିଡବ୍ଲୁଡି ରାସ୍ତା ଉପରେ ସବୁବେଳେ ଭିଡ ଜମି ରହୁଛି । ଏଥିପାଇଁ ସ୍ପିନିଂ ମିଲ ନିକଟରେ ସରକାରୀ ଜମି ଉପରେ ଟ୍ରକ, ଟ୍ରାକ୍ଟର, ୪୦୭ ଗାଡି ରଖିବା ପାଇଁ ପିଡବ୍ଲୁଡି ବିଭାଗ ପକ୍ଷରୁ ଜାଗା ନିରୁପଣ କରାଯିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଶୀତ କାକରରେ ଚାଷୀମାନେ ନିଜସ୍ୱ କପାକୁ ଜଗି ରହି ହନ୍ତସନ୍ତ ହେଉଥିଲେ ସୁଦ୍ଧା ସିସିଆଇ ତଥା ଜିଲା ପ୍ରଶାସନ ନିରବ ରହୁଛି । ଏ ନେଇ ସିସିଆଇର ଏରିଆ ମ୍ୟାନେଜର କେ. ସୁଧାକରଙ୍କୁ ପଚାରିବାରୁ କପା ରଖିବା ପାଇଁ ଜାଗା ନାହିଁ । ଚାଷୀଙ୍କ ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି । ନେଟୱାର୍କ ସ୍ଲୋ ହେଉଥିବାରୁ ଚାଷୀଙ୍କ ଟଙ୍କା ବିଳମ୍ବ ହେଉଛି ବୋଲି କହିଥିଲେ । ଏହି ସମସ୍ୟା ଦେଖାଯାଉଥିଲେ ସୁଦ୍ଧା ସ୍ପିନିଂ ମିଲର ଏମଡି ଭୁବନେଶ୍ୱରରେ ଶୋଇ ରହିଛନ୍ତି ।

# ନିମ୍ନମାନର କାମ, ନିର୍ମାଣର ଦିନକ ପରେ ଭୁଶୁଡ଼ିଲା ଡ୍ରେନ

**ଜୁନାଗଡ,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ଛକ ୨୬ ନଂ. ଜାତୀୟ ରାଜପଥ କଡରେ ଶନିବାର ନିର୍ମାଣ ହୋଇଥିବା ଡ୍ରେନ କାମ ନିମ୍ନମାନର ଯୋଗୁ ଦିନକ ପରେ ଅର୍ଥାତ୍ ରବିବାର ଭୁଶୁଡିଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗତ ୧୫ ଦିନ ହେଲା ବଳଦିଆମାଲ ଗ୍ରାମ ୨୬ ନଂ. ଜାତୀୟ ରାଜପଥ କଡରେ ଡ୍ରେନ ନିର୍ମାଣ କାମ ଚାଲୁଛି। ଏହାକୁ ଏଆରଏସ୍‌ଏସ୍ କମ୍ପାନୀ କରିବାର ଦାୟିତ୍ୱ ପାଇଥିବାବେଳେ ବାସ୍ତବରେ ସ୍ଥାନୀୟ ଠିକାଦାରଙ୍କୁ ପେଟି ଭାବେ ଦିଆଯାଇ କାମ ସମ୍ପାଦନା କରାଯାଉଥିବା ଜଣାପଡିଛି। ଏପଟେ ସମ୍ପୃକ୍ତ ଠିକାଦାରମାନେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ଅତ୍ୟନ୍ତ ନିମ୍ନମାନର କାମ କରୁଥିବାରୁ ଏପରି ଘଟଣା ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରନ୍ତି। ରବିବାର ଏ ନେଇ ଗ୍ରାମବାସୀ ଘଟଣା ସମ୍ପର୍କରେଏଆରଏସଏସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ।



ବଳଦିଆମାଲ ଛକଠାରେ ଭୁଶୁଡି ପଡିଥିବା ଡ୍ରେନ ।

## ଭାରତ ସ୍କାଉଟ୍, ଗାଇଡ୍ ପକ୍ଷରୁ ରାଜ୍ୟପାଳ ପୁରସ୍କାର ସକାଶେ ଚୟନ ପରୀକ୍ଷା

**ଭବାନୀପାଟଣା,୨୦।୧(ଡି.ଏନ.ଏ.)**
ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ରାଜ୍ୟପାଳ ପୁରସ୍କାର ସକାଶେ ସ୍ଥାନୀୟ ଟାଉନ ଉଚ୍ଚବିଦ୍ୟାଳୟ ପରିସରରେ ୩ ଦିନିଆ ଚୟନ ଶିବିର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଏସସିଟି (ଏସ୍) ତୁସାରକାନ୍ତୀ ଆଚାର୍ଯ୍ୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଛନ୍ତି। କଳାହାଣ୍ଡି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂ, ସ୍କାଉଟ୍ ଓ ଗାଇଡ୍‌ର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାନ୍ତନୁ କୁମାର ବେହେରା ଅତିଥି ଭାବେ ଯୋଗଦେଇ ସ୍କାଉଟ୍ ଓ ଗାଇଡ୍‌ର ଫ୍ଲାଗ ଉତ୍ତୋଳନ କରି ଶୁଭାରମ୍ଭ କରିଛନ୍ତି। ଏହି ଚୟନ ପରୀକ୍ଷା ସକାଶେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଜଣ ସ୍କାଉଟ୍ ଓ ଗାଇଡ୍ ଯୋଗଦେଇଛନ୍ତି। ୩ ଦିନଧରି ଚାଲିବାକୁ ଥିବା ଚୟନ ଶିବିରରେ ସୁନିଲ କୁମାର ବେହେରା ଡିସି ସ୍କାଉଟ୍ କଳାହାଣ୍ଡି, ମହେନ୍ଦ୍ର କୁମାର ପଣ୍ଡା ସମ୍ପାଦକ, ଧିରେନ୍ଦ୍ର କୁମାର ପଣ୍ଡା ଡିଟିସି, ମଙ୍ଗୁଲୁ ମିଶ୍ର ଡିଓସି, ବିଭୁତୀ ଭୂଷଣ ପ୍ରଧାନ ଏଡିସି, ଟାଉନ୍ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ପବିତ୍ର ମୋହନ ପଣ୍ଡା, ସ୍କାଉଟ୍ ଶିକ୍ଷକ ମନରଞ୍ଜନ ସାହୁ, ନାରାୟଣ ପ୍ରଧାନ, ସନାତନ ସାହୁ, ରକ୍ଷାସିନ୍ଧୁ ପଟେଲ, ଗାଇଡ୍ କ୍ୟାପଟେନ୍ କୁମୁଦ ଦୋରା, ବୀଣାପାଣି ନାୟକ, ସ୍ମିତାରାଣୀ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।

## ମା’ ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ରାସତାମାଲ ଦଳ ବିଜୟୀ

**ରିଷିଡା,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ଚାଲିଥିବା ମା’ ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ ରବିବାର ରାସତାମାଲ ୨-୦ ଗୋଲରେ ମ.ରାମପୁର ଦଳକୁ ପରାସ୍ତ କରି ବିଜୟୀ ହୋଇଛି । ଏହି ମ୍ୟାଚରେ ଅତିଥି ଭାବେ ନାଏବ ସରପଞ୍ଚ ବିମଳ ସାହୁ, ପିଇଓ ପାର୍ଥସାରଥି ରଣା, ଭିଏଡବ୍ଲୁ ପିତାମ୍ବର ମାଝୀ ଯୋଗଦେଇଥିବା ବେଳେ ଯୋଗାଣ ସହାୟକ ବିବେକାନନ୍ଦ ପୁଟେଲ, ପ୍ରଫୁଲ୍ଲ ସାହୁ ଉପସ୍ଥିତ ଥିଲେ । ମ୍ୟାଚକୁ ବିନୋଦ ହେର୍ଣ୍ଣା ପରିଚାଳନା କରିଥିବା ବେଳେ ପିଙ୍କୁ ଚନ୍ଦନ, ସଂକୀର୍ତ୍ତନ ଗହୀର ସହାୟତା କରିଥିଲେ । ସ୍କୋରର ଥିଲେ ଗୋପିନାଥ ଗହୀର, ପ୍ରମୋଦ ମାଝି, ଅଶୋକ ପଧାନ ସହାୟତା କରିଥିଲେ ।

## ଜାତୀୟ ସାହସିକତା ପୁରସ୍କାର ପାଇବେ ରଞ୍ଜିତା

**ଭବାନୀପାଟଣା,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଭବାନୀପାଟଣା ନେହେରୁ ସେବା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସିନୀ ତଥା ମାଣିକେଶ୍ୱରୀ ହାଇସ୍କୁଲର ଛାତ୍ରୀ କୁମାରୀ ରଞ୍ଜିତା ମାଝି ଚଳିତ ବର୍ଷ ଜାତୀୟ ସାହସିକତା ପୁରସ୍କାର ୨୦୧୯ ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ଜାନୁୟାରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପାଖରୁ ସେ ଜାତୀୟ ସାହସିକତା ପୁରସ୍କାର ୨୦୧୯ ଗ୍ରହଣ କରିବେ। କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକର କାଠକୁରା ଗ୍ରାମର ରଞ୍ଜିତା ମାଝିଙ୍କ ବାପା ଜୋରଜବରଦସ୍ତ ତାକୁ ବିବାହ କରିବା ନିମନ୍ତେ ଯୋଜନା କରୁଥିବା ବେଳେ ସପ୍ତମ ଶ୍ରେଣୀ ଛାତ୍ରୀ ରଞ୍ଜିତା ତାକୁ ବିରୋଧ କରି ଦଶହରା ଛୁଟିରେ ଗାଁକୁ ନ ଯିବା ପାଇଁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦରଖାସ୍ତ ଦେଇଥିଲା। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲା ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ରଞ୍ଜିତା ମାଝିଙ୍କୁ ଉଦ୍ଧାର କରି ଭବାନୀପାଟଣାଠାରେ ଅବସ୍ଥାପିତ କରିଛନ୍ତି । ରଞ୍ଜିତାର ସାହସିକ ପଦକ୍ଷେପ ଯୋଗୁ ବାଲ୍ୟ ବିବାହ ଭଳି ଏକ କୁତ୍ସିତ ପ୍ରଥାରୁ ନିଜେ ରକ୍ଷା ପାଇଥିଲେ । ଏଥିସହିତ ତାହାର ଦୁଇ ଭଉଣୀଙ୍କୁ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ଭବାନୀପାଟଣାଠାରେ ଶିଶୁ ଯତ୍ନ କେନ୍ଦ୍ର ଠାରେ ଅବସ୍ଥାପିତ କରାଯାଇଛି । ବାଲ୍ୟ ବିବାହ ପ୍ରଥାକୁ ବିରୋଧ କରିବା ତାଙ୍କ ସାହସିକତାର ପରିଚୟ ପ୍ରଦାନ କରେ । ଚଳିତବର୍ଷ ସମଗ୍ର ଦେଶରେ ୨୧ ଜଣଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବ । ସେଥିମଧ୍ୟରେ ରଞ୍ଜିତା ମାଝି ଅନ୍ୟତମ ।



ରଞ୍ଜିତା ମାଝି।

## ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଭବାନୀପାଟଣା,୨୦।୧(ଡି.ଏନ.ଏ.)**
ସ୍ଥାନୀୟ ରଜର୍ଭ ପୋଲିସ୍ ଇନ୍‌ଡୋର ଷ୍ଟାଡିୟମଠାରେ ୨ ଦିନ ଧରି ଚାଲିଥିବା କଳାହାଣ୍ଡି ଜିଲା ସରକାରୀ କର୍ମଚାରୀ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଡବଲ୍‌ସ୍ ଓ ସିଙ୍ଗଲ୍ ବିଭାଗରେ ମୋଟ ୪୬ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଏସ୍‌ପି ବି.ଗଙ୍ଗାଧର ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଂଦୀପ ମିଶ୍ର ଓ ସାଥିଖେଳାଳି ଅନିଲ ସାହୁ, ରାକେଶ ପଣ୍ଡା ଉଭୟ ମେନ ଓ ଭେଟେରାନରେ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବର୍ଷୀୟାନ୍ ଖେଳାଳତ ତଥା ଶିକ୍ଷାବିତ ଚନ୍ଦ୍ରଶେଖର ପଣ୍ଡା ଉପସ୍ଥିତ ରହି କୃତୀ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପୂର୍ବାଞ୍ଚଳ ନ୍ୟାୟିକ ଜୋନାଲ ସଭାପତି ପ୍ରଶନ୍ନ କୁମାର ପଟ୍ଟନାୟକ, କଳାହାଣ୍ଡି ଜିଲା କ୍ରୀଡା ଅଧିକାରୀ ସୁବାଶିଷ ନାୟକ, ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳି ପ୍ରଦୀପ କୁମାର ମହାପାତ୍ର ଓ ପ୍ଲାବନ୍ଦ କୁମାର ପଟ୍ଟନାୟକଙ୍କ ସହିତ ବହୁ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।

### ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ

## ୱେସ୍କୋର ଯନ୍ତ୍ରୀମାନେ କଳାବ୍ୟାଜ୍ ପିନ୍ଧିଲେ

**ଭବାନୀପାଟଣା,୨୦।୧(ଡି.ଏନ.ଏ.)**
ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବର ପ୍ରଦିବାଦ କରି ୱେସ୍କୋରେ କାର୍ଯ୍ୟ କରୁଥିବା ଯନ୍ତ୍ରୀମାନେ ଶନିବାରଠାରୁ କଳା ବ୍ୟାଜ୍ ପିନ୍ଧି ସେମାନଙ୍କ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମୀଣ ବିଦ୍ୟୁତ୍ କରଣ ତଥା ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟରେ ଯନ୍ତ୍ରୀମାନେ ସହଯୋଗ କରି ବିଭିନ୍ନ ଯୋଜନାକୁ ସଫଳ କରିବା ସହିତ ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିର ସମ୍ମାକରି ଜନସାଧାରଣଙ୍କୁ ଦିନରାତି ବିଜୁଳି ବଣ୍ଟନ କରୁଛନ୍ତି । କିନ୍ତୁ ସରକାର ସେମାନଙ୍କ ନାର୍ଯ୍ୟଦାବି ପ୍ରତି ଅଣଦେଖା କରି ଆସୁଛନ୍ତି। ସପ୍ତମ ବେତନ କମିଶନର ସୁପାରିଶ ଅନୁଯାୟୀ ରାଜ୍ୟ ସରକାର ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କ ଘରଭଡା ଏବଂ ଔଷଧ ବାବଦ ଭତ୍ତାକୁ ଯଥାକ୍ରମେ ୨୦% ଓ ୫% କୁ ବୃଦ୍ଧି କରିଥିବା ସତ୍ତ୍ୱେ ଯନ୍ତ୍ରୀମାନଙ୍କ କ୍ଷେତ୍ରରେ ଏହାକୁ ଲାଗୁ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏକଥା କହିବା ଲଜ୍ୟାକର ଯେ ଗୋଟିଏ ବିଭାଗରେ ଦୁଇ ପ୍ରକାର ନିୟମ କାର୍ଯ୍ୟକାରୀ ହେବାରୁ ବିଦ୍ୟୁତ ବିଭାଗର ଉପରିସ୍ଥ ଯନ୍ତ୍ରୀ ଏବଂ ଅଫିସରମାନେ ତଳିଆ କର୍ମଚାରୀମାନଙ୍କଠାରୁ ଯଥେଷ୍ଟ କମ୍ ଘରଭଡା ବାବଦରେ ଅର୍ଥ ପାଉଛନ୍ତି। ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବାଧ୍ୟ ହୋଇ ସମସ୍ତ ଯନ୍ତ୍ରୀ ନିରବ ପ୍ରତିବାଦ ସ୍ୱରୂପ ଶୃଖଳିତ ଭାବେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଦି ସରକାର ଯନ୍ତ୍ରୀମାନଙ୍କ ନାର୍ଯ୍ୟ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଆଗାମି ଦିନରେ ଅଲ୍ ଓଡିଶା ପାୱାର ଇଞ୍ଜିନିର୍ୟସ ଫେଡେରେଶନ ଡାକରାରେ ସମସ୍ତ ଯନ୍ତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ୱେସ୍କୋ ଇଞ୍ଜିନିର୍ୟସ ସର୍ଭିସ ଆସୋସିଏଶନ ଜେନେରାଲ ସେକ୍ରେଟେରୀ ଇଂ ଜଗନ୍ନାଥ ବାରିକି କହିଛନ୍ତି।



ୱେସ୍କୋର ଯନ୍ତ୍ରୀମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି ।

# ବରଦୋଳି, କନ୍ଧାଗଡରେ ଟୋକୀ ପର୍ବ

**କଳମପୁର,୨୦।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା କଳମପୁର ବ୍ଲକ ବରଦୋଳି ଗ୍ରାମରେ ରବିବାର ଆଦୀବାସୀଙ୍କ ସଂସ୍କୃତି ଓ ପରମ୍ପରାର ମହାନ ପର୍ବ ଟୋକୀ ପର୍ବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ସଂସ୍କୃତି ଓ ପରମ୍ପରାରେ ମାଟିକୁ ମାତା ଏବଂ ସୂର୍ଯ୍ୟଙ୍କୁ ପିତା ବୋଲି ବିଶ୍ୱାସ କରାଯାଏ । ମାଟି ମାତାଙ୍କୁ ସନ୍ତୁଷ୍ଟ କରି ଭଲ ଅମଳ, ଭଲ ସ୍ୱାସ୍ଥ୍ୟ ଏବଂ ଶାନ୍ତିରେ ଜୀବନ ଯାପନ କରିବା ପାଇଁ ଆବାହମାନ କାଳରୁ ଆଦିବାସୀମାନେ ଏହି ପର୍ବ ପାଳନ କରି ଆସୁଛନ୍ତି । ଚଳିତବର୍ଷ ଜିଲାର ଥୁ. ରାମପୁର ବ୍ଲକର ବଡଛତରଙ୍ଗ, ସାନ ଡେର୍ଲା, ପେରମଞ୍ଜି, ସର୍ଗିଗୁଡା, ଜୟପାଟଣା ବ୍ଲକର ଚାନ୍ଦପୁର, ମହିପାଣି ଓ ସିଲେଇଯୋର ଏବଂ କଳମପୁର ବ୍ଲକର ବରଦୋଳି ଗ୍ରାମରେ ଟୋକି ପର୍ବ ଅନୁଷ୍ଠିତ ହୋଇଛି ।
ପ୍ରାଚୀନ କାଳରେ ଆଦିବାସୀମାନେ ମାଟି ମାତଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ କୁଆଁରୀ କନ୍ୟାକୁ ଧରନୀ ନିକଟରେ ବଳୀ ଦେଉଥିଲେ । ତେଣୁ ଏହି ପର୍ବ ଟୋକୀ ପର୍ବ ନାମରେ ନାମିତ ହୋଇଛି । ଶିକ୍ଷା ଓ ସଭ୍ୟତାର ବିକାଶ ସହିତ ପରମ୍ପରାର ପରିବର୍ତ୍ତନ ଯୋଗୁ କୁଆଁରୀ କନ୍ୟା ବଦଳରେ ଏକ ଅଣ୍ଡିରା ମେଣ୍ଢାକୁ ଟୋକୀର ପ୍ରତୀକ ଭାବରେ ବଳୀ ଦିଆଯାଉଛି । ଏହା ଏକ କୃଷି ଭିତିକ ପର୍ବ ହୋଇଥିବାରୁ ଚାଷ ଅମଳ ହେବା ପରେ ପୌଷ ପୂର୍ଣ୍ଣିମା ପୂର୍ବବର୍ତ୍ତି ଏକ ରବିବାର ଏହି ପର୍ବ ପାଳନ କରାଯାଏ । ଟୋକୀ ପର୍ବ ପାଳନ କରାଯାଉଥିବା ଗ୍ରାମ ନିକଟବର୍ତ୍ତି ଗ୍ରାମର ଜାନୀମାନଙ୍କ ନେତୃତ୍ୱରେ ଆଦିବାସୀମାନେ ଦଳଗତ ଭାବେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ବୀରତ୍ୱ ପ୍ରଦର୍ଶନ କରି ଧରନୀ ନିକଟରୁ ଅଣ୍ଡିରା ମେଣ୍ଢାର ମାଂସକୁ ନେଇ ନିଜ ଗ୍ରାମର ମାଟିରେ ପୋତିଥାନ୍ତି । ଆଉ ଭଲ ଅମଳ, ଗ୍ରାମବାସୀମାନଙ୍କ ମଙ୍ଗଳ କାମନା କରିଥାନ୍ତି । ଗୁରେମେ ନୃତ୍ୟ ପ୍ରଦର୍ଶନ କରୁଥିବା ବେଳେ ଦିସାରୀ ଆଦିବାସୀ ଭାସାରେ ମନ୍ତ୍ର ଉଚ୍ଚାରଣ କରନ୍ତି ।
ବରଦୋଳୀରେ ଅନୁଷ୍ଠିତ ଟୋକୀ ପର୍ବରେ ୫୫ଟି ଦଳ ଭାଗ ନେଇଥିବା ବେଳେ ଦଶ ହାଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା । ଦିଲୀପ ପଟ୍ଟନାୟକ ଟୋକୀ ପର୍ବ କମିଟି ସଭାପତି, ପ୍ରଦୀପ ମାଝି ସମ୍ପାଦକ, ଅକ୍ଷୟ ଦଳପତି କେଷାଧ୍ୟକ୍ଷ, ହଂସ ଦଳପତି ଯାନୀ, ତୁମନୀଖୋଲର ଅଗ୍ନୀ ମାଝି ଦିଶାରୀ, ବାମନଦେଇ ମାଝି ଗୁରୁମେ,ଚମାର ଦଳପତି ପୂଝାରୀ, ପରୀ ମାଝି ମୁଦ୍ରାଧରିଆ, ବିଜୟ ଦଳପତି ମୁଦ୍ରୀକା ଏବଂ ବନମାଳୀ ରପ୍ୟା କାର୍ଯ୍ୟ ସମ୍ପାଦନ କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଜୟପାଟଣା ଥାନା ଅଧିକାରୀ ଶୁଶାନ୍ତ ସାହୁ, କଳମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ ।

**କୋକସରା/ଲଡୁଗାଁ, (ଡି.ଏନ.ଏ.)**
ସେହିପରି କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଧାଗଡଠାରେ ଟୋକି ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । କନ୍ଧାଗଡରେ ଅନୁଷ୍ଠିତ ଟୋକିମରା ପର୍ବର ମୁଖ୍ୟ ପୁରୋଧା ଗ୍ରାମ ପୂଝାରୀଙ୍କ ଘରୁ ବଳି ପଡିବାକୁ ଥିବା ଗଡରାକୁ ପୂଜାର୍ଚ୍ଚନା ପରେ ଗୁରୁମେଙ୍କ ଦ୍ୱାରା ଗ୍ରାମ ପରିକ୍ରମା ସହ ଆଖପାଖ ଅଞ୍ଚଳରେ ଟୋକିମରା ପର୍ବରେ ସାମିଲ ହୋଇଥିବା ହଜାର ହଜାର କନ୍ଧ ସମ୍ପ୍ରଦାୟର ଆଦିବାସୀ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସହ ଏକ ବିରାଟ ପଟୁଆରରେ ଟୋକି ମରା ପଡିଆକୁ ବାହାରି ଥିଲେ । ପଡିଆକୁ ପହଞ୍ଚିବା ପରେ ମଟି ଦେବତା ବା ଧରଣୀପେନୁଙ୍କ ଖମ୍ବ ନିକଟରେ ଗ୍ରାମ ପୂଝାରୀ ପୂଜାର୍ଚ୍ଚନା ପରେ ଟୋକି ରୂପକ ଗଡରାକୁ ବଳି ଦିଆଯାଇଥିଲା। ଟୋକିମରା ପର୍ବକୁ କନ୍ଧାଗଡ ଗ୍ରାମର ଗୌନ୍ତିଆ ରାଜେନ୍ଦ୍ର ମାଝି, ସଭାପତି ସୁକଚନ ମାଝି, ସମ୍ପାଦକ ସୁବାଷ ଚନ୍ଦ୍ର ନାଏକ, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ରତୁରାଜ ମାଝି, ଜିତେନ୍ଦ୍ର ପଣ୍ଡା, ଗୋବିନ୍ଦ ମାଝି, ସୁଧିର ମାଝି, କ୍ଷୀରସିନ୍ଧୁ ମାଝି ପ୍ରମୁଖ ପରିଚାଳନା କରିଥିଲେ । କୋଡିଏ ଖଣ୍ଡ ଗ୍ରାମର କନ୍ଧ ସମ୍ପ୍ରଦାୟର ଆଦିବାସୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖିବାକୁ ମିଳିଥିଲା ।





କଳମପୁର ବ୍ଲକ ବରଦୋଳି ଗ୍ରାମରେ ଟୋକୀ ପର୍ବରେ ଆଦିବାସୀଙ୍କ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଶୋଭାଯାତ୍ରା (ବାମ) । କୋକସରା ବ୍ଲକ କନ୍ଧାଗଡଠାରେ ଆୟୋଜିତ ଶୋଭାଯାତ୍ରା ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଲୋଇସିଂହା ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା

**ଲୋଇସିଂହା,୨୦୧୯(ଡି.ଏନ.ଏ.)-** ପୌଷପୂର୍ଣ୍ଣମୀ ଅବସରରେ ଆୟୋଜିତ ଲୋଇସିଂହା ଉତ୍ସବ ପାଇଁ ମାଶାଲ ଶୋଭାଯାତ୍ରା ଓ ସ୍ଥାପନ ସମାରୋହ ରବିବାର ସମାହିତ ହୋଇଛି । ଆୟୋଜକ କମିଟି ସମ୍ପାଦକ ରବିନ୍ଦ୍ର ପୁଟେଲଙ୍କ ନେତୃତ୍ୱରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ନିହାରରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇଥିଲେ। ଲୋଇସିଂହା ଜମିଦାରଙ୍କ ରାଜବାଟିସ୍ଥିତ ବଡଦେଓଙ୍କଠାରେ ପୂଜାର୍ଚ୍ଚନା ପରେ ମାଶାଲ ଅଣାଯାଇ ମଞ୍ଚସ୍ଥଳରେ ସ୍ଥାପନ କରାଯାଇଥିଲା । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, କୁନା ଭୋଇଙ୍କ ସମେତ ଆୟୋଜକ କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦଘାଟିତ ହୋଇଥିଲା। କବାଡି ପ୍ରତିଯୋଗିତାରେ ସମ୍ବଲପୁର, ରାଜଗାଙ୍ଗପୁର,ବଲାଙ୍ଗୀର, ଲୋଇସିଂହା, ରାମପୁର ପ୍ରଭୃତି ଦଳ ଭାଗ ନେଇଛନ୍ତି।

# ଠକାଭିଁଡାରେ ଚାଲିଛେ ବିକାଶ କାମ୍

**ଲୋଇସିଂହା,୨୦୧୯ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବିଶାଳପାଲି ଗାଁରେ ବିକାଶ ମୂଳକ କାମରେ ଠକାଭିଁଡା ହେଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ଆଦର୍ଶ ଗୁହାଲ ଯୋଜ୍ନାରେ କେତେ ହିତାଧିକାରୀ ଗୋଚର ଜମି ଆର ସରକାରୀ ଜମିରେ ଗୁହାଲ ତିଆର କରିଥିବାର ଲେଖେଁ ଗୁରୁତର ଅଭିଯୋଗ ହେଇଛେ। ସେନ୍ତା ପଁଚେତ୍ ତାର କ୍ଷମତାର ଅପବେଭାର କରି ଇରିଗେସନ ଅଧିନରେ ଥିବାର ରାସ୍ତାରେ ଏମଜିଏନଆରଇଜିଏସ ଟଁକା ପକେଇ ଉନ୍ନତିକରନ କରୁଥିବାର ଅଭିଯୋଗ ହେଇଛେ।

ଅଭିଯୋଗ ହିସାବେ, ପଁଚେତସ୍ତରରେ ଚାଷୀକର ଉନ୍ନତି ସାଧନ ଲାଗି ସରକାର ପଦକ୍ଷେପ ନେଉଛନ। ବ୍ଲକ ଜରିଆରେ ଭିନେ ଭିନେ ଯୋଜନାରେ ଚାଷୀକୁ ସାହାଯ୍ ଯୁଗେଇ ଦେଉଛନ୍। ଚାଷୀକର ଲାଗି ଆଦର୍ଶ ଗୁହାଲ ଆର କୁକ୍ରା ଘର ତିଆରିବାର ଲାଗି ଅନୁଦାନ ଆସିଛେ। କେତେ ଗାଈ ପାଳକ ଗାଁର ସରକାରୀ ଆର ଗୋଚର ଜମିରେ ଇ ଗୁହାଲ ତିଆର କରିଥିବାର







ବକଟୀ-ଖଲିଆପାଲି ରାସ୍ତା କାମ୍ରେ ଦିଆଯାଇଥିବାର ସୂଚନା ଫଲକ (ବାମ)। ଗୋଚର ଜମିରେ ଆଦର୍ଶ ଗୁହାଲ।

ଗାଁବାସୀ ଅଭିଯୋଗ କରିଛନ୍। ୨୦୧୭-୧୮ ଆର୍ଥିକ ବଛରରେ ଜୟବିହାରୀ ବିଶ୍ୱାଳ ନାଁରେ ଝନେ କୁକ୍ରା ପାଳନକାରୀ ୩୯ ହଜାର ଟଁକାର ଗୁଟେ କୁକ୍ରା ଘର ପାଇଛନ୍। ହେଲେ ୧୫ ହଜାର ଟଁକା ଲାଁଚ୍ ନାଇଁ ଦେଲେ ବିଲ୍ ନାଇଁହୁଏ ବଲି ତାହାକୁ କୁହାଯାଉଥିବାର ସେ ଅଭିଯୋଗ କରିଛନ୍। ସେନ୍ତା ସରପଁଚ୍‌କଁର ଝନେ ଖାସ୍ ଲୋକ୍‌ର ଆଗ୍ରୁ ସରକାରୀ ଜମିରେ ଗୁଟେ ଧାନ ଗୁଦାମ ଥିଲା। ସେଟାକେ ସେ ଗାଈ ଗୁହାଲ ଦେଖେଇ ଟଁକା ହଡ଼ପ କରିଛନ। ସେମାନକର ପରିବାର ଲୋକ୍ ବି ପଁଚେତ ତରଫୁ ମିଲୁଥିବାର ଅନେକ ଯୋଜନାକେ ବେଆଇନ ହାତେଇ ଥିବାର ଗାଁର ପାଣ୍ଡବ ବିଶ୍ୱାଳ ଅଭିଯୋଗ କରିଛନ୍। ସେନ୍ତା ବିଶାଳପାଲି ଛକରୁ ବକଟୀ-ଖଲିଆପାଲି ପୁଲିଆ ତକ୍ ଅଙ୍ଗ କେନାଲ ରାସ୍ତା ଇରିଗେସନ ବିଭାଗ୍ ଅଧିନରେ ଅଛେ। ହେଲେ ଏମଜିଏନଆରଇଜିଏସ ଯୋଜନାରୁ ୫ ଲାଖ୍ ଟଁକା ପକେଇ ପଁଚେତ୍ ତରଫୁ ଇ ରାସ୍ତାର ଉନ୍ନତିକରନ କରାଯାଉଛେ। ଇଠାନେ ଦିଆଯାଇଥିବାର ସୂଚନା ଫଲକରେ କାମ୍ ଆରମ୍, ଶେଷ ଆର ଆର୍ଥିକ ବଛର୍‌ର ସୂଚନା ନାଁଇଁନ। ଇ କାମ୍‌କେ ନେଇ ଗାଁବାସୀ ପ୍ରଶ୍ନ ଉଠେଇଛନ୍। ବିଶାଳପାଲି ଗାଁରେ ହେଇଥିବାର ସବୁ ବିକାଶମୂଳକ କାମ୍‌ର ତଦଁତ୍ କରି ପଦକ୍ଷେପ ନେବାକେ ଜୟବିହାରୀ ବିଶ୍ୱାଳ, ଘାସିରାମ ବିଶ୍ୱାଳ ପରମୁଖ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ପିଇଓ ପ୍ରହଲ୍ଲାଦ ବେହେରାକୁଁ ପଚରାଲାରୁ ଇ ରାସ୍ତା କାମ୍ ବାବ୍‌ଦେ ମୁଇଁ ନାଇଁ ଜାନି, ସେଟା ଉନିଆ ବିଭାଗ ଅଧିନରେ ଅଛେ। ଭିନେ ଭିନେ ଯୋଜନାରେ ହିତାଧିକାରୀକୁଁ ପାତରଅଁତର କରୁଥିବାର ଅଭିଯୋଗରେ ଗାଁବାସୀ ଦୁଇଭାଗ ହେଇ ଏନ୍ତା ଘିଚାଟନା ହେଉଥିବାର ସେ କହିଥିଲେ।

# ତେରାପନ୍ଥ ଯୁବକ ପରିଷଦର ରକ୍ତଦାନ ଶିବିର

**ଗୁଡଭେଲା/କୁରସୁଡ, ୨୦୧୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସିନ୍ଧେକେଲା ଗ୍ରାମସ୍ଥିତ ଅଗ୍ରୱାଲ ଜୈନ ତେରାପନ୍ଥ ଭବନରେ ସ୍ଥାନୀୟ ଜୈନ ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଓଡିଶା ପ୍ରାନ୍ତୀୟ ଅଧ୍ୟକ୍ଷ ଛତ୍ରପାଳ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଟିଟିଲାଗଡ ବ୍ଲଡ୍‌ବ୍ୟାଙ୍କରୁ ଗଜେନ୍ଦ୍ର ରାଉତ, ପରମେଶ୍ୱର କାଣ୍ଡ, କ୍ଷମା ସାଗର ରଣା, ଆଶିଷ ପୁରୋହିତ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ୪୭ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରୋଶନ ଜୈନ, ଶିତେଶ ଜୈନ, ମନୋଜ ଜୈନ, ପିୟୁଷ ଜୈନ, ସୋନୁ ଜୈନ, ଧିରଜ ଜୈନ, ମନୋରଞ୍ଜନ ଜୈନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ରକ୍ତ ପାଇଁ ଯେପରି କାହାରି ମୃତ୍ୟୁ ନ ହୋଇଯାଏ ତାହା ଉପରେ ଧ୍ୟାନ ଦିଆଯାଉଛି ବୋଲି ମତ ପ୍ରକାଶ କରନ୍ତି ପରିଷଦର ସଭାପତି ନବୀନ ଜୈନ ।



ଶିବିରରେ ଜଣେ ଯୁବକ ରକ୍ତ ଦାନ କରୁଛନ୍ତି ।

### ଅର୍ଜୁନପୁର ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ଦୃଢ଼ ଇଚ୍ଛାଶକ୍ତି ଅସମ୍ଭବକୁ ସମ୍ଭବ କରେ

**ଦେଓଗାଁ,୨୦୧୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି । ମଧ୍ୟାହ୍ନରେ ଅର୍ଜୁନପୁର ଉଚ୍ଚ ବିଦ୍ୟାଳୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହେମନ୍ତ ଦାସଙ୍କ ପରିଚାଳନା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିବେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୀତାରତ୍ନ ଯୁଗଳ କିଶୋର ପଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଆରସିସି ଶ୍ୟାମ ସୁନ୍ଦର ଦାଶ, ସମ୍ମାନୀତ ଅତିଥିଭାବେ ପ୍ରତିଷ୍ଠାତା ସଦସ୍ୟ ଅଲେଖ ଚନ୍ଦ୍ର ବିଶ୍ୱାଳ, ଆକୁଳ ଗଡତ୍ୟା, ହୃଷିକେଶ ପୁରୋହିତ, ଗୋପିନାଥ ନାଗ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରୁକ୍ମିଣୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱ ତଥା ପାଲେଶ୍ୱର ବାଗଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ତଥା ଓଡିଶା ବିଧାନ ସଭାରେ ବିରୋଧିଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଥାଏ। ଏଣୁ ସମସ୍ତେ ନିଜକୁ ଶ୍ରେଷ୍ଠ ବିବେଚନା କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ମଧୁସୁଦନ ପତି, ସମ୍ମାନୀତ ଅତିଥିଭାବେ ଯୁଗ୍ମ ନିର୍ଦ୍ଦେଶକ ପ୍ରୀତି ପ୍ରତିଭା ଭୋଲ ଓ ପଦ୍ମଶ୍ରୀ ଲୋକକବି ହଲଧର ନାଗ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ମରଣିକା 'ସୃଜନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପରେ ୧୯୮୪ ମସିହାରୁ ୨୦୧୮ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ମାର୍କ ରଖିଥିବା ଛାତ୍ରୀଛାତ୍ର ତଥା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲୋଇସିଂହାର ଶଙ୍କର ବେହେରା ଓ ସାଥିଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ରାବଣ ଦରବାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସ୍ଥାନୀୟ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ପରିଚାଳନା କମିଟି ତଥା ଗ୍ରାମବାସୀ ସହଯୋଗ କରିଥିଲେ ।





ଅର୍ଜୁନପୁର ହାଇସ୍କୁଲର ରଜତ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

### ଖପ୍ରାଖୋଲ ଅଞ୍ଚଳରେ ପୁଷ୍‌ପୁନି

# ଶୁଭିଲା ଛେ ଛେରଛେରାର ଡାକ

**ଖପ୍ରାଖୋଲ, ୨୦୧୯ (ଡି.ଏନ.ଏ.)**

ପଶ୍ଚିମ ଓଡିଶା ଅନ୍ୟତମ କୃଷିଭିତ୍ତିକ ଗଣପର୍ବ ହେଉଛି ପୁଷପୁନି । ପୂର୍ବରୁ ଗାଁଗାଁରେ ୧୫ଦିନ ଧରି ଏହି ପର୍ବ ପାଳନ ହେଉଥିଲା। ବିଭିନ୍ନ ସାଂସ୍କୃତିକ ଦଳ ଗାଁ ଏମୁଣ୍ଡରୁ ସେ ମୁଣ୍ଡ ଯାଏଁ କାର୍ଯ୍ୟକ୍ରମ ପରିବେଷଣ କରି ଛେରଛେରା ମାଗୁଥିଲେ। ହେଲେ ଏବେ କାଁ ଭାଁ ଏପରି ଦେଖିବାକୁ ମିଳୁଛି। ଏହିକ୍ରମରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ରବିବାର ପୁଷପୁନି ପାଳିତ ହୋଇଯାଇଛି । ସକାଳୁ ଛୋଟ ପିଲାମାନେ ଘର ଘର ବୁଲି ଛେ ଛେରଛେରା ଡାକ ଦେଇ ଧାନ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ଅତୀତ ସଂସ୍କୃତି, ପରମ୍ପରାକୁ ବଞ୍ଚାଇବାକୁ ଯାଇ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବେନକେରା ଗାଁରେ ଦଣ୍ଡନୃତ୍ୟ କଳାକାରମାନେ ଦଣ୍ଡା ନୃତ୍ୟ ପରିବେଷଣ କରି ଛେରଛେରା ସଂଗ୍ରହ କରୁଥିଲେ । ଗାଁ ଗାଁରେ ଭୋଜି ଭାତର ଆସର ମଧ୍ୟ ଦେଖିବାକୁ ମିଳିଥିଲା ।





ଓଡିଆପାଲି ପଞ୍ଚାୟତର ବୁଢିବାହାଲ ଗାଁରେ ପିଲାମାନେ ଛେରଛେରା ମାଗୁଛନ୍ତି।

# ବ୍ଲକଗ୍ରାଣ୍ଟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମାବେଶ

**ପାଟଣାଗଡ, ୨୦୧୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡସ୍ଥିତ ଜୟରାମ ମେହେର ହାଇସ୍କୁଲ ବାଲିପଟାଠାରେ ବ୍ଲକଗ୍ରାଣ୍ଟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଏକ ବୈଠକ ପାଟଣାଗଡ ବ୍ଲକ ସଭାପତି ମହାଦେବ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲା ଓଷ୍ଟା ସମ୍ପାଦକ କୁଶଧ୍ୱଜ ସାହୁ, ସମ୍ମାନୀତ ଅତିଥିଭାବେ ଜଳନ୍ଧର ମହାଖୁଡ, କମଳ ନେତ୍ର ହୋତା, ବ୍ଲକ ସମ୍ପାଦକ ସଞ୍ଜୀବ କୁମାର ହୋତା ଯୋଗଦେଇଥିଲେ। କର୍ମଚାରୀମାନଙ୍କର ଗ୍ରେଡ ପେରେ ଥିବା ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ନାର୍ଯ୍ୟ ଦାବିକୁ ଯଥାର୍ଥ ବୋଲି ଜିଲା ସମ୍ପାଦକ ମତବ୍ୟକ୍ତ କରିଥିଲେ। ଉକ୍ତ ଦାବିଗୁଡିକୁ ଜିଲା ଶିକ୍ଷାଧୀଶ ଆଗାମୀ ଦିନରେ ଯଦି ପୂରଣ ନକରନ୍ତି ତାହେଲେ ଜିଲା ଶିକ୍ଷାଧୀଶଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ପାଟଣାଗଡ, ବେଲପଡା, ଖପ୍ରାଖୋଲ, ତୁରେକେଲା ବ୍ଲକର ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗଦେଇଥିଲେ। ପାଟଣାଗଡ ବ୍ଲକ ସମ୍ପାଦକ ସଞ୍ଜୀବ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସଫଳ କରିବାରେ ସୂର୍ଯ୍ୟଭାନୁ ବାଗ, ବବୃବାହନ ପୁରୋହିତ, ହେମସାଗର ପୁରୋହିତ, ବଲ୍ଲଭ ପୁଞ୍ଜି, ଶମ୍ଭୁ ଭୁଏ, ଜିତେନ୍ଦ୍ର ତାଣ୍ଡି, ଅକ୍ରୂର ଚାନ୍ଦ ସହଯୋଗ କରିଥିଲେ।

# ରୋଗୀ କଲ୍ୟାଣ ସମିତିର ବୈଠକ

**କଣ୍ଟାବାଞ୍ଜି, ୨୦୧୯ (ଡି.ଏନ.ଏ.)**

କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ରୋଗୀ କଲ୍ୟାଣ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଣ୍ଟାବାଞ୍ଜି ହସପିଟାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିଦାନ ଯୋଜନାରେ ଦିଆଯାଉଥିବା ମାଗଣା ଔଷଧ ଠିକ୍‌ଭାବେ ଦିଆଯାଉଛିକିନାହିଁ, ଷ୍ଟକ ପୋଜିସନ ସୂଚନା ଫଳକରେ ଦର୍ଶାଇବା, ଡାକ୍ତରଖାନା ପରିସର ସଫାସୁତୁରା ରଖିବା ସହିତ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ଉପରେ ଆଲୋଚନା ହୋଇଥିଲା । ଏପରିକି କଣ୍ଟାବାଞ୍ଜି ବ୍ଲଡ ବ୍ୟାଙ୍କକୁ ଯୋଗାଇଥିବା ବିଭିନ୍ନ ଯନ୍ତ୍ରପାତିର ଟଙ୍କା ସମ୍ପୃକ୍ତ ଠିକାଦାରଙ୍କୁ ୩ଦିନ ମଧ୍ୟରେ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହସପିଟାଲରେ ନୂତନ ୱାର୍ଡ ଗଠନ ପାଇଁ ୪୮ଲକ୍ଷ ଟଙ୍କା ସହ ତୁରେକେଲା, ମୁରିବାହାଲ ସିଏଚସିରେ ନୂତନ ଓପିଡି ନିର୍ମାଣ ପାଇଁ ସରକାରୀ ଅନୁଦାନ ମିଳିଥିବା ନେଇ ବିଧାୟକ ତଥା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ଆୟୁବ ଖାଁ ସୂଚନା ଦେଇଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପି.କେ.ପାତ୍ର, ସିଡିପିଓ ତୁରେକେଲା, ପିଡବ୍ଲୁଡି ଏସଡିଓଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

### ଜଗନ୍ନାଥ ଚେତନା ସଂଘର ବାର୍ଷିକ ଉତ୍ସବ

**ଦେଓଗାଁ,୨୦୧୯(ଡି.ଏନ.ଏ.)**

ବଲାଙ୍ଗୀର ସଦରବ୍ଲକ ଭୂତିଆରବାହାଲ ସ୍ଥିତ ଶ୍ରୀ ଜଗନ୍ନାଥ ଚେତନା ସଂଘର ୪ର୍ଥ ବାର୍ଷିକ ଉତ୍ସବ ଭୂତିଆରବାହାଲରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ଚେତନା କମିଟି ଅନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ଟିକେଯୋରରୁ ଶତାଧିକ ମହିଳା ପୂର୍ଣ୍ଣକଳସ ଜଳ ଧାରଣ କରି ପୂଜା ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ଅଧିବାସ କାର୍ଯ୍ୟ ସହ ଠିନିଠାକୁରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ଶୁଶାନ୍ତ ଦାଶ ଓ ରାଜେନ୍ଦ୍ର ଶତପଥୀ ପୂଜକ ଦାୟିତ୍ୱ ତୁଲାଇଥିଲେ । କର୍ତ୍ତାଭାବେ ପ୍ରସନ୍ନ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଶାନ୍ତନୁ କୁମାର ମିଶ୍ରଙ୍କ ସଂଯୋଜନା ଓ ସଭାପତି ଡିଗେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ୬ଟିସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ପରେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସମ୍ପାଦକ ବିଜୟ କୁମାର ଚୌଧୁରୀ, ଅନି ଭାଟି, ବିଜୟ ଭୋଇ, ପରମାନନ୍ଦ ଚୌଧୁରୀ, ଶଶି ବର୍ଗତ୍ତି, ବଳରାମ ଭୋଇ, ପ୍ରକାଶ ଭୋଇ, ବାଳକୃଷ୍ଣ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

### ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଘାଟିତ

# 'ବ୍ୟସ୍ତବିବ୍ରତ ଜୀବନକୁ ନାଟକ ରୋମାଞ୍ଚିତ କରେ'

**ବଲାଙ୍ଗୀର ଅଫିସ,୨୦୧୯**

୧୨ତମ ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବ ରବିବାର ବଲାଙ୍ଗୀର କୋଶଳକଳା ମଣ୍ଡଳ ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଛି । ରବିବାର ସକାଳୁ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା । ମଠଖାଇ ପାହାଡ ପାଦଦେଶରେ ଥିବା ମଠଖାଇ ମନ୍ଦିରରୁ ଅଣାଯାଇଥିବା ଜ୍ୟୋତିକୁ ମହୋତ୍ସବ ଆୟୋଜନ କମିଟି ଅଧ୍ୟକ୍ଷ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଗ୍ରହଣ କରିଥିଲେ । ଏହାପରେ କୋଶଳକଳା ମଣ୍ଡଳୀ ପଡିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ଅଧ୍ୟକ୍ଷ ମିଶ୍ରଙ୍କ ସହ ମଞ୍ଚ ଅଭିନେତା ସତ୍ୟନାରାୟଣ ବେହେରା, ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟକାର ସନାତନ ଠାକୁର, ବିଜୟ ତ୍ରିପାଠୀ, ଭୂମିକା ଅନୁଷ୍ଠିତ ସଭାପତି ରୁଦ୍ରଦେବ ପ୍ରଧାନ, ପୂର୍ବତନ ବିଧାୟକ ରମାକାନ୍ତ ସେଠ୍, ଟୁନା ମହାନ୍ତି, ଚିତ୍ତ ଦାଶ, ଧର୍ମେନ୍ଦ୍ର ନନ୍ଦ, ଗୋପଳ ପାଣିଗ୍ରାହୀ, ପ୍ରମୋଦ ତ୍ରିପାଠୀ, ଉମାକାନ୍ତ ସାହୁ, ଅସୀମ ଭୋଇ ଓ ଅନ୍ୟମାନେ ସହର ପରିକ୍ରମା କରିଥିଲେ । ଇଷ୍ଟଦେବୀ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା କଳାମଣ୍ଡଳ ପଡିଆକୁ ଫେରିଥିଲା । ଏହି ଶୋଭାଯାତ୍ରାରେ ମ୍ୟାନେଜର ଜଗଦୀଶ ବର୍ଗତ୍ତି ଓ ଗାୟକ ଧନସିଂ ସାହୁଙ୍କ ନେତୃତ୍ୱରେ ଗଧାପାଲି ଶ୍ରୀ ଜଗନ୍ନାଥ ସମ୍ପ୍ରଦା, ମେନେଜର ସୁଦାମ ବିଶି, ଗାୟକ ଉମ୍ବରୁଧର ଧରୁଆ ଓ ଚୈତନ୍ୟ ବିଶିଙ୍କ ନେତୃତ୍ୱରେ ପରୁଆଭାଟି ଶ୍ରୀରାଧା ସମ୍ପ୍ରଦା ଦଳ ପକ୍ଷରୁ ସମ୍ପ୍ରଦା ନୃତ୍ୟ, ଶିବପ୍ରସାଦ ସାହୁ ଓ ଗୁରୁଦେବ ସାହୁଙ୍କ ନେତୃତ୍ୱରେ ଭରସୁଜା କାର୍ନି ଅନୁଷ୍ଠାନର ପରଭା ନୃତ୍ୟ ପରିବେଷଣ କରାଯାଇଥିଲା ।

ସନ୍ଧ୍ୟାରେ କୋଶଳକଳା ମଣ୍ଡଳ ନୂଆ ରଙ୍ଗମଞ୍ଚରେ ପ୍ରଥମେ ଦୁଲଦୁଲି କଳାକାର ସଂଘ ପକ୍ଷରୁ ବଜନିଆ ନୃତ୍ୟ ପରିବେଷଣ କରାଯାଇଥିଲା । ଭୂମିକା ଅନୁଷ୍ଠାନ ସଭାପତି ରୁଦ୍ରଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟା ସଭାରେ ମଠଖାଇ ମହୋତ୍ସବ ଅଧ୍ୟକ୍ଷ ବିଧାୟକ ମିଶ୍ର, ମୁଖ୍ୟଅତିଥି ଜଷ୍ଟିସ ଜେ.ପି.ଦାସ, ମୁଖ୍ୟବକ୍ତା ଗୋପାଳକୃଷ୍ଣ ମହାପାତ୍ର ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ସତ୍ୟସୁନ୍ଦର ଭଞ୍ଜ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ମୁଖ୍ୟଅତିଥି ଜଷ୍ଟିସ ଦାସ ତାଙ୍କ ବକ୍ତବ୍ୟରେ କ୍ରମଶଃ ବ୍ୟସ୍ତବିବ୍ରତ ହୋଇପଡୁଥିବା ମଣିଷ ଜୀବନରେ ମନୋରଞ୍ଜନ, ନାଟକ, କଳା ଓ ସଂସ୍କୃତି କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଓ ଏହା କିଭଳି ମଣିଷକୁ ଅଧିକ ରୋମାଞ୍ଚିତ ଓ ସୁସ୍ଥ ରଖେ ସେନେଇ କହିଥିଲେ । ନାଟକ, ଲୋକକଳା ଓ ସଂସ୍କୃତି ମାଧ୍ୟମରେ ସାମାଜିକ ଏକତା, ଅର୍ଥନୈତିକ ପ୍ରଗତି ଓ କୁସଂସ୍କାରମୁକ୍ତ ସମାଜ ଗଠନ ଲକ୍ଷ୍ୟ ନେଇ ଏହି ସର୍ବଭାରତୀୟ ମଠଖାଇ ମହୋତ୍ସବର ପରିକଳ୍ପନା କରାଯାଇଛି ବୋଲି ଅଧ୍ୟକ୍ଷ ମିଶ୍ର କହିଥିଲେ । ମୁଖ୍ୟବକ୍ତା ମହାପାତ୍ର ବଲାଙ୍ଗୀରର ନାଟକ, କଳା ଓ ସଂସ୍କୃତିର ଐତିହାସିକ ଉପଲବ୍ଧ ଓ ପରମ୍ପାର ଉପରେ କହିଥିଲେ । ଏହି ଅବସରରେ ମ୍ୟାଟ୍ରିକ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ର ହିମାଂଶ ଶେଖର ସାହୁଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରଥମ ଦିନର ମଠଖାଇ ମଞ୍ଚକୁ ସ୍ୱର୍ଗତ ନିତ୍ୟାନନ୍ଦ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା । ସଭାପରେ ଭୁବନେଶ୍ୱରର ଜୀବନରେଖା ଅନୁଷ୍ଠାନ ପକ୍ଷରୁ ଚର୍ଚ୍ଚିତ ଓଡିଆ ନାଟକ ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ ମଞ୍ଚସ୍ଥ ହୋଇଥିଲା। ଡ ବିଜୟ ମିଶ୍ରଙ୍କ ରଚିତ ତଥା ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଦୀପନ୍ୱିତ୍, ଦାଶ ମହାପାତ୍ର ଓ ମାମା ସାମଲ ପରିଡା ନିଖୁଣ ଅଭିନୟ କରିଥିଲେ । ବିଶ୍ୱଜିତ୍ ରାଉତ୍ ସଙ୍ଗୀତ ପରିଚାଳନା କରିଥିବାବେଳେ ଚିନ୍ତାମଣି ବିଶ୍ୱାଳ ମଞ୍ଚସଜ୍ଜା, ଶୁଭ୍ରାଂଶୁ ଶେଖର ପରିଡା ଆଲୋକ ସଜ୍ଜା, ଅଶୋକ କର, ସିଦ୍ଧାର୍ଥ ରାଏ ଓ ଅମରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । ନାଟକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।







ମଠଖାଇ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ଓଡିଆ ନାଟକ ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇର ଏକ ଦୃଶ୍ୟ(ବାମ) । ନାଟ୍ୟପ୍ରେମୀମାନେ ଥିଏଟର ମାର୍ଚ୍ଚରେ ସହର ପରିକ୍ରମା କରୁଛନ୍ତି ।



ନିଜର ଅହଂ ଭାବକୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ଅନ୍ୟର ନିନ୍ଦା କରନ୍ତି ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି।
-କନ୍ଫୁସିୟସ



## ସଂକ୍ଷେପରେ

### ଜୀବନବୀମା ଜାତୀୟକରଣ ଦିବସ ପାଳନ

**ଝାରସୁଗୁଡ଼ା ଅଫିସ,୨୦।୧**-ଝାରସୁଗୁଡ଼ା ବେହେରାମାଲସ୍ଥିତ ଜୀବନଜ୍ୟୋତି ଭବନରେ ଶନିବାର ୬୩ତମ ଜୀବନବୀମା ଜାତୀୟକରଣ ଦିବସ ପାଳନ ହୋଇଛି। ବୀମା କର୍ମଚାରୀ ଆଶିଷ ଶୁକ୍ଲାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ରତ୍ନାକର ପ୍ରଧାନ, ଗୋପୀନାଥ ମିଶ୍ର, କନକ ନାୟକ, ଦମୟନ୍ତୀ ଲୁହା, ଉଦିତ ଉର୍ମା, ତ୍ରିନାଥ କାଲୋ, ଅରୁଣ ଚଇନି, ତୁଳାରାମ ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତା ପୂର୍ବରୁ ୨୪୫ଟି ଘରୋଇ କମ୍ପାନୀ ହାତରେ ବୀମା ବ୍ୟବସାୟ ରହିଥିଲା। ଘରୋଇ କମ୍ପାନୀଗୁଡ଼ିକ ମନମୁଖି ବ୍ୟବସାୟ କରୁଥିଲେ। ସ୍ୱାଧୀନତା ପରେ ସେଗୁଡ଼ିକୁ ଜାତୀୟକରଣ କରାଯାଇଥିଲା ବୋଲି ଅତିଥିମାନେ କହିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲଖନପୁର,୨୦।୧(ଡି.ଏନ୍.ଏ.)**-ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ତେଲେନପାଲି ଗ୍ରାମର ଏକ ଘରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ହେଲେ କାର୍ତ୍ତିକ ବାଗଙ୍କ ପୁଅ ନରେଶ (୨୩)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବନହରପାଲି ଥାନାରେ ମାମଲା (ନଂ୨/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପାରିବାରିକ କଳହରୁ ନରେଶ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ନିଶା ନିବାରଣ କେନ୍ଦ୍ରକୁ ଗଲେ ଯୁବକ

**ଝାରସୁଗୁଡ଼ା ଅଫିସ,୨୦।୧**-ଝାରସୁଗୁଡ଼ା ଜିଲା ଆଇନସେବା ପ୍ରାଧିକରଣ ହସ୍ତକ୍ଷେପ ପରେ ଜଣେ ନିଶାସକ୍ତ ଯୁବକଙ୍କ ଚିକିତ୍ସା ଓ ଥଇଥାନ ହୋଇଛି। ଯୁବକଙ୍କ ଚିକିତ୍ସା ଓ ଥଇଥାନ ପାଇଁ ପରିବାର ଲୋକେ ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ପ୍ରାଧିକରଣ ଅଧକ୍ଷ ଆର୍.କେ. ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସଚିବ ଜାନକୀ ବିଶ୍ୱାଳ ଯୁବକଙ୍କୁ ନିଶା ନିବାରଣ କେନ୍ଦ୍ରରେ ଥଇଥାନ କରାଇଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ବୀନିତା ଡାଙ୍ଗଙ୍କ ସହଯୋଗରେ ନିଶା ନିବାରଣ କେନ୍ଦ୍ରର ଜନ୍ ୱିଲିୟମ୍ସ ଯୁବକଙ୍କୁ ଉଦ୍ଧାର କରି ନିଶା

■ କିଏ ହେବ ଝାରସୁଗୁଡ଼ା କଂଗ୍ରେସର ମଙ୍ଗୁଆଲ

# ତିନି ଭେଟେରାନ୍‌ଙ୍କ ଉପରେ ନଜର

**ଝାରସୁଗୁଡ଼ା ଅଫିସ,୨୦।୧**

୨୦୧୯ ସାଧାରଣ ନିର୍ବାଚନକୁ ଆଉ କମ୍ ଦିନ ବାକି ରହିଛି। ସବୁଠି ରାଜନୈତିକ ଆଲୋଚନା, ପର୍ଯ୍ୟାଲୋଚନା। ଦଳ ଏବଂ ଦଳୀୟ ପ୍ରାର୍ଥୀଙ୍କୁ ନେଇ ପୂର୍ବାନୁମାନ। କିଏ କୁଆଡ଼େ ଯିବ ଏବଂ କେଉଁ ଦଳର ଅବସ୍ଥା କ'ଣ ହେବ ତାକୁ ନେଇ ଅଙ୍କକଷା ଆରମ୍ଭ ହେଲାଣି। ସମସ୍ତ ରାଜନୈତିକ ଦଳ ନିଜ ସ୍ଥିତି ଦୃଢ଼ କରିବାକୁ ଅଣ୍ଟା ଭିଡୁଛନ୍ତି। ଏଭଳି ପରିସ୍ଥିତିରେ କଂଗ୍ରେସକୁ ଲାଗିଛି ଝଟକା। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ କଂଗ୍ରେସ ଛାଡ଼ି ବିଜେଡିର ଶିବିରରେ ଉଭା ହେଲେଣି। ଦଳରୁ ନବଙ୍କ ଇସ୍ତଫା ପରେ କଂଗେସ କଠୋର ହୋଇଛି। ବିଶୃଙ୍ଖଳିତ ଆଚରଣ ପାଇଁ ସୁନ୍ଦରଗଡ଼ ବିଧାୟକ ଯୋଗଶେ ସିଂଙ୍କୁ ନିଲମ୍ବନ ଏବଂ ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଏଭଳି କଠୋର ପଦକ୍ଷେପ ନେଇ କଂଗ୍ରେସ ଅନ୍ୟ ବିଶୃଙ୍ଖଳିତ ଆଚରଣ କରୁଥିବା ନେତାଙ୍କୁ ସତର୍କ



ହେମାନନ୍ଦ ବିଶ୍ୱାଳ



କିଶୋର ଚନ୍ଦ୍ର ପଟେଲ



ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ।

କରାଇବା ସହ ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ ଚେଷ୍ଟା କରୁଛି।

୨୦୦୯ରୁ ଝାରସୁଗୁଡ଼ା ଜିଲା କଂଗ୍ରେସ ସଙ୍ଗଠନକୁ ବିଧାୟକ ଦାସ ନିଜ ଅକ୍ତିଆରରେ ରଖିଥିଲେ। ଦୁଇ ଦୁଇଟି ସାଧାରଣ ନିର୍ବାଚନ, ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନରେ ଦାସ କଂଗ୍ରେସର ମଙ୍ଗ ଧରିଥିଲେ। କେବଳ ପୌର ନିର୍ବାଚନରେ କଂଗ୍ରେସ ଆଶାଜନକ ସଫଳତା ପାଇ ନ ଥିବାବେଳେ ପଞ୍ଚାୟତ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିଲା। ବର୍ତ୍ତମାନ ନବଙ୍କ ଇସ୍ତଫା ପରେ ଜିଲା କଂଗ୍ରେସ ରଜନୀତି ଶାନ୍ତ ପଡ଼ିଯାଇଛି। କର୍ମୀ ମହଲରେ ନୈରାଶ୍ୟ ଖେଳିଯାଇଥିବା ବେଳେ ଦଳକୁ ସଙ୍ଗଠିତ କରିବାକୁ ତିନିଜଣ ଭେଟେରାନ୍ ନେତା ଉଭା ହୋଇଛନ୍ତି। ସେମାନେ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବାଚସ୍ପତି କିଶୋର ପଟେଲ ଏବଂ ତିନିଥର ବିଧାୟକ ହୋଇଥିବା ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ। ଜିଲା କଂଗ୍ରେସକୁ ସଞ୍ଜୀବନୀ ଦେବା ପାଇଁ ଏହି ଭେଟେରାନ୍ ନେତା ରଣନୀତି ପ୍ରସ୍ତୁତ କରୁଛନ୍ତି। ଖୁବଶୀଘ୍ର ଜିଲା ରାଜନୀତିରେ କଂଗ୍ରେସର ଉପସ୍ଥିତିକୁ ସ୍ପଷ୍ଟ କରିବେ ବୋଲି କହିଛନ୍ତି। ଜିଲା ରାଜନୀତିକୁ ନେଇ ହେମାନନ୍ଦ ବିଶ୍ୱାଳ ଏଆଇସିସି ସହ ବରାବର ସମ୍ପର୍କରେ ରହିଥିବା ବେଳେ ବୀରେନ୍ଦ୍ର ପାଣ୍ଡେ ରବିବାର ପିସିସି ସଭାପତିଙ୍କୁ ଭେଟିଛନ୍ତି। ସୋମବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ତିନି ଭେଟେରାନ୍ ରୂପରେଖ ସ୍ପଷ୍ଟ କରିବେ ବୋଲି ପୂର୍ବତନ ବାଚସ୍ପତି ପଟେଲ ସୂଚନା ଦେଇଛନ୍ତି। ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଆସିବେ। ଏହି ଅବସରରେ ବିଧାୟକ ନବ ଦାସ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେବେ। ତେବେ ସେହିଦିନ ଜଣାପଡ଼ିବ ଜିଲା କଂଗ୍ରେସର କେଉଁମାନେ ନବଙ୍କ ସହ ଯିବେ ଏବଂ କେଉଁମାନେ କଂଗେସରେ ରହିବେ। ନବଙ୍କ ସୁପାରିସରେ ଜିଲା କଂଗ୍ରେସ କମିଟି ଗଠନ ହେବା ସହ ନଟି ଜୋନ୍ ସଭାପତି ଚୟନ ହୋଇଥିଲା। ତେଣୁ ଜିଲା କଂଗ୍ରେସ କମିଟି ପୁନର୍ଗଠନ ନେଇ ମଧ୍ୟ ଆଲୋଚନା ହେଉଛି। ତେବେ ୨୪ ତାରିଖ ପରେ ହିଁ ସ୍ଥିତି ସ୍ପଷ୍ଟ ହୋଇଯିବ ବୋଲି ପୂର୍ବତନ ବିଧାୟକ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ କହିଛନ୍ତି। କଂଗ୍ରେସରୁ ନବଙ୍କ ଇସ୍ତଫା ପରେ ଭେଟେରାନଙ୍କ ସକ୍ରିୟତା ଦଳକୁ କେତେ ଫାଇଦା ଦେବ ତାହା ୨୦୧୯ ନିର୍ବାଚନ ଫଳାଫଳ ହିଁ କହିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ**
**ହଗୁଣ୍ଡ ମୁତୁଣ୍ଡ ଗୀତ ଗାଏ ।**

ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ପଦବୀ ମୋହରେ ନିଜର ବଡ଼ଲୋକୀ ଦେଖେଇ ହୁଅନ୍ତି। ସେହିପରି ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଫୁଲା ଗଇଣ ଫୁଲୁଛ କେତେ ?**
**ଫୁଲିବାକୁ ଦିନ ନାହିଁ କି ତତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ତେଜିଲା ଦଳ ବଦଳ ରାଜନୀତି

# କଂଗ୍ରେସରେ ମିଶିଲେ ଭାଜପା ନେତା



ମିଶ୍ରଣ ପର୍ବରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ।

**ବ୍ରଜରାଜନଗର,୨୦।୧(ଡି.ଏନ୍.ଏ.)**-ସ୍ଥାନୀୟ ଗୋପବନ୍ଧୁ ଛକ ନିକଟ କଂଗ୍ରେସ ଭବନରେ ଏକ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ପୂର୍ବତନ ଭାଜପା ଯୁବମୋର୍ଚ୍ଚା ସଭାପତି ରାଜେଶ ଶାହିସ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ କଂଗ୍ରେସରେ ଯୋଗଦେଇଛନ୍ତି। ପୂର୍ବତନ ମନ୍ତ୍ରୀ, ବାଚସ୍ପତି ତଥା ବରିଷ୍ଠ ନେତା କିଶୋର ପଟେଲଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦଳରେ ଶତାଧିକ ଯୁବକଙ୍କ ଯୋଗଦାନ ଯୋଗୁ କଂଗ୍ରେସ ଶିବିରରେ ଏକ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ଅନେକ ଅସନ୍ତୁଷ୍ଟ ଭାଜପା ଓ ବିଜେଡି କର୍ମୀ ଦଳରେ ଯୋଗଦେବେ ବୋଲି ବରିଷ୍ଠ କଂଗ୍ରେସ ନେତା ଜ୍ୟୋତୀନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ଦିନରେ ବ୍ରଜରାଜନଗର ମାଟିରୁ ଉତ୍ପାଦିତ କୋଇଲା ଇବ୍ ନଦୀ ପାର୍ କରିଦିଆଯିବ ନାହିଁ। ତାହାର ଦର, ପରିବହନ ବ୍ରଜରାଜନଗର ମାଟିର ନେତୃମଣ୍ଡଳୀ ନିର୍ଦ୍ଧାରଣ କରିବେ। ଏ ମାଟିର ଖଣିଜ ସମ୍ପଦରୁ ଉତ୍ପାଦିତ ଦ୍ରବ୍ୟ ଉପରେ ଝାରସୁଗୁଡ଼ା ନେତାମାନେ ଯେଉଁ ଫାଇଦା ହାସଲ କରୁଛନ୍ତି ତାହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅବସରରେ ପଟେଲ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଦଳର ସହର ସଭାପତି ପ୍ରମୋଦ ପଣ୍ଡା, ଯୁବ କଂଗ୍ରେସ ସଭାପତି ଅମନ ଘୋଷ, ସଦାନନ୍ଦ ବିଶି, ଆଲୋକ ପଣ୍ଡା, ରାମଦାସ ପଣ୍ଡା, ନିର୍ମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଲୁଟ୍ ବେଳେ ଅଭିଯୁକ୍ତକୁ କାବୁକଲେ ଯବାନ

**ଝାରସୁଗୁଡ଼ା ଅଫିସ,୨୦।୧**

ଜଣେ ପୋଲିସ ଯବାନଙ୍କଠାରୁ ଟଙ୍କା ଏବଂ ମୋବାଇଲ ଛଡ଼ାଇନେବା ଅଭିଯୋଗରେ ଜିଆର୍‌ପି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତଲିଭଟାର ଏମ୍‌ଡି. ଆସିଫ୍ (୩୦) ଏବଂ ସୌରଭ ଅହମଦ୍ (୨୬)। ଏମାନଙ୍କଠାରୁ ପୋଲିସ ଦୁଇଟି ମୋବାଇଲ ଜବତ କରିଥିବାବେଳେ ଚୋରି ହୋଇଥିବା ୯୫୦୦ ଟଙ୍କା ଉଦ୍ଧାର ହୋଇନାହିଁ। ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ମୁତାବକ, କଳାହାଣ୍ଡିସ୍ଥିତ ୯ମ ସ୍ୱତନ୍ତ୍ର ଆଇଆର୍ ବାଟାଲିୟନରରେ କାର୍ଯ୍ୟରତ ଯବାନ ଜଜିଦ୍ କୁଜୁର ବହ୍ମଗିରିରୁ ନିଜ ଘର ସୁନ୍ଦରଗଡ଼ ଜିଲା ରଙ୍ଗିଆଢିପାକୁ ଫେରୁଥିଲେ। ସକାଳେ ଟ୍ରେନ୍‌ରୁ ଓହ୍ଲାଇ ବସ୍‌ଷ୍ଟାଣ୍ଡ ଆଡ଼କୁ ଯାଉଥିବାବେଳେ ରାସ୍ତାରେ ୪ ଜଣ ଯୁବକ ତାଙ୍କଠାରୁ ମୋବାଇଲ ଏବଂ ପର୍ସ ଛଡ଼ାଇ ନେଇଥିଲେ। ୪ ଅଭିଯୁକ୍ତଙ୍କ ମଧ୍ୟରୁ ଆସିଫ୍‌ଙ୍କୁ କାବୁ କରି ଜିଆର୍‌ପି ହେପାଜତରେ ଦେଇଥିଲେ ଜଜିଦ୍। ପୋଲିସ ଆସିଫଙ୍କୁ ଗିରଫ କରିବା ସହ ପଚରାଉଚୁରା କରିଥିଲା। ଆସିଫଙ୍କ ସୂଚନା ଆଧାରରେ ସୌରଭଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତ ଏମ୍‌ଡି. ଚାନ୍ଦ ଏବଂ ଏମ୍‌ଡି. ଜାମିଲ ଫେରାର ହୋଇଯାଇଥିବା ପୋଲିସ କହିଛି।

# ମିର୍ଦ୍ଧାଡେରା ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

**ବେଲପାହାଡ଼,୨୦।୧(ଡି.ଏନ୍.ଏ.)**-ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ମିର୍ଦ୍ଧାଡେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଆରୋଗ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ ଏହି ଶିବିରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ୧୧ନଂ ୱାର୍ଡର ୨୫୪ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା। ଟିଆର୍‌ଏଲ୍ କ୍ରୋସାକି ଲୋକସମ୍ପର୍କ ଓ ସିଏସ୍‌ଆର୍ ବିଭାଗ ଅଧିକାରୀ ଶଶାଙ୍କ ଦୀକ୍ଷିତ ଓ ପ୍ରସନ୍ନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଟିଆର୍‌ଏଲ୍ ହସ୍ପିଟାଲର ଚିକିତ୍ସକ ଡା. ଏସ୍.କେ. ଜଗଦଲା ଓ ଡା. ବିଶ୍ୱଜିତ ଦାଶ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ସାଇପ୍ରକାଶ ମହାନ୍ତିଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଟିଆର୍‌ଏଲ୍ କର୍ମଚାରୀ ଭାସ୍କର ରାଣା, ଗୌରାଙ୍ଗ ପଣ୍ଡା, ଅକ୍ଷୟ ସିଂ, ଭୀମସେନ ସିଂ ପ୍ରମୁଖ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ବସ୍‌ଷ୍ଟାଣ୍ଡରୁ ବ୍ୟାଟେରି, ସାଇକେଲ ଚୋରି

**ଲଖନପୁର,୨୦।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ତେଲେନପାଲି ବସ୍‌ଷ୍ଟାଣ୍ଡରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଏକ ହାଇୱା ଗାଡ଼ିରୁ ୨ଟି ବ୍ୟାଟେରି ଓ ଏକ ସାଇକେଲ ଦୋକାନରୁ ଗୋଟିଏ ସାଇକେଲ ଚୋରିକରି ନେଇଛନ୍ତି। ଏନେଇ ହାଇୱା ମାଲିକ ଗୁରୁଚରଣ ପ୍ରଧାନ ଓ ସାଇକେଲ ଦୋକାନୀ ମହେନ୍ଦ୍ର ରଣା ପୋଲିସକୁ ଅବଗତ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ ମାମଲା ରୁଜୁ ହୋଇନାହିଁ। ଥାନା ପାଚେରିକୁ ଲାଗିଛି ତେଲେନପାଲି ବସ୍‌ଷ୍ଟାଣ୍ଡ। ଏଠାରେ ପ୍ରତିଦିନ ରାତିରେ କେତେକ ହାଇୱା ଓ ବସ୍ ପାର୍କିଂ ହେଉଛି। ବସ୍‌ଷ୍ଟାଣ୍ଡକୁ ଲାଗି ଓପିଜିସି ପ୍ରକଳ୍ପର ଏକ ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହି ମାର୍କେଟ୍‌ରେ ଏକ ସାଇକେଲ ଦୋକାନ ରହିଛି। ଦୋକାନ ମାଲିକ ମରାମତି ପାଇଁ କେତେକ ସାଇକେଲକୁ ଚେନ୍‌ରେ ତାଲା ପକାଇ ଦୋକାନ ସମ୍ମୁଖରେ ରଖିଥିଲେ। ଦୁର୍ବୃତ୍ତମାନେ ଚେନ୍ କାଟି ଗୋଟିଏ ସାଇକେଲ ଚୋରିକରି ନେଇଛନ୍ତି। ସେହିଭଳି ହାଇୱା ଗାଡ଼ିରେ ଲାଗିଥିବା ୨ ବ୍ୟାଟେରି ଖୋଲି ନେଇଇଛନ୍ତି। ଥାନା ପାଚେରିକୁ ଲାଗି ବସ୍‌ଷ୍ଟାଣ୍ଡ ରହିଥିବାବେଳେ ଏଠାରେ ହାଇମାଷ୍ଟ, ଷ୍ଟ୍ରିଟ ଲାଇଟ ଜଳୁଛି। ସମଗ୍ର ବସ୍‌ଷ୍ଟାଣ୍ଡ ଅଞ୍ଚଳ ରାତିରେ ଆଲୋକିତ ରହୁଛି। ସୁରକ୍ଷା ପାଇଁ ତେଲେପାଲି ମାର୍କେଟରେ ରାତିରେ ହୋମ୍‌ଗାର୍ଡ ମୁତୟନ ହେଉଛନ୍ତି। ତଥାପି ଥାନା ପଛପଟେ ଥିବା ମଙ୍ଗଳବଜାର ଓ ବସ୍‌ଷ୍ଟାଣ୍ଡରେ ବାରମ୍ବାର ଚୋରି ହେଉଛି। ଟ୍ରକ୍, ଟ୍ରାକ୍ଟର, ହାଇୱା ଆଦି ଗାଡ଼ି ରାତିରେ ଠିଆହୋଇ ରହୁଥିବବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଡିଜେଲ ଚୋରି କରିବାରେ ଲାଗିଛନ୍ତି। ଏ ସମ୍ପର୍କରେ ପୋଲିସରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି।



ପ୍ରତିଯୋଗୀ ଚିତ୍ରାଙ୍କନ କରୁଛନ୍ତି।

# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୨୦।୧**

ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ରବିବାର ସରବାହାଲ ସରକାରୀ ହାଇସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଛି। ୧ମରୁ ୫ମ, ୬ଷ୍ଠରୁ ୮ମ, ୯ମରୁ ୧୦ମ ଏବଂ +୨ ଓ +୩ ଭଳି ୪ଟି ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। +୨ ଓ +୩ ବର୍ଗରେ ପାୟଲ ଅଗ୍ରୱାଲ ପ୍ରଥମ, ସଞ୍ଜନା ସାହୁ ଦ୍ୱିତୀୟ ଓ ସ୍ୱାଗତ ଚୌଧୁରୀ ତୃତୀୟ ହୋଇଥିଲେ। ୯ମ ଓ ୧୦ମ ବର୍ଗରେ ରୁଦ୍ର ନାରାୟଣ ମହାନ୍ତି, ଇଶା ପୁରୋହିତ ଓ ସୁଫଳ ମାଝି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ୬ଷ୍ଠରୁ ୮ମ ଶ୍ରେଣୀ ବର୍ଗରେ ପୂଜା ମୁଣ୍ଡା ପ୍ରଥମ, ସିପ୍ରାରାଣୀ ନାୟକ ଦ୍ୱିତୀୟ ଓ ଶ୍ରେୟାଂଶୀ ପଣ୍ଡା ତୃତୀୟ ହୋଇଥିଲେ। ସେହିପରି ୧ମରୁ ୫ମ ଶ୍ରେଣୀ ବର୍ଗରେ ଅଧିଶ୍ୱରୀ କର ପ୍ରଥମ, ପ୍ରିୟା ତିୱାରୀ ଦ୍ୱିତୀୟ ଏବଂ ଗରିମା ମଙ୍ଗରାଜ ତୃତୀୟ ହୋଇଥିଲେ। ଜିଲା ପ୍ରଶାସନ ଓ ୱାଇଏମ୍‌ସିଏ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ସରୋଜ କୁଅଁର, ଅକ୍ଷୟ ପତି ଓ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ଯୋଗଦେଇଥିଲେ। ୱାଏମ୍‌ସିଏର ଅଶୋକ ମିଶ୍ର, ପିଣ୍ଟୁ ପାଢ଼ୀ, ଅକ୍ଷୟ ମିଶ୍ର, ମାନସୀ ପଣ୍ଡା, ସୁଜାତା ମିଶ୍ର, ସ୍ମିତା ପତ୍ରି, ନିନା ପାଢ଼ୀ, ପୁଷ୍ପ ଓ ପୁଷ୍ପିତା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ରଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ରଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

!!ରଣ ରଣ ରଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ରଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ରଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ରଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike ରେଜିଷ୍ଟ୍ରସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଜାନୁୟାରୀ ୨୧/୨୦୧୯



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ହୋଲ୍ଡିଂ ଟାକ୍ସ ବୃଦ୍ଧି ପ୍ରସଙ୍ଗ: ଜନଶୁଣାଣି ବର୍ଜନ କରିବାକୁ ଭାଜପାର ଆହ୍ବାନ

**ରାଉରକେଲା ଅଫିସ,୨୦।୧-** ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଦ୍ୱାରା ହୋଲ୍ଡିଂ ଟିକସ ବୃଦ୍ଧିକୁ ଭାଜପା ବିରୋଧ କରିଛି। ଏହାର ପ୍ରତିବାଦରେ ଦଳ ଜାନୁୟାରୀ ୨୧ରେ ଧାରଣା ଦେବାକୁ ଧମକ ଦେଇଛି। ଏଥିସହ ଏ ସମ୍ପର୍କିତ ଜନଶୁଣାଣି ବର୍ଜନ କରିବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସୋମବାରଠାରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ହୋଲ୍ଡିଂ ଟାକ୍ସ ବୃଦ୍ଧି ସମ୍ପର୍କିତ ଜନଶୁଣାଣି କରାଯିବା ନେଇ ମାଇକ ପ୍ରଚାର ଆରମ୍ଭ କରାଯାଇଛି। ଗତ ୫ ବର୍ଷ ଧରି ଆର୍‌ଏମ୍‌ସିରେ ନିର୍ବାଚିତ କାଉନସିଲ ଗଠନ ହୋଇ ନ ଥିବାବେଳେ ବିନା ରିଜୋଲ୍ୟୁଶନରେ ଏକତରଫା ନିଷ୍ପତ୍ତି ଗ୍ରହଣୀୟ ନୁହେଁ ବୋଲି ଭାଜପା ମୁଖପାତ୍ର ଭଗବାନ ରାଉତ ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ବିଭାଗୀୟ ଅଧିକାରୀ ବେଆଇନ ଭାବେ ହୋଲ୍ଡିଂ ଟାକ୍ସ ବୃଦ୍ଧି କରିବା ଠିକ ନୁହେଁ। ଯେ ପର୍ଯ୍ୟନ୍ତ ପରିଷଦ ଗଠନ କରା ନ ଯାଇଛି, ଏପରି ନିଷ୍ପତ୍ତିକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ପୁରୁଣା ହିସାବ ଅନୁସାରେ ଟାକ୍ସ ଆଦାୟକୁ ସହରବାସୀ ଗ୍ରହଣ କରିବାକୁ ରାଜି ହେଉଥିବା ବେଳେ ଅଯଥାରେ ଜନଶୁଣାଣି କରାଯାଇ ଜନମତକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରାଯାଉଛି। ଏହାକୁ ବର୍ଜନ କରିବାକୁ ଭାଜପା ପକ୍ଷରୁ ମୁଖପାତ୍ର ରାଉତ ଆହ୍ୱାନ ଦେଇଛନ୍ତି।

### ହୋଲ୍ଡିଂ ଟାକ୍ସକୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ବିରୋଧ

**ରାଉରକେଲା ଅଫିସ,୨୦।୧-**ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୃଦ୍ଧି କରାଯାଇଥିବା ହୋଲ୍ଡିଂ ଟାକ୍ସକୁ ବିରୋଧ କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା, ଆଞ୍ଚଳିକ ବିକାଶ ଓ ଏହାର ସମାଧାନ ନେଇ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେଉଁ ହାରରେ ହୋଲ୍ଡିଂ ଟାକ୍ସ ବୃଦ୍ଧି କରାଯାଇଛି ତାହା ପୈଠ କରିବା ସମ୍ଭବ ନୁହେଁ ବୋଲି କହିଥିଲେ ସଂଘ କର୍ମକର୍ତ୍ତା। ହୋଲ୍ଡିଂ ଟାକ୍ସ ବୃଦ୍ଧି ଦ୍ୱାରା ଅବସରପ୍ରାପ୍ତ କର୍ମଚାରୀ ମୁଖ୍ୟତଃ ଦେୟ ଦେବାକୁ ସକ୍ଷମ ହେବେ ନାହିଁ ବୋଲି କୁହାଯାଇଥିଲା। ନିଜ କଷ୍ଟୋପାର୍ଜିତ ସଞ୍ଚୟ ବଳରେ ବିଭିନ୍ନ ସ୍କିମ ମାଧ୍ୟମରେ ଘର ଖଣ୍ଡେ ପାଇଛନ୍ତି ଅବସରପ୍ରାପ୍ତ କର୍ମଚାରୀ। ଏହା ଉପରେ ହୋଲ୍ଡିଂ ଟାକ୍ସ ଏକପ୍ରକାର ବୋଝ ସଦୃଶ ବୋଲି ଏଥିରେ ଉପସ୍ଥିତ କର୍ମଚାରୀ ଅଭିଯୋଗ କରିଥିଲେ। ଅବସର ପରେ ଅନେକ କର୍ମଚାରୀ ଆର୍ଥିକ ସଙ୍କଟରେ ପଡ଼ି ଛଟପଟ ହେଉଥିବାବେଳେ ବହୁଗୁଣିତ ହୋଲ୍ଡିଂ ଟାକ୍ସ କିପରି ପୈଠ କରିବେ ବୋଲି ପ୍ରଶ୍ନ ଉଠିଥିଲା। କେବଳ ଏତିକି ନୁହେଁ କର୍ତ୍ତୃପକ୍ଷ ହୋଲ୍ଡିଂ ଟାକ୍ସ ସମେତ ଡ୍ରେନେଜ ଟାକ୍ସ ଓ ବିଜୁଳି ଟାକ୍ସ ବୃଦ୍ଧି କରି ଏହି ସମସ୍ୟାକୁ ବହୁଗୁଣିତ କରିଛନ୍ତି ବୋଲି କହିଥିଲେ ସଂଘ କର୍ମକର୍ତ୍ତା। ସହରବାସୀ ଆଜିପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବାବେଳେ କେଉଁ ଆଧାରରେ କର୍ତ୍ତୃପକ୍ଷ ହୋଲ୍ଡିଂ ଟାକ୍ସ ବୃଦ୍ଧି କରୁଛନ୍ତି ସେ ନେଇ ଏଥିରେ ପ୍ରଶ୍ନ କରାଯାଇଥିଲା। ଏହାକୁ ତୁରନ୍ତ ପ୍ରତ୍ୟାହର କରାଯିବା ସହ ପୁରୁଣା ଟାକ୍ସ ଲାଗୁ କରିବାକୁ ସଂଗଠନ କର୍ମକର୍ତ୍ତା ଦାବି କରିଥିଲେ।

■ ଆର୍‌ଜେଡି କର୍ମକର୍ତ୍ତା ନିର୍ବାଚନ

# ଦଳକୁ ସଂଗଠିତ କରିବାକୁ ନିଷ୍ପତ୍ତି

**ରାଉରକେଲା ଅଫିସ,୨୦।୧**

ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ବୈଠକ ରବିବାର ପୂର୍ବାହ୍ନରେ ତର୍କରା ଡ୍ୟାମ ଅଞ୍ଚଳରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ସଂଗଠନର ରାଜ୍ୟ ଉପସଭାପତି ପରମେଶ୍ୱର ଯାଦବ ଯୋଗଦେଇ ଷ୍ଟିଲ ସିଟିରେ ଆର୍‌ଜେଡି ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଆର୍‌ଜେଡି ସର୍ବଦା ସମାଜର ଦଳିତ ତଥା ଅବହେଳିତ ବର୍ଗଙ୍କ ସ୍ୱାର୍ଥ ପାଇଁ କାମ କରୁଛି। ନିଜ ସ୍ୱାର୍ଥ ପାଇଁ ଦଳକୁ ବ୍ୟବହାର କରୁଥିବା ନେତାଙ୍କ ଦଳରେ ସ୍ଥାନ ନାହିଁ ବୋଲି ଯାଦବ





ଆର୍‌ଜେଡି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ପ୍ରକାଶ କରିଥିଲେ। ସେ କହିଥିଲେ, ରାଉରକେଲା ମହାନଗର ଅଞ୍ଚଳରେ ବାସ କରୁଥିବା ବସ୍ତି ବାସିନ୍ଦାଙ୍କ ସ୍ଥାୟିତ୍ୱ ସମ୍ପ୍ରତି ବଡ଼ ପ୍ରଶ୍ନ ପାଲଟିଛି। ଏମାନଙ୍କୁ ଥଇଥାନ ନ କରି ବେପରୁଆ ଭାବେ ବାସଚ୍ୟୁତ କରାଯିବା ବେଆଇନ ଓ ଅମାନବୀୟ ପଦକ୍ଷେପ। ଏନେଇ ଦଳୀୟ କର୍ମକର୍ତ୍ତା ବସ୍ତିବାସିନ୍ଦାଙ୍କୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯାଦବଙ୍କ ତତ୍ତ୍ୱାବଧାନରେ ରାଉରକେଲା ପାଇଁ ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଯୁବନେତା ପ୍ରମୋଦ ପରିଡ଼ାଙ୍କୁ ସଭାପତି ନିଯୁକ୍ତ କରାଯାଇଥିବା ଯାଦବ ଘୋଷଣା କରିଥିଲେ। ସେହିଭଳି ସଂଗଠନ ଉପସଭାପତି ରୂପେ ବ୍ରିଜଭୂଷଣ ଖୁସୱାହା, ସଂଗଠନ ସମ୍ପାଦକ ରୂପେ ନବୀନ ଅଖତର, ଯୁଗ୍ମ ସମ୍ପାଦକ ଭାବେ ବିଦ୍ୟାଧର ପ୍ରସାଦ ଓ ବିଷ୍ଣୁପ୍ରସାଦ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କୋଷାଧ୍ୟକ୍ଷ ରୂପେ ରବି ନାୟକ ମନୋନୀତ ହୋଇଛନ୍ତି। ସଂଗଠନର ଆଇନ ପରାମର୍ଶଦାତା ରୂପେ ଗୁରୁଚରଣ ସାହୁଙ୍କୁ ଚୟନ କରାଯାଇଛି। ମହିଳା ସଭାନେତ୍ରୀ ରୂପେ ଇତିଶ୍ରୀ ଦାସ ଦାୟିତ୍ୱ ନିର୍ବାହ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି। ଏଥିରେ ଜିଲା ସଭାପତି ବାସୁଦେବ ଯାଦବଙ୍କ ସମେତ ସି.ବି. ପ୍ରସାଦ ସିଂ ଓ ରାମଶଙ୍କର ଯାଦବ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

**ଫଟୋରେ ଖବର**



ଠାକୁର ଅନୁକୂଳଚନ୍ଦ୍ର ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି ଢେଙ୍କାନାଳର ଘଣ୍ଟୁଆ ଦଳ।

## ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ

**ରାଉରକେଲା ଅଫିସ,୨୦।୧**

ଫର୍ଟିଲାଇଜର ଟାଉନଶିପ ନିକଟ ଜଲଦା ମିନି ଷ୍ଟାଡିୟମରେ ରବିବାର ଯୁଗପୁରୁଷ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ଓ ୪ର୍ଥ ଇଷ୍ଟିଦୀପନା ମହୋତ୍ସବ



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବରେ କଳାହାଣ୍ଡି କଳାକାରମାନେ ଘୁମୁରା ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ମହାସମାରୋହରେ ପାଳିତ ହୋଇଛି। ଏଥିରେ ରାଉରକେଲା ସତ୍‌ସଙ୍ଗ ବିହାର ସମେତ ରାଜଗାଙ୍ଗପୁର, ବିଶ୍ରା, କୁଆଁରମୁଣ୍ଡା, କାଂଶବାହାଲ, କାଲୁଙ୍ଗା ଶିଳ୍ପାଞ୍ଚଳ, ପାନପୋଷ, ଛେଣ୍ଡ, ବନ୍ଦମୁଣ୍ଡା, ଲାଠିକଟା ଓ ନୂଆଗାଁ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଦିବସବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମ ପ୍ରତ୍ୟୁଷରୁ ଆରମ୍ଭ କରାଯାଇଥିଲା। ବେଦ ମାଙ୍ଗଳିନୀ ପରେ ସାହାନାଇ, ଉଷା କୀର୍ତ୍ତନ ଓ ପ୍ରାତଃ ବିନତୀ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଲାଠିକଟା ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଖାଲକୋ ଓ ଜଲଦା ସରପଞ୍ଚ ଜାତୃଶ ଓରାମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁସଜ୍ଜିତ ପ୍ରଜ୍ଞାପନ ମେଢ଼କୁ ସହର ପରିକ୍ରମା କରାଯାଇଥିଲା। ପୂର୍ବାହ୍ନ ୧୧ଟା ପରେ ଆୟୋଜିତ ସତ୍‌ସଙ୍ଗରେ ଅନେକ ଅନୁଗାମୀ ଯୋଗଦେଇ ଠାକୁରଙ୍କ ବାଣୀ ଶ୍ରବଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀରେ ବହୁ ଭକ୍ତ ଉପସ୍ଥିତ ଥିଲେ। ସନ୍ଧ୍ୟା ସାଢ଼େ ୫ଟାରେ ସାନ୍ଧ୍ୟ ବିନତୀ ପ୍ରାର୍ଥନା ସଭାରେ ପାର୍ଶ୍ୱାଞ୍ଚଳର ବହୁ ଆଗ୍ରହୀ ଯୋଗଦେଇଥିଲେ। କଳାହାଣ୍ଡିର ଘୁମୁରା ନୃତ୍ୟ, ଢେଙ୍କାନାଳର ଘଣ୍ଟୁଆ ଦଳ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି, ବାଲେଶ୍ୱରର ଚକ୍ରଧର ଜେନା ମୁଖ୍ୟବକ୍ତା, ଭୁବନେଶ୍ୱରର ରାଜେଶ ଖଣ୍ଡେଲୱାଲ ଓ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଠାକୁରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଟବର ଦାସ, କିଶୋର ଦାସ, ଶଶୀକାନ୍ତ ଭୂୟାଁ, କାମଦେବ ଦାସ, ସୁକାନ୍ତ ଲେଙ୍କା, ପ୍ରଶାନ୍ତ ଦାସ, ପ୍ରେମାନନ୍ଦ ଦାସ, ଜଗଦୀଶ ପଟ୍ଟନାୟକ, ରାଧାକାନ୍ତ ମିଶ୍ର, ବସନ୍ତ ଜେନା, ଗୁରୁଚରଣ ବେହେରା, ଅଧର ମହାପାତ୍ର, ସଚ୍ଚିଦାନନ୍ଦ ପରିଡ଼ା, ଶାନ୍ତନୁ ନାୟକ, ନିମାଇଁ ଦାସ, ନକୁଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ





ବିଭିନ୍ନ ଦାବି ନେଇ ସିଆଇଟିୟୁ ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା ଅଫିସ,୨୦।୧**

ବିଭିନ୍ନ ଦାବି ନେଇ ଶନିବାର ଅପରାହ୍ନରେ ସିଆଇଟିୟୁ ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକ, କୃଷକ ଓ କ୍ଷେତ ମଜଦୁରଙ୍କ ସଂହତି ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆଇଟିୟୁ ସମେତ ଏହାର ଶାଖା ସଂଗଠନ କ୍ଷେତ ମଜଦୁର ୟୁନିୟନ, କୃଷକ ସଭା ସାମିଲ ହୋଇଥିଲେ। ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ମଜୁରି ୧୮ ହଜାର ଟଙ୍କା, ସମସ୍ତ ଗରିବଙ୍କୁ ରାଶନକାର୍ଡ, ଶ୍ରମିକ ବିରୋଧୀ ଶ୍ରମ ଆଇନକୁ ପ୍ରତ୍ୟାହାର ତଥା ବାତିଲ କରିବା, ସ୍ୱାମୀନାଥନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା, ଧାନ କୁଇଣ୍ଟାଲ ପିଛା ୩ ହଜାର ଧାର୍ଯ୍ୟ କରିବା, ବିଭିନ୍ନ ଅଞ୍ଚଳରେ ସରକାର ମଣ୍ଡି ଖୋଲି ସରକାରୀ ଦରରେ ଧାନ କ୍ରୟ କରିବା, ଭାଗଚାଷୀଙ୍କୁ ପ୍ରକୃତ ଚାଷୀ ମାନ୍ୟତା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ପ୍ରକୃତ ମାନ୍ୟତା ପ୍ରଦାନ ପାଇଁ ସିଟୁ ନେତାମାନେ ଏଥିରେ ଦାବି କରିଥିଲେ। ପ୍ରତ୍ୟେକ ବାସହୀନଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବା, ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନେଇ ନେତୃମଣ୍ଡଳୀ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହି ଅବସରରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ ସହ ଆଲୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, କୃଷକ ସଭା ନେତା ସୁରେନ୍ଦ୍ର ଦାସ, ଶ୍ରମିକ ନେତା ଶ୍ରୀମନ୍ତ ବେହେରା, ବି.ପି. ମହାପାତ୍ର, ଅରିନ୍ଦମ ଦତ୍ତ, ରାଜକିଶୋର ପ୍ରଧାନ, ଅକ୍ଷୟ ମହନ୍ତ, ଅରୁ ଦାସ, ବିଶ୍ୱଜିତ ମାଝି, ପ୍ରଭାତ ମହାନ୍ତ, ଅଲେଖ ସାହାଣୀ ଓ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ମହିଳା ଆହତ

**ରାଉରକେଲା ଅଫିସ,୨୦।୧**

ସେକ୍ଟର-୧୫ ଛକରେ ରବିବାର ପୂର୍ବାହ୍ନରେ ଦୁର୍ଘଟଣା ଘଟି ଜଣେ ସ୍କୁଟି ଆରୋହୀ ମହିଳା ଆହତ ହୋଇଛନ୍ତି। ପୋଲିସ ସହାୟତା ଟିମ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରିଛି। ସୂଚନାନୁସାରେ ଏକ ଟ୍ରଲି ଅଟୋ (ନଂ. ଓଡି୧୪-ସି୯୬୧୭) ସେକ୍ଟର-୧୩ ଦିଗରେ ଯାଉଥିବା ବେଳ ବିପରୀତ ଦିଗରୁ ଆସୁଥିବା ଓଡି୧୪-ଇ୦୧୪୮ନଂ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି କ୍ଷତିଗ୍ରସ୍ତ ହେବା ସହ ଆରୋହୀ ମହିଳା ତଳେ ପଡ଼ି ଆହତ ହୋଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଘଟଣାର ତଦନ୍ତ କରୁଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଉଷୁ ଖେଳାଳିଙ୍କ ପଞ୍ଜାବ ଯାତ୍ରା

**ରାଉରକେଲା ଅଫିସ,୨୦।୧**

ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ୧୮ତମ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ ପଞ୍ଜାବ ଜଳନ୍ଧରସ୍ଥିତ ଲଭଲି ପ୍ରଫେଶନାଲ ୟୁନିଭର୍ସିଟିରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମନୋନୀତ ୩୦ ପ୍ରତିଯୋଗୀଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲାର ୭ବାଳିକା ଓ ୪ ବାଳକ ପ୍ରତିଯୋଗୀ ରହିଛନ୍ତି। ଏମାନଙ୍କୁ ଗତ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରତିଯୋଗୀଙ୍କ ମଧ୍ୟରେ ରାଉରକେଲା ସୁରଭି ସ୍ପୋର୍ଟସ ସୋସାଇଟିର ସୋନାଲି ବାରିକ, କ୍ରୀତିକା ପଶାରୀ, ଜିଆ ବାଜୋରିଆ, ସାକ୍ଷୀ ସାଂଘୀ, ସ୍ନେହା ସାମନ୍ତରାୟ, ଆଦିତ୍ୟ ଜେନା, ଅର୍ପନ ମହାଲିକ ଓ ନୀତୀଶ ବେହେରା ମନୋନୀତ ହୋଇଥିବାବେଳେ ଛେଣ୍ଡ ଶାଖାରୁ ସୃଷ୍ଟି ସିଂ ଓ ସୁନ୍ଦରଗଡ଼ ଯୋଗୀମାଲ ଅଞ୍ଚଳରୁ ସୋନାଲି ପଟେଲ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ଏହି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଅନୁଷ୍ଠାନ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି। ଜିଲା ଉଷୁ ସଂଗଠନ ସମ୍ପାଦକ ଶରତ ଦାସ କହିଛନ୍ତି ଯେ ସୁନ୍ଦରଗଡ଼ ଜିଲାର ଖେଳାଳିମାନେ ନିଶ୍ଚିତ ସଫଳ ହେବେ। ପ୍ରତିଯୋଗୀଙ୍କ ସଫଳତା କାମନା କରିଛନ୍ତି ଜିଲା ଉଷୁ ସଂଘ କର୍ମକର୍ତ୍ତା।



ସୁନ୍ଦରଗଡ଼ ଜିଲା ଉଷୁ ପ୍ରତିଯୋଗୀ କ୍ରୀଡ଼ାଭ୍ୟାସ କରୁଛନ୍ତି।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**ରାଉରକେଲା ଅଫିସ,୨୦।୧**

ମାରୱାଡି ଯୁବାମଞ୍ଚ ଓ ତେରାପନ୍ଥ ଯୁବ ପରିଷଦ ପକ୍ଷରୁ ରବିବାର ରାଉରକେଲା ସରକାରୀ ଡାକ୍ତରଖାନ (ଆର୍‌ଜିଏଚ୍) ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବ୍ଲଡ ବ୍ୟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶବିରରେ ଯୁବାମଞ୍ଚ ସଭାପତି ବିକାଶ ଶର୍ମା ଓ ତେରାପନ୍ଥ ଯୁବ ପରିଷଦ ଅଧ୍ୟକ୍ଷ ସିଦ୍ଧାର୍ଥ କୋଚର ଏହାର ନେତୃତ୍ୱ ନେଇଥିଲେ। ଯୁବାମଞ୍ଚର ୩୫ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଶିବିରରେ ବହୁ ଯୁବକ ରକ୍ତଦାନ କରିଥିଲେ। ଏହି ଅବସରରେ ଶର୍ମା କହିଥିଲେ, ରକ୍ତଦାନ ପ୍ରତି ଜନ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଛି। ଯୁବପିଢ଼ିକୁ ରକ୍ତଦାନ ପ୍ରତି ଆକର୍ଷିତ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଶିବିରରେ ମୋଟ ୮୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପ୍ରତୀକ କାୟଲ, ରୋହିତ କାବ୍ରା, ମୁକେଶ ଗୋଏଲ, ରୂପେଶ ଅଗ୍ରୱାଲ, ରବି ଶର୍ମା, ଅଙ୍କିତ ଅଗ୍ରୱାଲ, ରାଜକୁମାର ଅଗ୍ରୱାଲ, ଦୀନେଶ ଜୈନ, ଅଭିଷେକ ମୋଦି, ଅମୃତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।





ମାରୱାଡି ଯୁବାମଞ୍ଚ ପକ୍ଷରୁ ଆର୍‌ଜିଏଚ୍‌ରେ ଆୟୋଜିତ ରକ୍ତଦାନ ଶିବିରରେ ଉପସ୍ଥିତ କର୍ମକର୍ତ୍ତା।

■ କଲ୍‌ଚରାଲ ଏକାଡେମୀ ପକ୍ଷରୁ ୨୭ତମ କଥା ସାହିତ୍ୟ ଦିବସ

# ଜଳନ୍ଧରଙ୍କ ସାହିତ୍ୟ ସମ୍ଭାର ଅନନ୍ୟ, ଅତୁଳନୀୟ

**ରାଉରକେଲା ଅଫିସ,୨୦।୧**

ବହୁ ଆୟାମକୁ ନିଜ ଭିତରେ ସମାହିତ କରିଥିବା ଜଳନ୍ଧର ଦେବଙ୍କ ବ୍ୟକ୍ତିସତ୍ତା ଓ ସାହିତ୍ୟିକ ଅଭିବ୍ୟକ୍ତି ସମାନ୍ତରାଳ ଭାବେ ଗତି କରିଛି। ୧୮୭୨ରୁ ୧୯୫୫ ପର୍ଯ୍ୟନ୍ତ ଜୀବନ ପଥରେ ସାହିତ୍ୟ ଚର୍ଚ୍ଚାଠାରୁ ନେଇ ବିଜ୍ଞାନ ସମ୍ମତ ଏକ ଯୁକ୍ତିବାଦୀ ସଂସ୍କାରକ ଭୂମିକା ନିର୍ବାହ କରିଛନ୍ତି ସେ। ସଂସ୍କୃତ ଭାଷାରେ ପାରଦର୍ଶିତା ସହ ଭାରତ ଭ୍ରମଣ ଅନୁଭୂତି ଓ ଅଭିଜ୍ଞତା ତାଙ୍କ ଚିନ୍ତନ ଶକ୍ତିକୁ ଶାଣିତ ଓ ଅନ୍ତର୍ଦୃଷ୍ଟି ସମ୍ପନ୍ନ କରାଇଛି ବୋଲି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ କଲଚରାଲ ଏକାଡେମୀ ପରିସରରେ ରବିବାର ପୂର୍ବାହ୍ନରେ ଆୟୋଜିତ କଥା ସାହିତ୍ୟ ଦିବସରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏକାଡେମୀ ସଭାପତି ଡ. ପ୍ରଭାତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ସଭାରେ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସଭା ପରିଚାଳନା କରି ସାଧାରଣ ସମ୍ପାଦକ ଅକ୍ଷୟ ସାମଲ କହିଥିଲେ, ଜଳନ୍ଧର ଦେବଙ୍କ ଜାତୀୟ ପ୍ରୀତିକୁ ସଙ୍କୁଚିତ ଅର୍ଥରେ ନିଆଯାଇ ପାରିବନି। ବ୍ରିଟିଶ ଶାସକଠାରୁ ନୁହେଁ ଯୁଗବ୍ୟାପୀ ଭାରତରେ ରହି ଆସିଥିବା କୁତ୍ସିତ ପରମ୍ପରା ଅନ୍ଧବିଶ୍ୱାସଠାରୁ ସେ ମୁକ୍ତି ଚାହୁଁଥିଲେ। ଡ. ନଗେନ ଦାସ ନିଜ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି କହିଥିଲେ, ଆଧୁନିକ ଜ୍ଞାନବିଜ୍ଞାନ ପ୍ରତି ସଶ୍ରଦ୍ଧ ଦୃଷ୍ଟି ଓ ଆହରଣଶୀଳ ମନୋଭାବ ଜଳନ୍ଧର ଦେବଙ୍କ ଚିନ୍ତା ଚେତନାକୁ ଯୁକ୍ତି ସମ୍ବଳିତ କରିଛି। ନିଜସ୍ୱ ବିଚାରଧାରା ନିର୍ମାଣ କରିବାରେ ସମର୍ଥ ହୋଇଥିବା ଜଳନ୍ଧର ସାହିତ୍ୟ ସମ୍ଭାର ବାସ୍ତବରେ ଅନନ୍ୟ ଓ ଅତୁଳନୀୟ। ଭାଷା ସାହିତ୍ୟ ସଂରଚନା କ୍ଷେତ୍ରରେ ତାଙ୍କ ଅନ୍ତଃଦୃଷ୍ଟି ସମ୍ପର୍କିତ ଅବବୋଧ ବେଶ୍ ପ୍ରଭାବଶାଳୀ। ବିଳାସପ୍ରିୟ ସାହିତ୍ୟ ରଚନା କରୁଥିବା ଲେଖକଙ୍କୁ ସେ କଠୋର ଭାବେ ସମାଲୋଚନା କରିଛନ୍ତି। ତାଙ୍କ ଦୃଷ୍ଟିରେ ଜଣେ ଲେଖକର ପ୍ରତିବଦ୍ଧତା ନିର୍ଭର କରେ ତା'ର ଦକ୍ଷତା ଉପରେ। ଯାହାର ଭିତ୍ତିଭୂମି ହେଉଛି ବିଜ୍ଞାନଭିତ୍ତିକ ସାମାଜିକ ଅବସ୍ଥିତିକୁ ଅନୁଧ୍ୟାନ କରିବା। ଏପରି ଦକ୍ଷତା ନ ଥିବା ସାହିତ୍ୟିକ ଲୋକପ୍ରିୟତା ଅର୍ଜନ କରିପାରେ ମାତ୍ର ଲୋକ ଚରିତ୍ର ପରିବର୍ତ୍ତନ କରିପାରେନା ବୋଲି ଦାସ ଏଥିରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ସୁବ୍ରତ ଦାସ କହିଥିଲେ, ଆଧୁନିକ ଓଡ଼ିଆ ସାହିତ୍ୟର ଉପୋଦଘାତ କାଳରେ ବଣପାହାଡ଼ ଘେରା ବାମଣ୍ଡା ଅଞ୍ଚଳରେ ଜଳନ୍ଧରଙ୍କ ଜନ୍ମ। ଶିକ୍ଷା, କର୍ମମୟ ଜୀବନ, ସାରସ୍ୱାତ ସାଧନାର ପ୍ରତୀକ, ସଂସ୍କୃତି, ରାଜନୀତିରେ ପ୍ରଚୁର ଅଭିଜ୍ଞ ଓ ସାରସ୍ୱତ ସରଣୀର ଦୁର୍ବାର ପଥିକ ଜଳନ୍ଧରଙ୍କ ପ୍ରତିଭା ଅବର୍ଣ୍ଣନୀୟ ବୋଲି ଦାସ କହିଥିଲେ। କଲଚରାଲ ଏକାଡେମୀ ଅନେକ ଆନାଲୋଚିତ ପ୍ରତିଭାଙ୍କ ସମ୍ପର୍କରେ ଏଭଳି ଆଲୋଚନାଚକ୍ର ଆୟୋଜନ କରି ଏହାକୁ ପ୍ରଚାର ପ୍ରସାର ଦିଗରେ ଯେଉଁ ଅଗ୍ରଣୀ ଭୂମିକା ନିର୍ବାହ କରୁଛି ତାହା ବାସ୍ତବରେ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁଖ୍ୟଅତିଥି ରାଉରକେଲ ଇସ୍ପାତ କାରଖାନା ସହରସେବା ଅଧିକାରୀ ଅଜୟ ନାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଧାରା ଅବ୍ୟାହତ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଡା. କୃପାସିନ୍ଧୁ ନାୟକ, କୈଳାସ ସାବତ, କେଦାରନାଥ ପ୍ରଧାନ, ବିଜୟ ରାୟ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବବିତା ମହାପାତ୍ର, ଗୋକୁଳାନନ୍ଦ ଦାସ, କାଶୀନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାତୋ, ଅକ୍ଷୟ ପଣ୍ଡା, କିଶୋର ବେହେରା, ସୁଜିତ ନାୟକ ଓ ସୁକାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ପ୍ରଦାନ କରିଥିଲେ।





କଲଚରାଲ ଏକାଡେମୀ ପକ୍ଷରୁ କଥା ସାହିତ୍ୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

## ସଂକ୍ଷେପରେ

### ଇବ୍ ନଦୀରେ ବୁଡ଼ି ଜଣେ ମୃତ

ବାଲିଶଙ୍କରା, ୨୦।୧ (ଡି.ଏନ.ଏ)- କିଞ୍ଜିରକେଲା ଥାନା କଇନ୍ତରା ଗ୍ରାମର ପଙ୍କଜ କୁଅଁର (୫୦) ଇବ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ ପଙ୍କଜ ଶନିବାର ୧୧ଟାରେ ନିକଟସ୍ଥ ଇବ ନଦୀକୁ ଗାଧୋଇବା ଯାଇଥିଲେ । ଗାଧୋଇବା ସମୟରେ ହଠାତ୍ ପାଣିରେ ବୁଡି ଯାଇଥିଲେ। ଆଉ ପାଣିରୁ ବାହାରିନଥିଲେ । ନିକଟରେ ଗାଧୋଉଥିବା ଅନ୍ୟମାନେ ଏହା ଜାଣିପାରି ପଙ୍କଜକୁ ପାଣି ଭିତରୁ ଉଦ୍ଧାର କରିଥିଲେ ହେଲେ ତାଙ୍କର ଜୀବନ ନଥିବା ଜାରିପାରି ପରିବାରଙ୍କୁ ଖବର ଦେଇଥିଲେ। ପରିବାର ବର୍ଗ ପକ୍ଷରୁ ଅପରାହ୍ନ ୪ଟାରେ ସ୍ଥାନୀୟ କିଞ୍ଜିରକେଲା ଥାନାରେ ଘଟଣା ବିଷୟରେ ଲିଖିତ ଅଭିଯୋଗ କରିଥିଲେ ।

# ମୃତ ବ୍ୟକ୍ତିଙ୍କ ନାଁରେ ଜବ୍ ଡିମାଣ୍ଡ, ଅର୍ଥ ଉଠାଣ

ବଡ଼ଗାଁ, ୨୦।୧ (ଡି.ଏନ.ଏ)

**ବଡ଼ଗାଁ ବ୍ଲକ**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି
- କାମ କରିଥିବା ଶ୍ରମିକଙ୍କୁ ମିଳିନି ମଜୁରି
- କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଅର୍ଥ ଉଠାଣ
- ଅଧିକାରୀ କହିଲେ ତଦନ୍ତ ହେବ

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଅନେକ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ସେଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ଓ ପ୍ରଶାସନ ଘଣ୍ଟ ଘୋଡାଇ ଦେଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଏବେ ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟରେ ପୁଣି ଦୁର୍ନୀତି ହୋଇଥିବା ଲୋକଲୋଚନକୁ ଆସିଛି। ଭୂତ (ମୃତବ୍ୟକ୍ତି)ଙ୍କ ନାଁରେ ଜବ୍ ଡିମାଣ୍ଡ କରାଯାଇ ଅର୍ଥ ଉଠାଣ ହୋଇଛି। କାମ କରିଥିବା ବହୁ ସଂଖ୍ୟକ ଶ୍ରମିକଙ୍କୁ ମଜୁରି ଅର୍ଥ ଦିଆଯାଇ ନାହିଁ। ଅଥଚ କାମ କରି ନ ଥିବା ଲୋକଙ୍କ ନାମରେ ଅର୍ଥ ଉଠାଣ ହୋଇଛି। ବଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ହେଉଥିବାବେଳେ ଆଦିବାସୀ ଅଧ୍ୟୁଷିତ ବରଗାଁକଛାର ପଞ୍ଚାୟତକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ପଞ୍ଚାୟତର କୁଲଗା ଗ୍ରାମରୁ ତଲିବାହାଲ ପର୍ଯ୍ୟନ୍ତ ରାସ୍ତାରେ ମାଟି ମୋରମ କାମ ପାଇଁ ୮ମାସ ପୂର୍ବେ ପ୍ରସ୍ତାବ ଗୃହୀତ ହୋଇଥିଲା। କାମ ଆରମ୍ଭ ପୂର୍ବରୁ ମାଷ୍ଟରରୋଲ (ଏମ୍‌ଆର) ବାହାର କରିବା କଥା, କିନ୍ତୁ ପଞ୍ଚାୟତ ଅଫିସରେ ତାର ବ୍ୟତିକ୍ରମ କରି କାମ ଆରମ୍ଭ କରାଯାଇଥିଲା। ରାସ୍ତାରେ ମାଟି ଓ ମୋରମ କାମ କରିବାକୁ ଅଟକଳ ହୋଇଥିଲେ ମଧ୍ୟ କେବଳ ମାଟି ଦିଆଯାଇଛି। ଏହି ରାସ୍ତାରେ କାମ କରିଥିବା ତଲିବାହାଲ ଗ୍ରାମର ପ୍ରଫୁଲ୍ଲ ଭେଙ୍ଗରା, ଲଲିନ୍ଦ୍ର ଭେଙ୍ଗରା, ସଞ୍ଜିତ ଟପ୍ପୋ, ପାର୍ସ୍କାଲ ବୁଡ, ନିକୋଲାସ ବୁଡ, ପ୍ରକାଶ ଗୁଡିଆଙ୍କ ସହିତ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ମଜୁରି ଅର୍ଥ ଦିଆଯାଇନାହିଁ। ସେହିପରି ବରଗାଁକଛାର ଓ କୁମବାହାଲ ଗ୍ରାମରେ ତିଆରି ହୋଇଥିବା ଖେଳ ପଡିଆରେ କାମ କରିଥିବା ଶ୍ରମିକଙ୍କୁ ମଜୁରି ଅର୍ଥ ମିଳିନାହିଁ। ତଲିମୁଣ୍ଡା ନୂଆପରାରୁ ବୁଦାପଡା, ମନହରପୁର ରାସ୍ତା ଉନ୍ନତିକରଣ କାମରେ ଭୂତ ନାଁ ଅର୍ଥାତ୍ ମୃତ ବ୍ୟକ୍ତିଙ୍କ ନାମରେ ଜବ୍ ଡିମାଣ୍ଡ କରାଯାଇ ଅର୍ଥ ଉଠାଣ ହୋଇଛି। ତଲିମୁଣ୍ଡା ଗ୍ରାମର ମନବୋଧ ମାଝିଙ୍କ ୭ବର୍ଷ ପୂର୍ବେ ମୃତ୍ୟୁ ହୋଇଛି ଓ ୨ବର୍ଷ ପୂର୍ବେ ସନ୍ତୋଷ ବାଗଙ୍କ ମୃତ୍ୟୁ ହୋଇଛି। ଏହି ଦୁଇ ମୃତ ବ୍ୟକ୍ତିଙ୍କ ନାମରେ ପଞ୍ଚାୟତର ଦୁର୍ନୀତିଗ୍ରସ୍ତ କର୍ମଚାରୀମାନେ ଜବ ଡିମାଣ୍ଡ କରାଇ ଅର୍ଥ ଉଠାଣ କରିଥିବା ଜଣାପଡିଛି। ଏହି ରାସ୍ତା କାମରେ କେବଳ ତଳିମୁଣ୍ଡା ଗ୍ରାମର ଶ୍ରମିକ କାମ କରିଥିଲେ ମଧ ବରଗାଁକଛାର, ଭେଲୁଆବାହାଲ ଓ କୁମବାହାଲ ଗ୍ରାମର କେତେକ ଶ୍ରମିକଙ୍କ ନାମ ଉଲ୍ଲେଖ କରାଯାଇଛି। କାମ କରିଥିବା ଶ୍ରମିକଙ୍କ ମଧ୍ୟରୁ ସର୍ବାଧିକ ବ୍ୟକ୍ତି ମଜୁରି ପାଇନାହାନ୍ତି। ଏ ସମ୍ପର୍କରେ ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦାୟିତ୍ୱରେ ଥିବା ଏବିଡିଓ ଚୋକା ଓରାମଙ୍କୁ ପଚାରିବାରେ ତଦନ୍ତ କରି ପଦକ୍ଷେପ ନେବେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶ୍ରମିକଙ୍କ ସହିତ ସଲାସୁତୁରା କରି କାମ କରି ନ ଥିବା ଶ୍ରମିକଙ୍କ ନାମରେ ଅର୍ଥ ଉଠାଣ ହେଉଥିବା ସୂତ୍ରରୁ ଜଣାପଡିଛି। ତେବେ ବଡଗାଁ ବ୍ଲକରେ ଦୁର୍ନୀତି ଧରାପଡିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଘଣ୍ଟ ଘୋଡାଯାଉଥିବାରୁ କେଉଁମାନେ କାହାର ସହଯୋଗରେ ଦୁର୍ନୀତି କରିପାରୁଛନ୍ତି ତାକୁ ନେଇ ଚର୍ଚ୍ଚା ଆଲୋଚନା ହେଉଛି।

## ଲୁହାପଥର ବେନିୟମ କାରବାର ଧରାପଡିଲା
# ହାଇୱା ଜବତ: ୩ କୋର୍ଟ ଚାଲାଣ

ଲହୁଣୀପଡା, ୨୦।୧ (ଡି.ଏନ.ଏ)

ଲୁହାପଥରକୁ ଚୋରାରେ ବିକ୍ରି କରିବା ପାଇଁ ମସୁଧା କରୁଥିବାବେଳେ କେ.ବଲାଙ୍ଗ ପୋଲିସ ହାତରେ ତିନି ଜଣ ଧରାପଡ଼ିଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ ସହ ପୋଲିସ ଲୁହା ପଥର ବୋଝେଇ ହାଇୱାକୁ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୋଇଡା ଅଞ୍ଚଳର ଫିଗ୍ରେଡ ଖଣିରୁ ଲୁହା ପଥର ବୋଝେଇ କରିବା ପାଇଁ ଓଡି ୧୪ ଏନ– ୧୮୯୫ ହାଇୱାକୁ ଚାଳକ ଶିବ ଗଞ୍ଜୁ (୩୬) ଲଗାଇଥିବା ବେଳେ କୋଇଡାର ମୁନା ବାରିକ ହାଇୱା ଚାଳକ ଶିବ ଗଞ୍ଜୁଙ୍କ ପାଖରେ ପହଞ୍ଚି କହିଲେ ଯେ, ତୋ ଗାଡିକୁ ଲୋଡିଂ ଦେବା ବ୍ୟବସ୍ଥା କରିଦେବି। ୫ ହଜାର ଟଙ୍କା ମଧ ଦେବି। କିନ୍ତୁ ଯେଉଠି କହିବି ସେହିଠାରେ ଗାଡି ଖାଲି କରିବ। ମୋତେ ଚାଲାଣ ଦେବୁ ବୋଲି କହିଥିଲେ। ସେହି ଅନୁଯାୟୀ ଚାଳକ ଲୁହାପଥର ବୋଝେଇ ହାଇୱା ରକ୍ସି ସାଇଡିଂରେ ପହଞ୍ଚିଥିଲା । ମୁନା ବାରିକ ଚାଳକଙ୍କଠାରୁ ଚାଲାଣ ନେଇ ବାମିଆ ମୁଣ୍ଡା ପାଖରୁ ରିସିଭ କରାଇ ଆଣିବାରେ ସକ୍ଷମ ହୋଇଥିଲେ। କିନ୍ତୁ ସାଇଡିଂ ନିୟମ ଅନୁଯାୟୀ ଗାଡି ନ ଦେଖିଲେ ଚାଲାଣ ଦେଖାଯିବ ନାହିଁ ବୋଲି ଜାଣିବା ପରେ ଚୋରା କାରବାରର ମସୁଧା ଜଣାପଡିଯାଇଥିଲା। ଏହାକୁ ଜାଣିପାରି ମୁନା ବାରିକ ଫେରାର ହୋଇଯାଇଥିଲା । କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ହାଇୱା ଟ୍ରକ ସମେତ ଲୁହାପଥରକୁ ଜବତ କରିଛି। ଏହା ସହିତ ମୁନା ବାରିକ, ବାମିଆ ମୁଣ୍ଡା, ଚାଳକ ଶିବ ଗଞ୍ଜୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

# ନିର୍ବାଚନକୁ ଆଖି ଆଗରେ ରଖି ପିଠା

ସୁନ୍ଦରଗଡ, ୨୦।୧ (ଡି.ଏନ୍.ଏ)

ଭାରତୀୟ ସମ୍ବିଧାନ ଧାରା ୪୧ ଅନୁଯାୟୀ ସରକାର ଅସହାୟ ବୃଦ୍ଧା, ବୃଦ୍ଧ, ବିଧବା, ରୋଗୀ ଓ ଭିନ୍ନକ୍ଷମ ତଥା ବେକାରୀମାନଙ୍କୁ ଆର୍ଥିକ ସହାୟତା ରାଶି ହିସାବରେ ଭତ୍ତା ପ୍ରଦାନ ପାଇଁ ଆଦେଶ ରହିଛି। ମାତ୍ର ବର୍ତ୍ତମାନ ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ରାଜ୍ୟରେ ଏହି ସବୁ ହିତାଧିକାରୀମାନଙ୍କ ଭତ୍ତା ବୃଦ୍ଧି କରିବା ଓ ପିଠା ଯୋଜନା ମାଧ୍ୟମରେ ଲୋକଙ୍କୁ ଭୁଆଁ ବୋଲାଉଛନ୍ତି ବୋଲି ସ୍ଥାନୀୟ ଭାଜପା ନେତା ତଥା ପୂର୍ବତନ କାଉନସିଲର ଡ. ହିମାଂଶୁ ଶେଖର ଷଡଙ୍ଗୀ ଅଭିଯୋଗ କରିଛନ୍ତି। ରବିବାର ଅପରାହ୍ନରେ ଜିଲା ପ୍ରେସ କ୍ଲବ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଅନୁଯାୟୀ ୧୯୯୫ ମସିହାରୁ ଏହି ଭତ୍ତା କାର୍ଯ୍ୟକାରୀ ହୋଇ ଆସୁଛି। ୨୦୦୦ ମସିହାରେ ଜାତୀୟ ପରିବାର ମଙ୍ଗଳ ଯୋଜନା ଓ ମାତୃମଙ୍ଗଳ ଯୋଜନା କାର୍ଯ୍ୟକାରୀ ହେବା ସହ ଜାତୀୟ ବାର୍ଦ୍ଧକ୍ୟ ଯୋଜନା ସ୍କିମ୍ କାର୍ଯ୍ୟକାରୀ ହେଉଛି। ଏହି ସବୁ ଯୋଜନାରେ ସାମିଲ ହୋଇ ପାରି ନ ଥିବା ହିତାଧିକାରୀମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ବିନାମୂଲ୍ୟରେ ୧୦କେଜି ଲେଖାଏଁ ଚାଉଳ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଯେଉଁ ଭତ୍ତା ପ୍ରକ୍ରିୟା ଆରମ୍ଭ ହେଲା ସେଥିରେ ୫୮ବର୍ଷରୁ ବୃଦ୍ଧା ମହିଳା ଓ ୬୦ବର୍ଷର ବୃଦ୍ଧଙ୍କୁ ୩୦୦ଟଙ୍କା ଓ ୮୦ବର୍ଷ ହେଲେ ୫୦୦ ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହି ଭତ୍ତା ଭିନ୍ନକ୍ଷମ, ବିଧବା ଓ ରୋଗୀଙ୍କୁ ସେହି ୩୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦ ଟଙ୍କା ଓ ୧୦୦ଟଙ୍କା ରାଜ୍ୟ ସରକାରଙ୍କ ତରଫରୁ ମିଳିଥାଏ। ସେହିପରି ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଘରର ମୁରବୀଙ୍କ ମୃତ୍ୟୁହେଲେ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି। ଅନ୍ୟ ରାଜ୍ୟମାନଙ୍କରେ ଏହି ସାମାଜିକ ଆର୍ଥିକ ସୁରକ୍ଷା ସହାୟତା ରାଶି ୭୦୦ରୁ ୧୦୦୦ଟଙ୍କା ଲେଖାଏଁ ବହୁ ଆଗରୁ ଏହି ହିତାଧିକାରୀମାନଙ୍କୁ ପ୍ରଦାନ କରୁଥିବା ବେଳେ ଓଡିଶା ରାଜ୍ୟରେ ହିତାଧିକାରୀମାନେ ଏସୁବିଧାରୁ ବଞ୍ଚିତ ଥିଲେ। ଏହାକୁ ନେଇ ସେ ୨୦୧୨ମସିହାରୁ ତାଙ୍କ ସହଯୋଗୀଙ୍କ ନେତୃତ୍ୱରେ ସୁନ୍ଦରଗଡର ଗରିବ, ବୃଦ୍ଧା, ବୃଦ୍ଧ, ବିଧବା, ଭିନ୍ନକ୍ଷମଙ୍କୁ ନେଇ ଜିଲାପାଳଙ୍କ ଜରିଆରେ ଭତ୍ତା ବୃଦ୍ଧି ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବିପତ୍ର ପ୍ରଦାନ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଆନ୍ଦୋଳନ କରି ଆସୁଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଆମ୍ଭେ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଉଛୁ । ହେଲେ ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଏହା ଘୋଷଣା ନ କରି ବହୁପୂର୍ବରୁ କାର୍ଯ୍ୟକାରୀ କରିଥିଲେ ନିଶ୍ଚୟ ଭଲ ହୋଇଥାଆନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠ ବନସୁର, ସୁନୀଲ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତା ଡ. ହିମାଂଶୁ ଶେଖର ଷଡଙ୍ଗୀ ଓ ଅନ୍ୟମାନେ।

# ମ୍ୟାନେଜରଙ୍କ ମାଡରେ ଚାଳକ ଲହୁଲୁହାଣ

ଲହୁଣୀପଡା, ୨୦।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଗମଲେଇ ଗ୍ରାମ ନିକଟସ୍ଥ ଭରମକେଲାଠାରେ ଥିବା ଜଗନ୍ନାଥ ରାଇସ ମିଲରେ ନିଜ କର୍ମଚାରୀକୁ ରକ୍ତାକ୍ତ ଆକ୍ରମଣ କରିଥିବା ଲହୁଣୀପଡା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ଗମଲେଇ ଗ୍ରାମ ନିକଟସ୍ଥ ଭରମକେଲାଠାରେ ଥିବା ଜଗନ୍ନାଥ ରାଇସ ମିଲରେ ଲୁଥୁର୍ବା ଗ୍ରାମର ପ୍ରଦୀପ କିଷାନ ଗାଡି ଚାଳକ ଭାବେ କାମ କରନ୍ତି। ପ୍ରଦୀପ ଶନିବାର ରାତିରେ ଓଡି ୧୪– ୭୭୧୮ ଆଇଚର୍ ଟ୍ରକରେ କୁର୍ଡା ଠାରୁ ଧାନ ନେଇ ରାଇସ ମିଲକୁ ଆସିଥିଲେ। ଏହା ପରେ ଗୁରୁଣ୍ଡିଆ ବ୍ଲକର ବନେଇକଲାଠାରୁ ଧାନ ଆଣିବା ପାଇଁ ମିଲର ମ୍ୟାନେଜର ଆଇପି ସିଂ ଏବଂ ଧର୍ମେନ୍ଦ୍ର ସିଂ କହିଥିଲେ। ରାତି ପ୍ରାୟ ୧୨ଟା ହୋଇଥିବାରୁ ପ୍ରଦୀପ ମନା କରିଦେଇଥିଲା। ଫଳରେ ସେମାନେ ଅସଭ୍ୟ ଭାଷାରେ ଗାଳି କରିବା ସହିତ ଇଟାରେ ମାରି ମୁହଁ ଓ ନାକ ଫଟାଇ ଦେଇଥିଲେ । ପରିସ୍ଥିତି ଖରାପ ହେବାରୁ ପ୍ରଦୀପର ପରିବାରକୁ ନଜଣାଇ ବଣେଇ ଡାକ୍ତରଖାନା ଚିକିତ୍ସା କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଅନ୍ୟ ପକ୍ଷରେ ମିଲ ମ୍ୟାନେଜରଙ୍କର ଦାଦାଗିରି କରି ନିଜ କର୍ମଚାରୀଙ୍କୁ ଲହୁଲୁହାଣ କରି ମାଡ ମାରିବା ପ୍ରତିବାଦରେ ରବିବାର ଲୁଥୁର୍ବା ଗ୍ରାମର ଲୋକମାନେ ମାଡ ମାରିଥିବା ମ୍ୟାନେଜରକୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ।





ଜିଲା କଂଗ୍ରେସ ଭବନଠାରେ କଂଗ୍ରେସ କମିଟିର କର୍ମକର୍ତ୍ତା, ନେତା ଉପସ୍ଥିତ।

# ଜିଲା କଂଗ୍ରେସ କମିଟି ତରଫରୁ ସାଙ୍ଗଠନିକ ଆଲୋଚନା

ସୁନ୍ଦରଗଡ, ୨୦।୧ (ଡି.ଏନ.ଏ)

ଜିଲା କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ନବ ନିଯୁକ୍ତ ନଗର ସଭାପତି ନରେନ୍ଦ୍ର କୁମାର ସିଂ ତଥା କଂଗ୍ରେସ ଆଇନଜୀବୀ ସେଲର ଆଡଭୋକେଟ୍ ପ୍ରଣବ ପ୍ରକାଶ ସିଂ ଓ ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପିସିସିର ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଦୀର୍ଘ ୨୦ ବର୍ଷର ସାଙ୍ଗଠନିକ ଅଭିଜ୍ଞତା ସମ୍ପର୍କରେ ବିସ୍ତୃତ ଭାବରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ସୁନ୍ଦରଗଡ ସହର ତଥା ଜିଲାରେ କଂଗ୍ରେସ ଦଳ ଜିତାଇବାକୁ ଦିଗଦର୍ଶନ ଦେଇଥିଲେ। ପିସିସିର ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ କହିଲେ, ଚଳିତବର୍ଷ ସାଧାରଣ ନିର୍ବାଚନ ବର୍ଷ ହୋଇଥିବାରୁ ପ୍ରତ୍ୟେକ କର୍ମୀ ନିଜ ନିଜର ବୁଥ ଅଞ୍ଚଳରେ ସକ୍ରିୟ ରହି, ତଥା ହୃଦୟାଗଂମର ସହିତ ବିଚାର କରି ଦଳୀୟ ପ୍ରାର୍ଥୀଙ୍କୁ ନିଶ୍ଚିତ ଭାବରେ ସହଯୋଗ କରିବେ । ଏହି ଅବସରରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ତଥା କର୍ମୀମାନଙ୍କ ମଧ୍ୟରୁ ପ୍ରଭାତ ଭୋଲ, ମନୋରଞ୍ଜନ ବହିଦାର, ସତ୍ୟନାରାୟଣ ସାହୁ, ରମଣୀ ରଞ୍ଜନ ଯୋଷୀ, ପର୍ଶୁରାମ ସରାଫ, ନେପାଳ ସାହୁ, ମୁନୁ ମୁଣ୍ଡା, ସସ୍ମିତା ଯୋଷୀ, ପୁଷ୍ପା ସରାଫ, ଆଡଭୋକେଟ ସତ୍ୟଜିତ ପଣ୍ଡା ଓ ପ୍ରଣବ ସିଂ, ସଞ୍ଜୟ ସାହୁ, ପୂର୍ବତନ ଉପନଗରପାଳ ବିରଞ୍ଚିନାରାୟଣ ତ୍ରିପାଠୀ, ଅବସରପ୍ରାପ୍ତ ପଶାସକ ମେଘନାଦ ନାଏକ, ଜିଲା କଂଗ୍ରେସ ଉପସଭାପତି ନରେଶ ପ୍ରତାପ ସିଂ, କାର୍ଯ୍ୟକାରୀ ସଭାପତି ସୁନିତା ବିଶ୍ୱାଳ ଓ ଅଜୟ ବହିଦାର ପ୍ରମୁଖ ସଙ୍ଗଠନ ସମ୍ପର୍କରେ ସେମାନଙ୍କର ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶିଷ ଯୋଷୀ, ଆଡଭୋକେଟ ପ୍ରେମ କୁମାର ପଟେଲ, ଅରୁଣ ଅଡା, ଅନୀଲ ସରାଫ, ରୁତୁରାଜ ପୁରୋହିତ, ପିଣ୍ଟୁ ଯୋଷୀ, ମୁନୁ ମୁଣ୍ଡା, ଭିଷ୍ମଦେବ ସିଂ, ବେଣୁମାଧବ ପାତ୍ର, ଶ୍ୟାମ ସହାୟ, ଅବଦୁଲ ରଜାକ୍, ଯୁବ କଂଗ୍ରେସ ସଭାପତି ଅଞ୍ଜନ ପଟେଲ, ତଥା ହରିଣ ରକ୍ସା, ବୀରକିଶୋର ସାମଲ, ସୁରଜ ଟପ୍ପୋ, କମଲେଶ ବେନିୱାଲ, ସାଗର ହାତୀ, ଅକ୍ଷୟ ରକ୍ସା, ଶରତ ପୁରୋହିତ, ସୁବାଶିଷ ବାନାର୍ଜୀ, ଧର୍ମୁ ଧରେଇ, ଶିବ ମୁଣ୍ଡା, ଯଶୋବନ୍ତ ଡୁଙ୍ଗଡୁଙ୍ଗ, ତନବିର ଆଲମ, ଏମଡି ନିଜାମ୍ ତଥା ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ । ଏହି ବୈଠକକୁ ଜିଲା ଉପସଭାପତି ଅଜିତ ପ୍ରସାଦ ପରିଚାଳନା କରିଥିଲେ ଓ ଶେଷରେ ସେବା ଦଳର ରାଜ୍ୟ ସଙ୍ଗଠକ ମୁନୁ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ
# ନାରୀ ଶିକ୍ଷା ବିନା ସମାଜର ପ୍ରଗତି ଅସମ୍ଭବ

ରାଜଗାଙ୍ଗପୁର, ୨୦।୧ (ଡି.ଏନ.ଏ)

ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଅଛି । ସମସ୍ତ ନିମନ୍ତ୍ରିତ ଅତିଥି ଜଗତରନାଥ ଜଗନ୍ନାଥଙ୍କୁ ଦୀପାଞ୍ଜଳୀ ଅର୍ପଣ କରି ଏହି ଶୁଭ ଉତ୍ସବର ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଭାବରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ମୁଖ୍ୟବକ୍ତା ଭାବରେ ସୁନୀଲ କୁମାର ଗୁପ୍ତା ଏକଜ୍ୟୁକେଟିଭ ଡାଇରେକ୍ଟର ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ, ମହାବିଦ୍ୟାଳୟର ପୃଷ୍ଠପୋଷକ ହରିଶଙ୍କର ଅଗ୍ରୱାଲ ଓ ଗୌରୀଶଙ୍କର ଅଗ୍ରୱାଲ, ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚନ୍ଦ୍ରମଣି ପଟେଲ ଉତ୍ସବରେ ଯୋଗଦାନ କରିଥିଲେ । ପ୍ରଫେସର ସିଏମ ପଟେଲ ଅତିଥିମାନଙ୍କୁ ସ୍ୱାଗତ ଜ୍ଞାପନ କରିଥିବାବେଳେ ଅଧ୍ୟାପକ ସପନ କୁମାର ପଣ୍ଡା ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସଂସଦର ଜେନେରାଲ ସେକ୍ରେଟାରୀ ବିଜୟ ଲକ୍ଷ୍ମୀ ସ୍ୱାଇଁ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଛାତ୍ରୀ ସଭାପତି ସୁଶିଳା ତିର୍କୀ ମହାବିଦ୍ୟାଳୟର ସମସ୍ୟାଗୁଡିକୁ ଉପସ୍ଥାପନ କରି ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟବକ୍ତା ସୁନ୍ଦରଗଡ ଜିଲା ଭଳି ଏକ ଜନଜାତି ବହୁଳ ଅଞ୍ଚଳରେ ଶିକ୍ଷାର ଯେଉଁ ଦୀପ ସ୍ୱର୍ଗତ ସରବତୀ ଦେବୀ ପ୍ରଜ୍ୱଳିତ କରି ଯାଇଛନ୍ତି ତାଙ୍କର ପ୍ରଶଂସା କରିବା ସହିତ ନାରୀ ଶିକ୍ଷା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଥିଲେ ଯେ, ନାରୀ ଶିକ୍ଷା ବିନା ସମାଜର ପ୍ରଗତି ଅସମ୍ଭବ। ମହିଳାମାନଙ୍କର ଉତ୍‌ଥାନ ପାଇଁ ଗୁପ୍ତା ସହାୟକ ହାତ ବଢ଼େଇଥିଲେ । ମୁଖ୍ୟଅତିଥି ନିଜର ମନ୍ତବ୍ୟ ଉପସ୍ଥାପନ କରି ରାଜଗାଙ୍ଗପୁରର ସଂକ୍ଷିପ୍ତ ଶିକ୍ଷାର ସ୍ଥିତି ଉପସ୍ଥାପନ କରି ଉପସ୍ଥିତ ଛାତ୍ରୀ ଓ ଅଭିଭାବକଙ୍କୁ ମହାବିଦ୍ୟାଳୟ ପରିସରରେ ମୋବାଇଲ ଫୋନରେ ସମୟ ଅପଚୟ ନକରି ଭଲ ବହି ପଢ଼ି ସମୟର ସଦୁପଯୋଗ କରିବା ପାଇଁ ବାର୍ତ୍ତା ଦେଇଥିଲେ । ପୁରସ୍କାର ବିତରଣ ସମାରୋହ ସମାପ୍ତ ପରେ ଅଧ୍ୟାପିକା ସନ୍ଧ୍ୟାରାଣୀ କୋଲେ ଧନ୍ୟବାଦ ଜ୍ଞାପନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀମାନେ ଉପସ୍ଥାପନ କରି ସମସ୍ତଙ୍କର ମନୋରଞ୍ଜନ କରିଥିଲେ।

# ଦେଶୀ ମଦ ଜବତ, ଜଣେ ଗିରଫ

କୁଆଁରମୁଣ୍ଡା,୨୦।୧(ଡି.ଏନ.ଏ.)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଅଞ୍ଚଳରେ ଫାଣ୍ଡି ଅଧିକାରୀ ଅନିଲ ପରିଡା ରବିବାର ରାତି ସାଢେ ୭ଟାରେ ସଦଳବଳେ ଅଚାନକ ଚଢାଉ କରିଥିଲେ। ସେଠାରୁ ୨୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏହି ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ଗୋବିରା ଅଞ୍ଚଳର ଜିର୍‌କୁ ତିର୍କୀ(୨୮)ଙ୍କୁ ଗିରଫ କରାଯାଇଛି। ଏ କେନଇ ଏକ ମାମଲା (ନଂ. ୬/୧୯) ରୁଜୁ କରାଯାଇଛି। ସୋମବାର ଅଭିଯୁକ୍ତ ଜିର୍‌କୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ସୂତ୍ରରୁ ଜଣାପଡ଼ିଛି।

## ଫଟୋରେ ଖବର



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡ଼ାଲଗା ବସଷ୍ଟାଣ୍ଡରେ ବାମରା ଯାଉଥିବା ଏକ ବସରେ ଶନିବାର ପୂର୍ବାହ୍ନ ୧୦ଟାରେ ଯାତ୍ରୀମାନେ ବିପଦସଙ୍କୁଳ ଭାବେ ଯାଉଛନ୍ତି।

## ରୋଟାରୀ କ୍ଲବର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର
# ୧୦୬୮ ମହିଳା, ପୁରୁଷଙ୍କୁ ଔଷଧ ବଣ୍ଟନ

ଲେଫ୍ରିପଡା, ୨୦।୧(ଡି.ଏନ.ଏ)

ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସୁରୁଗୁଡା ସିପିଜିପି ଉଚ୍ଚ ବିଦ୍ୟାଳୟରେ ସୁନ୍ଦରଗଡ ରୋଟାରୀ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ ସଭାପତି ରୋଟାରିଏନ୍ ଦୁଷ୍ମନ୍ତ କୁମାର ନାଏକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ରୋଟାରିଏନ୍ ଡା. ଦିଲୀପ କୁମାର ଷଡଙ୍ଗୀ ଯୋଗଦାନ କରି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଅଞ୍ଚଳର ଜନସାଧାରଣଙ୍କୁ ଆୟୁର୍ବେଦ ଏବଂ ଏଲୋପ୍ୟାଥି ମାଧ୍ୟମରେ ମାଗଣାରେ ଚିକିତ୍ସା କରାଯାଇ ୧୦୬୮ ଜଣ ମହିଳା ଓ ପୁରୁଷଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ସୁନ୍ଦରଗଡ ସରକାରୀ ଚିକିତ୍ସାଳୟର ପ୍ରସୂତୀ ବିଭାଗର ଡା. ପୁଷ୍ପମିତା ଭିତ୍ରିଆ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ଦିବାକର ଚୌଧୁରୀ, ଚକ୍ଷୁ ବିଶେଷଜ୍ଞ ପୂର୍ଣଚନ୍ଦ୍ର ମାଝି, ଇଏନ୍‌ଟି ବିଭାଗର ଡା.ଦୀପକ କୁମାର ପ୍ରଧାନ, ସର୍ଜରୀ ବିଭାଗର ଡା.ଗୋଲକ ବେହେରା ଏଲୋପ୍ୟାଥି ଚିକିତ୍ସା କରିଥିଲେ। ଆୟୁର୍ବେଦରେ ଜିଲା ଆୟୁର୍ବେଦ ଅଧିକାରୀ ଡା. ପରମେଶ୍ୱର ମିଶ୍ର, ଡା. ଚନ୍ଦ୍ରଶେଖର ସାମନ୍ତ, ଡା. ଅନନ୍ତ ଆଚାର୍ଯ୍ୟ ଏବଂ ରୋଟାରିଏନ୍ ଡା. ସୋହମ୍ ଶୁଭଙ୍କର ଚିକିତ୍ସା କରିଥିଲେ। ଶିବିରରେ ସୁନ୍ଦରଗଡ ସହରର ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ନନ୍ଦ ଏବଂ ଆଦ୍ୟା ଆୟୁର୍ବେଦର ମାଲିକ ପିଙ୍କୁ ଦାଶ ରୋଗୀମାନଙ୍କୁ ମାଗଣା ଔଷଧ ଯୋଗାଇବାରେ ସହଯୋଗ କରିଥିଲେ। ଲେଫ୍ରିପଡା ବିଇଓ ହରେକୃଷ୍ଣ ଦାଶ, ସିପିଜିପି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦିତ କୁମାର ପଟେଲ ଆୟୋଜନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଶିବିରରେ ରୋଟାରୀ କ୍ଲବ୍‌ର ସମ୍ପାଦକ ରୋଟାରିଏନ୍ ବାଲଗୋପାଲ ମିଶ୍ର, ରୋଟାରିଏନ ଡ. ଚିରବ୍ରତ ଦତ୍ତ, ସୁନିଲ ଚୌଧୁରୀ, ଦିନବନ୍ଧୁ ଭିତ୍ରିଆ, କୁଲଦିପ ସିଂ, ସଂଜୟ ଅଗ୍ରୱାଲ, ତୁଷାର ଠାକୁର, ଦୀପ୍ତିମୟୀ ଠାକୁର, ସ୍ମିତା ମିଶ୍ର, ଶୁଭେନ୍ଦୁ ମିଶ୍ର ପ୍ରମୁଖଙ୍କ ସମେତ ସିପିଜିପି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଦିଲୀପ କୁମାର ଷଡଙ୍ଗୀ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।